# ପ୍ରାର୍ଥନା

ହେ ଦିବ୍ୟପ୍ରେମ, ପରମ ଜ୍ଞାନ, ପୂର୍ଣ୍ଣ ଐକ୍ୟ, ଦିବସର ପ୍ରତି ମୁହୂର୍ତ୍ତରେ ମୁଁ ତୁମକୁ ଡାକୁଛି ଯେମିତିକି ଏକମାତ୍ର ତୁମେ ବ୍ୟତିରେକେ ମୁଁ ଆଉ କିଛିହିଁ ହେବି ନାହିଁ !

ଏ ଯନ୍ତ୍ରଟି ଯେପରି ତୁମରି ସେବା କରିବ, ଯନ୍ତ୍ର ବୋଲି ସଚେତ ରହି, ଏବଂ ମୋର ସମୁଦାୟ ଚେତନା ତୁମରି ଅଙ୍ଗୀଭୂତ ହୋଇ ଯେପରି ତୁମରି ଦିବ୍ୟଦୃଷ୍ଟି ଯୋଗେହିଁ ସବୁକିଛି କରୁଥିବ ଅନୁଧ୍ୟାନ ।

ହେ ପ୍ରଭୁ, ପ୍ରଭୁ, ତୁମ ସାର୍ବଭୌମ ଶକ୍ତି ପ୍ରତିଭାତ ହେଉ – ଏହାହିଁ କର ଅନୁମୋଦନ; ତୁମ କାର୍ଯ୍ୟ ସମ୍ପନ୍ନ ହୋଇପାରିବ ଏବଂ ତୁମ ସେବକ ତୁମରି ସେବାରେ ଏକାନ୍ତଭାବେ ଉତ୍ସର୍ଗିତ ରହିବ, ଏହାହିଁ କର ଅନୁମୋଦନ ।

ଏ 'ମୁଁ' ଯେପରି ଚିରତରେ ହେଉ ଅଦୃଶ୍ୟ, ଯେପରି ବର୍ତ୍ତି ରହିଥାଉ ଏକମାତ୍ର ଯନ୍ତ୍ରଟି ।

ମେ ୩, ୧୯୧୪

– ଶ୍ରୀମା



# ୨୪ ଏପ୍ରିଲ, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

We read, we try to understand, we explain, we try to know. But a single minute of true experience teaches us more than millions of words and hundreds of explanations.

So the first question is: “How to have the experience?”

To go within yourself, that is the first step.

And then, once you have succeeded in going within yourself deeply enough to feel the reality of that which is within, to widen yourself progressively, systematically, to become as vast as the universe and lose the sense of limitation.

These are the first two preparatory movements.

And these two things must be done in the greatest possible calm, peace and tranquillity. This peace, this tranquillity brings about silence in the mind and stillness in the vital.

This effort, this attempt must be renewed very regularly, persistently. And after a certain lapse of time, which may be longer or shorter, you begin to perceive a reality that is different from the reality perceived in the ordinary, external consciousness.

The Mother



# ୨୪ ଏପ୍ରିଲ, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

ଆମେ ଅଧ୍ୟୟନ କରୁଁ, ଆମେ ବୁଝିବାକୁ ଚେଷ୍ଟା କରୁଁ, ଆମେ ବ୍ୟାଖ୍ୟା କରୁଁ, ଆମେ ଜାଣିବାକୁ ଚେଷ୍ଟା କରୁଁ। କିନ୍ତୁ ମୁହୂର୍ତ୍ତକର ପ୍ରକୃତ ଅଭିଜ୍ଞତା ଆମକୁ ନିୟୁତ ଶବ୍ଦ ଏବଂ ଶତ ଶତ ବ୍ୟାଖ୍ୟା ଅପେକ୍ଷା ଅଧିକ ଶିକ୍ଷା ଦେଇଥାଏ ।

ତେଣୁ ପ୍ରଥମ ପ୍ରଶ୍ନ ହେଲା, ‘‘ସେଭଳି ଅଭିଜ୍ଞତା କେମିତି ଲାଭ କରିବା ?’’

ତୁମ ନିଜ ଭିତରକୁ ଯିବା ଦ୍ୱାରା, ତାହାହିଁ ପ୍ରଥମ ପଦକ୍ଷେପ ।

ଏବଂ ତତ୍‌ପରେ, ତୁମେ ଥରେ ନିଜ ଭିତରେ ଥିବା ବାସ୍ତବତାକୁ ଅନୁଭବ କରିପାରିବା ଭଳି ଯଥେଷ୍ଟ ଗଭୀରତାକୁ ଯିବାରେ ସଫଳ ହେବା ଅନ୍ତେ, ନିଜକୁ ଅଧିକରୁ ଅଧିକ, ବିଧିବଦ୍ଧଭାବରେ ପ୍ରସାରିତ କରିବା – ବିଶ୍ୱବ୍ରହ୍ମାଣ୍ଡ ଭଳି ବ୍ୟାପକ ବନିଯିବା ଏବଂ ସୀମାବଦ୍ଧତା ବୋଧରୁ ମୁକ୍ତ ହେବା ଦ୍ୱାରା ।

ଏହା ହେଲା ପ୍ରଥମ ଦୁଇ ପ୍ରସ୍ତୁତି କାର୍ଯ୍ୟ ।

ଏବଂ ଏ ଦୁଇଟି କାର୍ଯ୍ୟ ସର୍ବାଧିକ ସମ୍ଭବ ସ୍ଥୈର୍ଯ୍ୟ, ଶାନ୍ତି ଏବଂ ସମାହିତ ଭାବ ଭିତରେ ସମାଧା ହେବା ଚାହି । ଏହି ଶାନ୍ତି, ଏହି ସମାହିତ ଭାବ ଆଣିଦିଏ ମନରେ ନିରବତା ଏବଂ ପ୍ରାଣରେ ଅଚଞ୍ଚଳତା ।

ଏହି ପ୍ରୟାସ, ଏହି ଉଦ୍ୟୋଗର ଖୁବ୍ ନିୟମିତ, ଅବ୍ୟାହତ, ପୁନରାବୃତ୍ତି ହେବା ଆବଶ୍ୟକ । ଏବଂ ଦୀର୍ଘ ହେଉ ବା ଅଦୀର୍ଘ ହେଉ କିଛି ସମୟ ବ୍ୟତୀତ ହେବା ଅନ୍ତେ ତୁମେ ଏପରି ଏକ ବାସ୍ତବତା ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବ, ଯାହା ସାଧାରଣ ବହିଶ୍ଚେତନା ଯୋଗେ ପ୍ରତ୍ୟକ୍ଷ ହେଉଥିବା ବାସ୍ତବତାଠାରୁ ଭିନ୍ନ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୫୨)

## ଶ୍ରୀଅରବିନ୍ଦ

As from a womb obscure he saw emerge
The body and visage of a dark Unseen
Hidden behind the fair outsides of life.

ସେ (ଅଶ୍ୱପତି) ଦେଖିଲେ ଏକ ଅନ୍ଧକାର ଜଠରରୁ ଯେପରି ଏକ କୃଷ୍ଣକାୟ ଅଦୃଶ୍ୟ ଶରୀର ଓ ମୁଖ ମଣ୍ଡଳ ନିର୍ଗତ ହେଉଛି ଯାହା ଆମ ଜୀବନର ସୌଷମ୍ୟ ବାହ୍ୟ ରୂପର ପଶ୍ଚାତରେ ଲୁଚି ରହିଛି ।

Its dangerous commerce is our
suffering's cause.

ଏହାର ବିପଜ୍ଜନକ ଆଦାନ-ପ୍ରଦାନ ହେଉଛି ଆମ ଯନ୍ତ୍ରଣାର କାରଣ ।

Its breath is a subtle poison in men's hearts;
All evil starts from that ambiguous face.

ମଣିଷମାନଙ୍କ ହୃଦୟରେ ଏହାର ଶ୍ୱାସବାୟୁ ହେଉଛି ଏକ ସୂକ୍ଷ୍ମ ହଳାହଳ; ସକଳ ଅଶୁଭ ଓ ଅମଙ୍ଗଳ ସେହି ସନ୍ଦିଗ୍ଧ ମୁଖମଣ୍ଡଳରୁହିଁ ଆରମ୍ଭ ହୁଏ ।

A peril haunted now the common air;
The world grew full of menacing Energies,
And wherever turned for help or hope his eyes,
In field and house, in street and
camp and mart
He met the prowl and stealthy come and go
Of armed disquieting bodied Influences.

ସାଧାରଣ ବାତାବରଣରେ ଏକ ସଂକଟ ଏଣିକି ବରାବର ରହିଲା; ଭୀତିପ୍ରଦ ମହାଶକ୍ତିରାଜିରେ ପୃଥିବୀ ଭରପୂର ହୋଇଗଲା ଏବଂ ଯେଉଁ ଆଡ଼କୁ ସେ (ଅଶ୍ୱପତି) ସାହାଯ୍ୟ ବା ଆଶା ସକାଶେ ତାଙ୍କର ନୟନଯୁଗଳ ଚାଳନା କଲେ, ଅର୍ଥାତ୍ ପ୍ରାଙ୍ଗଣରେ, ଗୃହରେ, ରାଜପଥରେ, ସେନା ଛାଉଣୀରେ ବା ହାଟବାଟରେ ସେ ଦେଖିଲେ ସଶସ୍ତ୍ର ଅଶାନ୍ତ ଶରୀରୀ ପ୍ରଭାବରାଜିର ଶିକାର-ଅନ୍ୱେଷୀ ଓ ଅପହରଣକାରୀମାନଙ୍କର ଯାତାୟାତ ।

A march of goddess figures dark and nude
Alarmed the air with grandiose unease;
Appalling footsteps drew invisibly near,
Shapes that were threats invaded
the dream-light,
And ominous beings passed him on the road
Whose very gaze was a calamity:
A charm and sweetness sudden and formidable,
Faces that raised alluring lips and eyes
Approached him armed with
beauty like a snare,
But hid a fatal meaning in each line
And could in a moment dangerously change.

କୃଷ୍ଣକାୟ ଓ ବିବସ୍ତ୍ର ଆକୃତି ବିଶିଷ୍ଟ ଦେବୀଙ୍କର ଏକ ଶୋଭାଯାତ୍ରା ବାତାବରଣକୁ ବିରାଟ ଅସ୍ୱସ୍ତିସହ ବିପଦ-ସଂକେତ ଦେଲା; ଅଦୃଶ୍ୟଭାବେ ଭୀତିପ୍ରଦ ପଦକ୍ଷେପରାଜି ପାଖେଇ ଆସିଲେ, ଭୟଙ୍କର ରୂପଗୁଡ଼ିକ ସ୍ୱପ୍ନାଲୋକକୁ ଜୋର ଜବରଦସ୍ତ ପ୍ରବେଶ କଲେ ଏବଂ ଅଶୁଭ ସତ୍ତାମାନେ ତାଙ୍କୁ ରାସ୍ତାରେ ଅତିକ୍ରମ କରିଗଲେ ଯାହାଙ୍କ ସ୍ଥିରଦୃଷ୍ଟିହିଁ କେବଳ ଥିଲା ଏକ ବିପର୍ଯ୍ୟୟ : ଆକସ୍ମିକ ଓ ବିରାଟ ଏକ ଆକର୍ଷଣ ତଥା ମାଧୁର୍ଯ୍ୟର ମୁଖମାନେ ଯିଏକି ଓଷ୍ଠ ଓ ନୟନଗୁଡ଼ିକୁ ଉତ୍ତୋଳିତ କଲେ, ସେମାନେ ସୌନ୍ଦର୍ଯ୍ୟରେ ଭୂଷିତ ହୋଇ ଏକ ଫାନ୍ଦ ସଦୃଶ ତାଙ୍କ ନିକଟକୁ ଆସିଲେ, କିନ୍ତୁ ପ୍ରତିଟି ଧାଡ଼ିରେ ଏକ ମର୍ମନ୍ତୁଦ ଅର୍ଥ ଲୁଚାଇ ରଖିଥିଲେ ଏବଂ ଗୋଟିଏ ମୁହୂର୍ତ୍ତରେ ବିପତ୍‌ସଂକୁଳଭାବେ ବଦଳି ଯାଇପାରୁଥିଲେ ।

But he alone discerned that screened attack.
କିନ୍ତୁ ସେହିଁ (ଅଶ୍ୱପତି) କେବଳ ସେହି ଅବଗୁଣ୍ଠିତ ଆକ୍ରମଣକୁ ସୂକ୍ଷ୍ମଭାବେ ବିଚାର କରିପାରିଲେ ।
A veil upon the inner vision lay,
A force was there that hid its dreadful steps;
All was belied, yet thought itself the truth;
All were beset but knew not of the siege:
For none could see the authors of their fall.
ଅନ୍ତର୍ଦୃଷ୍ଟି ଉପରେ ଏକ ଆବରଣ ପଡ଼ି ରହିଲା, ଏକ ଶକ୍ତି ଥିଲା ଯାହା ନିଜର ଭୟଙ୍କର ପଦକ୍ଷେପଗୁଡ଼ିକୁ ଲୁଚାଇ ରଖିଥିଲା; ସବୁକିଛି ଥିଲେ ମିଥ୍ୟା ଜର୍ଜରିତ ତଥାପି ନିଜକୁ ସତ୍ୟ ବୋଲି ଭାବିଲେ; ସମସ୍ତେ ଅବରୋଧିତ ହୋଇଥିଲେ କିନ୍ତୁ ସେମାନେ ଯେ ଅଧିକୃତ ହୋଇଛନ୍ତି, ତାହା ଜାଣିପାରି ନଥିଲେ : କାରଣ କେହିହେଲେ ସେମାନଙ୍କ ପତନର କର୍ତ୍ତାମାନଙ୍କୁ ଦେଖିପାରି ନଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

ମୋର ପ୍ରୟୋଜନ ଏପରି ଏକ ଆଶ୍ରୟସ୍ଥଳ ଯେଉଁଠାରେ ମୋର ଯୋଗ ସାଧନାକୁ ଅବାଧରେ ପୂର୍ଣ୍ଣ କରିପାରିବି ଏବଂ ମୋର ଚାରିପଟର ବ୍ୟକ୍ତିମାନଙ୍କୁ ଗଢ଼ିତୋଳି ପାରିବି । ମୋର ବୋଧ ହେଉଛି ପଣ୍ଡିଚେରୀହିଁ ସେହି ସ୍ଥାନ ଯାହା ଉର୍ଦ୍ଧ୍ୱସ୍ଥ ସତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରିତ, କିନ୍ତୁ ତୁମେ ଜାଣ ଜଡ଼ଜଗତରେ ଯାହା ଉଦ୍ଦିଷ୍ଟ ହୋଇଥାଏ ତାହାକୁ ପ୍ରତିଷ୍ଠିତ କରିବା ପାଇଁ କେତେ ଉଦ୍ୟମ ପ୍ରୟୋଜନ ।...

ଜଡ଼ ସ୍ତରରେ ଅଧ୍ୟାତ୍ମକୁ ଓହ୍ଲାଇ ଆଣିବା ପାଇଁ ଯେଉଁ ଶକ୍ତିର ପ୍ରୟୋଜନ ମୁଁ ତାହାର ବିକାଶ ସାଧନ କରୁଛି ଏବଂ ମୁଁ ବର୍ତ୍ତମାନ ଲୋକମାନଙ୍କ ଭିତରେ ମୋ ନିଜକୁ ସ୍ଥାପିତ କରିବା ପାଇଁ ଏବଂ ଅନ୍ଧକାର ବିଦୂରଣ-ପୂର୍ବକ ଆଲୋକ ଆନୟନ କରି, ସେମାନଙ୍କୁ ଏକ ନୂତନ ହୃଦୟ ଓ ନୂତନ ମନ ପ୍ରଦାନ କରି ସେମାନଙ୍କୁ ପରିବର୍ତ୍ତିତ କରିବା ପାଇଁ ସକ୍ଷମ ।...

ମୁଁ ବର୍ତ୍ତମାନ ଯାହା ସ୍ପଷ୍ଟରୂପେ ଦେଖି ପାରୁଛି ତା' ହେଉଛି ମୋ ଯୋଗର ପ୍ରଧାନ ଉଦ୍ଦେଶ୍ୟ ହେଲା ସମସ୍ତ ଭୁଲ୍‌ଭ୍ରାନ୍ତି ଓ ଫଳପ୍ରଦହୀନତାର ପ୍ରତ୍ୟେକଟି ସମ୍ଭାବ୍ୟ ଉତ୍ସକୁ ପୂର୍ଣ୍ଣ ଓ ସମଗ୍ର ଭାବରେ ଦୂରୀଭୂତ କରିବା । ଭୁଲ୍‌ଭ୍ରାନ୍ତିକୁ ଦୂର କରିବା – ଯାହାଫଳରେ ମୁଁ ଯେଉଁ ଦିବ୍ୟସତ୍ୟକୁ ଲୋକମାନଙ୍କୁ ପ୍ରଦର୍ଶିତ କରିବାକୁ ଯାଉଛି ତାହା ଯେପରି ପୂର୍ଣ୍ଣ ଓ ନିଖୁଣ ହୁଏ ଏବଂ ଫଳପ୍ରଦହୀନତାକୁ ଦୂର କରିବା ଯାହାଫଳରେ ପୃଥିବୀକୁ ପରିବର୍ତ୍ତିତ କରିବା ଦିଗରେ ମୁଁ ଯେତେଟା ସହାୟତା କରିବି ତା ଯେପରି ସାମଗ୍ରିକ ଭାବରେ ବିଜୟୀ ଓ ଅପ୍ରତିହତ ହୁଏ । ...

୧୨.୦୭.୧୯୧୧

*

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା**, – ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

**ଶ୍ରୀଅରବିନ୍ଦ**

# କୃପାର ଆବଶ୍ୟକତା

## ଶ୍ରୀମା

### (୧)

*ପ୍ରଶ୍ନ : କୃତଜ୍ଞତାର ସହିତ କିପରି ଭଗବତ୍ କୃପାକୁ ଗ୍ରହଣ କରାଯାଇପାରେ ?*

ଶ୍ରୀମା : ଆଃ ! ସର୍ବପ୍ରଥମେ ତୁମେ ତା'ର ଆବଶ୍ୟକତା ଅନୁଭବ କରିବା ଉଚିତ ।

ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଏହା ହେଉଛି ନିଜ ଭିତରେ ଏକ ନିର୍ଦ୍ଦିଷ୍ଟ ଆନ୍ତର ବିନମ୍ରତା ରଖିବାକୁ ହେବ ଯେଉଁ ବିନମ୍ରତା ତୁମକୁ ସଚେତନ କରାଇ ଦେବ ଯେ ଭଗବାନଙ୍କ କୃପା ବିନା ତୁମେ କେତେ ଅସହାୟ, ପ୍ରକୃତରେ – ତାଙ୍କ କୃପା ବ୍ୟତୀତ ତୁମେ ଅସମ୍ପୂର୍ଣ୍ଣ ଓ ଶକ୍ତିହୀନ । ...

ଏହା ହେଲା ପ୍ରଥମ ସର୍ତ୍ତ । ତା'ପରେ ତୁମେ ଯଦି ଜାଣିବ ଯେ କେବଳ ଈଶ୍ୱର କୃପାହିଁ ତୁମକୁ ତୁମ ସଂକଟ ଭିତରୁ ପରିତ୍ରାଣ କରିପାରିବ, ତୁମକୁ ସମାଧାନ ଦେଇପାରିବ, ତୁମକୁ ବିପଦର ଘେର ଭିତରୁ ବାହାରି ଆସିବା ଲାଗି ସାମର୍ଥ୍ୟ ଦେଇପାରିବ, ସେହି ବେଳାରେ ଖୁବ୍ ସ୍ୱାଭାବିକଭାବେ ଏକ ଗଭୀର ଆସ୍ପୃହା ତୁମ ଭିତରେ ଜାଗିଉଠେ – ତୁମ ଭିତରେ ଚେତନାର ଏକ ଦ୍ୱାର ଖୋଲିଯାଏ । ଯଦି ତୁମେ ଡାକ, ଆସ୍ପୃହା କର, ଏବଂ ଯଦି ତୁମେ ତାଙ୍କଠାରୁ ପ୍ରତ୍ୟୁତ୍ତର ପାଇବା ପାଇଁ ଆଶାକର, ତୁମେ ତେବେ ଖୁବ୍ ସ୍ୱାଭାବିକଭାବେ ତାଙ୍କ କୃପା ପାଖରେ ନିଜକୁ ଖୋଲି ଧରିବ ।...

କିନ୍ତୁ ଯେତେବେଳେ ତୁମେ ତୁମ ବାଧାବିଘ୍ନରୁ ମୁକ୍ତ ହୋଇଗଲ ଏବଂ ବିପଦର ଘେର ଭିତରୁ ମୁକୁଳିଗଲ – ସେତେବେଳେ କେବେ ବି ଭୁଲି ଯାଅନା ଯେ ତୁମେ କେବଳ ଈଶ୍ୱରଙ୍କ କୃପାବଳରୁହିଁ ସମସ୍ତ ବିପଦ ଓ ବାଧାବିଘ୍ନ ଭିତରୁ ରକ୍ଷା ପାଇପାରିଲ । କେବେହେଲେ ଭାବ ନାହିଁ ଯେ ତୁମେ ତୁମ ବଳରେ ରକ୍ଷା ପାଇଲ ବୋଲି । କାରଣ, ଏହାହିଁ ହେଲା ଗୁରୁତ୍ୱପୂର୍ଣ୍ଣ ବିଷୟ ।

### (୨)

ଅଧିକାଂଶ ଲୋକ ସେମାନଙ୍କର ଆପଦ ବିପଦ ସଂକଟ ବାଧାବିଘ୍ନ ଦୂରେଇ ଯିବା କ୍ଷଣି ଖୁବ୍ ଦମ୍ଭର ସହିତ କହିଥା'ନ୍ତି – ''ଯାହାହେଉ, କୌଣସି ପ୍ରକାରେ ମୁଁ ମୋର ବିପଦ ଭିତରୁ ବେଶ୍ ଭଲଭାବେ ନିଜକୁ ମୁକୁଳାଇ ଦେଇପାରିଲି ।''

ସେଇଠି ରହିଛ ତୁମେ । ତା'ପରେ ତୁମ ଘରର ଦ୍ୱାରଟିରେ ତୁମେ ତାଲା ପକାଇ କିଳିଣି ଲଗାଇ ଦେଲ । ଦେଖ, ଏହାପରେ ତୁମେ ଆଉ କିଛି ଗ୍ରହଣ କରିପାରିବ ନାହିଁ । ତା'ପରେ ହୁଏତ, ତୁମକୁ ଆଉ ଥରେ ଏକ ଅଧିକ ଭୟଙ୍କର ମନସ୍ତାପ ଭୋଗିବାକୁ ପଡ଼ିବ, କିଂବା ତୁମର ଏହି ଆନ୍ତର ନିର୍ବୋଧତା ଦୂର ହେବା ପାଇଁ ତୁମକୁ ଆହୁରି ଏକ ଭୟଙ୍କର ଦୁର୍ବିପାକ ଭିତରେ ପଡ଼ିବାକୁ ହେବ – ତା'ପରେ ଯାଇ ତୁମେ ବୁଝିବ ଯେ ତୁମେ କିଛି ବି କରିପାରିବ ନାହିଁ । କାରଣ ତୁମେ ସଚେତନଭାବେ ବୁଝିବ ଯେ ତୁମର ପ୍ରକୃତରେ କିଛି ଶକ୍ତି ନାହିଁ, ସେତିକିବେଳେହିଁ ତୁମ ଭିତରେ ସାମାନ୍ୟ କିଛି ଖୋଲିବାକୁ ଆରମ୍ଭ କରିବ ଏବଂ ତୁମର କିଛି ନମନୀୟତା ମଧ୍ୟ ଆସିବ । କିନ୍ତୁ ଯେତେଦିନଯାଏ ତୁମେ ଭାବୁଥିବ ଯେ ତୁମେ ଯାହାସବୁ କରୁଛ, ତାହାସବୁ ତୁମର କର୍ମ-କୌଶଳ ଉପରେ ନିର୍ଭର କରେ, ତୁମ ନିଜର କର୍ମଦକ୍ଷତା ଉପରେ ନିର୍ଭର କରେ – ସେତେଦିନ ପର୍ଯ୍ୟନ୍ତ ତୁମେ କେବଳ ତୁମ ଅନ୍ତରର ଗୋଟିଏ ଦ୍ୱାର ବନ୍ଦ କରିଦେଇ ନଥାଅ, ତୁମେ ଗୋଟିଏ ପରେ ଗୋଟିଏ ଏମିତି ବହୁତ ଦ୍ୱାର ବନ୍ଦ କରି ଦେଇଥାଅ ଓ ସବୁଥିରେ କିଳିଣି ମଧ୍ୟ ଲଗାଇ ଦେଇଥାଅ । ତା'ପରେ ତୁମେ ଗୋଟିଏ ଦୁର୍ଗରେ ତୁମ ନିଜକୁ ବନ୍ଦିକରି ରଖ ଏବଂ ତା' ଭିତରକୁ କିଛି ପ୍ରବେଶ କରିପାରିବ ନାହିଁ । ତାହାହିଁ ହେଉଛି ସବୁଠାରୁ ବଡ଼ ତ୍ରୁଟି : ଜଣେ ଖୁବ୍ ଶୀଘ୍ର ସବୁକିଛି ଭୁଲିଯାଏ । ପୂରା ସ୍ୱାଭାବିକଭାବେ, ଜଣେ ତା' ନିଜ କ୍ଷମତାକୁ ନେଇ ସନ୍ତୁଷ୍ଟ ରହିଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୪୪)
## ମହାବିଦ୍ୟାଳୟରୁ ବିଦାୟ : ପଟଭୂମି (୨)
ମନୋଜ ଦାସ

ସମୟ ସହିତ ଯେପରିକି ଶ୍ରୀଅରବିନ୍ଦଙ୍କର ଏକ ସୂକ୍ଷ୍ମ ବୁଝାମଣା ହୋଇଥାଏ ! ଏକ ସମୟରେ ଏତେ ଭିନ୍ନ ଭିନ୍ନ ପର୍ଯ୍ୟାୟର ଦାୟିତ୍ୱ ନିର୍ବାହ କରିବା ଦୁଃସାଧ ମନେ ହୁଏ । ତାଙ୍କର ଗୋଟାଏ ଦିନର କର୍ମସୂଚୀ ଉପରେ ଦୃଷ୍ଟିପାତ କରାଯାଉ । ୧୯୦୭ ଜୁଲାଇ ୪ ତାରିଖ : ସେଦିନ ସେ ଜାତୀୟ ଶିକ୍ଷା ପରିଷଦର ଏକ ସଭାରେ ଯୋଗଦାନ କରିଛନ୍ତି । କ୍ଲାସ ନେଇଛନ୍ତି । କଲେଜ ସ୍କୋଆର୍‌ରେ ଏକ ଜନସଭାରେ ଅଂଶ ଗ୍ରହଣ କରିଛନ୍ତି । ଅଧିକାଂଶ ବେଳେ ପାଦଯୋଗେ ଯାତାୟାତ । ପରଦିନର 'ବନ୍ଦେ ମାତରମ୍' ସକାଶେ ''ପୁନଃ ପ୍ରୟାସ କର'' (Try Again) ଶୀର୍ଷକ ସମ୍ପାଦକୀୟ ଲେଖିଛନ୍ତି । କହିବା ବାହୁଲ୍ୟ, ଏସବୁ ଭିତରେ ବହୁ ବ୍ୟକ୍ତିଙ୍କୁ ସାକ୍ଷାତ୍ ଦେଇଛନ୍ତି ।

ବଲାଇ ଦେବ ଶର୍ମାଙ୍କର ସ୍ମୃତି ଚାରଣରୁ ଆଉ ଏକ ଦୃଶ୍ୟର ବର୍ଣ୍ଣନା :

''ବନ୍ଦେ ମାତରମ୍ ଅଫିସ ... ରାତି ପ୍ରାୟ ଦଶଟା । ସମ୍ପାଦକୀୟ ବ୍ୟତୀତ ଆଉ ସବୁ ଲେଖା ପ୍ରସ୍ତୁତ । ଆତ୍ମ-ବିସ୍ମୃତ କବି ବା ଗଭୀର ଧ୍ୟାନମଗ୍ନ ଯୋଗୀ ଭଳି ଶ୍ରୀଅରବିନ୍ଦ ସମାସୀନ । ଶ୍ୟାମ ସୁନ୍ଦର ବାବୁ ଆସି ସମ୍ପାଦକୀୟ ମାଗିଲେ । ଶ୍ରୀଅରବିନ୍ଦ ଖଣ୍ଡିଏ ପ୍ୟାକିଂ କାଗଜ ଚିରି ଆଣିଲେ । କାଗଜର ଗୋଟାଏ କୋଣରୁ ଆରମ୍ଭ କରି ଦଶ, ପନ୍ଦର ମିନିଟ ଲେଖିଗଲେ । ଗୋଟାଏ ବି ଶବ୍ଦ ବାଦ୍ ଦେଲେ ନାହିଁ କି ଯୋଗ କଲେ ନାହିଁ । ଲେଖିଲା ବେଳେ ଏକ ସେକେଣ୍ଡ ପାଇଁ ମଧ ଥମିଲେ ନାହିଁ । ପରଦିନ ସକାଳେ ଜାତୀୟତାର ମନ୍ତ୍ର ଭାବରେ ସେ ଲେଖା ପ୍ରସାରିତ ହେଲା । ଅତ୍ୟାଚାରୀ ଶାସକ ଥରହର ହେଲା, ଉତ୍ସାହର ବହ୍ନିଶିଖା ମହାଜାତିର ହୃଦୟ କଲା ଉଦ୍‌ଭାସିତ ।''(୧)

ସୁବିଖ୍ୟାତ ଐତିହାସିକ ଏବଂ ଶିକ୍ଷାବିତ୍ ଡ: ରାଧାକୁମୁଦ ମୁଖୋପାଧ୍ୟାୟ (୧୮୮୪-୧୯୬୩) ଥିଲେ ଜାତୀୟ ମହାବିଦ୍ୟାଳୟରେ ଶ୍ରୀଅରବିନ୍ଦଙ୍କ ତରୁଣ ସହକର୍ମୀ । ତାଙ୍କ ସ୍ମୃତିଚାରଣ ବିଶେଷ ଉଲ୍ଲେଖଯୋଗ୍ୟ :

''ଶ୍ରୀଅରବିନ୍ଦ ଯେତେବେଳେ ଯୌବନର ବିକଶିତ ଉଜ୍ଜ୍ୱଳ ପର୍ଯ୍ୟାୟରେ, ସେତେବେଳେ ସେ ବଙ୍ଗ ଜାତୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ସଦୟ ସମ୍ମତି ଦେଲେ । ତାଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସିବା ଭଳି ବିରଳ ସୌଭାଗ୍ୟର ଅଧିକାରୀ ହୋଇଥିଲେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି, ମୁଁ ଥିଲି ସେମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇତିହାସ ଅଧ୍ୟାପକ ରୂପେ କାର୍ଯ୍ୟ କରିବା ନିମନ୍ତେ ମୁଁ ନିଯୁକ୍ତ ହେଲି । ସେତେବେଳେ ଲର୍ଡ଼ କର୍ଜନଙ୍କ ଦ୍ୱାରା ସମାହିତ ବଙ୍ଗ-ବିଭାଗ ଯୋଗୁଁ ଦେଶବ୍ୟାପୀ ଆନ୍ଦୋଳନର ପରିସ୍ଥିତି । ସେଥିରେ ତାଙ୍କ ଭୂମିକା ସମ୍ପର୍କରେ ବହୁ ବ୍ୟକ୍ତିଗତ ଘଟଣା ମୋର ଜ୍ଞାତ ।

''ଦେଶର ସ୍ୱାଧୀନତା ନିମନ୍ତେ ସେତେବେଳେ ଯେଉଁ ବିପ୍ଳବର ସୂତ୍ରପାତ ହୋଇଥାଏ, ତା'ର ନେତୃତ୍ୱ ଗ୍ରହଣ କରିଥାନ୍ତି ଶ୍ରୀଅରବିନ୍ଦ । ପ୍ରତ୍ୟହ ଜାତୀୟ ମହାବିଦ୍ୟାଳୟରୁ ସେ ଯାଉଥାନ୍ତି ଦେଶପ୍ରେମୀ ରାଜା ସୁବୋଧମଲ୍ଲିକଙ୍କର ୱେଲିଂଟନ୍ ସ୍କୋଆର୍‌ରେ ଅବସ୍ଥିତ ଗୃହକୁ – ସେଠାରେ ଜାତୀୟବାଦୀ-ମାନଙ୍କ ଏକ ସମାବେଶରେ ଯୋଗଦାନ ନିମନ୍ତେ । ସେ ସମାବେଶ ଫରାସୀ ବିପ୍ଳବର ପୁରୋଭାଗରେ ଥିବା ଧୀମାନ୍ ବର୍ଗଙ୍କ କଥା ମନେ ପକାଇ ଦେଉଥାଏ ।...

''ଘରୋଇ ପରିବେଶରେ ତଥା ମହାବିଦ୍ୟାଳୟରେ ତାଙ୍କ ଆଧ୍ୟାତ୍ମିକତାର ଏକ ଏକ ବିରଳ ଝଲକ ମୁଁ ଦେଖି-ପାରୁଥାଏ – ଯାହା ତାଙ୍କୁ ସର୍ବଦା ପ୍ରଶାନ୍ତ ଏବଂ ମିତବାକ୍ ରଖୁଥାଏ । ମୁଁ ତାଙ୍କ ପାଖରେ ବସୁଥାଏ – ତେଣୁ ତାଙ୍କ ଅସାଧାରଣ ବ୍ୟକ୍ତିତ୍ୱର କେତେକ ଲକ୍ଷଣ ଖୁବ୍ ନିକଟରୁ ଅନୁଧ୍ୟାନ କରିବାର ସୁଯୋଗ ପାଉଥାଏ ।...

ଦିନେ ସନ୍ଧ୍ୟାରେ ତାଙ୍କ ଅଗ୍ରଜ କବି ମନୋମୋହନ ଘୋଷ ରାଜା ସୁବୋଧ ମଲ୍ଲିକଙ୍କ ଭବନରେ ହଠାତ୍ ପ୍ରବେଶ କରି ଅତ୍ୟନ୍ତ ଉତ୍ତେଜିତ ଭାବରେ କହିଲେ, 'ଅରବିନ୍ଦ, ତୁମେ ଭୁଲି ଯାଉଛ ଯେ ତୁମେ ଜଣେ ଜାତ କବି (a born poet) ଏବଂ ତୁମେ ରାଜନୀତି ଭିତରକୁ ପଥଭ୍ରଷ୍ଟ ହୋଇ ଚାଲିଯିବା କଦାପି ଉଚିତ ନୁହେଁ । ରାଜନୀତି ତୁମ ଜୀବନର ବ୍ରତ ହୋଇପାରେନା । କବିତାହିଁ ତୁମ ବ୍ରତ ।'[୨] ଅଗ୍ରଜଙ୍କ ଉକ୍ତି ଦେଖି ଶ୍ରୀଅରବିନ୍ଦ ଖାଲି ସ୍ମିତ ହସଟିଏ ଖେଳାଇ ନିରବ ରହିଲେ ।

ଜଣେ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ସୁପାରିସ କ୍ରମେ ଶ୍ରୀଅରବିନ୍ଦ ଡ: ଆର୍ଥାର୍ ଆର୍.ଏସ୍. ରାୟ ନାମକ ଜଣେ ଯୁବକଙ୍କୁ ଜାତୀୟ ମହାବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ରୂପେ ନିଯୁକ୍ତି ଦେଇଥିଲେ । ପରେ ପରେ ଯୁବକ ଜଣକ 'ବନ୍ଦେ ମାତରମ୍' କାର୍ଯ୍ୟାଳୟର ମ୍ୟାନେଜର ତଥା ହିସାବ-ରକ୍ଷକ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ । ତାଙ୍କ ହିସାବ ପତ୍ରରେ ଗୁରୁତର ଭୁଲ୍ ଭଟକା ରହୁଥିବା ଦର୍ଶାଇ ଜଣେ ବିଶିଷ୍ଟ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ତାଙ୍କୁ ଭର୍ତ୍ସନା କରନ୍ତେ ଶ୍ରୀଅରବିନ୍ଦ ମୃଦୁ ହସିଦେଇ ଯୁବକ ସେ ବିଦ୍ୟା ପଢ଼ି ନାହାନ୍ତି ବୋଲି କହିଲେ । ଅର୍ଥାତ୍ ଆର୍ଥାର୍ ରାୟ ସମାଲୋଚନାର ଶରବ୍ୟ ହେବା ଅନୁଚିତ ବୋଲି ସେ ସୂଚାଇଲେ । ଶ୍ରୀଅରବିନ୍ଦଙ୍କ ଆଚରଣ ଆର୍ଥାର୍ ରାୟଙ୍କୁ ସେଦିନ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ତାଙ୍କ ସ୍ମୃତିକଥାରେ ଲେଖିଛନ୍ତି : ''ଶ୍ରୀଅରବିନ୍ଦଙ୍କ ବ୍ୟକ୍ତିତ୍ୱରେ କିଛି ଗୋଟାଏ ବଡ଼'' (something big) ଥିବାର ମୁଁ ଅନୁଭବ କରୁଥାଏ, କିନ୍ତୁ ସେ 'ବଡ଼' କ'ଣ, ସେତେବେଳେ ମୁଁ ତାହା ବୁଝିପାରୁ ନଥାଏ ।... ସେ ଥିଲେ ଜଣେ ମହାନ୍ ବିଦ୍ୱାନ୍... ସେ ମାତ୍ର ଦୁଇବର୍ଷ ଭିତରେ ସଂସ୍କୃତ ସମ୍ପୂର୍ଣ୍ଣ ଆୟତ୍ତ କରିଥିବାର ଏବଂ ଭଗବଦ୍‌ଗୀତା ଅନୁବାଦ କରିଥିବାର ଜାଣି ମୋର ବିସ୍ମୟର ସୀମା ନଥିଲା । ସେ ତାଙ୍କର ସେ ଛନ୍ଦୋବଦ୍ଧ ଅନୁବାଦର ଗୋଟିଏ ଟାଇପ କପି ମୋତେ ପ୍ରଦାନ କରିଥିଲେ । ସେଥିରେ ତାଙ୍କ ନିଜ ହସ୍ତାକ୍ଷରରେ ସଂଶୋଧନ ଏବଂ ଟୀକା ବି ରହିଥିଲା; ପରେ ନିଉୟର୍କ ନଗରୀରେ ତାହା ମୋଠୁଁ ଚୋରି ହୋଇଗଲା । ମୋର ବିଶ୍ୱାସ ସେ ବିନା ବିରତିରେ ୫୬ ଘଣ୍ଟା କାର୍ଯ୍ୟ କରି ଯାଉଥିଲେ — କିନ୍ତୁ ତାଙ୍କର ସୌମ୍ୟ ସମଭାବ ଅତୁଟ ରହୁଥିଲା ଏବଂ ସେ ସର୍ବଦା ସତେଜ ଦିଶୁଥିଲେ । ମୋ ପାଇଁ ସେ ଥିଲେ ଜଣେ ନରଦେବତା (demigod) ।''[୩]

ନିଜର ବ୍ରିଟିଶ-ସରକାର-ବିରୋଧୀ ରାଜନୈତିକ କାର୍ଯ୍ୟକଳାପ ଦୃଷ୍ଟିରୁ ଶ୍ରୀଅରବିନ୍ଦ ଜାତୀୟ ମହାବିଦ୍ୟାଳୟ ସହିତ ସଂପୃକ୍ତ ରହିବା ଅନୁଚିତ ହେବ ବୋଲି ନିଜେ ବୁଝୁଥିଲେ । ତେଣୁ ୧୯୦୭ ଅଗଷ୍ଟ ୨ ତାରିଖ ଦିନ ସେ ଅଧ୍ୟକ୍ଷ ପଦରୁ ତଥା ଜାତୀୟ ଶିକ୍ଷା ପରିଷଦର ପରିଚାଳନା ସମିତିରୁ ବିଦାୟ ନେଲେ ।

'ବନ୍ଦେ ମାତରମ୍'ର ଲେଖାମାନ ପ୍ରଚଣ୍ଡ ବିଦ୍ରୋହମୂଳକ ହେଲେ ବି ସେସବୁ ଏମିତି ଶୈଳୀରେ ଲେଖା ହୋଇଥାଏ, ଆଇନ ଦୃଷ୍ଟିରୁ ସେସବୁକୁ ରାଜଦ୍ରୋହମୂଳକ ବୋଲି ପ୍ରତିପାଦିତ କରିବା ସମ୍ଭବପର ହେଉ ନଥାଏ । ଶାସନକଳର ସମସ୍ତ କ୍ରୋଧ ଶ୍ରୀଅରବିନ୍ଦଙ୍କ ଉପରେ । ଅବଶେଷରେ ସରକାର ଧୈର୍ଯ୍ୟ ହରାଇ ଶ୍ରୀଅରବିନ୍ଦଙ୍କ ନାମରେ ଗିରଫ ପରୁଆନା ବାହାର କରିଦେଲେ । ଅଗଷ୍ଟ ୧୬ ତାରିଖ ଦିନ ଦଳେ ପୁଲିସ କର୍ମଚାରୀ ଯାଇ 'ବନ୍ଦେ ମାତରମ୍' କାର୍ଯ୍ୟାଳୟ ଉପରେ ଚଢ଼ଉ କଲେ । ଶ୍ରୀଅରବିନ୍ଦ ସେତେବେଳେ ପ୍ରାୟ ପ୍ରତ୍ୟହ ସେହି ସମୟରେହିଁ କାର୍ଯ୍ୟାଳୟରେ ରହୁଥା'ନ୍ତି । କିନ୍ତୁ ସେଦିନ ସେ ତାଙ୍କର ଜଣେ ବିଶିଷ୍ଟ ଆଇନଜ୍ଞ ବନ୍ଧୁ ବାରିଷ୍ଟର ବ୍ୟୋମକେଶ ଚକ୍ରବର୍ତ୍ତୀଙ୍କ ଘରକୁ ଯାଇଥାନ୍ତି । (''କାରା କାହାଣୀ''ରେ ଶ୍ରୀଅରବିନ୍ଦ ଉକ୍ତ ଭଦ୍ରଲୋକଙ୍କ ସମ୍ପର୍କରେ ସପ୍ରଶଂସ ମନ୍ତବ୍ୟ ଦେଇଛନ୍ତି ।) ଚଢ଼ଉ ସମ୍ବାଦ ତାଙ୍କ ପାଖରେ ଅବିଳମ୍ବେ ପହଞ୍ଚିଗଲା । ନିଶ୍ଚୟ ବାରିଷ୍ଟର ବନ୍ଧୁଙ୍କ ପରାମର୍ଶ କ୍ରମେ ସେ ଯାଇ ଥାନାରେ ଆତ୍ମ ସମର୍ପଣ କଲେ ଏବଂ ଦୁଇଜଣ ବିଶିଷ୍ଟ ବନ୍ଧୁ ତାଙ୍କୁ ଜାମିନରେ ଆଣିଲେ । ସର୍ତ୍ତ ଅନୁସାରେ ତାଙ୍କୁ ପୁଣି ପୁଲିସ କମିସନରଙ୍କୁ ଭେଟିବାକୁ ପଡ଼ିଲା । ଅଗଷ୍ଟ ୨୬ରେ ତାଙ୍କୁ ପ୍ରଧାନ ପ୍ରେସିଡ଼େନ୍‌ସି ମାଜିଷ୍ଟ୍ରେଟଙ୍କ ଆଗରେ ହାଜର ହେବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ମହାନଗରୀରେ ବିପୁଳ ଚାଞ୍ଚଲ୍ୟ ଖେଳାଇ ତାଙ୍କ ବିଚାର ଆରମ୍ଭ ହେବାର ପାଞ୍ଚ ଦିନ ଏବଂ ରବୀନ୍ଦ୍ର ନାଥ ''ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର'' ଭାବରେ ବିଖ୍ୟାତ କବିତାଟି ଲେଖିବାର ଦୁଇଦିନ ପୂର୍ବରୁ ଜାତୀୟ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ର ଏବଂ କର୍ମଚାରିବୃନ୍ଦ ସମବେତହୋଇ ସେମାନଙ୍କର ମହାନ୍ ଅଧ୍ୟକ୍ଷଙ୍କୁ ଗଭୀର ଦୁଃଖ ସହକାରେ, ତାଙ୍କ ଅନୁପସ୍ଥିତିରେ, ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କଲେ । ବିଦେଶୀ ସରକାର ତାଙ୍କୁ ତା'ର ପରମ ଶତ୍ରୁ ଭାବରେ ଦେଖୁଛି ବୋଲି ଜାଣି ମଧ୍ୟ ପ୍ରକାଶ୍ୟ ଭାବରେ ସେ ମୁଗ୍ଧ ସମାବେଶ ତାଙ୍କୁ ସମସ୍ୱରରେ ବିପୁଳ ଶ୍ରଦ୍ଧା

ଓ ସମର୍ଥନ ଜଣାଇବା ସେଦିନର ପରିପ୍ରେକ୍ଷୀରେ ଥିଲା ଏକ ଅନନ୍ୟ ଘଟଣା ।

ଦୈନିକ ଇଂରାଜୀ 'ବେଙ୍ଗଲି'ରେ ପ୍ରକାଶିତ ସେ ସମାବେଶ ଦ୍ୱାରା ଗୃହୀତ ସର୍ବସମ୍ମତ ତିନିଗୋଟି ପ୍ରସ୍ତାବର ସଂକ୍ଷିପ୍ତସାର :

(୧) ସମାବେଶ ସର୍ବସମ୍ମତି କ୍ରମେ ବିଦାୟୀ ଅଧକ୍ଷଙ୍କ ପାଖରେ ମହାବିଦ୍ୟାଳୟକୁ ତା'ର ପ୍ରଥମ ବର୍ଷରେ ସୁପ୍ରତିଷ୍ଠା ଆଣିଦେବା ପାଇଁ, ତାକୁ ସୁସଂଗଠିତ ଓ ସୁବ୍ୟବସ୍ଥିତ କରିବା ଦିଗରେ ସେ ଯେଉଁ ତ୍ୟାଗ ସ୍ୱୀକାର କରିଛନ୍ତି, ସେଥିପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ତାଙ୍କ ବିଦାୟରେ ଆମେ ଗଭୀର ଦୁଃଖିତ ।

ପ୍ରସ୍ତାବକ : ଡ: ରାଧାକୁମୁଦ ମୁଖାର୍ଜୀ (ଅଧାପକ) ସମର୍ଥକ : ଶ୍ରୀସ୍ୱଚନ୍ଦ୍ର ବାନାର୍ଜୀ (ଛାତ୍ର), ପୁନଃ ସମର୍ଥକ : ବିଜନ ବିହାରୀ ଚକ୍ରବର୍ତ୍ତୀ (ଅଧାପକ) ।

(୨) ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ବର୍ତ୍ତମାନ ଯେଉଁ ଭଳି ସମସ୍ୟା ସାମନା କରୁଛନ୍ତି, ସେପାଇଁ ଏ ସମାବେଶ ତାଙ୍କ ପ୍ରତି ହାର୍ଦ୍ଦିକ ସହାନୁଭୂତି ଜ୍ଞାପନ କରୁଛି ।

ପ୍ରସ୍ତାବକ : ପ୍ରସନ୍ନ କୁମାର ବୋଷ (ଅଧାପକ), ସମର୍ଥକ : ଗୋପିମୋହନ ଦତ୍ତ ଏବଂ ଆଦିତ୍ୟ ମୈତ୍ର (ଛାତ୍ର), ପୁନଃ ସମର୍ଥକ : କିଶୋରୀ ମୋହନ ଗୁପ୍ତ (ଅଧାପକ) ।

(୩) ଉଭୟ ପ୍ରସ୍ତାବର ନକଲ ଏ ସମାବେଶର ସଭାପତିଙ୍କ ସନ୍ତକ ସହ ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ ନିକଟକୁ ପ୍ରେରଣ କରାଯାଉ ।

ପ୍ରସ୍ତାବକ : ବି.ବି.ରାନାଡ଼େ (ବୈଷୟିକ ବିଭାଗର ତତ୍ତ୍ୱାବଧାରକ); ସମର୍ଥକ : ପଣ୍ଡିତ ମୋକ୍ଷଦା ଚରଣ ସମାଧାୟୀ; ପୁନଃ ସମର୍ଥକ : ସତୀଶଚନ୍ଦ୍ର ବାନାର୍ଜୀ (ଛାତ୍ର) ।[୪]

ମହାବିଦ୍ୟାଳୟର ପ୍ରଧାନ ହଲରେ ଶ୍ରୀଅରବିନ୍ଦଙ୍କର ଏକ ଆଲୋକ ଚିତ୍ର ପ୍ରତିଷ୍ଠା ନିମନ୍ତେ ମଧ ସିଦ୍ଧାନ୍ତ ନିଆଗଲା ।

ତଦନୁସାରେ ଶ୍ରୀଅରବିନ୍ଦଙ୍କୁ ତହିଁ ପରଦିନ ଥରେ ମହାବିଦ୍ୟାଳୟକୁ ଆସି ତାଙ୍କ ଚିତ୍ର ଉତ୍ତୋଳନ ନିମନ୍ତେ ସମ୍ମତ ହେବାକୁ ଅନୁରୋଧ କରାଗଲା । ଶ୍ରୀଅରବିନ୍ଦ ସେ ଅନୁରୋଧ ଗ୍ରହଣ କଲେ । ଏକ ଗବେଷଣା ପ୍ରସୂତ ବିବରଣୀର କିୟଦଂଶ :

''ଯେତେବେଳେ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରବର୍ଗ ସେମାନଙ୍କ ପ୍ରିୟ ଅଧକ୍ଷଙ୍କ ପାଖକୁ ଜଣ ଜଣ କରି ଆସି ପ୍ରଣାମ କରୁଥା'ନ୍ତି ଏବଂ ପୁଷ୍ପମାଲ୍ୟ ପ୍ରଦାନ କରୁଥା'ନ୍ତି, ତାହା ଥାଏ ଦେବଗଣ ଦେଖିବାର ଉପଯୁକ୍ତ ଦୃଶ୍ୟଟିଏ । ଦୁଇଟି ଆଲୋକଚିତ୍ର ଗ୍ରହଣ ଉତ୍ତାରୁ ଶିକ୍ଷକମାନେ ତାଙ୍କୁ ଛାତ୍ରମାନଙ୍କ ତରଫରୁ ଦୁଇପଦ ଉପଦେଶାତ୍ମକ କଥା କହିବାକୁ ଅନୁରୋଧ କଲେ । ଶ୍ରୀଅରବିନ୍ଦ ଯାହା କହିଲେ ତାହା 'ଛାତ୍ରମାନଙ୍କୁ ଉପଦେଶ' ନାମରେ ବିଦିତ ।''[୫]

ଶ୍ରୀଅରବିନ୍ଦଙ୍କର ସେ ସ୍ୱତଃସ୍ଫୁର୍ତ୍ତ ଭାଷଣ ସେଦିନର ଶ୍ରୋତାମାନଙ୍କୁ କେବଳ ନୁହେଁ, ତାହା ପ୍ରକାଶିତ ହେବା ଅନ୍ତେ ସେଯୁଗର ଅଗଣନ ଯୁବକଙ୍କୁ ମାତୃଭୂମି ସକାଶେ ଯାବତୀୟ ସ୍ୱାର୍ଥ ତ୍ୟାଗ କରିବା ଦିଗରେ ଅନୁପ୍ରାଣିତ କରିଥିଲା । ଗତ ସଂଖ୍ୟାରେ ପ୍ରକାଶିତ ଏହି ଧାରାବାହିକ ରଚନାର ପ୍ରଥମରେ ସେ ଭାଷଣର କିୟଦଂଶ ଉଦ୍ଧୃତ ହୋଇଥିଲା । ଯାଦବପୁର ବିଶ୍ୱବିଦ୍ୟାଳୟର ଏକ ପ୍ରକାଶନର ଭାଷାରେ ''ଐତିହାସିକ ଭାବେ ପରିଗଣିତ'' ସେ ଭାଷଣରୁ ଆଉ ଏକ ଉଦ୍ଧୃତି ଦେଇ ଏ ପରିଚ୍ଛେଦ ସମାପ୍ତ କରାଯାଉ :

''ମୋର ଆକାଂକ୍ଷା ହେଲା, ମୁଁ ପ୍ରତ୍ୟାବର୍ତ୍ତନ କରି ଯେମିତି ଦେଖିବି ତୁମମାନଙ୍କ ଭିତରୁ କେତେଜଣ ବିତ୍ତଶାଳୀ ହୋଇଛ – କିନ୍ତୁ ନିଜ ନିଜ ପାଇଁ ନୁହେଁ, ତୁମ ବିତ୍ତ ଯୋଗେ ମାତୃଭୂମିକୁ ବିତ୍ତଶାଳୀ କରିବା ନିମନ୍ତେ । ମୋର ଆକାଂକ୍ଷା, ମୁଁ ଦେଖିବି ତୁମମାନଙ୍କ ଭିତରେ କେତେ ଜଣ ବଡ଼ ହୋଇଛ – କିନ୍ତୁ ବଡ଼ ତୁମ ନିଜ ପାଇଁ ନୁହେଁ, ନିଜ ଅହଂର ସନ୍ତୋଷ ପାଇଁ ନୁହେଁ, ମାତୃଭୂମି ପାଇଁ, ଭାରତବର୍ଷକୁ ବଡ଼ କରିବା ପାଇଁ, ପୃଥିବୀର ସମସ୍ତ ମହାଜାତି ଭିତରେ ଶିର ଉନ୍ନତ କରି ସେ ଦଣ୍ଡାୟମାନ ହେବା ନିମନ୍ତେ – ଯାହା ସେ କରିଥିଲା ଅତୀତରେ, ଯେତେବେଳେ ସାରା ପୃଥିବୀ ଆଲୋକର ଆଶାରେ ତା' ଆଡ଼େ ଅନାଇ ରହୁଥିଲା । ଏପରିକି ଯେଉଁମାନେ ରହିବେ ନିର୍ଦ୍ଧନ ଏବଂ ଅଖ୍ୟାତ, ସେମାନଙ୍କର ସେ ନିର୍ଦ୍ଧନତା ଓ ଖ୍ୟାତିହୀନତା ମଧ ମାତୃଭୂମି ପ୍ରତି ଉତ୍ସର୍ଗ ହେଉ, ମୁଁ ତାହା ଦେଖିବାକୁ ଚାହେଁ ।''[୬]

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**


୧. ବଲାଇ ଦେବଶର୍ମା : ''ଶ୍ରୀଅରବିନ୍ଦ ସ୍ମୃତି'' ।



*(ଅବଶିଷ୍ଟାଂଶ ପରପୃଷ୍ଠାରେ ଦେଖନ୍ତୁ)*

# ଶ୍ରୀମାଙ୍କ ଚେତନା, ଜ୍ୟୋତିଃ ଓ ପଥ

## ଶ୍ରୀଅରବିନ୍ଦ

ଶ୍ରୀମା'ଙ୍କ ଚେତନା ହେଲା ଭାଗବତ ଚେତନା, ସେଥିରୁ ଯେଉଁ ଜ୍ୟୋତିଃ ଆସେ ତାହା ଭାଗବତ ସତ୍ୟର ଜ୍ୟୋତିଃ । ଯେ ଶ୍ରୀମା'ଙ୍କ ଜ୍ୟୋତିଃ ଗ୍ରହଣ କରେ, ସ୍ୱୀକାର କରେ ଏବଂ ତାହା ମଧ୍ୟରେ ବାସକରେ, ମନ-ପ୍ରାଣ-ଶରୀରର ସକଳ ସ୍ତରରେ ସେ ସତ୍ୟକୁ ଉପଲବ୍ଧି କରିବାକୁ ଆରମ୍ଭ କରେ । ସେ ବର୍ଜନ କରେ ଯାହାକିଛି ଅଦିବ୍ୟ – ଅଦିବ୍ୟ ହେଲା ତାମସୀ ଶକ୍ତିଚୟର ମିଥ୍ୟା, ଅଜ୍ଞାନତା ଓ ଭ୍ରାନ୍ତି; ପୁଣି ଅଦିବ୍ୟ ହେଲା ଯାହାସବୁ ଅନ୍ଧକାରାଚ୍ଛନ୍ନ, ଭାଗବତ ସତ୍ୟ ଓ ତାହାର ଜ୍ୟୋତିଃ ଓ ଶକ୍ତିକୁ ସ୍ୱୀକାର କରିବାକୁ ଅନିଚ୍ଛୁକ । ସୁତରାଂ ଅଦିବ୍ୟ ହେଲା ଯାହାକିଛି ଶ୍ରୀମା'ଙ୍କ ଜ୍ୟୋତିଃ ଓ ଶକ୍ତିକୁ ସ୍ୱୀକାର କରିବାକୁ ଅନିଚ୍ଛୁକ । ତେଣୁ ମୁଁ ତୁମମାନଙ୍କୁ ସର୍ବଦା କହୁଛି ଯେ ଶ୍ରୀମା'ଙ୍କ ସଙ୍ଗେ, ତାଙ୍କ ଜ୍ୟୋତିଃ ଓ ଶକ୍ତି ସଙ୍ଗେ ସଂପର୍କ ରଖ, କାରଣ ଏହାଦ୍ୱାରାହିଁ ତୁମେ ଏହି ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ତ୍ରାହି ପାଇବ ଏବଂ ଊର୍ଦ୍ଧ୍ୱରୁ ଆଗତ ସତ୍ୟକୁ ଗ୍ରହଣ କରିପାରିବ ।

ଯେତେବେଳେ ଏକ ବିଶେଷ ଅର୍ଥରେ ଆମେ ଶ୍ରୀମା'ଙ୍କର ବା ମୋର ଜ୍ୟୋତିଃର କଥା କହୁ, ସେତେବେଳେ ଆମେ ଏକ ବିଶେଷ ଗୁହ୍ୟକ୍ରିୟାର କଥା କହୁ, – ସେତେବେଳେ ଅତିମାନସଠାରୁ ଆସୁଥିବା ଜ୍ୟୋତିଃର କଥା କହୁ । ଏହି କ୍ରିୟାଧାରାରେ ଶ୍ରୀମା'ଙ୍କର ଯେଉଁ ଜ୍ୟୋତିଃ, ତାହା ହେଲା ଶୁଭ୍ର ଜ୍ୟୋତିଃ, ଯାହା ଶୁଦ୍ଧ କରେ, ଜ୍ଞାନଦୀପ୍ତ କରେ ଏବଂ ସତ୍ୟର ସ୍ୱରୂପ ଓ ନିଜସ୍ୱ ଶକ୍ତିକୁ ଉତାରି ଆଣି ରୂପାନ୍ତର-କ୍ରିୟାକୁ ସମ୍ଭବ କରେ । ଫଳତଃ ଊର୍ଦ୍ଧ୍ୱରୁ ଭାଗବତ ସତ୍ୟଠାରୁ ଯେଉଁ ସମସ୍ତ ଜ୍ୟୋତିଃ ଅବତରଣ କରେ, ତାହା ଶ୍ରୀମା'ଙ୍କ ଜ୍ୟୋତିଃ ।

ଶ୍ରୀମା'ଙ୍କ ପଥ ଓ ମୋ ପଥ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଆମମାନଙ୍କ ପଥ ଏକ ଓ ଚିରକାଳ ଏକହିଁ ଥିଲା । ଏହି ପଥ ଅତିମାନସ ରୂପାନ୍ତର ଏବଂ ଦିବ୍ୟସିଦ୍ଧି ଦିଗରେ ନେଇଯାଏ । ଆମମାନଙ୍କ ପଥ କେବଳ ପରିଶେଷରେ ନୁହେଁ, କିନ୍ତୁ ପ୍ରାରମ୍ଭରୁ, ଆଦିକାଳରୁ ତାହା ଏକହିଁ ଥିଲା । ❑

---

*(ପୃଷ୍ଠା ୯ର ଅବଶିଷ୍ଟାଂଶ)*

୨. ୧୯୬୩ ମସିହା ଅଗଷ୍ଟ ୧୮ ତାରିଖ ଦିନ କଲିକତାରେ ବିଖ୍ୟାତ ମନୀଷୀ ଡ: କାଳିଦାସ ନାଗଙ୍କ ଅଧ୍ୟକ୍ଷତାରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ପାଠ ପାଇଁ ଲେଖାଟି ଐତିହାସିକ ମହୋଦୟ ପ୍ରସ୍ତୁତ କରିଥିଲେ । କିନ୍ତୁ ସେ ସଭାରେ ସମ୍ଭବତଃ ଅସୁସ୍ଥତା ବଶତଃ ଯୋଗ ଦେଇ ପାରିଲେ ନାହିଁ । ସେହି ବର୍ଷ ଡିସେମ୍ବର Mother Indiaରେ ଏହା ପ୍ରକାଶିତ ହୋଇଥିଲା ।

୩. ଡକ୍ଟର ଆର୍ଥାର ଏସ୍. ରାୟ, Ph.D. (Berlin), D. lilt (New York) : "Sri Aurobindo Ghose : Memoirs of Long Ago.", ୧୯୭୩ ଜୁଲାଇ ସଂଖ୍ୟା Sri Aurobindo's Action ରେ ପୁନଃପ୍ରକାଶିତ ।

୪. "Sri Aurobindo : Advice to National college students"– ସେ ବିଦାୟ ଅନୁଷ୍ଠାନର ଶତବାର୍ଷିକୀ ପାଳନ ଅବସରରେ ଶ୍ରୀ ବିଶ୍ୱଜିତ ଗଙ୍ଗୋପାଧ୍ୟାୟଙ୍କ ସମ୍ପାଦିତ ସ୍ମରଣିକାରେ ପୁନଃ ପ୍ରକାଶିତ । ଶ୍ରୀଅରବିନ୍ଦ ଭବନ, କଲିକତା ।

୫. ତତ୍ରୈବ ।

୬. 'ବନ୍ଦେ ମାତରମ୍'; CWSA - Vol. 7

# ଆତ୍ମାର ମୁକ୍ତି

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଚତୁର୍ଥ ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଅଷ୍ଟମ ଅଧ୍ୟାୟ ''ଆତ୍ମାର ମୁକ୍ତି'' (**The Synthesis of Yoga, Part - IV, The Liberation of the Spirit**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଶୁଦ୍ଧୀକରଣ ମୁକ୍ତିର ସର୍ତ୍ତ । ମନୁଷ୍ୟ ମଧ୍ୟରେ ବିରାଜିତ ଆତ୍ମାର ଶୁଦ୍ଧୀକରଣର କିନ୍ତୁ କୌଣସି ଆବଶ୍ୟକତା ନଥାଏ । ତାହା ସର୍ବଦା ଶୁଦ୍ଧ, ଆତ୍ମାର ସାଧନ – ମନ, ପ୍ରାଣ, ହୃଦୟ ଓ ଶରୀରରେ ଥାଏ ଯାବତୀୟ ସ୍ଖଳନର ଦୋଷ । ଏହି ଦୋଷମାନ ଆତ୍ମାକୁ କଦାପି ସ୍ପର୍ଶ କରି ନପାରେ । ଉପନିଷଦ୍ ଭାଷାରେ ଆମେ କହିପାରୁ ଆମ ଚକ୍ଷୁର ଦୃଷ୍ଟିଦୋଷ ଥାଇପାରେ । କିନ୍ତୁ ସେ ଯେପରି ସୂର୍ଯ୍ୟକୁ କଳୁଷିତ କରି ନପାରେ, ସେହିପରି ଆତ୍ମାର ସାଧନମାନଙ୍କର ଦୋଷ ଆତ୍ମାକୁ କଳୁଷିତ କରିପାରନ୍ତି ନାହିଁ ।

ମୁକ୍ତି ପାଇବାକୁ ହେଲେ ଶୁଦ୍ଧିର ସର୍ତ୍ତ ପ୍ରଥମେ ପୂରଣ କରିବାକୁ ହେବ । ଏହା ପୂର୍ବେ କହିଛୁ । କାରଣ ଶୁଦ୍ଧି ନ ହେଲେ ଆମେ ଯେପରି ସୀମିତ, ପାଶବଦ୍ଧ ଓ ଆଚ୍ଛନ୍ନ ହୋଇ ରହିଛୁ ସେପରି ରହିଯିବୁ । ଏଣୁ ଏସବୁ ଅପୂର୍ଣ୍ଣତାରୁ ମୁକ୍ତି ଅତ୍ୟନ୍ତ ଆବଶ୍ୟକ । ମୂଳ ପୁସ୍ତକରୁ ଏ ସମ୍ପର୍କରେ ପ୍ରଦତ୍ତ ମନ୍ତ୍ର ତୁଲ୍ୟ ବାଣୀଟି ଏଠି ଉଦ୍ଧାର କରୁଛୁ :

''Suddhi is the condition for mukti. All purification is a release, a delivery; for it is a throwing away of limiting, binding, obscuring imperfections and confusions : purification from desire brings the freedom of the psychic prana, purification from wrong emotions and troubling reactions the freedom of the heart, purification from the obscuring limited thought of the sense mind the freedom of the intelligence, purification from mere intellectuality the freedom of the gnosis. But all this is an instrumental liberation.''

(*The Synthesis of Yoga*, page - 674)

ଏହାର ମୋଟାମୋଟି ଅର୍ଥ – ଶୁଦ୍ଧିହିଁ ଆଣିଦିଏ ଏକ ବିମୋଚନ, ଆଣିଦିଏ ମୁକ୍ତି । ଶୁଦ୍ଧି ସୀମିତ, ପାଶବଦ୍ଧ ଓ ଆଚ୍ଛନ୍ନ କରି ରଖିଥିବା ଆମ ଅପୂର୍ଣ୍ଣତାକୁ ଆମଠାରୁ ଦୂରେଇ ନିଏ । ବାସନାରୁ ଶୁଦ୍ଧ ହେଲେ ସୂକ୍ଷ୍ମ ପ୍ରାଣ ମୁକ୍ତି ପାଏ, ଅଶୁଦ୍ଧ ସମ୍ବେଗ ଓ ବିକ୍ଷୁବ୍ଧ ସକଳ ପ୍ରତିକ୍ରିୟାରୁ ଶୁଦ୍ଧ ହେଲେ ହୃଦୟ ମୁକ୍ତି ପାଏ । ଇନ୍ଦ୍ରିୟମନର ଆଚ୍ଛନ୍ନକାରୀ ସୀମା ସଂକୋଚନ ଭାବନା ମଧ୍ୟରୁ ଶୁଦ୍ଧ ହେଲେ ବିଜ୍ଞାନସ୍ତରୀୟ ମୁକ୍ତି ସମ୍ଭବ ହୁଏ । ମାତ୍ର ଏସବୁ ସାଧନସ୍ତରର (instrumental) ମୁକ୍ତି ଅସଲ ମୁକ୍ତି । ଆତ୍ମାର ମୁକ୍ତି । ଆମେ ଅପରା, ଅଜ୍ଞାନମୟ ମର୍ତ୍ତ୍ୟଜୀବନରେ ଏବେ ଆବଦ୍ଧ । ପରମ ସତ୍ୟ ଆମ ସୀମାରୁ ବହୁ ଦୂରରେ । ଆମର ସୀମିତ ପାର୍ଥିବତାକୁ କାଟି ସେହି ଅସୀମ ମଧ୍ୟକୁ ଉନ୍ମୋଚିତ ହୋଇପାରିଲେ ଆମର ପ୍ରକୃତ ମୁକ୍ତି ହୋଇପାରିବ । ଏହା ଅମରତ୍ୱ ।

ମୁକ୍ତି ପାଇଁ ବହୁତ ମାର୍ଗ ଅଛି । ସେଇସବୁ ମାର୍ଗ ହେଲା ପ୍ରବୃତ୍ତିକୁ କାଟି ଫିଙ୍ଗିଦେବା । ଏହା ଦ୍ୱାରା ଶୁଦ୍ଧ ସତ୍ତାର ଶାନ୍ତ-ନୀରବ ସ୍ଥିତିଲାଭ ସମ୍ଭବ ହୁଏ । ଏହାକୁ କହନ୍ତି ମୋକ୍ଷ, ଏହା ଅନ୍ୟଭାବେ ନିର୍ବାଣ । ଏହାକୁ ସଂଜ୍ଞାହୀନ ନିର୍ବିଶେଷରେ ଲୀନ ହୋଇଯିବା କୁହାଯାଏ । ମାତ୍ର ଏପରି ସର୍ବକ୍ରିୟା ରହିତ ଶାନ୍ତିଲାଭ ବା ଆନନ୍ଦରେ ନିମଜ୍ଜନ ପୂର୍ଣ୍ଣଯୋଗର ଚରମଲକ୍ଷ୍ୟ ନୁହେଁ । ''Liberation means for us, then, liberation into Supreme Purusha''. (Rishabchand's *The Integral Yoga of Sri Aurobindo*, p. 308) ଆମ ପାଇଁ ମୁକ୍ତି ହେଲା ପରମପୁରୁଷଙ୍କ ମଧ୍ୟରେ ନିଜକୁ ସ୍ଥାପିତ କରିବା ।

ଏହିପରି ସ୍ଥିତିରେ ପହଞ୍ଚିବା ପାଇଁ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଅଭାବାତ୍ମକ ଯାହା ବର୍ଜନାତ୍ମକ । ଅନ୍ୟଟି ଗ୍ରହଣାତ୍ମକ ଯାହା ଭାବାତ୍ମକ । ଅଭାବାତ୍ମିକତା ଦିଗ ହେଲା

ସତ୍ତାର ନିମ୍ନତର ପ୍ରକୃତିର ମୁଖ୍ୟଗ୍ରନ୍ଥିସକଳରୁ ବିମୋଚନ, ଏହା ଅଭାବାତ୍ମକ କ୍ରିୟା । ଭାବାତ୍ମକ ଦିଗଟି ହେଲା ସର୍ବୋଚ୍ଚ ଶୁଦ୍ଧଜୀବନ ମଧ୍ୟକୁ ଉନ୍ମୋଚିତ ହେବା ।

ତେବେ ନିମ୍ନତର ପ୍ରକୃତିର ଗ୍ରନ୍ଥି ସବୁ କ'ଣ ? ଏଇ ଗ୍ରନ୍ଥି ଚାରିଗୋଟି – ବାସନା, ଅହଂ, ଦ୍ୱନ୍ଦ୍ୱ, ପ୍ରକୃତିର ତିନୋଟି ଗୁଣ । ବାସନା ତ୍ୟାଗ, ଅହଂରୁ ମୁକ୍ତି, ଆଉ ମନ, ଆତ୍ମା ତଥା ଚିଦ୍‌ଗତତା କ୍ଷେତ୍ରରେ ସମତ୍ୱ ତଥା ତ୍ରିଗୁଣରୁ ମୁକ୍ତି (ନିସ୍ତ୍ରୈଗୁଣ୍ୟ) ଲାଭ ଗୀତାର ବିଚାରରେ ମୁକ୍ତି । ଭାବାତ୍ମକ ଅର୍ଥରେ ମୁକ୍ତି ହେଲା – ପରମେଶ୍ୱରଙ୍କ ପରି ସର୍ବଭାବେ ଏପରିକି ଆମ ସତ୍ତାର ବିଧାନଭୂମିରେ ମୁକ୍ତି ହେବା ଆବଶ୍ୟକ । ଏହା ଆତ୍ମାର ପରିପୂର୍ଣ୍ଣ ମୁକ୍ତି ।

କୁଳାର୍ଣ୍ଣବ ତନ୍ତ୍ରରେ କୁହାଯାଇଛି ଜୀବ ଅଷ୍ଟପାଶରେ ବନ୍ଧା । ଏଇ ପାଶମୁକ୍ତି ହେଲେ ସେ ସ୍ୱୟଂ ସଦାଶିବ ହୋଇଯିବ । ଏ ଅଷ୍ଟପାଶ କ'ଣ ? ତାହା ହେଲା – ଘୃଣା, ଲଜ୍ଜା, ଭୟ, ଶଙ୍କା, ଜୁଗୁପ୍ସା (ଘୃଣାସୂଚକ ନିନ୍ଦା), କୁଳ, ଶୀଳ (ସ୍ୱଭାବ), ଜାତି ।

''ଘୃଣା ଲଜ୍ଜା ଭୟଂ ଶଙ୍କା ଜୁଗୁପ୍‌ସା ଚେତି ପଞ୍ଚମୀ ।
କୁଳଂ ଶୀଳଂ ତଥା ଜାତିରଷ୍ଟୌ ପାଶାଃ ପ୍ରକୀର୍ତ୍ତିତାଂ ।''

ଆମେ ଗୀତା ବର୍ଣ୍ଣିତ ଚାରିଗୋଟି ଗ୍ରନ୍ଥିକଥା ପୂର୍ବେ ଆଲୋଚନା କରିଛୁ । ଏହା କାମ, ଅହଂକାର, ତ୍ରୈଗୁଣ୍ୟ (ସତ୍ତ୍ୱ, ରଜ, ତମଃ) ଓ ଦ୍ୱନ୍ଦ୍ୱଭାବ, କାମ ଓ ଅହଂକାର ପୁରୁଷର, ଆଉ ତ୍ରୈଗୁଣ୍ୟ ଓ ଦ୍ୱନ୍ଦ୍ୱଭାବ ପ୍ରକୃତିର ଗ୍ରନ୍ଥି ।

ଏବେ ପୁରୁଷର ଗ୍ରନ୍ଥିର କଥା ବିଚାର କରିବା, ମୂଳ ଓ ଆଦିମଗ୍ରନ୍ଥି ହେଲା କାମନା । ଏଇ ବାସନା ବା କାମର ଭିତ୍ତି ହେଲା ଇନ୍ଦ୍ରିୟ ଓ ମନ । ଏହାଠାରୁ ଗଭୀରରେ ରହିଛି ବୁଦ୍ଧି ଅଧିଷ୍ଠିତ କାମ । ଏଇ କାମ ଅହଂବୁଦ୍ଧି ସହ ସଂଯୁକ୍ତ । ଋଗ୍‌ବେଦର ଋଷି କହନ୍ତି ''ମନସଃ ପ୍ରଥମଂ ଚେତଃ'' । ଏଇ ରୂପେ କାମ ସୃଷ୍ଟିର ମୂଳରୁ ରହିଛି । ପରମ ପୁରୁଷ ସୃଷ୍ଟିର ମୂଳରେ କାମନା କଲେ 'ଏକୋଽହଂ ବହୁ ସ୍ୟାମ୍' – ମୁଁ ଏକ ବହୁ ହେବି । ଏଇ ବହୁ ହେବାର ଇଚ୍ଛାହିଁ ପ୍ରଥମ । ଏହାହିଁ ଆମର ବ୍ୟକ୍ତିଭାବନାର ଜନନୀ ଓ ଧାତ୍ରୀ ।

ଏହି ସ୍ତରରୁ ବିଚାର କଲେ କାମନାର ଦୁଇଟି ରୂପ । ଆମ ମଧ୍ୟରେ ଅଛି ଅନ୍ତଃପ୍ରବୃତ୍ତିର ପ୍ରବେଗ । ପ୍ରବୃତ୍ତି ଅଜ୍ଞାନାବଦ୍ଧ । ସେ କ'ଣ ଇଚ୍ଛା କରେ, ତା'ର ଫଳ କ'ଣ ହେବ, ସେ ବିଷୟରେ ସେ କିଛି ଜାଣେ ନାହିଁ । ଏଣୁ ଯେବେ ଭୁଲ୍ ବାଟରେ ଯାଇ ଲକ୍ଷ୍ୟଭ୍ରଷ୍ଟ ହୁଏ, ତେବେ ତା'ର ପରିଣାମରେ ଭୋଗ କରେ ଦୁଃଖ, କିନ୍ତୁ ଯେବେ ସେ କାମନାବିହୀନ, ତେବେ ବୋଧ କରେ ତା' ଜୀବନ କର୍ମହୀନ, ଅଚଳ ।

ଆମେ କାମନାକୁ ତଳ ଭାଗରୁ ଦେଖିଲେ ଯାହା ଅନୁଭବ କରୁ ଉପର ଭୂମିରୁ ଦେଖିଲେ ତା'ଠାରୁ ଅନ୍ୟକିଛି ଦେଖୁ । ଦେଖୁ ତା'ର ଦିବ୍ୟରୂପ, ସେ ସେଠି ଜୀବର ସଂକୀର୍ଣ୍ଣ କାମନା ନୁହେଁ, ଯାହା ଭୋଗାତୁର । ସେ ବ୍ରହ୍ମର କାମନା, ଦିବ୍ୟକାମ; ସତ୍ୟସଂକଳ୍ପ । ଯାହା 'ଜ୍ଞାନମୟଂ ତପଃ' । ଏହାର କେନ୍ଦ୍ର ଶକ୍ତିମୟୀ ପରମାଦେବୀ, ଏଠି ଅଛି ଉଲ୍ଲାସର ଚିତ୍-ସହ ମିଳନ । ଆମ ଜୀବନର ମୂଳରେ ତା'ରହିଁ ଗୁପ୍ତ ଆବେଗ ରହିଛି । ସେହି ଉଲ୍ଲାସ ଜଡ଼, ପ୍ରାଣ, ମନ, ବୁଦ୍ଧି ଭେଦ କରି ପ୍ରଜ୍ଞାନ ବିକଶିତ କରି ଚାଲେ ଊର୍ଦ୍ଧ୍ୱକୁ ।

ପରମ ଭୂମା ମଧ୍ୟରେ ସେଇ ଉଲ୍ଲାସ ସହଜ । ମାତ୍ର ସଂକୁଚିତ ଅହନ୍ତା ମଧ୍ୟରେ ତାହା କୃଚ୍ଛ୍ର । ଯାହା ସେଠାରେ ଶକ୍ତିମତ୍ତା ତାହା ଏଠାରେ ଅବସାଦ ଓ ଅପବାଦ । ଏହାହିଁ କାମନାର ଅଭିଶାପ । ତା'ର ସଂସ୍କାର ଆମ ମଜ୍ଜାଗତ ହୋଇଛି ଆଧାରର ଗଭୀରରେ । ଯେପରି ପାତାଳଗର୍ଭରେ ଅସୁରମାନଙ୍କର ଗୁପ୍ତ ସ୍ଥିତି ଏବଂ ଶୁଦ୍ଧୀକରଣ ପାଇଁ ତାଙ୍କର ବିନାଶ ଅପରିହାର୍ଯ୍ୟ, ତାଙ୍କ ବିନାଶର ଅର୍ଥ ଅଷ୍ଟପାଶରୁ ବିମୋଚନ, ଏ ଅଷ୍ଟପାଶ ଅଷ୍ଟ ଦୈତ୍ୟ ବଂଶ । (୧) 'ଘୃଣା'ର ନାମ ଉଦାକ୍ଷୁଧ ଅସୁର (୨) 'ଲଜ୍ଜା' ହେଲା କମ୍ବୁଅସୁର ବଂଶ (୩) 'ଭୟ'– କୋଟିବୀର୍ଯ୍ୟ ଅସୁର ବଂଶ (୪) ହେଲା 'ଶଂକା' ଅସୁର ବଂଶ (୫) କାଳକ ହେଲା 'ଜୁଗୁପ୍ସା' ଅସୁର ବଂଶ (୬) ଦୌର୍ହୃଦ – 'ଅଭିମାନ' ଅସୁର ବଂଶ (୭) ମୌର୍ଯ୍ୟ – 'ଶୀଳ' ବା ସ୍ୱଭାବ ପ୍ରକୃତି ବଂଶ ଅସୁର (୮) କାଳକେୟ – 'ଜାତି' ଅସୁର ବଂଶ । ଏଇ କାମନାର ଉଦ୍ଭବ ମାତ୍ରେ ତା'ର ବିନାଶ ସାଧକ ପାଇଁ ଅତ୍ୟନ୍ତ ଆବଶ୍ୟକ । ଆଧାର ଶୁଦ୍ଧି ପାଇଁ ଅସୁର ନିଧନର ଗଭୀର ଅର୍ଥ ହେଲା ଏହି ଅସୁର ଓ ଦେବତା ସମସ୍ତେ ଆମରି ମଧ୍ୟରେ ଅଛନ୍ତି ।

ଆମ ଅନ୍ତଃପ୍ରକୃତି ମଧ୍ୟରେ ଆମର ଯାବତୀୟ ମୂଢ଼ ସଂସ୍କାରର ବୀଜ ସଞ୍ଚିତ । ଏହାକୁ ନିର୍ବୀଜ କରିବା ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ ନିରୋଧ ପନ୍ଥା ଗ୍ରହଣୀୟ । ସାଧକକୁ ଲାଭ କରିବାକୁ ହେବ ନିଃସ୍ପନ୍ଦ ଶୂନ୍ୟତା । ସେଠି ସେ ସ୍ଥାୟୀ ହୋଇ ରହିଯିବ ଏମନ୍ତ ନୁହେଁ । ଶିବ ଶକ୍ତିର ସାମରସ୍ୟ ଯଦି

ପୂର୍ଣ୍ଣତାର ସତ୍ୟ ତେବେ ଶିବ ସ୍ଥିତିରୁ ଶକ୍ତି ସ୍ଥିତିକୁ ଫେରି ଆସିବା ଅସ୍ୱାଭାବିକ ନୁହେଁ । କାରଣ ଏଠି ପୁରୁଷ ଓ ପ୍ରକୃତି ମଧ୍ୟରେ ଦ୍ୱନ୍ଦ୍ୱ ନାହିଁ । ପୁରୁଷ ଏଠାରେ ନିଶ୍ଚେଷ୍ଟ ଅକର୍ତ୍ତା ହୋଇ ପ୍ରକୃତିର ଝଡ଼ରେ ପତରଟିଏ ଭଳି ଉଡ଼ିଯାଏ ନାହିଁ । ସେ ଗୀତାର ଭାଷାରେ 'ସର୍ବାରମ୍ଭପରିତ୍ୟାଗୀ' । ସେ ଏବେ ନିମିତ୍ତ କର୍ତ୍ତା ପରମଙ୍କ ପ୍ରପଞ୍ଚୋଲ୍ଲାସର ଦିବ୍ୟକର୍ତ୍ତା, ବିଜ୍ଞାନମୟ ବିବସ୍ୱାନ୍ । ଏଠି ପୁରୁଷ ଓ ପ୍ରକୃତି ସମନ୍ୱିତ । କିଏ କାହାର ଅଧୀନ ନୁହେଁ, ଅର୍ଦ୍ଧାଙ୍ଗ ପୁରୁଷ, ଅର୍ଦ୍ଧାଙ୍ଗ ପ୍ରକୃତି । ପ୍ରକୃତି ଏଠାରେ ପୁରୁଷର ଆତ୍ମଶକ୍ତି, ତପଃଶୁଦ୍ଧା । କାମନାବାସନା ତେବେ ଏଠି ରୂପାନ୍ତରିତ ସ୍ୱରୂପାନନ୍ଦର ଉଲ୍ଲାସରେ । ଏଠାରେ ସ୍ମରଣ କରିବା କଥା – ଯେବେ ବ୍ୟକ୍ତିର ଆତ୍ମା ନିଜ ସତ୍ତାର ବିଶ୍ୱଗତ ତଥା ବିଶ୍ୱାତୀତ ପରମ ଶିବତ୍ୱର ସତ୍ୟରୁ ହଟି ଆସି ଅହଂ ଆଡ଼କୁ ଢଳି ଆସେ, ସେ ବ୍ରହ୍ମର ସଂକଳ୍ପ ଶକ୍ତିକୁ ଆପଣାର ବସ୍ତୁ କରିପକାଏ । ଏହାହିଁ ସାଧକ ମଧ୍ୟରେ କାମନା, ବାସନା, ଇଚ୍ଛା, ଲାଳସା, ବୌଦ୍ଧିକ, ସମ୍ବେଗଗତ ପ୍ରାଣିକ ଇଚ୍ଛା ସୃଷ୍ଟି କରେ । ଆତ୍ମା ଯଦି ବିଜ୍ଞାନ ଭୂମିକୁ ଉତ୍ତୋଳିତ ହୋଇଯାଏ, ତେବେ ସେ ଆନନ୍ଦମୟ ସ୍ଥିତିରେ ପ୍ରକୃତି ଓ ପୁରୁଷକୁ ସମ୍ମିଳିତ କରିପାରିବ ।

ଏବେ ଅହଂରୁ ମୁକ୍ତି ସମ୍ପର୍କରେ ଆଲୋଚନା କରିବା । ଗୀତା ଅନୁସରଣରେ ଆମେ ପୂର୍ବେ କହିଛୁ ଚାରିଗୋଟି ଗ୍ରନ୍ଥିର କଥା । ତାହା ହେଲା କାମ, ଅହଂକାର, ତ୍ରୈଗୁଣ୍ୟ ଓ ଦ୍ୱନ୍ଦ୍ୱଭାବ । ପ୍ରଥମ ଗ୍ରନ୍ଥି 'କାମ' ସମ୍ପର୍କରେ ଆଲୋଚନା ପରେ ଅହଂରୁ ମୁକ୍ତି ସମ୍ପର୍କରେ ଆଲୋଚନା କରିବା, ଏହା ଦ୍ୱିତୀୟ ଗ୍ରନ୍ଥି । ଜୀବର କାମନା ଯେପରି ପୁରୁଷ ବା ଶିବଙ୍କର ସିସୃକ୍ଷାର (ସୃଷ୍ଟି କରିବାର ଇଚ୍ଛା) ଆନନ୍ଦର କୁଣ୍ଠିତ ଓ ବିକୃତ ରୂପ, ତାଙ୍କର ଅହଂ ମଧ୍ୟ ସେହିପରି । ତାହା ମଧ୍ୟ ସ୍ୱରାଟ ଆତ୍ମ-ପ୍ରତିଷ୍ଠାର ସଂକୀର୍ଣ୍ଣ ପ୍ରତିଚ୍ଛାୟା । ଗୋଟିଏ ସର୍ବବ୍ୟାପୀ ଅହଂ ଅଛି । ସେହି ଏକ ହୋଇଛନ୍ତି ବହୁ ରୂପେ ପ୍ରକଟିତ । ଯେଉଁଠି ବହୁତ୍ୱ ସେଇଠି ରହିଛି ଭେଦ । ତା'ର ଚରମ ରୂପ ଜଡ଼ର ପରମାଣୁରେ ସ୍ପଷ୍ଟ । ଏକର ବହୁତ୍ୱରେ ପରିଣତି ପ୍ରକୃତିର ଯେପରି ଏକ ଛନ୍ଦ, ବହୁର ଏକତ୍ୱରେ ପରିଣତି ସେପରି ତା'ର ବି ଛନ୍ଦ । ଭେଦ ମଧ୍ୟରେ ତାହାହିଁ ଅଭେଦର ଆଭାସ, ବିରୋଧ ଦୂର ହୁଏ ବୈଚିତ୍ର୍ୟରେ, ଯାହା ଅଭେଦ ତାହା ମହତ୍, ଯାହା ଭିନ୍ନତା ତାହା ଅଣୁ । ଅଣୁ ଚାହେଁ ହେବାକୁ 'ମହତୋ ମହୀୟାନ୍', ଅଳ୍ପ ଚାହେଁ ଭୂମା ହେବାକୁ, ଅହଂ ଚାହେଁ ତା'ର ଦିବ୍ୟ ପରମରୂପ ପାଇବାକୁ ।

କିନ୍ତୁ ଅହଂର ପରିବର୍ତ୍ତନ ବା ରୂପାନ୍ତର ଏତେ ସହଜ ନୁହେଁ । ଅହଂକୁ କେନ୍ଦ୍ର କରି ସତ୍ତାର ବିଭେଦଧର୍ମୀ ବୃତ୍ତିମାନେ ବେଢ଼ି କରି ରହିଛନ୍ତି । କାରଣ ଅହଂବୃତ୍ତି ହେଲା ବିଭେଦଧର୍ମୀ । ଏହା ସକଳ ଅଜ୍ଞାନ ଓ ପାଶବଦ୍ଧତାର ବିମୂଢ଼ ପ୍ରୟାସର ଅବଲମ୍ବନ । ଅହଂବୋଧରୁ ମୁକ୍ତ ନହେବା ଯାଏ ଯଥାର୍ଥ ମୁକ୍ତି ଅସମ୍ଭବ । ଏକମାତ୍ର ଆତ୍ମା ଉପରେ ବ୍ୟକ୍ତି ଯେତେବେଳେ ଏକାଗ୍ର ହେବ, ସେତେବେଳେ ଅହଂର ଦୁର୍ଗ ଭାଙ୍ଗିଯିବ । ଏହାହିଁ ଅହଂରୁ ମୁକ୍ତିର ବିଧାନ । ତା'ସହ ଆଉ କିଛି କରିବାକୁ ହେବ ଇନ୍ଦ୍ରିୟ ମନ ବା ପ୍ରାଣ ଓ ଶରୀରର ନିତ୍ୟନୈମିତ୍ତିକ କ୍ରିୟାତ୍ମକତାରେ ଅହଂର ରାଜତ୍ୱରୁ ମୁକ୍ତି ପାଇଁ । ଏଇ ସାଧନଗୁଡ଼ିକର ଶୁଦ୍ଧୀକରଣ ଗୁରୁତ୍ୱପୂର୍ଣ୍ଣ । ଏହି ବିଭେଦଗତ, ଅଜ୍ଞାନଗ୍ରସ୍ତ, କାମନା ତାଡ଼ିତ ଆମର ନିତ୍ୟ ନୈମିତ୍ତିକ ପ୍ରାଣିକ ଓ ଶାରୀରିକ କ୍ରିୟା ଆମ ବୁଦ୍ଧିକୁ ହରଣ କରନ୍ତି । ସମୁଦ୍ରରେ ଝଞ୍ଜା ବୋହିଲେ ସମୁଦ୍ର ମଧ୍ୟରେ ଥିବା ନୌକାଗୁଡ଼ିକ ଯେପରି ଇତସ୍ତତଃ ଉଡ଼ି ବୁଡ଼ି ଯାଆନ୍ତି, ଆମ ବୁଦ୍ଧିକୁ ସେହିପରି କାମନାବାସନାର ଝଞ୍ଜା ଉଡ଼ାଇ ନିଏ । ଏହା କହନ୍ତି ଗୀତା, ଆମ ବୁଦ୍ଧିକୁ ସେମାନେ କିଛିକାଳ ବିଲୁପ୍ତ କରୁଥିବାରୁ ବା ତମସାଚ୍ଛନ୍ନ କରୁଥିବାରୁ ଆମ ଜ୍ଞାନକୁ ପୁନରପି ପାଇବା ପାଇଁ ପ୍ରୟାସ ଆବଶ୍ୟକ ହୁଏ ।

ଯଦି ଆମର ନିମ୍ନତର ସାଧନଗୁଡ଼ିକ ଅହଂ ପ୍ରେରିତ କାମନା-ବାସନା, ଇଚ୍ଛା, ସଂକଳ୍ପ, ଅତ୍ୟାକୁଳତା ଓ ସମ୍ବେଗରୁ ମୁକ୍ତ ଓ ଯଦି ବୁଦ୍ଧି ଅହଂଗତ ଓ ନିଜ ଧାରଣା ଓ ଅଭିରୁଚିରୁ ମୁକ୍ତ ତେବେ ଏକତ୍ୱରୂପୀ ଅଧ୍ୟାତ୍ମ ସତ୍ୟକୁ ଜ୍ଞାନର ଆଧାର ମିଳିଯାଏ । ଏହାହିଁ ଦୃଢ଼ ଆଧାର । ତେବେ ବି ଅହଂ କବଳରୁ ମୁକ୍ତି ପାଇବା କଷ୍ଟସାଧ୍ୟ । ଆମେ ଯେବେ ଭାବୁ, ଆମେ ତା' କବଳରୁ ମୁକ୍ତ ସେତେବେଳେ ସେ ନାନା ଛଦ୍ମରୂପରେ ଆବିର୍ଭାବ ହୋଇ ଆମକୁ ତା'ର ଯନ୍ତ୍ର କରି ପକାଏ । ଅହଂର ସକ୍ରିୟବୋଧରୁ ମୁକ୍ତି ମଧ୍ୟ ଯଥେଷ୍ଟ ନୁହେଁ । ତା'ଫଳରେ ଆମକୁ ମିଳିବ ଏକ ନିଷ୍କ୍ରିୟ ଜଡ଼ତା । ଅହଂ ଯେଉଁ ଅଧ୍ୟାତ୍ମ ସତ୍ତାର ଏକ ପତନ ଓ ବିକୃତି, ସେହି ମୂଳ ସତ୍ୟରେ ଅହଂର ରୂପାନ୍ତରହିଁ ଅହଂରୁ ମୁକ୍ତି । ଏଇ ଅବସ୍ଥାରେ ଆତ୍ମା ନିଷ୍କ୍ରିୟ ନୁହେଁ, ସକଳ କର୍ମର ପୁରୋଧା, ବିରାଟ ବିଶ୍ୱାତ୍ମକ ଓ ସର୍ବନିୟାମକ । ଥରେ ବୁଦ୍ଧି ଶୁଦ୍ଧ ହୋଇଗଲେ, ଏଇ ସତ୍ୟ ତା' ମଧ୍ୟରେ ପ୍ରତିବିମ୍ବିତ ହେବ, ପୁନଶ୍ଚ ଚିଦ୍‌ଗତ ଭୂମିରୁ ଏଇ ସତ୍ୟକୁ ଜୀବନରେ ଅବତୀର୍ଣ୍ଣ କରାଯାଇ ପାରିବ, ଆମେ ଏଇ ସତ୍ୟରେ ପରିଣତ

ହୋଇଗଲେ, ନିଜ ମଧ୍ୟରେ କାଳାତୀତ ଓ ବିଶ୍ୱମୟ ଆନନ୍ଦ ଉପଲବ୍ଧି କରିପାରୁ । ତଥାପି ଏକତ୍ୱର ବିସ୍ମରଣ ମଧ୍ୟ ଥରେ ଥରେ ଅସମ୍ଭବ ନୁହେଁ । ଏଥିରୁ ମୁକ୍ତି ପାଇଁ ବିଭିନ୍ନ ଯୋଗରେ ସାୟୁଜ୍ୟ, ସାଲୋକ୍ୟ ବା ସାମୀପ୍ୟ ମୁକ୍ତି ପାଇଁ ସାଧନା କରାଯାଏ । କିନ୍ତୁ ଆମ ପୂର୍ଣ୍ଣଯୋଗ ଏଇଠି ଅଟକି ପାରିବ ନାହିଁ । ଆମେ କେବଳ ଆଧ୍ୟାତ୍ମିକ ଭୂମିରେ ପରମଙ୍କ ସହ ଏକତ୍ୱ ଲାଭ କରି ଆତ୍ମସନ୍ତୋଷ ପାଇବା ନାହିଁ । ଆମକୁ ସମଗ୍ର ଭାବେ ତାଙ୍କ ମଧ୍ୟରେ ବାସ କରିବାକୁ ହେବ, ଆମ ସମଗ୍ର ପ୍ରକୃତିଟିକୁ ତାଙ୍କ ଉପସ୍ଥିତି ଦ୍ୱାରା ପରିପୂର୍ଣ୍ଣ କରିବାକୁ ହେବ, ଆମେ ତାଙ୍କ ମଧ୍ୟରେ ଗୋଟିଏ ଚେତନା, ଗୋଟିଏ ଆତ୍ମା, ଗୋଟିଏ ପ୍ରାଣ, ଗୋଟିଏ ଉପାଦାନରେ ପରିଣତ ହୋଇଯିବା – ଅତିମାନସ (Supramental) ଜ୍ୟୋତିଃର ପ୍ରଭାବ ଆମ ମଧ୍ୟରେ ଯେତେ ଅନୁଭୂତ ହେବ, ସେଦିଗରେ ଆମେ ଯେତେ ଉନ୍ମୁକ୍ତ ହେବା, ଆମେ ପରମ ସଚ୍ଚିଦାନନ୍ଦମୟ ସେତିକି ହୋଇଚାଲିବା । ଏପରି ଅବସ୍ଥାରେ ଅହଂ କ୍ଷୀଣରୁ କ୍ଷୀଣତର ହୋଇ ସେଇ ପରମସତ୍ୟରେ ରୂପାନ୍ତରିତ ହୋଇଯିବ । ଏଇ ବିଶ୍ୱମୟ ସ୍ଥିତିରେ ସାଧକ ତା'ର ଈଶ୍ୱରଙ୍କ ସହ ଏକତ୍ୱ ବ୍ୟକ୍ତି ସ୍ତରରେ ବି ଅନୁଭବ କରିବ ଓ ତା' ସହ ସକଳ ପ୍ରାଣୀଙ୍କ ସହ ଏକତ୍ୱ ବି ଅନୁଭବ କରିବ । ଏଇ ଅବସ୍ଥାରେ ଅହଂର ଦୁଇଟି ରୂପ – ବିରୋଧ ଓ ସଙ୍କୋଚ ସମ୍ପୂର୍ଣ୍ଣ ଦୂର ହୋଇଯିବ । ଏବେ ଆତ୍ମା ନିଜର ନୁହେଁ, ସେ ପରମଙ୍କ ପାଖରେ ପୂର୍ଣ୍ଣ ସମର୍ପିତ । ତା'ର ଆନନ୍ଦ ବ୍ୟକ୍ତିଗତ ନୁହେଁ, ଶକ୍ତି ବ୍ୟକ୍ତିଗତ ନୁହେଁ, ସଙ୍କୁଚିତ ନୁହେଁ । ଏବେ ପରମଙ୍କ ମଧ୍ୟରେ ବ୍ୟକ୍ତି ଅନୁଭବ କରେ ନିରଙ୍କୁଶ ଭୂମାବତ୍ ଶାନ୍ତି, ଆନନ୍ଦ, ଚେତନା, ପ୍ରେମ । ଏହା ନିରୋଧାତ୍ମକ ନିର୍ବାଣ ନୁହେଁ ଏହା ସାଧର୍ମ୍ୟ ମୁକ୍ତି ।

ପ୍ରତ୍ୟେକ ଉନ୍ମେଷର ମୂଳରେ ରହିଛି ଏକ ପ୍ରକାର ସଙ୍କୋଚ ବା କୁଣ୍ଠା । କିନ୍ତୁ ତାକୁ କାଟିବାର ଗୋଟିଏ ଗୂଢ଼ ପ୍ରବେଗ ମଧ୍ୟ ତା' ମଧ୍ୟରେ ଅଛି । ଏଣୁ ଜୀବନ ଜଟିଳ ହୋଇପଡ଼େ । ଅହନ୍ତା ମଧ୍ୟରେ ଜଟିଳତାର ଦୁଇଟି ରୂପ ରହିଛି । ଗୋଟିଏ ବିରୋଧ, ଅନ୍ୟଟି ସଙ୍କୋଚ । ଆମେ ଦେଖୁ ଗୋଟିଏ ଅହଂ ସହିତ ଅନ୍ୟ ଗୋଟିଏ ଅହଂର ବିରୋଧ ଲାଗିଛି । ଏଇ ଶକ୍ତିର ସଂଘର୍ଷ ମଧ୍ୟରେ ଆପଣାକୁ ବଞ୍ଚାଇ ରଖିବାକୁ ଚାରିପଟେ ଏକ ପ୍ରାଚୀର ପକାଇବାକୁ ପଡ଼େ । ନିଜର ସ୍ୱାର୍ଥକୁ ବଞ୍ଚାଇଲେ ଯାଇଁ ନିଜେ ବଞ୍ଚିବା । ଏଣୁ ଅନ୍ୟ ସହ ବିରୋଧ ଅପରିହାର୍ଯ୍ୟ । ଏଇଟା ନିଜ ମଧ୍ୟରେ ଥିବା ବୃତ୍ତି ସହ ଅନ୍ୟ ଏକ ବୃତ୍ତିର ବିରୋଧ । ଏ ବିରୋଧ ଜଗତକୁ ନେଇ ହୁଏ ନାହିଁ, ନିଜ ମଧ୍ୟରେ ଏ ବିରୋଧର କାରଣ ରହିଛି । ପ୍ରତ୍ୟେକ ବୃତ୍ତିର ଗୋଟିଏ ନିଜସ୍ୱ ଅହଂ ଅଛି । ଇଏ ଏକ ପାପ ।

ଆଉ ଅନ୍ୟ ପାପଟି ହେଲା 'ସଂକୋଚ' । ଅହଂ ସଂକୁଚିତ ଓ ଅଜ୍ଞାନାବଦ୍ଧ । ଜ୍ଞାନ ତା'ର ଖୁବ୍ ସୀମିତ । ସେ ଯାହା ଦେଖେ ଇନ୍ଦ୍ରିୟ-ମନର ଝରକା ଦେଇ । ଏପରି ଦେଖିବା ବି ସୀମାବଦ୍ଧ, ଏଣୁ ତା'ର ଦେଖିବା ଅସ୍ପଷ୍ଟ । ପୁଣି ତା'ର ଶକ୍ତି ମଧ୍ୟ ସୀମାବଦ୍ଧ । ଶକ୍ତି ସୀମିତ ଓ ଦୃଷ୍ଟି ସୀମିତ ହେଲେ ତା'ର କର୍ମ ସ୍ୱତଃ ବିକର୍ମ ହୋଇଯାଏ । ଏଣୁ ସେ କର୍ମ ହୁଏ ବ୍ୟର୍ଥ ଓ ବିକଳ । ତା' ଅର୍ଥ ଏହା ହୁଏ ଦୁଃଖଭୋଗ, ଆନନ୍ଦର ସଂକୋଚର ଏହା ପ୍ରତ୍ୟକ୍ଷ ଫଳ । ଏଣୁ ଜୀବ ଅଜ୍ଞାନ, ଅଶକ୍ତ ଓ ଦୁଃଖୀ । ଅହଂର ସଂକୋଚନରୁ ଏହା ଘଟେ ।

ଜୀବ ତଥାପି ଚାହେଁ ସଂକୋଚନରୁ ମୁକ୍ତି । ସୀମାକୁ କାଟି ସେ ହେବାକୁ ଚାହେଁ ଭୂମା, କିନ୍ତୁ ଅସୀମ ହେବାକୁ ତା'ର ଆକାଙ୍କ୍ଷା ଥିଲେ ମଧ୍ୟ ସେ ଏଠାରେ ଦୁଇଟି ସମସ୍ୟାର ସମ୍ମୁଖୀନ ହୁଏ । ଅସୀମତା ଦୁଇ ପ୍ରକାରର – ଶକ୍ତିର ଅସୀମତା ଆଉ ଚୈତନ୍ୟର ଅସୀମତା । ଶକ୍ତିର ଅସୀମତା ଉପଲବ୍ଧ ହୁଏ ଭୋଗ ଓ ଐଶ୍ୱର୍ଯ୍ୟରେ । ଭୋଗ ଓ ଐଶ୍ୱର୍ଯ୍ୟର ସାଧନ ହେଲା – ଦେହ, ପ୍ରାଣ, ମନ ଆଉ ବୁଦ୍ଧି । କିନ୍ତୁ ସ୍ୱଭାବତଃ ସେ ଯଦି ସୀମିତ, ସେ ସୀମିତ ସାଧନରେ ଅସୀମକୁ ଭୋଗ କରିବ କିପରି ? ଏଣୁ ସାନ୍ତ ଅହଂ ପାଇଁ ଅନନ୍ତ ପ୍ରକୃତିକୁ ସ୍ଥୂଳ ଭାବେ ଭୋଗ କରାଯାଇ ପାରିବ ନାହିଁ ବା ତାକୁ ଆପଣାର ବଶ ବା ଅଧୀନ କରି ହେବ ନାହିଁ ।

ଅହଂ ପାଇଁ ଆଉ ଗୋଟିଏ ପଥ ଉନ୍ମୋଚିତ । ଅସୀମତାର ସେଇ ପଥଟି 'ଚିତ୍‌ସାମ୍ୟ'ର ପଥ, ଅହଂ ଚେତନାର ସୀମା ଭାଙ୍ଗି ଅସୀମ ହୋଇପାରେ । ଅହଂଚେତନାର ବିସ୍ତାରଣର ଦୁଇଟି ବାଟ ଅଛି । ପ୍ରଥମଟି ପ୍ରକୃତି ସ୍ପର୍ଶରୁ ନିଜକୁ ବିବିକ୍ତ ବା ବିଚ୍ଛିନ୍ନ କରିବା । ଏହା ତାକୁ ଶାନ୍ତ କରେ । ଶାନ୍ତ ଚେତନା ସକଳ ବିକ୍ଷୋଭରୁ ମୁକ୍ତ ହୋଇ, ବିସ୍ତାରିତ ହୋଇ ଲାଭ କରେ ଆନନ୍ତ୍ୟର ବୋଧ । ଅନ୍ୟଟି ଇନ୍ଦ୍ରିୟ ପଥରେ ନିଜକୁ ବିସ୍ତାର କରି କରି ନିଜ ମଧ୍ୟରେ ଅସୀମକୁ ଆବାହନ କରିବା ଓ ତାଦ୍ୱାରା ଆବିଷ୍ଟ ହେବା, ଅନୁଭବ କରିବା ଭୂମାର ବିଭୂତି, ଏପରି ଅବସ୍ଥା ନିଜର ବା ମୋର ଆନନ୍ଦାବସ୍ଥା ନୁହେଁ । ଏହା ଅସୀମର ଶକ୍ତି, ଅସୀମର ଆନନ୍ଦ । ଏବେ ଅହଂ

ପରିବର୍ତ୍ତେ ଆମେ ବିଶ୍ୱବ୍ୟାପ୍ତ ପୂର୍ଣ୍ଣହନ୍ତା, ବିଶ୍ୱାତୀତ ହେଲେ ମଧ୍ୟ ସର୍ବାବଗ୍ରାହୀ ପରାହନ୍ତା । ଏହାହିଁ ହେଲା ପୁରୁଷର ଅତିମୁକ୍ତି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ସକଳ ମୁକ୍ତି-ନିର୍ବାଣ, ସାଯୁଜ୍ୟ, ସାମୀପ୍ୟ, ସାଲୋକ୍ୟ ଆଦି । ଏହା ବି ସାଧର୍ମ୍ୟ ମୁକ୍ତି, ଶିବ-ଶକ୍ତିର ସାମରସ୍ୟର ମୁକ୍ତି । ଏଇ ଅବସ୍ଥାରେ ଆମେ ମୂଳଭୂତ କାମନାରୁ ବାହୁଡ଼ି ଆସି ତାହା ପଶ୍ଚାତରେ ଥିବା କାମନାରହିତ ସଂକଳ୍ପ ଶକ୍ତିଲାଭ କରୁ । ଏଠାରେ ଏକତ୍ୱ ବିଧାୟକ ପରମାନନ୍ଦ ଓ ପରମ ସଂକଳ୍ପ ଲାଭ ହୁଏ; ସକଳ ବାସନା ଓ ଅହଂରୁ ମୁକ୍ତି ମିଳେ ।

ସମସ୍ତ ମୁକ୍ତିର ମୂଳହିଁ ଈଶ୍ୱର । ତାଙ୍କୁ ଦର୍ଶନ ନ କଲାଯାଏ, ବିଷୟତ୍ୟାଗୀ ମଧ୍ୟ ବିଷୟାନୁରାଗ ମୁକ୍ତ ନୁହେଁ । କିନ୍ତୁ ପରମ ଈଶ୍ୱର ବା ପରମେଶ୍ୱରୀଙ୍କ ସାକ୍ଷାତ୍‌କାର ଦ୍ୱାରା ବ୍ୟକ୍ତି ସ୍ଥିତପ୍ରଜ୍ଞତ୍ୱ ଲାଭ କରିବା ସହ ସକଳ ବନ୍ଧନରୁ ମୁକ୍ତ ହୁଏ, ଏହାହିଁ ଗୀତାର ବାଣୀ –

''ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ
ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ।''
(ଗୀତା ୭-୫୯)

ପରମମାୟାମୟୀ ପରମେଶ୍ୱରୀ ମା', ଯିଏ ସ୍ନେହବିହ୍ୱଳା, ଯିଏ ଜଗତକୁ, ଜୀବକୁ ମାୟା ବନ୍ଧନରେ ବାନ୍ଧିଛନ୍ତି, ତାଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପିତ ସାଧକ ପକ୍ଷରେ ଅସମ୍ଭବ କ'ଣ ? ସମର୍ପିତ ସାଧକ ନିକଟରେ ସେ ସ୍ୱୟଂ ଅବତରଣ କରି ତାକୁ ସର୍ବବନ୍ଧନମୁକ୍ତ କରି ପରମାନନ୍ଦମୟ ସତ୍ତାରେ ରୂପାନ୍ତରିତ କରିଦେବେ । ସେ ସେତେବେଳେ ସର୍ବଭାବେ ସକଳ ସତ୍ତାରେ ଅନୁଭବ କରିବ 'ସୋଽହଂ' ବା 'ସାହଂ' ବା 'ଅହଂ ବ୍ରହ୍ମାସ୍ମି' । ଏହା ଈଶ୍ୱରତ୍ୱ ପ୍ରାପ୍ତି ବା ଶିବତ୍ୱ ପ୍ରାପ୍ତି ବା ବ୍ରହ୍ମତ୍ୱ ପ୍ରାପ୍ତି ହେବ ଦେହ, ପ୍ରାଣ, ମନ, ବୁଦ୍ଧି ଆଦି ସର୍ବସତ୍ତାରେ, ସମସ୍ତ ପ୍ରକୃତିରେ । ଏହାହିଁ ସାଧର୍ମ୍ୟ ମୁକ୍ତି । ଶିବ-ଶକ୍ତିର ସାମରସ୍ୟ । ଏହାହିଁ ଆତ୍ମାର ମୁକ୍ତି । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୨)

### ପ୍ରବର୍ତ୍ତକ ସଂଘ :

ଶ୍ରୀଅରବିନ୍ଦ ୧୯୧୦ ଫେବ୍ରୁଆରୀରେ ଦିବ୍ୟ-ଆଦେଶ ପ୍ରାପ୍ତ ହୋଇ ଚନ୍ଦନନଗରରେ ମତିଲାଲ ରାୟଙ୍କ ଘରେ ଆଶ୍ରୟ ନେବା ମୁହୂର୍ତ୍ତରୁହିଁ ତାଙ୍କର ମତିଲାଲଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ନିର୍ଭରତା ଜନ୍ମିଥିଲା । ଭକ୍ତ ମତିଲାଲ ମଧ୍ୟ କୃତାଞ୍ଜଳିପୁଟରେ ନିଜକୁ ତାଙ୍କ ପାଦପଦ୍ମରେ ସମର୍ପି ଦେଇ ତାଙ୍କୁ ଅନ୍ତର ଦେବତା ରୂପେ ବରଣ କରି ନେଇଥିଲେ । ଶ୍ରୀଅରବିନ୍ଦ ପୁନର୍ବାର ଦିବ୍ୟ-ଆଦେଶ ପ୍ରାପ୍ତ ହୋଇ ପଣ୍ଡିଚେରୀରେ ଅବସ୍ଥାନ କରିବାର ପ୍ରାରମ୍ଭିକ କାଳରେ ମତିଲାଲ ତାଙ୍କ ସହିତ ଘନିଷ୍ଠଭାବେ ସମ୍ପର୍କ ରଖିଥିଲେ ଏବଂ ଆର୍ଥିକ ସାହାଯ୍ୟ କରୁଥିଲେ । କଲିକତା, ଉତ୍ତରପଡ଼ା, ଫଲ୍‌ତା ଏବଂ ପୂର୍ବ ବଙ୍ଗର ଯେଉଁ ବ୍ୟକ୍ତିମାନେ ରାଜନୈତିକ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ପ୍ରତି ଗଭୀର ସହାନୁଭୂତିଶୀଳ ଥିଲେ ଏବଂ ବିଶେଷ କରି ତାଙ୍କ ପ୍ରତି ଯେଉଁମାନଙ୍କର ଶ୍ରଦ୍ଧା-ଭକ୍ତି ଥିଲା, ସେମାନେ ମତିଲାଲଙ୍କ ମାଧ୍ୟମରେ ସହଜ ଭାବରେ ଫରାସୀ ଔପନିବେଶସ୍ଥ ପଣ୍ଡିଚେରୀକୁ ଆର୍ଥିକ ସାହାଯ୍ୟ ପଠାଉଥିଲେ ।

ଶ୍ରୀଅରବିନ୍ଦ ଯେତେବେଳେ ସିଦ୍ଧାନ୍ତ ନେଲେ ଯେ ତାଙ୍କ ଦିବ୍ୟକର୍ମର ଏକ ବାହ୍ୟରୂପ ଦେବେ ସେତେବେଳେ ସେ ତାଙ୍କର ବିଶେଷ ଶକ୍ତି ପ୍ରୟୋଗ ପୂର୍ବକ ମତିଲାଲଙ୍କୁ ଏକ ମାଧ୍ୟମ ରୂପେ ଗ୍ରହଣ କଲେ । ୧୯୧୪ରେ ଶ୍ରୀଅରବିନ୍ଦଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ଚନ୍ଦନନଗରର ସ୍ୱଳ୍ପସଂଖ୍ୟକ ଆଗ୍ରହୀ ବାସିନ୍ଦାମାନଙ୍କୁ ନେଇ ମତିଲାଲଙ୍କ ତତ୍ତ୍ୱାବଧାନରେ ଗଢ଼ିଉଠିଲା ଏକ ଆଧ୍ୟାତ୍ମିକ ଗୋଷ୍ଠୀ – 'ପ୍ରବର୍ତ୍ତକ ସଂଘ' । ଏହାର ସଂକ୍ଷିପ୍ତ ନୀତିବାକ୍ୟ ଥିଲା : 'ସଦ୍‌ଭାବ, ସଂସ୍କୃତି ଓ ସାମାଜିକ ସହୃଦୟତା (Commune, Culture and Commerce) ।' ୧୯୧୫ର ପହିଲା ସେପ୍‌ଟେମ୍ବରରେ ଏହି ସଂଘ ତରଫରୁ ଏକ ପାକ୍ଷିକ ବଙ୍ଗଳା ପତ୍ରିକା 'ପ୍ରବର୍ତ୍ତକ' ପ୍ରକାଶ ପାଇଲା ଏବଂ ୧୯୨୦ର ୧୫ ଅଗଷ୍ଟରେ ପ୍ରକାଶ ପାଇଲା 'ଦି ଷ୍ଟାଣ୍ଡାର୍ଡ୍ ବିୟାରର୍' ନାମକ ଏକ ସାପ୍ତାହିକ ଇଂରାଜୀ ପତ୍ରିକା । କେବେ କେବେ ଏହି ଦୁଇଟି ପତ୍ରିକାରେ ଶ୍ରୀଅରବିନ୍ଦଙ୍କର ଲେଖା ପ୍ରକାଶ ପାଉଥିଲା । ଏହି ସଂଘ ତରଫରୁ ମଧ୍ୟ ଶ୍ରୀଅରବିନ୍ଦଙ୍କର କେତେକ ବଙ୍ଗଳା ଓ ଇଂରାଜୀ ପୁସ୍ତକ ପ୍ରଥମେ ପ୍ରକାଶିତ ହୋଇଥିଲା ।

ମତିଲାଲ ଏବଂ ସଂଘର ସମସ୍ତ ସଭ୍ୟଙ୍କର ଏହି ଦୃଢ଼ ଧାରଣା ଥିଲା ଯେ ଯେତେବେଳେ ଶ୍ରୀଅରବିନ୍ଦ ବ୍ରିଟିଶ-ଭାରତକୁ ଫେରିଆସିବେ ଏବଂ ବହିର୍ଜଗତରେ ତାଙ୍କର ଦିବ୍ୟକର୍ମ ଆରମ୍ଭ କରିବେ ସେତେବେଳେ ଏହି 'ପ୍ରବର୍ତ୍ତକ ସଂଘ'ରୁହିଁ ଆରମ୍ଭ କରିବେ । ଅର୍ଥାତ୍, ଚନ୍ଦନନଗରର ଏହି କେନ୍ଦ୍ରଟି ହୋଇଉଠିବ ତାଙ୍କର ମୂଳ କର୍ମପୀଠ । ସେ ହେବେ ଜ୍ଞାନ-ସ୍ୱରୂପ ଏବଂ ମତିଲାଲ ହେବେ ତାଙ୍କ ଦିବ୍ୟକର୍ମର ବ୍ୟବହାରିକ ଦିଗ, ଅର୍ଥାତ୍ କର୍ମର ପ୍ରତିଭୂସ୍ୱରୂପ । ଯେତେଦିନ ପର୍ଯ୍ୟନ୍ତ ମତିଲାଲ ଶ୍ରୀଅରବିନ୍ଦଙ୍କ ସହିତ ସମ୍ପର୍କ ରଖିଥିଲେ ଏବଂ ତାଙ୍କର ଆଧ୍ୟାତ୍ମିକ ଶକ୍ତି ପ୍ରତି ଗ୍ରହଣଶୀଳ ଥିଲେ ସେତେଦିନ ପର୍ଯ୍ୟନ୍ତ ସଂଘର ଯାବତୀୟ କ୍ରିୟାକଳାପ ଯଥାର୍ଥ ମାର୍ଗରେ ବେଶ୍ ଅଗ୍ରଗତି କରି ଚାଲିଥିଲା । କିନ୍ତୁ ପରବର୍ତ୍ତୀ କାଳରେ ମତିଲାଲ ତାଙ୍କର ମାର୍ଗ ପରିବର୍ତ୍ତନ କରିଥିଲେ ।

୧୯୨୦ ଏପ୍ରିଲରେ ବାରୀନଙ୍କର ଏକ ପତ୍ରର ଉତ୍ତରରେ ('ପଣ୍ଡିଚେରୀ ପତ୍ର'ରେ) ଶ୍ରୀଅରବିନ୍ଦ ମତିଲାଲ ଏବଂ ତାଙ୍କ ସଂଘ ସମ୍ବନ୍ଧରେ ଲେଖିଥିଲେ : "... ମତିଲାଲ ଯାହା ମୋଠାରୁ ପାଇଛି, ତା' ହେଉଛି ମୋ ଯୋଗର ପ୍ରଥମ ପ୍ରତିଷ୍ଠା, ଭିତ୍ତି – ଆତ୍ମସମର୍ପଣ, ସମତା ଇତ୍ୟାଦି, ସେସବୁରହିଁ ସେ ଅନୁସରଣ କରିଆସୁଛି, ସମ୍ପୂର୍ଣ୍ଣ ହୋଇନି,– ଏହି ଯୋଗର ଗୋଟିଏ ବୈଶିଷ୍ଟ୍ୟ ଏହି ଯେ ସିଦ୍ଧି ଟିକିଏ ଉପରକୁ ନ ଉଠିଲେ ଭିତ୍ତି ମଧ୍ୟ ଦୃଢ଼ ହୁଏ ନାହିଁ । ଏବେ ମତିଲାଲ ଆହୁରି ଉଚ୍ଚକୁ ଉଠିବାକୁ ଚାହେଁ । ତା'ର ପୂର୍ବରୁ ଅନେକ ପୁରାତନ ସଂସ୍କାର ଥିଲା, କେତୋଟି ଯାଇଛି, କେତୋଟି ଏବେ ବି ଅଛି । ଆଗେ ତା'ର ଥିଲା ସନ୍ନ୍ୟାସର ସଂସ୍କାର, ଅରବିନ୍ଦ-ମଠ କରିବାକୁ ଚାହିଁଥିଲା । ବର୍ତ୍ତମାନ ତା'ର ବୁଦ୍ଧି ମାନୁଛି ଯେ ସନ୍ନ୍ୟାସ ଦରକାର ନାହିଁ, ପ୍ରାଣରେ କିନ୍ତୁ ସେଇ ପୁରାତନ ଛାପ ଏବେ ଏକେବାରେ

ପୋଛି ହୋଇଯାଇ ନାହିଁ । ସେଇଥିପାଇଁ ସେ ସଂସାରରେ ରହି ତ୍ୟାଗୀ ସନ୍ୟାସୀ ହେବା କଥା କହୁଛି । କାମନା-ତ୍ୟାଗର ଆବଶ୍ୟକତା ବୁଝିଛି, କିନ୍ତୁ କାମନାତ୍ୟାଗ ଓ ଆନନ୍ଦଭୋଗର ସାମଞ୍ଜସ୍ୟ ପୂର୍ଣ୍ଣ ଭାବରେ ଧରିପାରି ନାହିଁ । ଆଉ ସେ ମୋର ଯୋଗମାର୍ଗ ଗ୍ରହଣ କରିଥିଲା, ଯେପରି ବଙ୍ଗାଳୀମାନଙ୍କ ସାଧାରଣ ସ୍ୱଭାବ, ସେତେଟା ଜ୍ଞାନ ଦିଗରୁ ନୁହେଁ, ଯେତେ ଭକ୍ତି ଆଉ କର୍ମ ଦିଗରୁ । ଜ୍ଞାନ କେତେକ ପରିମାଣରେ ଖୋଲିଛି, ଅନେକ ବାକି ଅଛି, ଆଉ ଭାବୁକତାର କୁହୁଡ଼ି ଅନ୍ତର୍ହିତ ହୋଇ ନାହିଁ, ତେବେ ଯେପରି ନିବିଡ଼ ଥିଲା, ଆଉ ସେପରି ନାହିଁ । ସାତ୍ତ୍ୱିକତାର ଗଣ୍ଠି ପୂରାମାତ୍ରାରେ କାଟିପାରି ନାହିଁ, ଅହଂ ଏବେ ବି ଅଛି; ଗୋଟିଏ କଥାରେ ତା'ର ବିକାଶ ଚାଲିଛି, ପୂର୍ଣ୍ଣ ହୋଇ ନାହିଁ । ମୋର ବି କୌଣସି ଚଞ୍ଚଳ ହେବାର ନାହିଁ, ମୁଁ ତାକୁ ନିଜର ସ୍ୱଭାବ ଅନୁସାରେ ବିକାଶ କରିବାକୁ ଦେଉଛି । ଗୋଟିଏ ଛାଞ୍ଚରେ ସମସ୍ତଙ୍କୁ ଢାଳିବାକୁ ଚାହୁଁ ନାହିଁ, ଅସଲ ଜିନିଷଟି ସକଳଙ୍କ ମଧ୍ୟରେ ଏକ ହେବ, ତେବେ ନାନା ଭାବରେ, ନାନା ମୂର୍ତ୍ତିରେ ତାହା ଫୁଟିବ । ସମସ୍ତେ ଭିତରୁ ଅଗ୍ରଗତି କରିବେ । ବାହାରୁ ଗଢ଼ିବାକୁ ମୁଁ ଚାହେଁ ନାହିଁ । ମତିଲାଲ ମୂଳଟି ପାଇଛି, ଆଉ ସବୁ ଆସିବ ।

''...ପ୍ରଥମ କଥା, ତା'ର ଚାରିଦିଗରେ କେତେଜଣ ଜୁଟିଛନ୍ତି ଯେଉଁମାନେ ତାକୁ ଆଉ ମୋତେ ଜାଣନ୍ତି । ସେ ମୋ ପାଖରୁ ଯାହା ପାଇଛି, ସେମାନେ ବି ପାଇଛନ୍ତି । ତା'ପରେ ମୁଁ 'ପ୍ରବର୍ତ୍ତକ'ରେ 'ସମାଜ କଥା' ବୋଲି ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ଲେଖିଥିଲି, ସେଥିରେ ସଂଘର କଥା ଉଲ୍ଲେଖ କରିଥିଲି, ଭେଦପ୍ରତିଷ୍ଠ ସମାଜ ଚାହେଁ ନାହିଁ, ଆତ୍ମପ୍ରତିଷ୍ଠ ଆତ୍ମାର ଐକ୍ୟର ମୂର୍ତ୍ତ ସଂଘ ଚାହେଁ । ଏହି ଭାବକୁ ମତିଲାଲ ନେଇ ଦେବ ସଂଘ ନାମ ବାହାର କରିଛି । ମୁଁ ଲେଖିଥିଲି ଇଂରାଜୀରେ divine lifeର କଥା, ନଳିନୀ ତା'ର ଅନୁବାଦ ଦେବ ଜୀବନ କରିଛି, ଯେଉଁମାନେ ଦେବ ଜୀବନ ଚାହାନ୍ତି, ସେଇମାନଙ୍କରହିଁ ସଂଘ ଦେବ ସଂଘ । ମତିଲାଲ ସେଇ ଧରଣର ସଂଘର ବୀଜ ଚନ୍ଦନନଗରରେ ସ୍ଥାପନ କରିଛି, ଦେଶତମାମ ବିସ୍ତାର କରିବାର ଚେଷ୍ଟା ଆରମ୍ଭ କରିଛି । ଏହିପରି ଚେଷ୍ଟା ଉପରେ ଅହଂର ଛାୟା ଯଦି ପଡ଼େ, ତେବେ ସଂଘ ଦଳରେ ପରିଣତ ହେବ । ଏଇ ଧାରଣା ସହଜରେ ହୋଇପାରେ ଯେ ଯେଉଁ ସଂଘ ପରିଶେଷରେ ଦେଖାଦେବ, ଏହାହିଁ ତାହା, ସବୁ ହେବ ଏହି ଏକମାତ୍ର କେନ୍ଦ୍ରର ପରିଧି, ଯେଉଁମାନେ ଏହାର ବାହାରେ, ସେମାନେ ଭିତରର ଲୋକ ନୁହନ୍ତି, ହେଲେ ବି ସେମାନେ ଭ୍ରାନ୍ତ, କାରଣ ଆମମାନଙ୍କର ବର୍ତ୍ତମାନର ଯେଉଁ ଭାବ, ତାହା ସଙ୍ଗେ ସେମାନଙ୍କର ମେଳ ନାହିଁ । ମତିଲାଲର ଯଦି ଏହି ଭୁଲ୍ ରହିଥାଏ, କେତେକ ପରିମାଣରେ ରହିବାର କଥା, – ତେବେ ଅଛି କି ନାହିଁ ମୁଁ ଜାଣେନି – ସେଥିରେ ବିଶେଷ କ୍ଷତି ନାହିଁ, ସେ ଭୁଲ୍ ବେଶୀ ଦିନ ତିଷ୍ଠିବ ନାହିଁ । ତା' ଦ୍ୱାରା ଏବଂ ତା'ର କ୍ଷୁଦ୍ର ମଣ୍ଡଳୀ ଦ୍ୱାରା ଆମମାନଙ୍କର ଅନେକ କାମ ହୋଇଛି ଏବଂ ହେଉଛି ମଧ୍ୟ ଯାହାକି ଅନ୍ୟ କେହି ଏପର୍ଯ୍ୟନ୍ତ କରିପାରି ନାହାନ୍ତି । ତା' ମଧ୍ୟରେ ଭାଗବତୀ ଶକ୍ତି କାମ କରୁଛି, ଏଥିରେ କୌଣସି ସନ୍ଦେହ ନାହିଁ ।

''ତୁମେ ହୁଏତ କହିପାର ସଂଘର ଦରକାର କ'ଣ ? ମୁକ୍ତ ହୋଇ ସର୍ବଘଟରେ ରହିବା, ସବୁ ଏକାକାର ହୋଇଉଠିବ, ସେଇ ବୃହତ୍ ଏକାକାର ମଧ୍ୟରେ ଯାହା ହେବ । ତାହା ସତ୍ୟ କଥା, କିନ୍ତୁ ସତ୍ୟର ଗୋଟାଏ ଦିଗ ମାତ୍ର । ଆମମାନଙ୍କର କାରବାର ଖାଲି ନିରାକାର ଆତ୍ମାଙ୍କୁ ନେଇ ନୁହେଁ, ଜୀବନକୁ ମଧ୍ୟ ଚଳାଇବାକୁ ହେବ । ଆକାର ମୂର୍ତ୍ତି ବ୍ୟତୀତ ଜୀବନର କାର୍ଯ୍ୟକାରୀ ଗତି ନାହିଁ । ଅରୂପ ଯେ ମୂର୍ତ୍ତ ହୋଇଛନ୍ତି, ସେ ନାମ ରୂପ ଗ୍ରହଣ କରିଛନ୍ତି, ତାହା ମାୟାର ଖାମ୍‌ଖିଆଲି ନୁହେଁ । ରୂପର ନିତାନ୍ତ ପ୍ରୟୋଜନ ଅଛି ବୋଲି ସେ ରୂପଗ୍ରହଣ କରିଛନ୍ତି । ଆମେ ଜଗତର କୌଣସି କାର୍ଯ୍ୟ ବାଦ୍ ଦେବାକୁ ଚାହୁଁ ନାହିଁ, ରାଜନୀତି, ବାଣିଜ୍ୟ, ସମାଜ, କାବ୍ୟ, ଶିଳ୍ପକଳା, ସାହିତ୍ୟ ସବୁହିଁ ରହିବ; ଏସମସ୍ତକୁ ନୂତନ ପ୍ରାଣ, ନୂତନ ଆକାର ଦେବାକୁ ହେବ ।...

''ସମସ୍ତଙ୍କ ସଙ୍ଗରେ ମିଶିପାରେ, କିନ୍ତୁ ସମସ୍ତଙ୍କୁ ପ୍ରକୃତ ପଥରେ ଟାଣିବା ନିମିତ୍ତ, ଆମ ଆଦର୍ଶର ଭାବ ଓ ରୂପକୁ ଅକ୍ଷୁଣ୍ଣ ରଖି । ତାହା ନକଲେ ଦିଗ୍‌ଭ୍ରାନ୍ତ ହୋଇଯିବ, ପ୍ରକୃତ କର୍ମ ହେବ ନାହିଁ । ବ୍ୟକ୍ତିଗତଭାବେ ସବୁ ସ୍ଥାନରୁ କିଛି ହେବ ସତ୍ୟ, କିନ୍ତୁ ସଂଘରୂପେ ସବୁ କ୍ଷେତ୍ରରେ ତା'ର ଶହେ ଗୁଣ ହେବ । ତେବେ ଏବେ ବି ସେ ସମୟ ଆସି ନାହିଁ । ଶୀଘ୍ର ଶୀଘ୍ର ରୂପ ଦେବାକୁ ଗଲେ ଠିକ୍ ଯାହା ଚାହେଁ, ତା' ହେବ ନାହିଁ । ସଂଘ ହେବ ପ୍ରଥମ ପ୍ରଦତ୍ତ ରୂପ; ଯେଉଁମାନେ ଆଦର୍ଶ ପାଇଛନ୍ତି, ସେମାନେ ଐକ୍ୟବଦ୍ଧ ହୋଇ ନାନା ସ୍ଥାନରେ କାର୍ଯ୍ୟ କରିବେ, ପରେ ଅଧ୍ୟାତ୍ମ-ସଂଘତୁଲ୍ୟ ରୂପ ଦେଇ, ସଂଘବଦ୍ଧ ହୋଇ, ସବୁ କର୍ମକୁ ଆତ୍ମାନୁରୂପ, ଯୁଗାନୁରୂପ ଆକୃତି ଦେବେ, ପୁରାତନ ଆର୍ଯ୍ୟ-ସମାଜ ସଦୃଶ ଶକ୍ତ ଧରାବନ୍ଧା ରୂପ ନୁହେଁ,

ଅଚଳାୟତନ ନୁହେଁ, ସ୍ୱାଧୀନ ରୂପ, ସମୁଦ୍ର ତୁଲ୍ୟ ବିସ୍ତାରିତ ହୋଇପାରେ, ନାନା ଭଙ୍ଗୀରେ ନାନା ଲୟରେ ଏଇଟିକୁ ଘେରି, ଅନ୍ୟଟିକୁ ପ୍ଲାବିତ କରି ସବୁକୁ ଆତ୍ମସାତ୍ କରିବେ, ଏହିପରି କରୁ କରୁ ଦେବଜାତି ଗଢ଼ିଉଠିବ । ଏହାହିଁ ହେଲା ମୋର ବର୍ତ୍ତମାନର ଭାବ, ଏବେ ବି ପୂରା ବିକଶିତ ହୋଇ ନାହିଁ । ଆଲିପୁର ଜେଲରେ ଧ୍ୟାନରେ ଯାହା ଆସିଥିଲା, ତାହାହିଁ ବିକଶିତ ହେଉଛି, ଶେଷରେ କି ରୂପ ନେବ, ପରେ ଦେଖିବି । ଫଳାଫଳ ଭଗବାନଙ୍କ ହାତରେ, ସେ ଯାହା ନିର୍ଣ୍ଣୟ କରିବେ । ମତିଲାଲର କ୍ଷୁଦ୍ର ଲୋକ-ସଂହତି ଗୋଟିଏ ପରୀକ୍ଷା ମାତ୍ର, ସଂଘବଦ୍ଧ ହୋଇ ସେମାନେ ବାଣିଜ୍ୟ, ଶିଳ୍ପ, କୃଷି ଇତ୍ୟାଦି ସମ୍ପାଦନ କରିବାର ଉପାୟ ଦେଖୁଛନ୍ତି । ମୁଁ ଶକ୍ତି ଦେଉଛି, ସତର୍କ ଦୃଷ୍ଟି ରଖିଛି, ଭବିଷ୍ୟତର ମାଲମସଲା ଏବଂ ଆବଶ୍ୟକ ପ୍ରସ୍ତାବ ଏହା ଭିତରେ ରହିଥାଇ ପାରେ । ବର୍ତ୍ତମାନର ଦୋଷଗୁଣ ଓ ସୀମିତତା ଦେଖି ବିଚାର କର ନାହିଁ । ସେମାନଙ୍କର ଏବେ ନିତାନ୍ତହିଁ ପ୍ରାରମ୍ଭିକ ଓ ପରୀକ୍ଷାମୂଳକ ଅବସ୍ଥା ।...''

ମତିଲାଲଙ୍କ ଭିତରେ ଏକ ଯଥାର୍ଥ ପରିବର୍ତ୍ତନ ଘଟାଇବା ସକାଶେ ୧୯୨୧ରେ ଶ୍ରୀଅରବିନ୍ଦ ତାଙ୍କୁ ନିଜ ସାନ୍ନିଧ୍ୟକୁ ଡାକି ଆଣିଲେ । ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶମତେ ମତିଲାଲ କିନ୍ତୁ ସସ୍ତ୍ରୀକ ପଣ୍ଡିଚେରୀରେ ଆସି ପହଞ୍ଚିଲେ । ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟ ଥିଲା ଏହି ରହଣିକାଳ ଭିତରେ ମତିଲାଲ ଚନ୍ଦନନଗର ସଂଘ ସହିତ ଆଦୌ କୌଣସି ସମ୍ପର୍କ ନ ରଖି, ସମ୍ପୂର୍ଣ୍ଣ ଅନାସକ୍ତ ରହି ଏକାଗ୍ର ଚିତ୍ତରେ ସ୍ୱ-ସାଧନାରେ ତୀବ୍ର ଭାବରେ ନିମଗ୍ନ ରହିବେ । ମତିଲାଲଙ୍କର କିନ୍ତୁ ସଂଘ ପ୍ରତି ଖୁବ୍ ଆସକ୍ତି ଥିଲା; ପଣ୍ଡିଚେରୀରେ ଅବସ୍ଥାନ କାଳରେ ତାଙ୍କ ମୁଣ୍ଡରେ ଏହି ଧାରଣା ଅଧିକରୁ ଅଧିକ ଚାପ ଦେଲା ଯେ ତାଙ୍କ ବ୍ୟତୀତ ସଂଘଟି ଆଦୌ ତିଷ୍ଠିପାରିବ ନାହିଁ । ଏହା ସାଙ୍ଗକୁ ସଂଘରେ ଥିବା ତାଙ୍କ ଶିଷ୍ୟ ସ୍ୱରୂପ ଅରୁଣ ଚନ୍ଦ୍ର ଦତ୍ତଙ୍କଠାରୁ ବାରବାର ଚିଠି ଆସିଲା ଯେ ସେ ଯଥାଶୀଘ୍ର ସଂଘକୁ ଫେରିଆସନ୍ତୁ । ଶ୍ରୀଅରବିନ୍ଦ କିନ୍ତୁ ଏସବୁ ବ୍ୟାପାରରେ କୌଣସି ହସ୍ତକ୍ଷେପ କଲେ ନାହିଁ । ୧୫ ଅଗଷ୍ଟ ପାଖେଇ ଆସିଲା, ମତିଲାଲ ଖୁବ୍ ଦ୍ୱିଧାରେ ପଡ଼ିଲେ – ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଚନ୍ଦନନଗରରେ ପାଳନ କରିବେ ନା ଗୁରୁଙ୍କର ସାନ୍ନିଧ୍ୟରେ ରହିବେ । ଏବିଷୟରେ ସେ ଗୁରୁଙ୍କର ନିର୍ଦ୍ଦେଶ ଚାହିଁଲେ । ଗୁରୁଦେବ କହିଲେ, 'ଅନ୍ତର୍ମୁଖୀ ହୁଅ ଏବଂ ଆନ୍ତର ନିର୍ଦ୍ଦେଶ ପାଳନ କର ।' ଏହାର ଠିକ୍ ଦିନେ କି ଦୁଇ ଦିନ ପରେ ମତିଲାଲ ଏକ ସୂକ୍ଷ୍ମଦର୍ଶନରେ ଦେଖିଲେ ଯେ ନିଜର ଏକ କଳା ଆକୃତି ତାଙ୍କୁ ଆକ୍ରମଣ କରିବାରେ ଲାଗିଛି । ଶ୍ରୀଅରବିନ୍ଦଙ୍କୁ ଏହି ସୂକ୍ଷ୍ମଦର୍ଶନର ତାତ୍ପର୍ଯ୍ୟ ପଚାରିବାରୁ ସେ କହିଲେ ଯେ ଏହାର ତାତ୍ପର୍ଯ୍ୟ ତ ବେଶ୍ ସୁସ୍ପଷ୍ଟ ।

ଇତିମଧ୍ୟରେ ଅରୁଣ ଚନ୍ଦ୍ରଙ୍କର ଏକ ଟେଲିଗ୍ରାମ୍ ପହଞ୍ଚିଲା : 'ତୁରନ୍ତ ଆସନ୍ତୁ, ନଚେତ୍ ଚିରବିଚ୍ଛେଦ ।' ମତିଲାଲ ବିବ୍ରତ ହୋଇଉଠିଲେ । ପରିଶେଷରେ ଅଗଷ୍ଟ ୧୦ ତାରିଖ ରାତିରେ ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖି ନିଜ କୋଠରି ଭିତରେ ରଖିଦେଇ ମତିଲାଲ ସସ୍ତ୍ରୀକ ରାତ୍ରି ଟ୍ରେନରେ ଚନ୍ଦନନଗର ଯାତ୍ରା କଲେ । ତରବରରେ ତାଙ୍କର ଏହି ପ୍ରସ୍ଥାନ ବାସ୍ତବ ପକ୍ଷେ ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଏବଂ ପ୍ରବର୍ତ୍ତକ ସଂଘର ଥିବା ସମସ୍ତ ସମ୍ପର୍କ ଛିନ୍ନ ହେବାର ଏକ ସୁସ୍ପଷ୍ଟ ଲକ୍ଷଣ ଥିଲା ।

୧୯୨୬ରେ 'ସାନ୍ଧ୍ୟ ବୈଠକ'ରେ ଆଲୋଚନା ସମୟରେ ପ୍ରସଙ୍ଗକ୍ରମେ ଜନୈକ ସାଧକଙ୍କର 'ପ୍ରବର୍ତ୍ତକ ସଂଘ' ସମ୍ବନ୍ଧେ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ : ''ସେତେବେଳେ ମୋ ମନରେ କେତେକ ସାଙ୍ଗଠନିକ ନିର୍ମାଣ-କାର୍ଯ୍ୟର ଭାବଧାରା ଆସିଥିଲା, ଅବଶ୍ୟ ଏହାର ପଶ୍ଚାତ୍‌ରେ କିଛି ସତ୍ୟ ରହିଥିବାର ମୁଁ ଅବଗତ ଥିଲି । ତଥାପି ମୁଁ ଏକେବାରେ ନିଃସନ୍ଦେହ ନ ଥିଲି ଯେ ଏହା ସଫଳଭାବେ କାର୍ଯ୍ୟକାରୀ ହେବ । ଯାହାହେଉ, ମୁଁ ଏହାର ଏକ ପରୀକ୍ଷାମୂଳକ ପ୍ରୟୋଗ କରିବାକୁ ଚାହୁଁଥିଲି । ସେଇଥିପାଇଁ ଏହାର ଭାର ମୁଁ ମତିଲାଲକୁ ଦେଲି । ସେ ଏହାର ମୌଳିକ ଭାବଧାରାକୁ ଗ୍ରହଣ କଲା, ଏବଂ ଏକଥା ତୁମେମାନେ ଅବଶ୍ୟ ଜାଣ, ସେ ଏହାକୁ ତା'ର ସମସ୍ତ ପ୍ରାଣସତ୍ତା ସହିତ, ଏକ ଅହଂବ୍ୟକ୍ତିତ୍ୱ ନେଇ ଗ୍ରହଣ କଲା । ତେଣୁ ଅସଲ କର୍ମକ୍ଷେତ୍ରକୁ ପ୍ରାଣିକ ଶକ୍ତିରାଜିର ଅନୁପ୍ରବେଶ କରିବାର ସୁଯୋଗ ମିଳିଗଲା ଏବଂ ଯଥାର୍ଥ କର୍ମକୁ ଅଧିକାର କରି ନେବାରେ ସଚେଷ୍ଟ ହୋଇ ଉଠିଲା । ମୁଁ ତୁମମାନଙ୍କୁ ଆଗରୁ କହିଛି ଯେ କେବଳ ଏହି ଧରଣର କେତେକ ଅଭିଜ୍ଞତା ଲାଭକରିବା ପରେହିଁ ହଠାତ୍ କରି କର୍ମରେ ପ୍ରବୃତ୍ତ ହେବାର ଭାବନାକୁ ମୋତେ ତ୍ୟାଗ କରିବାକୁ ପଡ଼ିଥିଲା । ଭିତରୁ କିଛି ବାଦ୍ ଦେବା ବା କିଛିକୁ ଉପେକ୍ଷା କରିବା ଏହି ଯୋଗର ଏକ ଧାରା ନୁହେଁ । ଏହା ଅନୁଭୂତିଲବ୍ଧ ଉତ୍ତରୋତ୍ତର ଅଗ୍ରଗତିର ଧାରା ଏବଂ ପ୍ରତ୍ୟେକଙ୍କୁ ଅନୁଭୂତି ଲାଭ କରିହିଁ ଅଗ୍ରଗତି କରିବାକୁ ହେବ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ବୃତ୍ରାସୁର ବଧ
## ନଳିନୀକାନ୍ତ ଗୁପ୍ତ

ଆଜି ଗୋଟିଏ ଲଢ଼ାଇର ଗଳ୍ପ କହିବି ତୁମକୁ । କାହାଣୀଟି ଆଧୁନିକ ଧରଣର ନୁହେଁ – ଯେମିତି ଷଣ୍ଢ ବା ବୋଦା ଲଢ଼େଇ ହୁଏ, ସେ ପ୍ରକାର ନୁହେଁ କି ଏକ ଅନ୍ଧାରପୁଞ୍ଜ ସହିତ ଆଉ ଏକ ଅନ୍ଧାରପୁଞ୍ଜର ଲଢ଼ାଇ ବି ନୁହେଁ । ଇଂରାଜୀ କବି ମାଥ୍ୟୁ ଆର୍ଣ୍ଣୋଲଡ୍ ଏହିପ୍ରକାର ଲଢ଼ାଇର ଏକ ସୁନ୍ଦର ଚିତ୍ର ଆଙ୍କିଛନ୍ତି :

And we are here as on a darkling plain
Swept with confused alarms
of struggle and flight
Where ignorant armies clash by night.

ସାଧାରଣତଃ ମନୁଷ୍ୟମାନଙ୍କ ମଧ୍ୟରେ ଲଢ଼େଇ ହୁଏ, ତାହା ଏହି ଧରଣର ଅନ୍ଧାର ସହିତ ଅନ୍ଧାରର ଓ ଅଜ୍ଞାନର ସହିତ ଅଜ୍ଞାନର ଲଢ଼ାଇ । ମୁଁ ଯେଉଁ କାହାଣୀଟି କହିବାକୁ ଯାଉଛି ତାହା ହେଉଛି ଅନ୍ଧାର ସହିତ ଆଲୁଅର ଯୁଦ୍ଧକାହାଣୀ, ଅର୍ଥାତ୍ ଅସୁର ସହିତ ଦେବତାର ଯୁଦ୍ଧ – ପୁରାତନ କଥା, ତେବେ ନୂଆ ଅର୍ଥରେ, ନୂଆ ଢଙ୍ଗରେ, ଶୁଣ ତୁମେମାନେ ।

ଇନ୍ଦ୍ର, ଦେବରାଜ ଇନ୍ଦ୍ର – ସ୍ୱର୍ଗରେ ଆସୀନ । ସେ ହଠାତ୍ ଦିନେ ଦେଖିବାକୁ ପାଇଲେ ଆକାଶରୁ ଆଲୁଅ କୁଆଡ଼େ ଚାଲିଯାଇଛି, ଅନ୍ଧକାର ଘନାଇ ଆସିଲାଣି, ପୃଥିବୀର ଆମ ଗାଭୀଗୋଠ ଭିତରୁ, ଖୋଲା ପ୍ରାନ୍ତରରୁ ମନୁଷ୍ୟର ସମ୍ପତ୍ତି ସୁଶୋଭନ ଗାଭୀକୁଳ ଆଉ ଦେଖାଯାଉ ନାହାନ୍ତି । କ'ଣ ହେଲା, କୁଆଡ଼େ ଗଲେ ଏମାନେ ? କେମିତି ଓ କେଉଁଠୁ ଆସିଲା ଏ ଦୁର୍ଯୋଗ, ସୃଷ୍ଟି ଉପରେ ଅଭିଶାପ ବର୍ଷିଲା କିଏ ? ଇନ୍ଦ୍ର ତହୁଁ ତାଙ୍କର ବିଶ୍ୱସ୍ତ ସେବକ ଓ ଦୂତ ସାରମେୟୀକୁ ପଠାଇଲେ ଖୋଜିବାକୁ । ଏଇ ଦୂତକୁ ବୈଦିକ ଋଷିଗଣ ନାମ ଦେଇଛନ୍ତି ସରମା, ତା' କଥା ପଢ଼ିଲେ ଆଧୁନିକ ଯୁଗର ପୋଲିସ କୁକୁର କଥା ମନେପଡ଼େ ଆମର । ସାରମେୟୀ ଆଗେଇ ଚାଲିଲା ଅନ୍ଧାର ପାରିହୋଇ । ତା'ର ରହିଛି ସୂକ୍ଷ୍ମଦୃଷ୍ଟି, ଦିବ୍ୟବୋଧ । ଚାଲି ଚାଲି ସେ ଯାଇ ପହଞ୍ଚିଲା ଗୋଟିଏ ଦୁର୍ଦ୍ଧର୍ଷ ବିକଟକାୟ ନଙ୍ଗ ପର୍ବତର ସନ୍ଧିରେ – କଳା ମଚ୍‌ମଚ୍ ପାହାଡ଼, ଟାଙ୍ଗରା ପ୍ରସ୍ତର ସ୍ତୁପ, ଗଛ ନାହିଁ କି ସବୁଜିମା ନାହିଁ, ଲତାଗହଳି କି ଘାସବୁଦା ବି କେଉଁଠି ଟିକିଏ ନାହିଁ, ସେଇ ନଙ୍ଗ ପାହାଡ଼ର ଗୋଟାଏ ଜାଗାରେ ତାକୁ ଲାଗିଲା ଯେ ଗୁମ୍ଫାଟିଏ ରହିଛି । ସତକୁ ସତ ଗୁମ୍ଫା ଓ ସେଇ ଗୁମ୍ଫାର ଦୁଆରକୁ ଆଗୋଳି ରହିଛନ୍ତି କେତେଗୁଡ଼ିଏ ଛାୟାମୂର୍ତ୍ତି । ସାରମେୟୀ ସେଇଠି ବାହାରେ ଠିଆହୋଇ ତା'ର ତୀବ୍ର ଓ ତୀକ୍ଷ୍ଣଦୃଷ୍ଟି ଗୁହା ଭିତରକୁ ତୀରପରି ଲମ୍ବାଇ ଦେଲା । ସେଇ ଛାୟାମୂର୍ତ୍ତିମାନେ ପହରାବାଲାଙ୍କ ପରି ପାଟିକରି ଉଠିଲେ, ହାଙ୍କିଦେଲେ – କିଏ ସେ, କିଏ ପଶିଲା ଭିତରେ ?

– ଇନ୍ଦ୍ରଦୂତୀ ସରମା ।

– ଏଠାକୁ କାହିଁକି ଆସିଛ ?

– ତୁମେ ତସ୍କର, ପୃଥିବୀର ଗୋଠରୁ, ଘାସ ପ୍ରାନ୍ତରରୁ ଇନ୍ଦ୍ରଙ୍କର ଗୋଧନ ଚୋରି କରି ଆଣିଛ, ସୂର୍ଯ୍ୟଙ୍କୁ ଆକାଶରୁ ଟାଣି ଘୋଷାରି ନେଇଆସିଛ । ଯଦି ଭଲ ଦଶା ଅଛି, ତାହାହେଲେ ଫେରାଇଦିଅ ।

– କିଏ ଇନ୍ଦ୍ର, ଆମେ ତାକୁ ଚିହ୍ନୁନା । ତା'ର ଯଦି ମନ ହେଉଛି, କୁହ ତାକୁ ନିଜେ ଆସି ଚେଷ୍ଟା କରୁ । ଆମର ଖୁସି ହେଲେ ଆମେ ତାକୁ ବି ଏଇଠି ବନ୍ଦୀ କରି ରଖିଦେଇପାରୁ, ଆମର ସବୁ ସମ୍ପଦକୁ ଦେଖାଶୁଣା କରିବ ।

ଏହିପରି ଉଭୟ ପକ୍ଷର କିଛିସମୟ ଯାଏଁ କଥା କଟାକଟି ଯୁକ୍ତିତର୍କ ଚାଲିଲା । ସରମା ଇନ୍ଦ୍ରଙ୍କ ପାଖକୁ ଫେରି ଯାଇ ସବୁକଥା କହିଲା, ଯାହା ଯାହା ଖୋଜଖବର କରିଥିଲା, ଯାହା ଯାହା ସନ୍ଧାନ ପାଇଛି, ଆଉ ବିଶେଷ କରି ଏଇ ଦସ୍ୟୁମାନଙ୍କ କଥା । ସବୁକଥା ଶୁଣି ଇନ୍ଦ୍ର ବାହାରି ପଡ଼ିଲେ ସାଙ୍ଗେ ସାଙ୍ଗେ, ହାତରେ ବଜ୍ର ସାଙ୍ଗରେ ଅଗ୍ନିଶିଖା ନେଇ ସେଇ ଅନ୍ଧକାର ରାଜ୍ୟଆଡ଼େ । ଦସ୍ୟୁମାନଙ୍କ ସହ ହେଲା ବିରାଟ ଯୁଦ୍ଧ, ବିପୁଳ ଘନଘନ ବଜ୍ରାଘାତରେ ବିଦୀର୍ଣ୍ଣ ହେଲା ପର୍ବତ । ପାହାଡ଼ର ବକ୍ଷ ଚିରି ହୋଇଗଲା, ଅନ୍ଧକାର ସବୁ ଅଗ୍ନିଶିଖାରେ ଭସ୍ମୀଭୂତ ହେଲା । ତା'ପରେ ଲୁଚା ହୋଇଥିବା ଗୋଧନ ବାହାରି ଆସିଲେ, ଅସ୍ତମିତ ହୋଇଥିବା ସୂର୍ଯ୍ୟ ପୁଣି ଉଦିତ ହେଲେ । ଇନ୍ଦ୍ରଙ୍କର ସହାୟତାରେ ଏହିପରିଭାବେ ଆଲୋକ ଓ ଆଲୋକର ବାହିନୀ ଉଦ୍ଧାର ପାଇଲେ । ସୃଷ୍ଟି ପୁଣି ଉଜ୍ଜ୍ୱଳ ହାସ୍ୟମୁଖର ହୋଇଗଲା ଓ ପୂର୍ଣ୍ଣ ପ୍ରକଟିତ, ପ୍ରସ୍ଫୁଟିତ ହେବାକୁ ଲାଗିଲା ।

ମୁଁ ଯେଉଁ ଘଟଣାର କଥା କହୁଛି ତାହା ହେଉଛି ଆଲୋକ ଓ ଅନ୍ଧକାରର ମହାସମର – ମଣିଷର ଆଧାର ଭିତରେ, ପାର୍ଥିବ ଚେତନା ଉପରେ । ଯୁଦ୍ଧଟି ହେଉଛି ଅଜ୍ଞାନ-ଅନ୍ଧକାର ଓ ଜ୍ଞାନ-ଜ୍ୟୋତିଃ ଭିତରେ । ଇନ୍ଦ୍ର ହେଉଛନ୍ତି ଇନ୍ଦ୍ରିୟମାନଙ୍କର ଅଧିପତି – ଯେଉଁ ଦିବ୍ୟ-ମନୋମୟ ପୁରୁଷ ପାର୍ଥିବ ଚେତନାକୁ ବ୍ୟକ୍ତ କରନ୍ତି, ରୂପ ଦିଅନ୍ତି, ସୁସଜ୍ଜିତ କରନ୍ତି ସେଇ ହେଉଛନ୍ତି ଇନ୍ଦ୍ର । ସରମା ବା ସାରମେୟୀ ହେଉଛନ୍ତି ଇନ୍ଦ୍ରଙ୍କର ଦିବ୍ୟ-ମାନସର ତୀକ୍ଷ୍ଣ ସାକ୍ଷାତ୍ ଅନ୍ତର୍ଦୃଷ୍ଟି ଏବଂ ବଜ୍ର ହେଉଛି ଇନ୍ଦ୍ରଙ୍କର ତପୋଘନ ଇଚ୍ଛାଶକ୍ତି । ଯେଉଁ ଅଗ୍ନିଶିଖା ତିନୋଟି ତାଙ୍କର ସହକର୍ମୀ ଓ ସହାୟ, ଯେଉଁମାନଙ୍କର ବୈଦିକ ନାମ ହେଉଛି ଆଙ୍ଗିରସ ଋଷି; ସେମାନେ କିଏ ଜାଣ ? ସେମାନେ ଦିବ୍ୟଜ୍ୟୋତିଃର, ଓଜଃଶକ୍ତିର, ଅଗ୍ନିଦେବତାଙ୍କର ମାନବୀୟ ଦେହରେ, ପ୍ରାଣରେ ଓ ମନରେ ପ୍ରକାଶ । ଏଇ ଆଲୋକ ଅନ୍ଧକାରର ଦ୍ୱନ୍ଦ୍ୱ ଚିରକାଳ ଚାଲିଆସୁଛି । ଯେଉଁଦିନଠାରୁ ଅଚେତନ, ନିର୍ଜ୍ଞାନ ମାଟିର ସୃଷ୍ଟି ହୋଇଛି, – ବୈଦିକ ଋଷି ଯାହାକୁ କେବଳ ମୁଣ୍ଡା ପାହାଡ଼ ସ୍ତୂପବୋଲି ବ୍ୟକ୍ତ କରିଛନ୍ତି, ସେଇଦିନଠାରୁ ଯାବତୀୟ ବ୍ୟଷ୍ଟିର ଭିତର ଦେଇ, ମାନୁଷୀ ବ୍ୟକ୍ତିର ଭିତର ଦେଇ ଏଇ ନିର୍ଜ୍ଞାନ ଭେଦକରି କ୍ରମେ ଫୁଟି ଉଠିଛି ଜ୍ୟୋତିଃର, ଦିବ୍ୟ ଆଲୋକର ଉନ୍ନତତର ରୂପଶ୍ରେଣୀ; ସମଷ୍ଟିର ଭିତର ଦେଇ ବିବର୍ତ୍ତନଧାରା ଚାଲିଛି – ଜଡ଼ ଆକାରରେ, ଉଦ୍ଭିଦ ଓ ପଶୁ ଆକାରରେ, ତା'ପରେ ସ୍ତର ସ୍ତର କରି ମଣିଷକୁ ପ୍ରକାଶ କରି, ପରିଶେଷରେ ପହଞ୍ଚିବ ଏକ ଜାଗାରେ ଯେଉଁଠି ଅପାର୍ଥିବ ଅତିମାନୁଷିକ ଦେବତାକୁ ପ୍ରକଟିତ କରି ଧରିବ ପ୍ରକୃତି ମାତା ।

ପୁରାଣରେ ଏଇ ଘଟଣାଟି ଦେବାସୁର ଯୁଦ୍ଧରୂପେ କାହାଣୀର ଭିତର ଦେଇ ଗଳ୍ପ ଆକାରରେ ରୂପ ନେଇଛି, କିଛି ପରିମାଣରେ କପୋଳକଳ୍ପିତ ଓ ବିକୃତ ବି କରାହୋଇଛି । ପୌରାଣିକ କାହାଣୀର ବେଶୀଭାଗ ମଣିଷର କଳ୍ପନାମିଶ୍ରିତ । ସେଥିରେ ଦେବତା ଓ ଅସୁରଙ୍କର ଯେଉଁ ଚିତ୍ର ଦିଆଯାଇଛି, ଏକାନ୍ତ ମାନୁଷୀ ଲଢ଼ାଇ ବ୍ୟତୀତ ତାହା ଅନ୍ୟ କିଛି ନୁହେଁ ବୋଲି ମନେ ହୁଏ । ତେଣୁ ଏହି ଅଭିଯୋଗ ବି ଉଠିଛି, ବିଶେଷ କରି ଆଧୁନିକ ଯୁଗରେ ଯେ ପୌରାଣିକ ଦେବତାମାନଙ୍କର ଯେଉଁ ଚିତ୍ର ଆମେ ପଢ଼ୁଛେ ବା ଜାଣୁଛେ, ତାହା ତ ଅସୁରମାନଙ୍କଠୁ ବି ଅଧମ – ସେମାନଙ୍କୁ ଅସୁରମାନଙ୍କଠାରୁ ନିକୃଷ୍ଟବୋଧ ହେଉଛି, ସବୁପ୍ରକାର ଦୁର୍ବଳତା, ଆବିଳତା ଦେଇ ତାଙ୍କୁ ଗଢ଼ାହୋଇଛି । ବରଂ ଅସୁରମାନେ ବେଶୀ ଯୋଗ୍ୟ, ସମର୍ଥ ଓ ମହୀୟାନ୍ ମନେ ହେଉଛନ୍ତି । ଅସୁରମାନେ ବି ଯୋଗ-ସାଧନା କରୁଥିଲେ,ସେମାନେ ବି ଥିଲେ ତପସ୍ୱୀ – ଶିବଭକ୍ତମାନଙ୍କ ମଧ୍ୟରେ ରାବଣ ଜଣେ ପ୍ରମୁଖ ଭକ୍ତ । ଇଦାନୀନ୍ତନ କାଳରେ ହିଟଲରଙ୍କୁ ମଧ୍ୟ ଅନେକେ ତପସ୍ୱୀ ବୋଲି ସମ୍ଭ୍ରମ କରୁଥିଲେ । ଆଧୁନିକ ଯୁଗରେ ସେହି କାରଣରୁ ଏକ ପ୍ରକାର ବ୍ୟତିରେକୀ ବୁଦ୍ଧି ବା ବିପରୀତ-ବୁଦ୍ଧି ଜାଗିଛି, ସେଇ ଧାରାରେ ଚାଲି ଆମ ମଧୁସୂଦନଙ୍କ (ମାଇକେଲ୍ ମଧୁସୂଦନ ଦତ୍ତଙ୍କ) ହାତରେ ରାମ ଅପେକ୍ଷା ରାବଣ ମହୀୟାନ୍ ଓ ଶ୍ରୀମାନ୍ ହୋଇଉଠିଛନ୍ତି । ଅସୁର ଶବ୍ଦଟିର ଅର୍ଥ ହେଉଛି – ସମର୍ଥ ଶକ୍ତିମାନ୍ । ବୈଦିକ ଋଷି ସେଥିପାଇଁ କହୁଛନ୍ତି ଦେବତାମାନେ ଅସୁର, ଅର୍ଥାତ୍ ଅସୁ-ସମ୍ପନ୍ନ – ଶକ୍ତିସମ୍ପନ୍ନ । ପାର୍ସିମାନଙ୍କ ଭାଷାରେ 'ଆହୁର' ଅର୍ଥ ଦେବତା ।

କଥାହେଲା ପୌରାଣିକ ଦେବତାମାନେ ଅସଲରେ ମଣିଷର ପ୍ରତୀକ, ସେଇସବୁ ଦେବତାକୁ ମଣିଷ ତା'ର ନିଜର ସ୍ୱପ୍ନ ଦେଇ ଗଢ଼ିଛି, ତାହାର ଆପଣା ଆକାଙ୍କ୍ଷା, ଦ୍ୱିଧା, ଦୁର୍ବଳତା ଦେଇ ଗଢ଼ିଛି । ମାତ୍ର ସବୁ ଅକ୍ଷମତା ଥାଇ ମଧ୍ୟ ଯାବତୀୟ ପରାଜୟ ଓ ବିଫଳତାକୁ ଡେଇଁ କରି ତମସାର ସେପାରିରେ ଏକ ସତ୍ୟବସ୍ତୁକୁ ସେ ଖୋଜେ ଏବଂ ଶେଷରେ ପରିଣାମରେ ତାହା ସେ ଲାଭ କରେ, ପୁନଶ୍ଚ ପରିଣାମରେ ଅସୁରଙ୍କ ପରାଜୟ ଓ ଦେବତାଙ୍କର ବିଜୟ । କାରଣ ମଣିଷର, ମାନୁଷୀ ଦେବତାମାନଙ୍କର ଏପରି ଗୋଟିଏ ଜିନିଷ ଅଛି, ଯାହା ଅସୁରମାନଙ୍କର ନାହିଁ, ସେଇଟି ହେଉଛି ଅନ୍ତରାତ୍ମା, ଅନ୍ତର୍ଯାମୀ ଭଗବାନ୍ । ଏହାର ଅର୍ଥ ହେଉଛି ସେମାନେ ଭଗବାନଙ୍କ ପକ୍ଷରେ, ଅସୁରମାନେ ଭଗବାନଙ୍କ ବିପକ୍ଷରେ । ଶତ ଦୋଷତ୍ରୁଟି ଥାଉ ପଛେ, ଯେତେ ଆପାତ-ବୈପରୀତ୍ୟ ଦେଖାଯାଉ ପଛେ, ସେଥିରେ କିଛି ଯାଏ ଆସେ ନାହିଁ, ସବୁ କ୍ଷୟକ୍ଷତି ଅବଶେଷରେ ପୂରଣ ହୋଇଯିବ ପୂର୍ଣ୍ଣଭାବରେ ।

ବୈଦିକ ଋଷିଗଣ ଦେବଶତ୍ରୁମାନଙ୍କୁ ବିଭିନ୍ନ ନାମ ଦେଇଛନ୍ତି ଏବଂ ବିଶେଷ ଗୁଣ ଓ କର୍ମ ଅନୁସାରେ ପ୍ରତ୍ୟେକ ଶତ୍ରୁର ନାମ ବି ହୋଇଛି ସେହିପରି । ସେମାନଙ୍କର ସାଧାରଣ ନାମ ଦସ୍ୟୁ ଅର୍ଥାତ୍ ଯେଉଁମାନେ ଲୁଟ୍ କରନ୍ତି, ଚୋରି କରନ୍ତି – ଅପହର୍ତ୍ତା । କଥାଟିର ମୂଳ ଅର୍ଥ ମାନେ ଧାତୁଗତ ଅର୍ଥରେ ଦେଖିଲେ ଦସ୍ୟୁ କହିଲେ ବୁଝାଇବ ସେଇମାନଙ୍କୁ, ଯାହାର ଭେଦଜ୍ଞାନ ଅଛି,

ଯେ ଭେଦସୃଷ୍ଟି କରେ, ଏକତ୍ୱର ଦୃଷ୍ଟି ଯାହାର ନାହିଁ । ଦସ୍ୟୁ ଯାହା, ଦାନବ ବା ଦିତି ତାହାହିଁ । ତା'ପରେ ବୃତ୍ର ଇନ୍ଦ୍ରଙ୍କର ପ୍ରଧାନ ଶତ୍ରୁ, ପାଶ୍ଚାତ୍ୟ ଲୋକେ କହନ୍ତି ଇନ୍ଦ୍ର ହେଉଛନ୍ତି ଆକାଶର ଦେବତା, ଆଲୋକର ଦେବତା, ଆଉ ବୃତ୍ର ହେଉଛି ମେଘ । ଆବୃତ କରି ରଖିବା, ଢାଙ୍କି ରଖିବା ଯାହାର କାମ ଆଲୁଅକୁ ଆଢୁଆଳ କରି ରଖନ୍ତି ଯେଉଁ ଶକ୍ତିଗଣ ସେମାନେ ବୃତ୍ରବାହିନୀ – ସେ ଆଲୋକ ବାହାରର ହେଉ ଅବା ଅନ୍ତରର ହେଉ । ତା'ପରେ ପଣିମାନେ ଚତୁର ବ୍ୟବସାୟୀ– ଚୋରି ହୋଇଥିବା ଧନକୁ କାରବାରରେ ଲଗାନ୍ତି ସେମାନେ; ପଣ୍ଡିତମାନେ ପଣି ସାଙ୍ଗରେ Phonecia ର ସାଦୃଶ୍ୟ ଅଛି ବୋଲି କହନ୍ତି । ଇତିହାସ-ବିଦ୍‌ଗଣ ବିଗତ ପ୍ରାଚୀନ ଯୁଗରେ ଫିନିସୀୟବାସୀମାନେ ଚୋରା ବ୍ୟବସାୟରେ ଧୁରନ୍ଧର ଥିଲେ ବୋଲି କହନ୍ତି, ସେଥିମଧ୍ୟରୁ ଏପରି କେତେକ ବି ଥିଲେ ଯାହାଙ୍କୁ ଶୁଷ୍ଣ କୁହାଯାଉଥିଲା – ଯେଉଁମାନେ ଅପରକୁ ଶୁଷ୍କ କରିଦିଅନ୍ତି, ଜୀବନ-ଜଳକୁ ଶୋଷି ପକାନ୍ତି, ହୃଦୟର ସରସତା ଶୁଖାଇ ଦିଅନ୍ତି, ଅନ୍ତରଟିକୁ ଶୁଷ୍କ ମରୁଭୂମି କରିଦିଅନ୍ତି । ଆହୁରି କେତେକ ଦେବଦ୍ୱେଷୀ ଅଛନ୍ତି, ଯାହାଙ୍କର ସାଧାରଣ ନାମ ବଳ ଅର୍ଥାତ୍ ଶାରୀରିକ ବଳ, ନିରାଟ ସ୍ଥୂଳ ବଳ – ବଲମ୍, ବଲମ୍, ବାହୁବଲମ୍– ଜଡ଼ ଚେତନାର, ନିଶ୍ଚେତନାର ପ୍ରାକୃତ-ଶକ୍ତି । ଦେବବୈରୀର ଆଉ ଏକ ଦଳଙ୍କ ନାମରୂପ ହେଉଛି ଅହି, ସତେ ଯେମିତି ଅଜଗର ତା'ର କାଳକୁଣ୍ଡଳୀ ମଧ୍ୟରେ ଜଡ଼ାଇ ଜଡ଼ାଇ ଶକ୍ତ କରି ଟାଣି ଧରି ରଖିଥାଏ, ପେଷିଚିପି ଧରେ, ଠିକ୍ ସେମିତି ଅହିଶକ୍ତି ସାଧକ ମଧ୍ୟରେ ଥିବା ଜ୍ୟୋତିଃକୁ ସତ୍ୟକୁ ଗୋପ୍ୟଥିକୁ ଜାବୁଡ଼ି, ପେଷି ନଷ୍ଟ କରିଦିଏ ।

କୌତୂହଳର କଥା ହେଉଛି ଅସୁରମାନଙ୍କ ନାମରୂପ ସାଙ୍ଗେ ଖାପଖୁଆଇ ଦେବତାମାନଙ୍କର ନାମରୂପ ବି ଋଷିମାନେ ଦେଇଛନ୍ତି – ସେମାନଙ୍କ ଆପଣା ଆପଣାର ଧର୍ମ ଓ କର୍ମ ଅନୁସାରେ, ଶତ୍ରୁମାନଙ୍କୁ ସମ୍ମୁଖୀନ ହେବା ଭଳି ସଂପୂର୍ଣ୍ଣ ବିପରୀତ ନାମକରଣ କରାହୋଇଛି । ବୃତ୍ର ଯଦି ହୁଏ ଆବରକ, ବରୁଣଦେବ ହେଉଛନ୍ତି ପ୍ରକାଶକ; ଦାନୁ-ଦୈତ୍ୟ ଯଦି ବିଭାଜକ, ମିତ୍ର ହେଉଛନ୍ତି ସଂଯୋଜକ; ଶୁଷ୍ଣ ଯେହେତୁ ଶୋଷକ ଦୈତ୍ୟର ନାମ, ତାହାର ବିପରୀତ ଗୁଣାନ୍ୱିତ ଦେବତାଙ୍କ ନାମ ସୋମଦେବ ଓ ପର୍ଜନ୍ୟ, ଯାହାର କାମ ବର୍ଷଣ; ପଣିମାନେ କୃପଣ, ସ୍ୱାର୍ଥପର ଓ ମହଜୁଦ୍‌କାରୀ (hoarder) ବିଷ୍ଣୁ ହେଉଛନ୍ତି ଉଦାର ପ୍ରଦାତା; ଅହି ଯଦି କୁଟିଳ, କୃଷ୍ଣ ନିମ୍ନଚାରୀ ନିଶାଚର ହୁଏ ଅଗ୍ନି ତା'ର ବିପରୀତ – ଉଜ୍ଜ୍ୱଳ, ଊର୍ଦ୍ଧ୍ୱଶିଖ ଓ ଋଜୁଗାମୀ ।

ଗୋଟିଏ ଜିନିଷ ଲକ୍ଷ୍ୟ କଲେ ଭଲ ହେବ ଯେ ଏଇ ଯେଉଁ ଦେବଦ୍ରୋହୀଙ୍କ ପ୍ରସଙ୍ଗରେ ଚର୍ଚ୍ଚା ହେଉଛି, ସେମାନେ ଅଜ୍ଞାନର ଶକ୍ତି, ଅନ୍ଧକାରର ବଳ ହେଲେ କ'ଣ ହେବ, ନିଜେ ସେମାନେ ଅଜ୍ଞାନ ବା ଅଚେତନ ନୁହନ୍ତି । ଅଜ୍ଞାନ ବା ଅଚେତନା ସେମାନଙ୍କର ଗୋଟିଏ ମାୟାଶକ୍ତି; ଜ୍ଞାନ, ଚେତନା, ଆଲୋକକୁ ସେମାନେ ଘୋଡ଼ାଇ ରଖନ୍ତି, ଲୁଚାଇ ରଖନ୍ତି ନିଜର ଗୋପନ ଭଣ୍ଡାରରେ (ଅହଂ ସତ୍ତାର ଆଢୁଆଳରେ)– ସେଗୁଡ଼ିକର ଅପବ୍ୟବହାର କରିବା ସକାଶେ, ମଣିଷକୁ ପ୍ରଲୁବ୍ଧ କରିବା ପାଇଁ, ପୃଥିବୀ ଉପରେ ପ୍ରଭୁତ୍ୱ କରିବା ପାଇଁ । ବୈଦିକ ଋଷି କହୁଛନ୍ତି ବାରଂବାର ବଜ୍ରାଘାତରେ ଇନ୍ଦ୍ର ବିଦୀର୍ଣ୍ଣ କଲେ ଅଦ୍ରିକୁ ଓ ଆଲୋକର ରାଶି ବିଦୀର୍ଣ୍ଣ ହୋଇ ଆସିଲା; ଅଦ୍ରି ସ୍ଥୂଳ ଜଡ଼ର ପ୍ରତୀକ, ପୃଥିବୀର ମାନବାଧାରରେ ଏକାନ୍ତ ବାହ୍ୟ ଜଡ଼ପ୍ରକୃତି । ସ୍ଥୂଳ ଭୂତ ଜଡ଼ବସ୍ତୁକୁ କୁହାଯାଏ ଅଚେତନ, ସଂଜ୍ଞାବିହୀନ; ବାସ୍ତବରେ କିନ୍ତୁ ଜଡ଼ବସ୍ତୁ ଆଲୋକବର୍ଜିତ ନୁହେଁ । ସେ କେବଳ ଆଲୋକକୁ ଲୁଚାଇ ରଖେ, ନିଜ ଭିତରେ ତାକୁ ପ୍ରକାଶିତ ହେବାକୁ ଦିଏ ନାହିଁ । ଚେତନା ତା'ର ଅଛି, ଅଥଚ ତାହା ଅତି ସଂଗୁପ୍ତ ଅବସ୍ଥାରେ ଗଭୀରର ଗଭୀର ଦେଶରେ । ତେଣୁ ଉପର ଖୋଳପାଟି ଦୀର୍ଣ୍ଣ ହୋଇଗଲେ ଆପଣାଛାଏଁ ଚେତନା ପ୍ରକାଶିତ ହୁଏ, ବାହାରି ଆସେ । ପ୍ରାଚୀନତର ସିଦ୍ଧାନ୍ତରେ ପ୍ରକୃତିକୁ କୁହାଯାଇଛି ଅଚିତ୍, ପୁରୁଷହିଁ ହେଉଛନ୍ତି ଏକମାତ୍ର ଚିନ୍ମୟ । ଆଧୁନିକ ବିଜ୍ଞାନ ମଧ୍ୟ ତାହାହିଁ କହୁଛି, କହୁଥିଲା ଏଇ କେତେଦିନ ଆଗରୁ; ବର୍ତ୍ତମାନ ସେ କହିବାକୁ ଆରମ୍ଭ କରିଛି ଯେ ଜଡ଼ ଏକାନ୍ତ ଜଡ଼ ନୁହେଁ, ତାହା ଘନୀଭୂତ ବଳ, ବୀର୍ଯ୍ୟ ବା ତେଜ । ତାକୁ ଯଦି ଭାଙ୍ଗି ଦିଆଯିବ (fission) ତାହାହେଲେ ତା' ଭିତରୁ ବାହାରି ଆସିବ ହିରୋସୀମା ପରି ବୋମା । ଆଉ ଏକ ପାଦ ଆଗେଇ ଗଲେ, ଦେଖାଯିବ ତେଜର ପଛରେ ରହିଛି ଚେତନା, ବିଦ୍ୟୁତ୍ ତରଙ୍ଗର ପଛଆଡ଼େ ରହିଛି ଚିନ୍ମୟ ତରଙ୍ଗ । ଯୋଗୀର ପ୍ରୟାସ ହେଉଛି ଏବଂ ଦେବଶକ୍ତିର ଲକ୍ଷ୍ୟହେଉଛି ଏକାନ୍ତ ସ୍ଥୂଳ ଭୂତକଣାକୁ ଚିନ୍ମୟ ସ୍ଫୁଲିଙ୍ଗରେ ପରିଣତ କରିବା ।

ଆଲୋକ ଅନ୍ଧକାର ମଧ୍ୟରେ ବିଶ୍ୱଗତ ଯେଉଁ ଲଢ଼ାଇ, ଦେବତା ଅସୁରଙ୍କ ଭିତରେ ଯେଉଁ ଚିରନ୍ତନ ନିରବଚ୍ଛିନ୍ନ ଯୁଦ୍ଧ,

*(ଅବଶିଷ୍ଟାଂଶ ପୃଷ୍ଠା ୨୩ରେ ଦେଖନ୍ତୁ)*

# ଉଜ୍ଜ୍ୱଳ ଅତୀତ

## (୨୨)

## ପ୍ରମୀଳା ଦେବୀ

୧୯୭୨ ମସିହା ୧୬ ତାରିଖ ଡିସେମ୍ବର ପାଖରୁ ଝୁନ୍‌ଝୁନ୍ ବୋଡ଼ିଂ ଆଉ ଝିଅପୁଅଙ୍କର ବୋଡ଼ିଂ ନ ହୋଇ କେବଳ ଝିଅମାନଙ୍କର ବୋଡ଼ିଂ ହୋଇ ରହିଲା । ଏହା ସହିତ ମୋର ସ୍କୁଲରେ କ୍ଲାସ ନେବା ବି ବନ୍ଦ ରହିଲା । ସ୍କୁଲ କର୍ତ୍ତୃପକ୍ଷ ଚାହିଁଲେ ପିଲାଙ୍କ କ୍ଲାସ ବୋଡ଼ିଂରେହିଁ ନିଆଯାଉ । ମୁଁ ଶ୍ରୀମାଙ୍କୁ ଜଣାଇଲି । ମା' ଝିଅମାନଙ୍କ ବୋର୍ଡ଼ିଂରେ ଏକାସାଙ୍ଗରେ ଝିଅପୁଅଙ୍କୁ ପଢ଼ାଇବା ପ୍ରସ୍ତାବଟିକୁ ସମର୍ଥନ କଲେ ନାହିଁ । ମୁଁ ବି ସକାଳବେଳା ବୋଡ଼ିଂ ଛାଡ଼ି ସ୍କୁଲରେ କ୍ଲାସନେବାକୁ ରାଜି ହେଲି ନାହିଁ । ମା'ଙ୍କୁ ଲେଖି ଜଣାଇଲି ଯେ ଝିଅମାନେ ଅପରାହ୍ଣ କ୍ଲାସ ଓ ଗ୍ରୁପ୍‌କୁ ଚାଲିଗଲା ପରେ ବଡ଼ମାନଙ୍କର କ୍ଲାସ ନେଇପାରେ କି ? ଶ୍ରୀମା ମୋତେ ଲେଖିଲେ ମୁଁ ବଡ଼ମାନଙ୍କୁ ଉପରବେଳା ସ୍କୁଲରେ ଯାଇ ପଢ଼ାଇପାରେ । ଏଇଭଳି ବଡ଼ମାନଙ୍କର କ୍ଲାସ ମୁଁ ଛ'ବର୍ଷ ନେଇଛି ।

*

ସ୍କୁଲ କର୍ତ୍ତୃପକ୍ଷ ପୁଣି ଥରେ ନିର୍ଦ୍ଦେଶ ଦେଲେ ଯେ ବୋଡ଼ିଂରେ ଆଉ ପିଲାଙ୍କ ପାଇଁ ରନ୍ଧାହେବ ନାହିଁ । ଏଥର କୁନୁମାଙ୍କ ପରାମର୍ଶରେ ମୁଁ ଆନ୍ଦ୍ରେ ଦା'ଙ୍କୁ ତାଙ୍କ ଅଫିସରେ ଦେଖାକଲି । ତାଙ୍କର ସ୍ନେହପୂର୍ଣ୍ଣ ଦୃଷ୍ଟି ମୋତେ ମୁଗ୍ଧ କଲା । ତାଙ୍କ ଦୃଷ୍ଟି ମୋତେ ମା'ଙ୍କର ଦୃଷ୍ଟି ଭଳି ଲାଗିଲା । ସେ ମୋତେ ପୂର୍ବରୁହିଁ ଚିହ୍ନିଥିଲେ । ଦେଖିବା ମାତ୍ରେ କହିଲେ, ''ଆସ ଆମେ କଥାବାର୍ତ୍ତା ଆରମ୍ଭ କରିବା । କ'ଣ କ'ଣ ଅସୁବିଧା ଅଛି ତୁମର, ଖୋଲି କୁହ । କର୍ନର-ହାଉସ୍‌ରେ ପିଲାମାନେ ଖାଇବେ, ସେଥିରେ ତୁମର ଆପତ୍ତି କାହିଁକି ?''– ପଚାରିଲେ ସିଏ । ମୁଁ କହିଲି, ''ଆପତ୍ତି ଅତି ସାମାନ୍ୟ, ଦୁଇଜଣ ମାତୃହୀନା ଝିଅ ଅଛନ୍ତି, ସେମାନଙ୍କ ପିତା ମୋତେ ନିଜେ ଅନୁରୋଧ କରି କହିଯାଇଥିଲେ, ବାଳିକା ଦୁଇଜଣଙ୍କର ସ୍ୱାସ୍ଥ୍ୟ ଦୁର୍ବଳ, କର୍ନର-ହାଉସରେ ସେମାନେ ଖାଇଲେ ବେମାର ହେବେ । ସେ ଦୁହିଙ୍କୁ ପାଖରେ ବସାଇ ସେମାନଙ୍କ ଖାଇବାର ଯତ୍ନ ନେବାକୁ ହେବ । ଭଦ୍ରବ୍ୟକ୍ତି ଜଣକ ନିଜେ ଡାକ୍ତର । ମୁଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲି ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ସେପରି କରିବି ବୋଲି । ଏବେ ମା' ମୋତେ ଯେପରି ନିର୍ଦ୍ଦେଶ ଦେବେ, ମୁଁ ସେଇପରି କରିବି । ସେ ବୁଝିପାରିବେ ।''

ଏକଥା କହିସାରି ମୁଁ ବିଦାୟ ନେବାକୁ ବାହାରିଲି । ସେ ଦୁଆରମୁହଁ ଯାଏଁ ମୋତେ ବିଦାୟ ଦେବାକୁ ଆସିଲେ, କହିଲେ, ''continuez Votre cuisine.'' ଅର୍ଥାତ୍ ତୁମର ରନ୍ଧାବଢ଼ା ପୂର୍ବପରି ଚାଲୁରଖ ।

*

ବାଙ୍ଗଲାଦେଶ ଯୁଦ୍ଧ ସମୟରେ ତିନିଜଣ ବାଙ୍ଗଲାଦେଶୀୟ ଯୁବକ ଆଶ୍ରମକୁ ଆସି ଶ୍ରୀମାଙ୍କର ଆଶ୍ରୟପ୍ରାର୍ଥୀ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ପାଇଁ ନଳିନୀଦା ବେଶ୍ ଶୀଘ୍ର ରହିବା ଓ କାମ କରିବାର ବ୍ୟବସ୍ଥା କରିଦେଲେ । ମାତ୍ର ତୃତୀୟଜଣକ ପଞ୍ଚମ ବର୍ଷର ମେଡ଼ିକାଲ ଛାତ୍ର ଥିଲେ । ଶ୍ରୀମା ଆନ୍ଦ୍ରେଦା'ଙ୍କୁ ଦାୟିତ୍ୱ ଦେଲେ ଯୁବକଟି ପାଇଁ ଅରୋଭିଲରେ କାମର ବ୍ୟବସ୍ଥା କରିବା ପାଇଁ । ସେଇ ଭାବୀ ଡାକ୍ତର ଜଣଙ୍କୁ ନେଇ ମୁଁ ଫ୍ରାନ୍ସୁଆଜ୍‌ଙ୍କ ଅଫିସ୍‌କୁ ଗଲି । ସ୍କୁଲକୁ ଲାଗିଥିବା ଦୋତାଲା ଘରର ତଳେ ବାରଣ୍ଡାରେ ଆମେ ଦୁହେଁ ଆଁନ୍ଦ୍ରେଦା'ଙ୍କ ଅପେକ୍ଷାରେ ବସିଲୁ । ପାଞ୍ଚମିନିଟ ପରେ ଆଁନ୍ଦ୍ରେ ଦା' ସେଠାରେ ରୋଜେର୍‌ଙ୍କୁ ନେଇ ପ୍ରବେଶ କଲେ । ଆମ ଦୁହିଙ୍କୁ ଘର ଭିତରେ ଚୌକିରେ ନେଇ ବସାଇଲେ । ପରିଚୟ ଦେବାକୁ ପଡ଼ିଲା ନାହିଁ । ଆଁନ୍ଦ୍ରେ ଦା' ନିଜେହିଁ ଦୁଃଖପ୍ରକାଶ କରି ଆବେଗର ସହ କହିଲେ, ''ଏଇ ଯୁଦ୍ଧ ଓ ତାହାଯୋଗୁଁ ଉଦ୍‌ବାସ୍ତୁ ସମସ୍ୟା ବଡ଼ କରୁଣ, ଆମେ ସେମାନଙ୍କ ବ୍ୟଥାର ଅଂଶ ନେବାକୁ ବାଧ୍ୟ ।'' ଯୁବକଟି ବାଙ୍ଗଲାଦେଶର କେଉଁ ସହରରୁ ଆସିଛି ବୋଲି ଜାଣିବାକୁ ଚାହିଁଲେ । ଉତ୍ତରରେ ସିଏ କହିଲା – ଚଟ୍ଟଗ୍ରାମରୁ ଆସିଛି ବୋଲି । ରୋଜେର୍ କହିଲେ, ''ପାକିସ୍ତାନର ନାମକରା ବନ୍ଦର ଚଟ୍ଟଗ୍ରାମ, ଏ ସହର

ପାକିସ୍ତାନ* ସହଜରେ ଛାଡ଼ିବ ନାହିଁ । ଏପରି ଗୋଟିଏ ଅଳ୍ପବୟସ୍କ ଯୁବକର ଭବିଷ୍ୟତ୍ ଏ ଭାବରେ ନଷ୍ଟ ହେଲେ ନିଷ୍ଠୁରତା ହେବ, ତା'ର ପାଠଶେଷ ହେବାକୁ ମାତ୍ର କେତେମାସ ବାକି ଅଛି, ଅଥଚ ତାକୁ ଡିଗ୍ରୀ ମିଳିବାର କୌଣସି ସମ୍ଭାବନା ନାହିଁ ।''

ଆଁନ୍ଦ୍ରେ ଦା' ପୁଣି କହିଲେ, ''କିଛିହିଁ ଅସମ୍ଭବ ନୁହେଁ । ଆମେ ସବୁ କ'ଣ ପାଇଁ ଅଛୁ ? ଆମର ଅତିଥି ଅନେକ ଦୁଃଖ କଷ୍ଟ ସହି ଏଠାରେ ଆସି ପହଞ୍ଚିଛି, ତାକୁ ଆଉ ଦୁଇଦିନ କଷ୍ଟ ସହିବାକୁ ହେବ, ତା'ପରେ ସବୁ ଠିକ୍ ହୋଇଯିବ । ଡାକ୍ତର ସତ୍ୟବ୍ରତଙ୍କ ତତ୍ତ୍ୱାବଧାନରେ ଭାବୀ ଡାକ୍ତର କାମ ପାଇଯିବ । ଘର, ପ୍ରସ୍‌ପରିଟି ସମସ୍ତର ବ୍ୟବସ୍ଥା ହେବ, ଖାଦ୍ୟର ବ୍ୟବସ୍ଥା ବି ହେବ । ଆଗାମୀ ଦିନେ ଦୁଇଦିନ ତାକୁ ଟିକିଏ କଷ୍ଟ କରିବାକୁ ପଡ଼ିବ, ସେଥିପାଇଁ ମୋତେ କ୍ଷମା କରିବାକୁ କହିଦିଅ ।''

ମୁଁ ତାଙ୍କୁ କହିଲି, ''ଅସହାୟ ଭାବେ ଦିନ ପରେ ଦିନ ଗଛତଳେ କଟାଇ ଆସିଛି, ଏଠାରେ ଆସି କୂଳରେ ଲାଗିଛି, ଆପଣ ଯାହା କରିବା କଥା ଧୀରେ ସୁସ୍ଥେ କରନ୍ତୁ'' । ବିଦାୟ ନେଇଆସିବା ସମୟରେ ରୋଜେର୍‌ଙ୍କ ଦୁଃଖିତ ମୁହଁକୁ ଲକ୍ଷ୍ୟ କରି ଆଁନ୍ଦ୍ରେଦା' କହି ପକାଇଲେ, ''ଅଦୂର ଭବିଷ୍ୟତରେ ତାକୁ ଫ୍ରାନ୍ସକୁ ପଠାଇବାର ବ୍ୟବସ୍ଥା କରିବି, ଡିଗ୍ରୀଧାରୀ ପକ୍କା ଡାକ୍ତର ହୋଇ ଫେରିବ ।'' ରୋଜେର୍ ଆଶାର କଥାଶୁଣି ଖୁସି ହୋଇ ଉଠିଲେ ।

ତା'ପରଦିନ ସକାଳ ସାଢ଼େ ଆଠଟାରେ ମୋ ପାଖକୁ ଖବର ଆସିଲା ଯେ ଆଁନ୍ଦ୍ରେଦା' କହିଛନ୍ତି ସେଇ ବାଙ୍ଗଲାଦେଶୀ ଯୁବକଟିକୁ ନେଇ ସୋସାଇଟି ଅଫିସକୁ ଯିବାକୁ । ଆମେ ଦୁହେଁ ଯାଇ ପହଞ୍ଚିଲୁ । ଅଫିସର ରିସେପ୍‌ସନିଷ୍ଟ ମହିଳା ଆମକୁ ସ୍ମିତହାସ୍ୟ ସହ ଅଭ୍ୟର୍ଥନା କରି ବସାଇଲେ ଓ କହିଲେ, ''ଏଇ ଆଗନ୍ତୁକ ଭାବୀ ଡାକ୍ତର ଆଜିଠାରୁ ଅରୋକିଚେନ୍‌ରେ ଖାଇବେ ।'' ତାଙ୍କ ପାଇଁ ଘରର ଚାବି ଓ ଠିକଣା ଦେଲେ । ପ୍ରସ୍‌ପରିଟିର ଫର୍ମ ଦେଲେ ଓ କହିଲେ, ଭଦ୍ରଲୋକଙ୍କର ଯାହା ଯାହା ଦରକାର, ଅର୍ଥାତ୍ ଜାମାପଟା, ତେଲ ସାବୁନ୍ ଇତ୍ୟାଦି ସବୁକିଛି ଲେଖିଦେବା ପାଇଁ; ଚାରିଦିନ ପରେ ସବୁ ଜିନିଷ ସେ ପାଇଯିବେ ।

ଆଁନ୍ଦ୍ରେଦା'ଙ୍କର ଉଦାର ମହତ୍ ହୃଦୟ ଆମକୁ ଅଭିଭୂତ କଲା । ତାଙ୍କ ନିକଟରେ ଆମେ ଚିର କୃତଜ୍ଞ ।

*

ଶେଷଥର ପାଇଁ ଶ୍ରୀମାଙ୍କ ଦର୍ଶନ ଓ ଆଶୀର୍ବାଦ ମୋ ଜନ୍ମଦିନରେ ପାଇଲି । ମଧୁମୟୀ ମା' ଅସୁସ୍ଥ ଥିଲେ ବି ମୋର ପ୍ରଣାମ ନେଲେ । ଚିହ୍ନିପାରି ଖୁସି ହୋଇ ମୋ ମୁଣ୍ଡରେ ତାଙ୍କର ଦକ୍ଷିଣ ହସ୍ତଟି ବୁଲାଇ ଦେଲେ । ଆଖି ଖୋଲି ମୁଣ୍ଡ ଉପରକୁ କରି ଚାହିଁବାରେ ମା'ଙ୍କୁ ଯେ ଶାରୀରିକ କଷ୍ଟ ହେଉଛି, ମୋ ଅନ୍ତର ବୁଝିପାରିଲା । ତଥାପି ମା' ତାଙ୍କର ଆଶୀର୍ବାଦ ପୁଷ୍ପ-ପ୍ରସାଦ ଓ କାର୍ଡ଼ ଆଦି ହସି ହସି ଦେଲେ । କଳ୍ପନା ବି କରିପାରି ନଥିଲି, ତାହାହିଁ ମୋ ଜନ୍ମଦିନରେ ମାଆଙ୍କ ସହ ମୋର ଶେଷ ସାକ୍ଷାତ୍ ।

(କ୍ରମଶଃ)

ଅନୁବାଦ : କୃଷ୍ଣାଦେବୀ ❑

---

* ସେତେବେଳଯାଏଁ ବାଙ୍ଗଲାଦେଶ ଗଠିତ ହୋଇ ନାହିଁ ।

---

*(ପୃଷ୍ଠା ୨୧ର ଅବଶିଷ୍ଟାଂଶ)*

ପ୍ରକୃତରେ ଦେଖିବାକୁ ଗଲେ ତାହା ମହାମାୟାଙ୍କ ଯୁଦ୍ଧ,– ଅନ୍ଧକାର କୁହେଳିର ମାଟିକୁ ଜ୍ୟୋତିଃକଣାରେ ପରିଣତ କରିବା ହେଉଛି ମହାମାୟାଙ୍କର ପ୍ରୟାସ । ଆଲୋକର ସ୍ପର୍ଶରେ ମାଟିର ଅଭ୍ୟାସଗତ ଯେଉଁ ଅନିଚ୍ଛା, ଯେଉଁ କାତରତା ତାହାରି ଇତିହାସ ହେଉଛି ଦେବାସୁର ସଂଗ୍ରାମର ମର୍ମକଥା । ଏହାହିଁ ପୃଥିବୀର ମାଟି ଉପରେ ଜଗଜ୍ଜନନୀଙ୍କର ଆପଣାର ସ୍ୱରାଜ୍ୟ ଓ ସାମ୍ରାଜ୍ୟ ପ୍ରତିଷ୍ଠା ସକାଶେ ବିଜୟଯାତ୍ରା, ତାହାଙ୍କର କ୍ରମ-ଆତ୍ମପ୍ରକାଶ ।

('ତିନ୍‌କାହିନୀ' ପୁସ୍ତକରୁ ଅନୂଦିତ)

ଅନୁବାଦ : କୃଷ୍ଣାଦେବୀ ❑

# ଅମଲକିରଣଙ୍କ ସହ
# କେତେକ ଅନ୍ତରଙ୍ଗ ପ୍ରଶ୍ନୋତ୍ତର

## (୨୮)

ପ୍ରଶ୍ନ : ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆପଣ ପ୍ରଚୁର ପାଣି ପିଇବା ଆବଶ୍ୟକ । ଆଜି ଆପଣଙ୍କ Intake chart ରୁ ଜଣାଯାଇଛି ଯେ ସାରାଦିନରେ ଆପଣ ୨୦୦ ମି. ଲି. ମାତ୍ର ପାଣି ପିଇଛନ୍ତି । ଦାୟାକରି ଅଳ୍ପ ଅଳ୍ପ କରି ଇଚ୍ଛା ନଥାଇ ମଧ ପାଣି ପିଅନ୍ତୁ । ବର୍ତ୍ତମାନ ମୋର ଅନୁରୋଧ, ଦୟାକରି ପାଣି ପିଅନ୍ତୁ (Please drink water) ।

**ଉତ୍ତର** : Drinkwater I don’t like, I prefer Masefield.

(ଏମିତି କହି ପାଣି ପିଇବାକୁ ଏଡ଼ାଇ ଦେଉଥିଲେ । କହିବା ବାହୁଲ୍ୟ ଯେ John Drinkwater ଓ John Masefield ଉଭୟେ ହେଉଛନ୍ତି ଉନବିଂଶ ଶତାବ୍ଦୀର ଇଂରାଜୀ କବି । ଅମଲକିରଣ John Masefield ଙ୍କୁ ବେଶୀ ପସନ୍ଦ କରନ୍ତି ବୋଲି ଏହି ମାମୁଲି ପାଣିପିଆ ଘଟଣାରେ ଜଣାଇଦେଲେ । ଏହିପରି ତାଙ୍କର ବୌଦ୍ଧିକ ରସିକତା ଖୁବ୍ ତୀକ୍ଷ୍ଣ ଓ ଅନ୍ୟମାନଙ୍କୁ ଉଦ୍ଦୀପ୍ତ କରେ – ରୋଗ ଶଯ୍ୟାରେ ହେଉ ବା ହସଖୁସୀ ମୁହୂର୍ତ୍ତରେ ହେଉ, ଏହି ରସିକତା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ ଶିକ୍ଷା ପ୍ରଦାନ କରେ ।)

ପ୍ରଶ୍ନ : ୨୦୧୧ ମସିହା ଅପ୍ରେଲରେ ହେଉଥିବା ନିଖିଳ ଉତ୍କଳ ପାଠଚକ୍ର ସମ୍ମିଳନୀ ଉପଲକ୍ଷେ ପ୍ରକାଶ ପାଉଥିବା ସ୍ମରଣିକା ପାଇଁ ଉଦ୍ୟୋକ୍ତାମାନେ ଆପଣଙ୍କ ବାର୍ତ୍ତା ଚାହାନ୍ତି । ସେଥି ସକାଶେ ସେମାନେ ଆପଣଙ୍କୁ ଅନୁରୋଧ କରିଛନ୍ତି । ଏବେ ଆପଣ ବାର୍ତ୍ତା ଦେବେ କି ?

**ଉତ୍ତର** : ନା, ଆଉ କିଛି ବାର୍ତ୍ତା ଦେବାକୁ ନାହିଁ ।

ପ୍ରଶ୍ନ : ଆପଣଙ୍କର ଏପରି ରୋକ୍‌ଠୋକ୍ ‘ନା’ ମୋତେ ବହୁତ ଅସ୍ୱାଭାବିକ ଲାଗୁଛି – ଆପଣ ଯେ ବହୁ ଆଗ୍ରହରେ ସଙ୍ଗେସଙ୍ଗେ ବାର୍ତ୍ତା ଦେଇଦିଅନ୍ତି ଓ ପ୍ରଶ୍ନ ପଚାରିବା ମାତ୍ରେ ଠିକ୍ ଉତ୍ତରଟି ଅବିଳମ୍ବେ ଦେଇଦିଅନ୍ତି । କିନ୍ତୁ ଆପଣଙ୍କଠାରୁ ଏମିତି ‘ନା’ ଶୁଣିବାଟା ବଡ଼ କଷ୍ଟଦାୟକ । ତା’ହେଲେ ସେମାନଙ୍କୁ ଏମିତି ନୈରାଶ୍ୟଜନକ ପରିସ୍ଥିତି ବିଷୟରେ ମୁଁ ଏବେ ଜଣେଇ ଦେବି ?

**ଉତ୍ତର** : ଯାହା ଠିକ୍ ଭାବୁଛ ତାହା କର, ଏଣିକି ଆଉ ଏ ବାର୍ତ୍ତାର କିଛି ମୂଲ୍ୟ ନାହିଁ ।

ପ୍ରଶ୍ନ : କିନ୍ତୁ ଆମ ସମସ୍ତଙ୍କ ପାଇଁ ଏ ବାର୍ତ୍ତା ବହୁ ମୂଲ୍ୟବାନ୍ । ସେଥିଲାଗି ବର୍ଷବର୍ଷ ଧରି ସେମାନେ ଆପଣଙ୍କ ବାର୍ତ୍ତାକୁ ସସମ୍ମାନେ ପ୍ରକାଶିତ କରିଥା’ନ୍ତି । ଆପଣଙ୍କର ଏହି ନାସ୍ତିବାଚକ ଉକ୍ତିଟି କ’ଣ ଶେଷ କଥା ?

**ଉତ୍ତର** : (ସେ କିଛି ସମୟ ଚୁପ୍ ରହି, ଏହି ବାର୍ତ୍ତାଟି ସଙ୍ଗେସଙ୍ଗେ କହି ପକାଇଲେ କାଗଜ କଲମ ଆଣି ଲେଖିବା ପୂର୍ବରୁ) ‘‘A day will come when everything will be forgotten except that Sri Aurobindo and the Mother existed.’’

ଅର୍ଥାତ୍ ‘‘ଦିନ ଆସିବ ଯେତେବେଳେ ସବୁକିଛି ପାସୋରି ହୋଇଯିବ କେବଳ ଗୋଟିଏ ବିଷୟ ବ୍ୟତୀତ ଯେ ଶ୍ରୀଅରବିନ୍ଦ ଓ ଶ୍ରୀମା ଏଠାରେ ସଶରୀରେ ରହିଥିଲେ ।’’

(*କହିବା ବାହୁଲ୍ୟ ଯେ ଏହି ବାଣୀଟି ଥିଲା ଅମଲକିରଣଙ୍କର ଶେଷ ବାଣୀ, ୨୦୧୧ ଜୁନ୍ ୨୯ରେ ତାଙ୍କର ମହାପ୍ରୟାଣ ପୂର୍ବରୁ ।*)

ପ୍ରଶ୍ନ : ମୁଁ ଆପଣଙ୍କ ପାଖକୁ ଏକ ବିଷମ ସମସ୍ୟା ଆଣି ଆସିଛି । ଆପଣ ଶାନ୍ତହୋଇ ବିଶ୍ରାମ କରୁଥିବାରୁ ମୁଁ କହିବାକୁ ଦ୍ୱିଧାବୋଧ କରୁଛି ।

(*ନିରବ ଇଂଗିତରେ ଅମଲକିରଣ ସମ୍ମତ ହେଲେ ।*)

ପ୍ରଶ୍ନ : ଜଣେ ନିଷ୍ଠାପର ଆଶ୍ରମିକ ମୋତେ ଆଜି ତାଙ୍କର ଶେଷ ନିଷ୍ପତ୍ତି ଜଣାଇଦେଲେ । ବର୍ତ୍ତମାନର ଆଶ୍ରମ ଜୀବନରେ ଘୋର ଅସନ୍ତୁଷ୍ଟ ହୋଇ ସେ ଆଶ୍ରମ ଛାଡ଼ି ପଳାଇବେ ଅଥଚ ଏଇଠି ପଣ୍ଡିଚେରୀରେ ରହି ଆଶ୍ରମ ବାହାରେହିଁ କାମ

କରିବେ ଓ ନିୟମିତ ଆଶ୍ରମ ଆସି ନିଜର ଧ୍ୟାନ-ପ୍ରାର୍ଥନା-ନୈବେଦ୍ୟ ସହ ଅନ୍ତର ଭାବକୁ ଓ ମା'ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ସମ୍ପର୍କକୁ ଅକ୍ଷୁଣ୍ଣ ରଖିବେ । ସେ ଜଣେ ନିଷ୍ଠାପର କର୍ମୀ ମଧ୍ୟ ଏବଂ ସେ ଚାଲିଗଲେ ଆଶ୍ରମ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବ । ବହୁ ବରିଷ୍ଠ ଶୁଭେଚ୍ଛୁଙ୍କ ବାରଣସତ୍ତ୍ୱେ ସେ ତାଙ୍କର ଏହି ନିଷ୍ପତ୍ତିରେ ଅଟଳ । ମୋତେ ଆଜି ସନ୍ଧ୍ୟାରେ ସେ ଏକଥା କହିବାରୁ ମୋର ସ୍ୱତଃ ଓ ସଦିଚ୍ଛୁ ଅସମ୍ମତିକୁ ମୁଁ ପ୍ରକାଶ କରିଦେଲି ଓ ସେ ଏଥିରୁ ଟିକିଏ ଓହରି ଯାଇ ସ୍ଥିର ରହନ୍ତୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ । ସେ ମୋ କଥା ଶୁଣି ବିହ୍ୱଳିତ ହୋଇ କାନ୍ଦି ପକାଇଲେ କିନ୍ତୁ ନିଜ ଜିଦ୍‌ର ବଳ ତ ବେଶ୍ ପ୍ରବଳ । ତେଣୁ ସେ ଚାହାନ୍ତି ଆପଣଙ୍କୁ ଦେଖାକରି ସବୁ ଜଣାଇବେ ଓ ଆପଣ ଯାହା କହିବେ ତାକୁହିଁ ପାଳନ କରିବେ ବୋଲି । ସେ ଆଜି ସନ୍ଧ୍ୟାରେ ଆପଣଙ୍କୁ ଦେଖା କରିବେ ।

ଆପଣଙ୍କ ବିଶ୍ରାମରେ ବାଧା ସୃଷ୍ଟି ହେବ କିଂବା ଅନ୍ୟକିଛି ନଭାବି ମୁଁ ତାଙ୍କର ଏମିତି ଆସିବାରେ ସମ୍ମତ ହୋଇଛି । ଏବେ ଆପଣଙ୍କ ଇଚ୍ଛାଟି କ'ଣ ମୋତେ କହିବେ କି ?

(ଅମଳକିରଣ ଆଖିରେ ଓ ମଥାରେ ସମ୍ମତିର ଇଙ୍ଗିତ ଦେଇ ପୂରା ଚୁପ୍‌ହୋଇ ବିଶ୍ରାମ କଲେ ।)

ପ୍ରଶ୍ନ : ବର୍ତ୍ତମାନ ସେ ଆସିଗଲେ । ତାଙ୍କ ଉପସ୍ଥିତିରେ ତାଙ୍କର ସମସ୍ୟାଟିକୁ ଦୋହରାଇ କହିବି କି ?

**ଉତ୍ତର :** (ଏହି ପ୍ରଶ୍ନଟି ଶୁଣି ପୂରା ଶାନ୍ତ ହୋଇ ଧୀରେ ଧୀରେ ଏକ ଶବ୍ଦ ପରେ ଅଳ୍ପ ବିରତି ସହ ପର ଶବ୍ଦଟିକୁ ଉଚ୍ଚାରଣ କରିକହିଲେ :) ''This Ashram is Sri Aurobindo's creation, to quit this Ashram is to quit Sri Aurobindo.''

ଅର୍ଥାତ୍ 'ଏହି ଆଶ୍ରମ ହେଉଛି ଶ୍ରୀଅରବିନ୍ଦଙ୍କର ସୃଷ୍ଟି । ଏହି ଆଶ୍ରମ ପରିତ୍ୟାଗ କରିବାର ଅର୍ଥ ଶ୍ରୀଅରବିନ୍ଦଙ୍କୁ ପରିତ୍ୟାଗ କରିବା ।'

ଏଇ ଗୋଟିଏ ପଦ କଥାରେ ପ୍ରଶ୍ନକର୍ତ୍ତା ନିର୍ବାକ୍ ଓ ସମସ୍ୟା ଜର୍ଜରିତ ବ୍ୟକ୍ତି ମଧ୍ୟ ନିର୍ବାକ୍ – ରୁମାଲ କାଢ଼ି ଆଖିରୁ ଲୁହ ପୋଛିବା ବ୍ୟତୀତ ଆଉ କିଛି ଉପାୟ ନଥିଲା ତାଙ୍କର । ଅଭିମାନ ସହ ଆଶ୍ରମ ପରିତ୍ୟାଗ କରି ଚାଲିଯିବାର ଭୂତଟି ମଧ୍ୟ ତତ୍‌କ୍ଷଣାତ୍ ଅପସରି ଗଲା ଓ ସବୁକିଛି ଅନୁକୂଳ ଗତିରେ ଚାଳିତ ହେଲା ।

*

ପ୍ରସଙ୍ଗକ୍ରମେ କହିପାରେ ଯେ ଅନ୍ୟ କେତେ ସଚ୍ଚା ଆଶ୍ରମିକ ସେମାନଙ୍କ ଆଶ୍ରମବାସର ପ୍ରଥମ ଅବସ୍ଥାରେ ଏପରି ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇ ଆଶ୍ରମ ଛାଡ଼ି ଚାଲିଯିବାର ପ୍ରଲୋଭନରେ ପଡ଼ିଯାଆନ୍ତି । ଜଣେ ଉତ୍ସାହୀ ବ୍ୟକ୍ତିଙ୍କ ଉଦାହରଣ ନିଆଯାଉ : ତାଙ୍କର ବିଭାଗ ମୁଖ୍ୟଙ୍କ ସହ ଠିକ୍ ସଙ୍ଗତି ନ ରହିବାରୁ ଓ ସେଥିରେ ସେ ବହୁତ ହଇରାଣ ହରକତ ହୋଇଥିବାରୁ ଆଶ୍ରମ ଛାଡ଼ି ପଳାଇ ଯାଉଥିଲେ । ଟିକେଟ ବି ହୋଇ ସାରିଥିଲା – ସବୁକାମ ସେଇମତେ ବ୍ୟବସ୍ଥିତ ହୋଇଯାଇଥିଲା । ସେ ଆଶ୍ରମ ଛାଡ଼ି ଶେଷରେ ଷ୍ଟେସନ ଯିବା ବେଳକୁ ଅମଳକିରଣଙ୍କ ନିକଟରୁ ଟେଲିଫୋନ୍ କଲ୍‌ଟିଏ ଆସିଲା । ସେହି କଲ୍‌ରେ କେବଳ କୁହାଯାଉଥାଏ '' 'କ', କେବଳ ମା'ଙ୍କ ପାଖରେ ସମର୍ପଣ କର । ଯିବା ପୂର୍ବରୁ ମୋତେ ଗୋଟିଏ ମିନିଟ ପାଇଁ ସାକ୍ଷାତ୍ କର ।'' ବ୍ୟକ୍ତି ଜଣକ ଷ୍ଟେସନ ଯିବା ପରିବର୍ତ୍ତେ ଅମଳକିରଣଙ୍କ ଘରକୁ ଯାଇ ତାଙ୍କୁ ଦେଖାକଲେ । ସେଇ ମୁହୂର୍ତ୍ତରେ କିଛି ଉପଦେଶ କିଂବା ଆଦେଶ ଦିଆ ନଯାଇ ମଧ୍ୟ ପୂର୍ଣ୍ଣ ନିରବତାରେ ସେ ସଙ୍ଗେସଙ୍ଗେ ନିଷ୍ପତ୍ତି ନେଲେ ଯେ ଷ୍ଟେସନ ଯିବା ପରିବର୍ତ୍ତେ ସମାଧି ଯାଇ କୃତଜ୍ଞତାପ୍ଲୁତ ହୋଇ ପ୍ରଣାମ କରିବେ ପ୍ରଭୁଙ୍କର ଏହି ଅଲୌକିକ ଲୀଳାକୁ ଦେଖି ।

ଆଉ ଜଣେ ବ୍ୟକ୍ତି ତାଙ୍କ ଆଶ୍ରମ ବାସର ପ୍ରଥମ କାଳରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ଆଶ୍ରମ ଛାଡ଼ି ନିଜ ସ୍ଥାନକୁ ଫେରିଯିବା ପ୍ରଲୋଭନରେ ଥିଲେ । ସେ ଥରେ କହିଲେ ମୋର ଘରକଥା ମନେ ପଡୁଛି । ମୁଁ ଏଠାକୁ ଏକ ବିରାଟ ଆଶା ନେଇ ଆସିଥିଲି ଅଥଚ ଏହି ଜୀବନ ଅସହ୍ୟ ହୋଇପଡ଼ିବାରୁ ମୁଁ ଘରକୁ ଫେରିଯାଉଛି । ଅମଳକିରଣ ସଙ୍ଗେସଙ୍ଗେ କହିଲେ 'ତୁମର ଘର କେଉଁଠି ? ତୁମର ଘର ତ ଏଇଠି' ଏହା କହି ତାଙ୍କ ନିଜର ଅଭିଜ୍ଞତା ବିଷୟରେ କହିଲେ : 'ମୁଁ ଏଠାକୁ ଆସିଲାବେଳେ ଯେବେ ମୋର ଘର ଆଦି କଥା କହେ, ମା' ସଙ୍ଗେସଙ୍ଗେ ମୋତେ କହନ୍ତି – 'ତୁମର ଘର କେଉଁଠି ? ତୁମର ଘର ତ ଏଇଠି ।' ସୁତରାଂ ମୁଁ କହିବି, ଆଶ୍ରମ ଛାଡ଼ି ଘରକୁ ଫେରିଯିବା ଚିନ୍ତାର ଭୂତହିଁ ତୁମ ବାଟ ଓଗାଳି ଏମିତି ବିପଥଗାମୀ କରିବାକୁ ତୁମକୁ ପ୍ରରୋଚନା ଦେଉଛି । ତାକୁ ତତ୍‌କ୍ଷଣାତ୍ ମୁହଁ ବୁଲାଇଦିଅ, ତାହା ସୁଯୋଗ ନପାଇ ଫେରିଯିବ ।

ପ୍ରଶ୍ନ ଉପସ୍ଥାପନା ଓ ଅନୁବାଦ : ଆଶାଲତା ଦାଶ ❑

# ଚୈତ୍ୟପୁରୁଷର ଜାଗରଣ

## ରାମକୃଷ୍ଣ ଦାସ

ଚୈତ୍ୟପୁରୁଷ ଶରୀରର ନେତା । ସେ ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ । ସେ ଭଗବାନଙ୍କ ଅଂଶ ବା ପ୍ରତିଭୂ । ତା'ର ଜ୍ଞାନ ଅଭ୍ରାନ୍ତ । କିନ୍ତୁ ସେ ଥାଏ ମନ, ପ୍ରାଣର ପଶ୍ଚାତରେ । ମନ, ପ୍ରାଣର କାମନାବାସନା ତାକୁ ଆବୃତ କରି ରଖିଥା'ନ୍ତି । ସେ ଜାଗ୍ରତ୍ ହେଲେ ବ୍ୟକ୍ତିକୁ ଭଗବଦଭିମୁଖୀ କରେ । ଯୋଗରେ ବିଶେଷ ଆବଶ୍ୟକ ଚୈତ୍ୟପୁରୁଷର ଜାଗରଣ । ସେ ସମ୍ମୁଖରେ ରହିଲେ ବ୍ୟକ୍ତିକୁ ସତ୍ୟମାର୍ଗରେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ । ସେ ଜାଗ୍ରତ୍ ହୁଏ ମନ, ପ୍ରାଣ ନିରବ ହେଲେ । ଏହା ହୁଏ ଚେତନାର ଏକାଗ୍ରତାରେ । ସେହି ସକାଶେ ଯୋଗସାଧନାରେ ସର୍ବାଗ୍ରେ ଆବଶ୍ୟକ ହୁଏ ଏକାଗ୍ରତା । ଏକାଗ୍ରତା ବିନା ବ୍ୟକ୍ତି ନିଜ ମନ, ପ୍ରାଣର କ୍ରିୟା ତଥା ଗତିବୃତ୍ତି ସମ୍ବନ୍ଧେ ସଚେତ ହୋଇପାରେ ନାହିଁ, କିଂବା ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରେ ନାହିଁ । ଚୈତ୍ୟପୁରୁଷର ଜ୍ଞାନ-ଜ୍ୟୋତିଃ ମନପ୍ରାଣରେ ଉଦ୍ଭାସିତ ନ ହେଲେ ବ୍ୟକ୍ତି ଦିବ୍ୟ ଏବଂ ଅଦିବ୍ୟ ଶକ୍ତିର ପ୍ରେରଣା ବୁଝିପାରେ ନାହିଁ । ଏହି ସୁଯୋଗରେ ଅନ୍ଧକାର ଶକ୍ତିସବୁ ବ୍ୟକ୍ତିକୁ କୁମନ୍ତ୍ରଣା ଦେଇ ସାଧନାମାର୍ଗରୁ ଟାଣି ନେଇ ବିପଥଗାମୀ କରାନ୍ତି । ସେହି ସକାଶେ ହୃଦୟରେ ଧ୍ୟାନ କରିବାକୁ ମା' ଅଧିକ ଜୋର୍ ଦେଇଛନ୍ତି । ହୃଦୟରେ ଧ୍ୟାନ ତଥା ଅଭୀପ୍ସା, ସମର୍ପଣରେ ହୃତ୍‌ପୁରୁଷ ବା ଅନ୍ତରାତ୍ମା ଜାଗ୍ରତ୍ ହୁଏ । 'ମାତୃବାଣୀ'ରେ ମା' କହିଛନ୍ତି, ''ଆଉ ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି : ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭ୍ରୂଯୁଗଳ ମଧ୍ୟରେ । ପ୍ରତ୍ୟେକଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକ ବିଶେଷ ଫଳ ଦିଅନ୍ତି । କିନ୍ତୁ ହୃଦୟରେ କେନ୍ଦ୍ରସ୍ଥ ସତ୍ତା ରହିଛି ଏବଂ ସେଠାରୁ ସକଳ କେନ୍ଦ୍ରୀୟ ଗତିବୃତ୍ତି ଜନ୍ମେ; ଏହାହିଁ ହେଲା ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା ।''

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବିଶେଷରୂପେ ହୃଦୟ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ । ହୃଦୟରେ ଚେତନା କେନ୍ଦ୍ରିତ କରିବା ଦ୍ୱାରା ହୃତ୍‌ପୁରୁଷ ଜାଗ୍ରତ୍ ହୁଏ ଏବଂ ସାଧକକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଊର୍ଦ୍ଧ୍ୱସ୍ଥ ସ୍ତରସମୂହପ୍ରତି ମାନସଚେତନା ଉଦ୍‌ଘାଟିତ ହୁଏ । ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତିଃ, ଜ୍ଞାନ, ଭକ୍ତି ଇତ୍ୟାଦି ସାଧକର ମନ-ପ୍ରାଣ-ଶରୀରର ଆଧାରରେ ଅବତରଣ କରେ । ଯଦ୍ୟପି ସାଧନାରେ ଏହା ଏକାନ୍ତ ଆବଶ୍ୟକ ତଥାପି ହୃତ୍‌ପୁରୁଷ ଜାଗ୍ରତ୍ ହେବା ପୂର୍ବରୁ ଏସବୁ ଦିବ୍ୟଶକ୍ତି ଅବତରଣ କଲେ ସାଧକର ସମତା ରହେ ନାହିଁ, ସେ ନିଜକୁ ବଡ଼ ସାଧକ ମନେ କରେ । ଏହି ଅହଂବୋଧ ସାଧକର ବହୁତ ଅନିଷ୍ଟ କରିପାରେ । କିନ୍ତୁ ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ଏପରି ହୁଏ ନାହିଁ । ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ତା'ର ସ୍ୱାଭାବିକ ଧର୍ମ । ପ୍ରଥମରେ ହୃଦୟରେ ଧ୍ୟାନ କରିବା ଆବଶ୍ୟକ । ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ସେ ଅଭୀପ୍ସା କରେ; ତା'ର ଉତ୍ତରରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସମସ୍ତ ଚକ୍ର ଭେଦ କରି ମୂଳାଧାର ଚକ୍ରରୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରେ । ଏହି ଭାଗବତୀ ଶକ୍ତି କ୍ରିୟା କରିବା ସମୟରେ ସ୍ୱାଭାବିକରୂପେ ମସ୍ତକ ଏବଂ ମସ୍ତକ ଊର୍ଦ୍ଧ୍ୱସ୍ଥ କେନ୍ଦ୍ରରେ ଧ୍ୟାନ ହୁଏ । ସେତେବେଳେ ହୃଦୟ ଏବଂ ମସ୍ତକ କେନ୍ଦ୍ରରେ ପୃଥକ୍ ପୃଥକ୍ ଧ୍ୟାନ କରିବାକୁ ହୁଏ ନାହିଁ । ଯେଉଁମାନଙ୍କର ମସ୍ତକ ଅଥବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ପୂର୍ବରୁ ଅଭ୍ୟାସ ଥାଏ ସେମାନେ ପୃଥକ୍ ସମୟରେ ଉଭୟ କେନ୍ଦ୍ରରେ ଧ୍ୟାନ କରି ପାରନ୍ତି । ଅଥବା ପ୍ରଥମରେ ଧ୍ୟାନ କରିବା ସମୟରେ ହୃଦୟର ଗଭୀରକୁ ଚେତନାକୁ ନେଇଯିବାକୁ ସଂକଳ୍ପ କରି ପାରନ୍ତି, ଯେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଚେତନା ଏକାଗ୍ର ହୁଏ ସେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଧ୍ୟାନ କରିପାରନ୍ତି; ସ୍ୱାଭାବିକରୂପେ ମସ୍ତକକୁ ଚେତନା ଚାଲିଗଲେ ମସ୍ତକରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିପାରନ୍ତି । ମା'ଙ୍କ ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ହେଉଛି ଧ୍ୟାନ ସକାଶେ ଯଦ୍ୟପି ଭ୍ରୂମଧ୍ୟ ଓ ମସ୍ତକୋର୍ଦ୍ଧ୍ୱ ଦୁଇଟି କେନ୍ଦ୍ର ଅଛି ତଥାପି ହୃଦୟରେ ଧ୍ୟାନ କରିବା ଅଧିକ ବାଞ୍ଛନୀୟ ଏବଂ ଅଧିକ ଉପଯୋଗୀ । କାରଣ ଏହି ରୂପାନ୍ତର ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ, ଏବଂ ନିଜ କବଳରୁ ବ୍ୟକ୍ତିକୁ ମୁକ୍ତ କରିବା ବିରୋଧିନୀ ଶକ୍ତିସମୂହର ଅଭିପ୍ରାୟ ନୁହେଁ । ସେମାନେ ସବୁସମୟରେ କଳ

କୌଶଳ, ଫନ୍ଦିଫିକର କରି, ସାଧକକୁ ଛଳନା କରି ବିପରୀତ ମାର୍ଗରେ ନେଇ ନିଜ ଯନ୍ତ୍ରରୂପେ ବ୍ୟବହାର କରିବାକୁ ଚାହାନ୍ତି । ସେମାନଙ୍କ ଛଦ୍ମକୌଶଳ ଜାଣିବାର କୌଣସି ଉପାୟ ସାଧକ ପାଖରେ ନ ଥାଏ । କେବଳ ହୃଦୟଗଭୀରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ସେସବୁର କପଟତା ବୁଝିପାରେ, ସେସବୁର କୌଶଳକୁ ଧରିପାରେ ଏବଂ କେଉଁ ଉପାୟରେ ସେସବୁର ଅତ୍ୟାଚାରରୁ ରକ୍ଷା ପାଇବାକୁ ହେବ ତା'ର ବ୍ୟବସ୍ଥା କରେ । ସେଥିସକାଶେ ଏହି ଯୋଗରେ ହୃତ୍‌ପୁରୁଷକୁ ଜାଗ୍ରତ୍ କରିବା ଏକାନ୍ତ ଆବଶ୍ୟକ ।

## ଚୈତ୍ୟପୁରୁଷ-ଜାଗରଣର ହେତୁ

ଚୈତ୍ୟପୁରୁଷର ଦୃଷ୍ଟି ଅଭ୍ରାନ୍ତ । ତା'ର ସମସ୍ତ କ୍ରିୟା ଯଥାର୍ଥ । ଏହି ସତ୍ତା ଜାଗ୍ରତ୍ ହେଲେ ସାଧକକୁ ତା'ର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି ମାର୍ଗର ଜ୍ଞାନ ଦିଏ, ଯାହା ବର୍ଜନୀୟ ତାହା ବର୍ଜନ କରେ, ଯାହା ଗ୍ରହଣଯୋଗ୍ୟ ତାହା ଗ୍ରହଣ କରେ । ଏହି ସତ୍ତା ଜାଗ୍ରତ୍ ହୁଏ କ୍ରମବିକାଶରେ । କିନ୍ତୁ ସେଥିରେ ବହୁତ ସମୟ ଲାଗେ ।

ଭଗବାନଙ୍କ କୃପା ଅହେତୁକୀ । କେବେ କେବେ କୌଣସି ଜୀବ ପ୍ରତି ଭଗବାନ୍ କୃପା କଲେ, ତା'ର ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ଏବଂ ସେ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ । ଭଗବାନଙ୍କ ସୃଷ୍ଟିରେ ସମସ୍ତ ବସ୍ତୁର ଆବଶ୍ୟକତା ଓ ଉପଯୋଗିତା ରହିଛି । ସେ ସଂସାରରେ ସୁଖ ସଙ୍ଗେ ସଙ୍ଗେ ଦୁଃଖ ସୃଷ୍ଟି କରିଅଛନ୍ତି । ଜ୍ଞାନୀ ବ୍ୟକ୍ତି ପରମାନନ୍ଦ ତଥା ପରମ ସତ୍ୟରେ ନିବାସ କରି ପାରନ୍ତି । କିନ୍ତୁ ଅଶୁଦ୍ଧ ମନପ୍ରାଣଯୁକ୍ତ ସଂସାରୀ ବ୍ୟକ୍ତି ଦୁଃଖ ଅଭାବରେ ଇନ୍ଦ୍ରିୟତୃପ୍ତି ସୁଖ, ଅହଂତୃପ୍ତି ମାନପ୍ରତିଷ୍ଠାରେ ରାକ୍ଷସ ସଦୃଶ ହୋଇଯାଆନ୍ତି । ସେମାନଙ୍କ ବିକାଶମାର୍ଗ ରୁଦ୍ଧ ହୋଇଯାଏ । ଏପରି ଅସତ୍ ମାର୍ଗରେ ପ୍ରବୃତ୍ତ, ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିକୁ ସଚେତ କରେ ଦୁଃଖ, କଷ୍ଟ । ଦୁଃଖ, କଷ୍ଟ ଏମାନଙ୍କର ହିତାକାଂକ୍ଷୀ ପରମମିତ୍ର । ଦୁଃଖକଷ୍ଟର ସାହାଯ୍ୟ ବିନା ଏମାନଙ୍କ ସକାଶେ ପରମସୁଖ ଅସମ୍ଭବ । ସେହି ସକାଶେ ଲୋକ ଉକ୍ତିରେ କୁହାହୁଏ ଦୁଃଖ ଛଡ଼ା ସୁଖର ମୂଲ୍ୟ ନ ଥାଏ । ଏହି ଉକ୍ତି କେବଳ ଆମମାନଙ୍କ ସଦୃଶ ବଦ୍ଧଜୀବ ସକାଶେ । ପରମାନନ୍ଦରେ ନିବାସୀ ମୁକ୍ତ ଜୀବ ସକାଶେ ନୁହେଁ ।

ବିଷୟାସକ୍ତ ମୋହମାୟାଗ୍ରସ୍ତ ବ୍ୟକ୍ତି ସ୍ତ୍ରୀ, ପୁତ୍ର, ଧନ, ମାନ, ଅଜ୍ଞାନ, ଆସକ୍ତିରେ ଆସକ୍ତ ଥାଏ । ନିଜ ଅନ୍ତରାତ୍ମା ଅଥବା ଭଗବାନଙ୍କ ଧାରଣା କେବେ ବି କରେ ନାହିଁ । ମୃତ୍ୟୁ ଯଦ୍ୟପି ତା' ଶିର ଉପରେ ସର୍ବଦା ନୃତ୍ୟ କରୁଥାଏ ତଥାପି ସେ ତାହା ଭୁଲି ଇନ୍ଦ୍ରିୟ ବିଷୟ ଚିରକାଳ ଭୋଗିବା ଉଦ୍ଦେଶ୍ୟରେ କର୍ମ କରୁଥାଏ । ଭଗବାନଙ୍କ ନାମ ଶୁଣିବା ମାତ୍ରେ କୁସଂସ୍କାର କହି ସୀମିତ, ଅସଂସ୍କୃତ, ଅଜ୍ଞାନାବୃତ ବୁଦ୍ଧିରେ ଯୁକ୍ତିତର୍କ ଦ୍ୱାରା ଅନୀଶ୍ୱରବାଦ ପ୍ରତିପାଦନ କରେ ଅଥବା କଥାରେ ଯଦ୍ୟପି ଈଶ୍ୱରଙ୍କର ଅସ୍ତିତ୍ୱ ଅସ୍ୱୀକାର କରେ ନାହିଁ ତଥାପି ଈଶ୍ୱରଙ୍କଠାରୁ ଉଦାସୀନ ଥାଏ । ଭଗବାନ୍ ପରମକରୁଣାମୟ । ସମସ୍ତ ଜୀବ ତାଙ୍କରି । ତାଙ୍କ କୃପା ସମସ୍ତଙ୍କ ଉପରେ ସମାନ । ଏପରି ବଦ୍ଧଜୀବଙ୍କ ଉପରେ ଭଗବାନଙ୍କ କରୁଣା ନ ହେଲେ ଏମାନଙ୍କର କୋଟି କୋଟି ଜନ୍ମ ପର୍ଯ୍ୟନ୍ତ ଉଦ୍ଧାର ଅସମ୍ଭବ । ଭଗବାନଙ୍କ କରୁଣା ହୁଏ ବ୍ୟକ୍ତିର ସ୍ୱଭାବ ଅନୁସାରେ । କାହାକୁ ସୁଖ-ସମୃଦ୍ଧି ମଧ୍ୟରେ କରୁଣା କରନ୍ତି, କାହା ଉପରେ କରୁଣା କରନ୍ତି ଦୁଃଖତାପ ମଧ୍ୟରେ । ତାଙ୍କ ମାୟା ବଡ଼ ପ୍ରବୀଣ । ସେ ଭଗବାନଙ୍କ ନିର୍ଦ୍ଦେଶ ବୁଝି କାର୍ଯ୍ୟ କରେ । ଯାହା ସକାଶେ ସୁଖସମୃଦ୍ଧିର ଆବଶ୍ୟକ ଥାଏ ତାକୁ ତାହା ଦେଇ ତାହାରି ମଧ୍ୟରେ ତାକୁ ସଚେତ କରାଏ । ଅନ୍ୟଥା ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଜାଗ୍ରତ୍ କରିବା ସକଶେ ଦୁଃଖକଷ୍ଟ ଆଣି ସେମାନଙ୍କ ଉପରେ ଲଦି ଦିଏ । ଦୁଃଖରେ ଜର୍ଜରିତ ହୋଇପଡ଼ିବାରୁ ସେମାନଙ୍କ ମନ, ପ୍ରାଣର କୋଳାହଳ ସ୍ଥଗିତ ହୁଏ । ଏହି ଅବସରରେ ମନ-ପ୍ରାଣ ଦ୍ୱାରା ଆବୃତ ହୋଇଥିବା ଆନ୍ତରସତ୍ତା ସମ୍ମୁଖକୁ ଆସି ବ୍ୟକ୍ତିକୁ ଭଗବତ୍ ଅଭିମୁଖେ ଗତି କରିବାର ପ୍ରେରଣା ଦିଏ । ସେହି ସମୟରେ ବ୍ୟକ୍ତି ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଭଗବାନଙ୍କୁ ଡାକେ । ଭଗବାନ୍ ତତ୍‌କ୍ଷଣାତ୍ ଶୁଣନ୍ତି । ଭଗବାନଙ୍କ କରୁଣା ବ୍ୟକ୍ତିର ଅନ୍ତରତମ ପ୍ରଦେଶରେ ପ୍ରାପ୍ତ ହୁଏ । ତାହା କେବେ ବି ନଷ୍ଟ ହୁଏ ନାହିଁ । କିନ୍ତୁ ବ୍ୟକ୍ତି ସେ ସମୟରେ ଭଗବତ୍ କରୁଣା ବୁଝିପାରେ ନାହିଁ । ପୁନରାୟ ମନ, ପ୍ରାଣ ସମ୍ମୁଖକୁ ଆସନ୍ତି, ଅନ୍ତରାତ୍ମା ସେସବୁର ଆବରଣର ପଶ୍ଚାତ୍‌କୁ ଚାଲିଯାଏ । ଏହିପରି ଜନ୍ମ- ଜନ୍ମାନ୍ତରରେ ଦୁଃଖକଷ୍ଟ ଦ୍ୱାରା ଚୈତ୍ୟସତ୍ତାର ବିକାଶ ହୋଇଚାଲେ । ତା'ର ବିକାଶ ଅନୁସାରେ ମନ, ପ୍ରାଣର କର୍ତ୍ତୃତ୍ୱ କମ୍ ହେଉଥାଏ । ଏହାହିଁ ଯଥାର୍ଥ ପୁଣ୍ୟ । ଏହି ପୁଣ୍ୟ ଜନ୍ମଜନ୍ମାନ୍ତରରେ ଯେତେବେଳେ ଏକତ୍ର ହୁଏ ସେତେବେଳେ ଚୈତ୍ୟସତ୍ତାର ପ୍ରଭାବ ମନ, ପ୍ରାଣ

ଉପରେ ପଡ଼େ । ଏହି ସମୟରେ ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ଏବଂ ଅଧ୍ୟାତ୍ମମାର୍ଗରେ ଯାତ୍ରା କରେ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକହିଁ ପ୍ରଣାଳୀ ହୁଏ ନାହିଁ । କାହା ଉପରେ ଭଗବାନ୍ ନିର୍ହେତୁକୀ କୃପା କରି ବିନା କାରଣରେ ତା'ର ଚୈତ୍ୟପୁରୁଷକୁ ଜାଗ୍ରତ୍ କରିଦିଅନ୍ତି । ସେ ଭଗବଦଭିମୁଖୀ ହୋଇଯାଏ ।

ଆଉ କାହାରି କାହାରି ଯେଉଁ ବିଷୟରେ ଅଧିକ ମୋହ ବା ଆସକ୍ତି ଥାଏ ତାହା ଉପରେ ପ୍ରକୃତି ପ୍ରହାର କରେ । ସ୍ତ୍ରୀ ପ୍ରତି ଅତ୍ୟଧିକ ଆସକ୍ତି ଥିଲେ ସ୍ତ୍ରୀ ରୋଗଗ୍ରସ୍ତା ହୁଏ, ଅଥବା ପତିକୁ ପ୍ରବଞ୍ଚନା କରେ । ପୁତ୍ର ପ୍ରତି ଆସକ୍ତି ଥିଲେ ପୁତ୍ର ଅବଜ୍ଞାକାରୀ ହୁଏ କିଂବା ଗୃହ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରେ ଅଥବା ମୃତ୍ୟୁମୁଖରେ ପଡ଼େ । ଧନରେ ଲୋଭଥିଲେ ଧନ ନଷ୍ଟ ହୁଏ । ମାନଯଶଃଲାଳାୟିତ ବ୍ୟକ୍ତିର ଅପମାନ ହୁଏ, ଯଶଃ ପରିବର୍ତ୍ତେ ଅପଯଶଃ ମିଳେ । କୌଣସି ବ୍ୟକ୍ତି ପକ୍ଷେ ସ୍ତ୍ରୀ, ପୁତ୍ର, ଧନ, ମାନଯଶଃ ଏକସଙ୍ଗେ ନଷ୍ଟ ହୁଏ । ତା' ପକ୍ଷେ ହୁଏ ସମସ୍ତ ଦିଶା ଅନ୍ଧକାର । ସେ ଏକେବାରେ ଅସହାୟ । ସଂସାର ତା' ପକ୍ଷେ ଶ୍ମଶାନ । ସମସ୍ତ ଇନ୍ଦ୍ରିୟ ମ୍ରିୟମାଣ, ଶୋକସନ୍ତପ୍ତ, ନିସ୍ତବ୍ଧ । ଏହି ଅବସ୍ଥାରେ ଅନ୍ତରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ବ୍ୟକ୍ତିକୁ ଭଗବତ୍‌ସମ୍ମୁଖ କରିଦିଏ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏପରି ହୁଏ ନାହିଁ । ହୁଏ ଯେଉଁ ବ୍ୟକ୍ତି ଉପରେ ଭଗବାନ୍ କୃପା କରନ୍ତି । ଅର୍ଥାତ୍ ଯେଉଁ ବ୍ୟକ୍ତିକୁ ସଂସାରର ମୋହମାୟାରୁ ମୁକ୍ତ କରି ପରମାନନ୍ଦ ପ୍ରାପ୍ତ କରାଇବାକୁ ଚାହାନ୍ତି । ଏଠାରେ ଗୋଟିଏ ଉଦାହରଣ ଦେବା ।

## ରାଜା ଭର୍ତ୍ତୃହରି

ରାଜା ଭର୍ତ୍ତୃହରି ଥିଲେ ପ୍ରଜାବତ୍ସଳ ଆଦର୍ଶ ଶାସକ । ତାଙ୍କର ନିଜ ପତ୍ନୀ ପ୍ରତି ଥିଲା ଅତ୍ୟଧିକ ଆସକ୍ତି । ରାଜ୍ୟଶାସନରେ ଥିଲା ଧାର୍ମିକ ମୋହ । ଭଗବାନଙ୍କ ଅହେତୁକୀ କୃପାରେ ଜଣେ ସାଧୁ ତାଙ୍କୁ ଦିନେ ଗୋଟିଏ ଫଳ ଦେଇ କହିଲେ, ''ଏହି ଫଳଟି ଯେ ଭକ୍ଷଣ କରିବ ତା'ର ଯୌବନ ମୃତ୍ୟୁ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିବ ।'' ରାଜା ତାହା ସାଦରେ ଗ୍ରହଣ କଲେ । ସାଧୁଗଲେ ତାଙ୍କ ରାସ୍ତାରେ । ରାଜା ମନେ କଲେ, ''ମୋର ଚିରଯୌବନ ହେବା ଅପେକ୍ଷା ରାଣୀଙ୍କର ଚିରଯୌବନ ହେଲେ ମୋତେ ଅଧିକ ସୁଖ ମିଳିବ ।'' ସେ ଫଳଟି ରାଣୀଙ୍କୁ ଦେଲେ । ରାଣୀ ଅନ୍ୟ ବ୍ୟକ୍ତିଠାରେ ଆସକ୍ତ ଥିଲେ । ସେ ଫଳଟି ତାଙ୍କୁ ଦେଲେ । ସେ ବ୍ୟକ୍ତି ସେ ଫଳଟିକୁ ଜଣେ ବେଶ୍ୟାକୁ ଦେଲା । ବେଶ୍ୟା ମନେ କଲା, ''ମୋର ଏହି ଅପବିତ୍ର, କଳୁଷିତ, ପାପଗ୍ରସ୍ତ ଶରୀର ମୃତ୍ୟୁ ପର୍ଯ୍ୟନ୍ତ ଯୌବନ ପ୍ରାପ୍ତ ହେଲେ କେବଳ ପାପ ବୃଦ୍ଧି ହେବ । ରାଜା ଧର୍ମାତ୍ମା ଓ ପ୍ରଜାବତ୍ସଳ, ସେ ଯଦି ଆମରଣ ଯୁବାବସ୍ଥାରେ ରହନ୍ତି ତେବେ ବହୁତ ଲୋକଙ୍କର କଲ୍ୟାଣ ହେବ ।'' ବେଶ୍ୟା ଫଳଟି ନେଇ ରାଜାଙ୍କୁ ଅର୍ପଣ କଲା । ରାଜା ଭର୍ତ୍ତୃହରି ଫଳ ଦେଖି ଅବାକ୍ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବେଶ୍ୟାକୁ ଫଳ ଦେଇଥିବା ବ୍ୟକ୍ତିଙ୍କୁ ରାଜା ଡକାଇଲେ ଏବଂ ସେ ଏ ଫଳ କେଉଁଠୁ ପାଇଲେ ବୋଲି ପଚାରିଲେ । ତାଙ୍କଠାରୁ ଫଳଦାତ୍ରୀ ନିଜ ରାଣୀ ଜାଣିବାରୁ ରାଜାଙ୍କ ମନରେ ଅପାର ଦୁଃଖ ଜାତ ହେଲା । ସେ ମନେ କଲେ, ''ସଂସାର ଆସକ୍ତି କେବଳ ସ୍ୱାର୍ଥ ଉପରେ ପ୍ରତିଷ୍ଠିତ । ଯାହାର ଯାହାଦ୍ୱାରା ସ୍ୱାର୍ଥସିଦ୍ଧି ହୁଏ, ସେ ତା' ପ୍ରତି ଆସକ୍ତ ହୁଏ । ଜଣେ ଆସକ୍ତ ଥାଏ ଜଣକଠାରେ, ସେ ଜଣକ ପୁଣି ଆସକ୍ତ ଥାଏ ଅନ୍ୟ ଜଣକଠାରେ ।'' ଏହି ଦୁଃଖରେ ତାଙ୍କର ଅନ୍ତରାତ୍ମା ଜାଗ୍ରତ୍ ହେଲା । ସେ ରାଜ୍ୟ, ସ୍ତ୍ରୀ, ଧନ ସବୁକିଛି ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ଏବଂ କଠୋର ତପସ୍ୟାରେ ଭଗବତ୍ ପ୍ରାପ୍ତି କରି ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ ଲାଭ କରିଥିଲେ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୬୧୫ -୬୧୭)

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୨୭)

## ସାହାନା ଦେବୀ

**ସାହାନା :** ମା ଗୋ, ଏବେ ସୁଦ୍ଧା ବି କ'ଣ ତା'ର ଯାତାୟାତ ସମ୍ବନ୍ଧରେ (ଆଗରୁ ଯେପରି ଲେଖୁଥିଲି) ଲେଖିବାକୁ ପଡ଼ିବ ? ମୁଁ ଭାବୁଥିଲି ବରଂ ତା' ବିଷୟରେ କିଛି ନ ଲେଖିବାକୁ । କାରଣ ତା'ହେଲେ ମୋତେ ତା'ରି କଥା କେବଳ ଖୁବ୍ ବେଶୀ ମନେ ରଖିବାକୁ ହେବ । ଯେପର୍ଯ୍ୟନ୍ତ କିଛି ଅସ୍ୱସ୍ତିକର ବୋଧ ନ ହୁଏ ସେ ପର୍ଯ୍ୟନ୍ତ ଆଉ ତା' ବିଷୟରେ ତୁମମାନଙ୍କୁ କିଛି ଲେଖିବି ନାହିଁ । ଅବଶ୍ୟ ଏଇ ବିଷୟରେ ତୁମେମାନେ ଯାହା କହିବ ତାହାହିଁ ହେବ । ତୁମମାନଙ୍କର ମତ କ'ଣ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ମନେ ହେଉଛି ତୁମେ ଠିକ୍ । ସର୍ବଦାହିଁ ତା' ବିଷୟରେ ଏତେ ଭାବିବା ବର୍ତ୍ତମାନ ଅର୍ଥହୀନ । ଯେତେବେଳେ ତୁମେ ଲେଖିବା ଆବଶ୍ୟକ ମନେ କରିବ କିଂବା ଯଦି ଏମିତି କିଛି ତୁମ ସମ୍ବନ୍ଧରେ ଥାଏ ଯାହା ଆମକୁ କହିବା ଆବଶ୍ୟକ – କୌଣସି ବିଶେଷ ଉନ୍ନତି କିଂବା କିଛି ଗୁରୁତର ସଂକଟାପନ୍ନ ପରିସ୍ଥିତି ହୁଏ ତେବେ ସେତେବେଳେ ଲେଖିଲେ ବି ଚଳିବ । (୧୨.୪.୩୩)

**ସାହାନା :** ମା' ଗୋ ମୋର, ଗତକାଲି ରାତି ୧୧ଟା ସମୟରେ ହଠାତ୍ – ଅମୁକ ବିଷୟରେ, ସମୁକ ବିଷୟରେ ବିଚାର, ମନୁଷ୍ୟମାନଙ୍କୁ ବିଚାର, ଏଇସବୁ ଦୋଷତ୍ରୁଟିଗୁଡ଼ିକର ଆକ୍ରମଣ ଆସିବାକୁ ଲାଗିଲା, ତା' ସହ ପ୍ରତ୍ୟାଶା ମଧ୍ୟ ଥିଲା । ପ୍ରଥମେ ପ୍ରାୟ ବିଚଳିତ ହେବା ପରି ଉପକ୍ରମ ହୋଇ ଆସୁଥିଲା ଏଗୁଡ଼ିକ ଆସୁଛି ଦେଖି । ହଠାତ୍ ଭିତରୁ ସବୁ ଆପଣାଛାଏଁ ଶାନ୍ତ ହୋଇଗଲା ଏବଂ ମନେ ପଡ଼ିଲା : ମା' ଥରେ କହିଥିଲେ ନିଜର ଦୋଷ ଦେଖିଲେ ଆମର ଖୁସି ହେବା ଉଚିତ ଏହା ଭାବି ଯେ ଏଇଥର ଗୋଟିଏ ଜିନିଷ ପାଇଛି ଜୟ କରିବା ଲାଗି । ତା'ପରେ ଶ୍ରୀଅରବିନ୍ଦ ମୋତେ ଏଇସବୁ ବିଷୟରେ ଯାହା ସବୁ ଲେଖିଛନ୍ତି ମନେ ପଡ଼ିଗଲା । ସେତେବେଳେ ବିଚଳିତ ହେବା ପରିବର୍ତ୍ତେ ଦେଖିଲି ଏକ ଶାନ୍ତ ସଂକଳ୍ପ ଏବଂ ଆସ୍ପୃହା ଅବତରଣ କଲା ନିଜକୁ ବିଚ୍ଛିନ୍ନ ରଖି ଏସବୁର ମୁହାଁମୁହିଁ ହୋଇ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ । ତା'ପରେହିଁ ଏକ ସ୍ୱସ୍ତିର ଭାବ ଆସିଲା, ମନେ ହେଲା ଯେପରି ଠିକ୍ ଉପଯୁକ୍ତ ମୂଳଭାବଟି ଆସିଗଲା, ବଞ୍ଚିଗଲି – ଏଇ ପ୍ରକାର ଭାବ !

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ସବୁ ନିର୍ଭର କରେ ତା' ଉପରେ । କାରଣ ଯେତେଦିନ ଯାଏ ସେସବୁକୁ ପରିବର୍ଜନ କରା ନ ହୋଇଛି, ସେସବୁ ସେତେଦିନ ପୁଣି ବାରଂବାର ଫେରି ଆସିବାର ଚେଷ୍ଟା କରିବେ । (୧୩.୪.୩୩)

**ସାହାନା :** ଏଥର ଯେପରି ମୁଁ ଏଇ ଚକ୍ର ମଧ୍ୟରୁ ବାହାରି ଯାଇପାରେ ଯେତେ ବାଧାବିଘ୍ନ ଆସୁ ପଛକେ ପଛେଇ ଯିବିନି, ଏସବୁର ଊର୍ଦ୍ଧ୍ୱକୁ ଉଠିବି ନିଶ୍ଚୟ । ଶ୍ରୀଅରବିନ୍ଦ ଯେତେବେଳେ ଅଭୟ ପ୍ରଦାନ କରିଛନ୍ତି ସେତେବେଳେ ଆଉ ଭୟ କାହାକୁ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ସଂକଳ୍ପକୁ ଧରି ରଖ ତା'ହେଲେ ଅନେକ ସହଜ ହେବ । ବିଚଳିତ ହେବାହିଁ ହେଉଛି ଚେତନାକୁ ଏବଂ ଶକ୍ତିକୁ (ମନୋବଳକୁ) ଆଚ୍ଛନ୍ନ, ଅବସନ୍ନ କରିଦିଏ ଏବଂ ତାହା ବିରୋଧୀ ଶକ୍ତିକୁ ଆସିବାକୁ ସୁଯୋଗ ଦେଇଥାଏ । (୧୪.୪.୩୩)

**ସାହାନା :** ଯେତେବେଳେ ମୋତେ ଏତେ ତୃପ୍ତି ଲାଗେ ମୋର ମନେହୁଏ ପ୍ରକୃତରେ ମୁଁ ଯନ୍ତ୍ର ବ୍ୟତୀତ ଆଉ ବେଶୀ କିଛି ନୁହେଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ଖୁବ୍ ଭଲ କଥା ଏତେ ଦୃଢ଼ତାର ସହ ସବୁ ପୁଣି ଫେରି ଆସିଛି । ଏହା ହେଉଛି ପ୍ରାଣିକ ସତ୍ତାର ପୂର୍ଣ୍ଣ ଆତ୍ମନିବେଦନ ।

**ସାହାନା :** ଏକ ଆନନ୍ଦ ଓ ଅପୂର୍ବ ସୁନ୍ଦର ଗଭୀର ଭକ୍ତି ଏବଂ ପ୍ରେମ ଭାବର ମିଳନ ହେତୁ ବର୍ତ୍ତମାନ ମୁଁ ଖୁବ୍ ଖୁସି ଓ ପ୍ରଫୁଲ୍ଲ ବୋଧ କରୁଛି । କେବଳ ଆଶଙ୍କା ହେଉଛି ମୋର ଖୁବ୍ ବେଶୀ ମାତ୍ରାରେ କଥା ଗପିବା ତା'ର କୌଣସି କ୍ଷତି କରିବନି ତ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯଦି ଏହା ଏକ ସାମୟିକ ବ୍ୟାପାର ହୁଏ, ତେବେ ଏଥିରେ କିଛି କ୍ଷତି ହେବା ଉଚିତ ନୁହେଁ । (୨୩.୪.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଭଗବାନଙ୍କ ଉପସ୍ଥିତିରେ

## ଟି. କୋଦଣ୍ଡ ରାମାରାଓ

### (୧୯୨୦)

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ଶ୍ରୀଅରବିନ୍ଦ ସେତେବେଳେ ସେହି ଭବନର ପ୍ରଥମ ମହଲାରେ ଥିବା ଗୋଟିଏ ରୁମରେ ରହୁଥିଲେ । ସେହିଠାରେ ତାଙ୍କ ସହିତ ପ୍ରାୟ ୬ ଜଣ ବ୍ୟକ୍ତି ଏକାଠି ରହୁଥିଲେ । ସେହି ସମୟରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାକୁ ରାଜନୈତିକ ବ୍ୟକ୍ତିମାନଙ୍କର ବେଶ୍ ପ୍ରବେଶ ହେଉଥିଲା । କାରଣ ସେତେବେଳେ ଦେଶରେ ଅସହଯୋଗ ଆନ୍ଦୋଳନ ପୂରା ଦମ୍‌ରେ ଚାଲିଥିଲା ଏବଂ ପ୍ରତ୍ୟେକ ରାଜନୈତିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କର ଦର୍ଶନ ପାଇବାକୁ ଓ ତାଙ୍କଠାରୁ କିଛି ରାଜନୈତିକ ପରାମର୍ଶ ନେବା ପାଇଁ ଉଦ୍‌ବିଗ୍ନ ଓ ଉତ୍‌କଣ୍ଠିତ ଥିଲେ । କିନ୍ତୁ ଶ୍ରୀଅରବିନ୍ଦ ସେତେବେଳେ ନିଭୃତରେ ରହି ଆଧ୍ୟାତ୍ମିକ ଜୀବନ ଯାପନ କରୁଥିଲେ । ସେଥିପାଇଁ ସେ ସାଧାରଣତଃ ରାଜନୈତିକ ବ୍ୟକ୍ତିମାନଙ୍କ ସହିତ ଦେଖା କରିବାକୁ ରାଜି ହେଉନଥିଲେ । ବେଳେ ବେଳେ କେବଳ ଦେଶର ହିତଦୃଷ୍ଟିରୁ କିଛି ଆବଶ୍ୟକ ଥିଲେ ଦେଖା କରୁଥିଲେ । ଶ୍ରୀଅରବିନ୍ଦ ଆଗନ୍ତୁକ ଦର୍ଶନାଭିଳାଷୀମାନଙ୍କୁ ପ୍ରତିଦିନ ସକାଳ ୯ଟାରୁ ଘ ୧୦ଟା ପର୍ଯ୍ୟନ୍ତ ସାକ୍ଷାତ୍ କରୁଥିଲେ । ତେଣୁ ଆମେ ଡାକରା ପାଇ ଅମୃତଙ୍କ ରୁମ୍‌କୁ ପ୍ରାୟ ଘ ୯.୩୦ ମିନିଟରେ ଗଲୁ । ସେ ଆମକୁ କହିଲେ, ଆମେ କେବଳ ଅଳ୍ପ କ୍ଷଣ ପାଇଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିପାରିବୁ । ଆମେ ଆନନ୍ଦରେ ଠିକ୍ ସମୟରେ ଉପର ମହଲାକୁ ଗଲୁ ।

ସେତେବେଳେ ଶ୍ରୀଅରବିନ୍ଦ ବାରଣ୍ଡାରେ ଗୋଟିଏ ଆୟତାକାର ଟେବୁଲ ନିକଟରେ ବସିଥିଲେ । ବାରଣ୍ଡାର ସେହି ଟେବୁଲ ଉପରେ ଗୋଟିଏ ନୀଳରଙ୍ଗର କପଡ଼ା ପଡ଼ିଥିଲା ଏବଂ ଶ୍ରୀଅରବିନ୍ଦ ସେଠାରେ ବସି ସକାଳର ଖବରକାଗଜ ଉପରେ ଦୃଷ୍ଟିପାତ କରୁଥିଲେ । ଆମେ ସେଠାକୁ ଯାଇ ତାଙ୍କ ସାମନାରେ ଠିଆ ହୋଇ ଯୋଡ଼ହସ୍ତରେ ପ୍ରଣିପାତ କଲୁ । ସେ ଆମକୁ ଦେଖି ତାଙ୍କ ସାମନାରେ ଥିବା ଚୌକିରେ ବସିବା ପାଇଁ ସଙ୍କେତ ଦେଲେ । ସେତେବେଳେ ତାଙ୍କର ଦେଦୀପ୍ୟମାନ ବ୍ୟକ୍ତିତ୍ୱ ଦେଖି ଆଖି ଝଲସି ଉଠିଥିଲା । ତାଙ୍କର ସୁବର୍ଣ୍ଣ ରଙ୍ଗର ଶରୀରରୁ ଉଜ୍ଜ୍ୱଳ ଆଲୋକର ତେଜଃ ଚାରିଆଡ଼େ ବିଚ୍ଛୁରିତ ହୋଇ ପଡୁଥିଲା । ତାଙ୍କର ଦୀପ୍ତିମାନ୍ ଚକ୍ଷୁରେ ସେ ଗଭୀର ଭାବେ ମୋତେ ଦୃଷ୍ଟିପାତ କଲେ । ସେଥିରେ ମୋର ହୃତ୍‌କମ୍ପ ଜାତ ହେଲା, ମୋର ସତ୍ତା ଭିତରେ ଏକ ପୁଲକ ସୃଷ୍ଟି ହେଲା ଏବଂ ମୁଁ ନିର୍ବାକ୍ ହୋଇଗଲି । ମୋ ପାଟିରୁ କିଛି କଥା ବାହାରିଲା ନାହିଁ । ମୋର ବନ୍ଧୁ ଶ୍ରୀଅରବିନ୍ଦଙ୍କୁ ଯୋଗ ବିଷୟରେ କିଛି ପ୍ରଶ୍ନ କରିଥିଲେ ଏବଂ ପରେ ଆମ ନିଜ ବିଷୟରେ କିଛି ପରାମର୍ଶ ଲୋଡ଼ିଲେ । ତାହାହେଲା – ଆସନ୍ତା ତିନି ମାସରେ ହେବାକୁ ଯାଉଥିବା ବି. ଏ. ପରୀକ୍ଷା ନ ଦେଇ ରାଜନୈତିକ ଆନ୍ଦୋଳନରେ ସମ୍ପୃକ୍ତ ହୋଇ କିଛି କାର୍ଯ୍ୟ କରିବୁ କିଂବା ଯୋଗ ଅଭ୍ୟାସ କରିବୁ । ଏଥିଭିତରୁ କେଉଁ ବିଷୟ ଆମ ପାଇଁ ଉପାଦେୟ ହେବ ?

ଶ୍ରୀଅରବିନ୍ଦ ସବୁ ଶୁଣିସାରି ଆମକୁ ପରାମର୍ଶ ଦେଲେ, ''ପ୍ରଥମେ ପରୀକ୍ଷା ଦିଅ । ଯୋଗ କରିବ କିଂବା ରାଜନୀତି କରିବ ତାହା ପରେ ସ୍ଥିରୀକୃତ ହେବ'' ।

କିଛି ସମୟପରେ ମୁଁ ପ୍ରକୃତିସ୍ଥ ହୋଇ ଗୋଟିଏ ପ୍ରଶ୍ନ ଶ୍ରୀଅରବିନ୍ଦଙ୍କୁ କରିଥିଲି । ତାହା ହେଲା, ଯୋଗ ସାଧନା କରିବାକୁ ହେଲେ ପ୍ରାଣାୟାମ କରିବା କ'ଣ ନିହାତି ଦରକାର ? କିଂବା ପ୍ରାଣୟାମ ବିନା ଯୋଗସାଧନା କରିହେବ ?

ଶ୍ରୀଅରବିନ୍ଦ ଏହି ପ୍ରଶ୍ନର ଉତ୍ତରରେ ଦୃଢ଼ତା ସହ କହିଲେ – ପ୍ରଥମେ ଭଗବାନଙ୍କ ନିକଟରେ ତୁମର ସବୁକିଛି ସମର୍ପଣ କର ଏବଂ ଉଚ୍ଚତର ଦିବ୍ୟଶକ୍ତିକୁ ଆବାହନ କର ସାଧନା କରିବା ପାଇଁ । ... କିଛି ସମୟ ନିରବତା ପରେ ସେ ଆମକୁ ଆଶୀର୍ବାଦ କଲେ ଓ ଆମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କଠାରୁ ବିଦାୟ ନେଲୁ । ତାଙ୍କଠାରୁ ବିଦାୟ ନେଲା ବେଳେ ମୁଁ ତାଙ୍କୁ ପ୍ରାର୍ଥନା କରି ଏକ ଅନୁମତି ମାଗିଥିଲି । ତାହାହେଲା, ଯେତେବେଳେ ମୁଁ ଇଚ୍ଛା କରିବି ତାଙ୍କୁ ଦର୍ଶନ କରିପାରିବି । ଶ୍ରୀଅରବିନ୍ଦ ଦୟାପରବଶ ହୋଇ ମୋତେ ସମ୍ମତି ପ୍ରଦାନ କରିଥିଲେ । ଖୁବ୍ ଆନନ୍ଦିତ ଓ ସନ୍ତୋଷ ଲାଭ କରି ଆମେ ସେଠାରୁ ବିଦାୟ ନେଇଥିଲୁ ।

(Ref : *First Darshan of Lord Sri Aurobindo & Divine Mother*, Part- II, P.18 - 19)

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

# ଅଦିନ ଫଳ

## ଭିକାରି ଚରଣ ପଣ୍ଡା

ଗରିବ ବ୍ରାହ୍ମଣଟାଏ ଥିଲା । ଭିକ୍ଷା ବ୍ୟତୀତ ସଂସାର ଚଳାଇବାର ଅନ୍ୟ ରାହା ତା'ର ନଥିଲା । ସାତସିଆଁ ଲୁଗା ଖଣ୍ଡେ ପିନ୍ଧିଥାଏ । ଭିକ୍ଷା ଝୁଲିଟା ମଧ୍ୟ ଏତେ ବିକଳ ଯେ ସେଥିରେ ପତ୍ର ପୁଳାଏ ଲେଖାଏଁ ତିନି, ଚାରି ଜାଗାରେ ନ ଗେଞ୍ଜିଲେ ଚାଉଳତକ ବାଟରେ ପଡ଼ିଯିବାର ଭୟ ଥାଏ । ଦିନେ ବ୍ରାହ୍ମଣ ଭିକ୍ଷା କରିବାକୁ ବହୁଦୂର ଚାଲିଗଲା । କିନ୍ତୁ ଫେରିବାକୁ ବଳ ପାଇଲା ନାହିଁ । ବାଟରେ ଭୋକ ଓ ଶୋଷରେ ତଣ୍ଟି ଶୁଖି ଚେତା ହରାଇ ପଡ଼ିଗଲା । ଏହି ସମୟରେ ଜଣେ କୋଟିପତି ମହାଜନ ତାଙ୍କ ଗାଡ଼ିରେ ଚଢ଼ି ସେବକମାନଙ୍କ ସହ ସେବାଟେ ଯାଉଥିଲେ । ବ୍ରାହ୍ମଣର ଅବସ୍ଥା ଦେଖି ସେ ସବୁକଥା ଅନୁମାନ କରିନେଲେ । ଦୟାକରି ତରଳ ପୁଷ୍ଟିକର ପାନୀୟ କିଛି ତା' ପାଟିରେ ଢାଳିଦେବାକୁ ଚାକରମାନଙ୍କୁ ଆଦେଶ ଦେଲେ । ବ୍ରାହ୍ମଣ ତାକୁ ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ଢୋକି ଦେଲା, କିନ୍ତୁ ଆଖି ନଫିଟାଇ ପୁଣି ଶୋଇ ପଡ଼ିଲା ।

ଏଥର ତା'ର ଭୟର କାରଣ ନାହିଁ ବୋଲି ମହାଜନ ବିଶ୍ୱାସ କଲେ, କିନ୍ତୁ ଯିବାପୂର୍ବରୁ ତା' ସହିତ କିଛି କୌତୁକ କରିବାକୁ ତାଙ୍କର ଇଚ୍ଛା ହେଲା । ମୂଳରୁ ସେ ଜଣେ କୌତୁକପ୍ରିୟ ବ୍ୟକ୍ତି । ଧନରତ୍ନର ମଧ୍ୟ ଅଭାବ ନାହିଁ । ବ୍ରାହ୍ମଣର ଦାରିଦ୍ର୍ୟାବସ୍ଥାକୁ ଚିରଦିନ ଶେଷ କରିଦେବାକୁ ସେ ମନସ୍ଥ କଲେ; କିନ୍ତୁ ବଡ଼ କୌତୁକପୂର୍ଣ୍ଣ ଉପାୟରେ । ସେ କ'ଣ କଲେ ନା ବ୍ରାହ୍ମଣର ଚିରାଲୁଗାକୁ କାଢ଼ି ନେଇ ତା' ବଦଳରେ ଖଣ୍ଡେ ବହୁ ମୂଲ୍ୟ ପାଟ ପିନ୍ଧାଇ ଦେଲେ । ଆଉ ଖଣ୍ଡେ ପାଟ ଉତ୍ତରୀୟ-ଭାବେ କାନ୍ଧରେ ଭିଡ଼ି ଦିଆଗଲା । ବ୍ରାହ୍ମଣ ଏସବୁ କିଛି ଜାଣେ ନାହିଁ । ତା'ର ଚେତା ସେପର୍ଯ୍ୟନ୍ତ ଫେରୁ ନଥାଏ । ପୁଣି ସେ କ'ଣ କଲେ ନା ତା' ଦେହରେ କଙ୍କଣ, କୁଣ୍ଡଳ, ମୁଦି, ହାର ପ୍ରଭୃତି ବହୁ ମୂଲ୍ୟବାନ୍ ସୁନା ଅଳଙ୍କାରଗୁଡ଼ିକ ପିନ୍ଧାଇ ଦେଲେ । ମୁଣ୍ଡରେ ଗୋଟିଏ ପଗଡ଼ି ପିନ୍ଧାଇ ଦେଲେ । ଏତକ କରିସାରି ଅଣ୍ଟାଏ ଉଚ୍ଚର ଗୋଟାଏ ବିରାଟ ଦର୍ପଣ ତା' ଆଗରେ ଡେରି ଦେଲେ, ଯେପରି ଉଠିଲା କ୍ଷଣି ତା'ର ପ୍ରତିବିମ୍ବକୁ ସେ ଦେଖି ଚମକି ପଡ଼ିବ । ତା'ପରେ ମହାଜନ ତାଙ୍କ ବାଟରେ ଚାଲିଗଲେ ।

କିଛିକ୍ଷଣ ପରେ ଖାଦ୍ୟପ୍ରଭାବରୁ ବ୍ରାହ୍ମଣର ଚେତା ଫେରିଲା । ଉଠିବା କ୍ଷଣି ପ୍ରଥମେ ଦର୍ପଣରେ ତା'ର ନିଜ ରୂପଟି ଦିଶିଗଲା । ଭୟରେ ଅତର୍ଛ ହୋଇ ସେ ପ୍ରଥମେ କିଛିବାଟ ଦୌଡ଼ିଗଲା । ତା'ପରେ ଭୟର ପ୍ରଥମ ଧକ୍‌କାଟି କଟିଯିବାରୁ ସାହସ କରି ଦର୍ପଣରେ ନିଜର ରୂପକୁ ଆଉଥରେ ଦେଖିଲା । ସୁନାରେ ସାରା ଦେହଟି ଝିଲମିଲ କରୁଛି । ସ୍ଥାନେ ସ୍ଥାନେ ରତ୍ନ ଜଡ଼ିତ ହୋଇଥିବାରୁ ଆଖିକୁ ଝଲସାଇ ଦେଉଛି । ପୂର୍ବର ଅବସ୍ଥା ସହିତ ପାର୍ଥକ୍ୟଟି ଏତେ ବେଶୀ ହୋଇଗଲା ଯେ ନିଜକୁ ସେ ପୂର୍ବର ଦରିଦ୍ର ବ୍ରାହ୍ମଣ ବୋଲି ଆଦୌ ବିଶ୍ୱାସ କରି ପାରିଲା ନାହିଁ । ବିଶ୍ୱାସ କରିବା ପାଇଁ କୌଣସି ପ୍ରମାଣ ତା' ପାଖରେ ଆଉ ନଥିଲା । ଭିକ୍ଷାଝୁଲି ଓ ଛିଣ୍ଡାଲୁଗାକୁ ପାଖରେ କେଉଁଠି ବୁଦାମୂଳରେ ଲୁଚାଇ ଦିଆଯାଇ ଥିବାରୁ ପୂର୍ବର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ତା'କୁ ତା'ର ପରିଚୟ ଦେବାରେ ସାହାଯ୍ୟ କରି ପାରିଲେ ନାହିଁ । ନିଜର ଶରୀରକୁ ଚାହିଁ ଓ ତାକୁ ବାରଂବାର ସଙ୍କୋଚ ସହକାରେ ସ୍ପର୍ଶକରି ସେ ମନେମନେ ଭାବିଲା, ଏଇ ଅଦ୍ଭୁତ ଲକ୍ଷଣବନ୍ତ ଶରୀରଟି କାହାର ? ସେ ନିଜର ପ୍ରତିବିମ୍ବକୁ ଚାହିଁ ପ୍ରଶ୍ନକଲା, ''ମୁଁ ଏଇଠି ଶୋଇଥିଲି । କୁଆଡ଼େ ଗଲି ତୁମେ ଦେଖିଛ ?'' ପ୍ରତିବିମ୍ବଟି ତାକୁ ଖଡେଇ ହେବାରୁ ସେ ଏଥର ଭୟରେ କାନ୍ଦିବାକୁ ଆରମ୍ଭ କଲା । ସେ ଏଥର ପାଗଳ ପରି କାନ୍ଦିକାନ୍ଦି ବାଟୋଇମାନଙ୍କୁ ପଚାରିଲା, ''ମୁଁ ଏଇ ଗଛତଳେ ଶୋଇଥିବାର ମନେ ଅଛି । ଉଠି ଦେଖିଲା ବେଳକୁ ମୁଁ ଆଉ ନାହିଁ । ଦୟାକରି ମୋତେ ଟିକିଏ ଖୋଜ । ମୁଁ କୁଆଡ଼େ ହଜିଯାଇଛି ।''

ବାଟୋଇ କେତେଜଣ ଆହା ଚୁ ଚୁ କରି ଚାଲିଗଲେ ଓ ତା'କୁ କିଛି କହିଲେ ନାହିଁ । ସେମାନେ ଭାବିଲେ କୌଣସି କୋଟିପତି ମହାଜନର ମନବ୍ୟସ୍ତ କାରଣରୁ ମୁଣ୍ଡଖରାପ ହୋଇଛି, ତାଙ୍କ କୁଟୁମ୍ବଲୋକେ ପଛରେ କାଳେ ଆସୁଥିବେ, ଚୋରଭାବି ସେମାନଙ୍କୁ ହୁଏତ ବାନ୍ଧି ନେଇଯାଇ ପାରନ୍ତି, ଏଇୟା ଭାବି ସେମାନେ ସଙ୍କୋଚବଶତଃ କଥା ନକହି ଚାଲିଗଲେ । କେହି କେହି ଉପଦେଶ ଦେଲେ, ''ହଜୁର ! ଘରକୁ ଚାଲିଯା'ନ୍ତୁ । ଆପଣଙ୍କୁ ନଦେଖି ଘରଲୋକେ ବ୍ୟସ୍ତ ହେଉଥିବେ ।'' ବ୍ରାହ୍ମଣ

ପସ୍ତାଇ ହେଲା, ''ମୁଁ କ'ଣ ଆଉ ଅଛି ଯେ ଘରକୁ ଫେରିବି ? ମୁଁ ତ ଆଉ ଦିଶୁ ନାହିଁ ।''

ଗୋଟାଏ ଚୋର ସେ ବାଟେ ଯାଉଥିଲା । ସେ ଘଡ଼ିଏ ବସି ବ୍ରାହ୍ମଣର ଅଦ୍ଭୁତ ବ୍ୟବହାର ଦେଖିଲା । ସେ ପ୍ରକୃତ ଘଟଣାକୁ କିଛି କିଛି ଅନୁମାନ କରିପାରିଲା । ଏଣେ ତେଣେ ଖୋଜା ଖୋଜି କରି ତା'ର ଛିଣ୍ଡାବସ୍ତ୍ର ଓ ଭିକ୍ଷା ଝୁଲି ଲୁଚାହୋଇ ଥିବାର ଦେଖିଲା । ସେ ବ୍ରାହ୍ମଣକୁ କହିଲା, ''ଗୋସାଇଁ ! ଆଖିବୁଜି ଠିଆ ହୁଅ । ମୁଁ ତୁମକୁ ଆଖି ଖୋଲିବାକୁ ନ କହିଲା ଯାଏଁ ଆଦୌ ଆଖି ଫିଟାଇବ ନାହିଁ । ଏହା ଯଦି କରିପାରିବ, ତେବେ ମୁଁ ତୁମକୁ ଖୋଜି ଆଣି ଦେବି ।'' ବ୍ରାହ୍ମଣ ଆନନ୍ଦରେ ରାଜିହେଲା । ଚୋର ବ୍ରାହ୍ମଣର ସବୁ ବସ୍ତ୍ର ଓ ଅଳଙ୍କାର କାଢ଼ି ନେଇ ନିଜର ଗଣ୍ଠିଲି ଭିତରେ ପୂରାଇଦେଲା । ପୂର୍ବର ଛିଣ୍ଡା ବସ୍ତ୍ର ଓ ଭିକ୍ଷାଝୁଲି ଆଣି ତାକୁ ପୂର୍ବର ଦରିଦ୍ର ଭିକ୍ଷୁବେଶରେ ସଜାଇ ଦେଲା । ବହୁମୂଲ୍ୟ ଗଣ୍ଠିଲିଟି ଧରି ଚୋର ଦେ' ଚମ୍ପଟ୍ । ଯାଉ ଯାଉ କହିଲା, ''ଗୋସାଇଁ, ଏଥର ଆଖି ଖୋଲ ।'' ବ୍ରାହ୍ମଣ ଆଖି ଖୋଲି ନିଜକୁ ଦେଖିଲା । ନିଜକୁ ଚିହ୍ନିପାରି ଆନନ୍ଦିତ ହେଲା ।

ଘରକୁ ଫେରିଯାଇ ବ୍ରାହ୍ମଣୀକୁ ଉଦ୍‌ବେଗ ସହକାରେ କହିଲା, ''ଆଜି ଭାଗ୍ୟ ଭଲ ବୋଲି ମୋତେ ଦେଖିବାକୁ ପାଇଲୁ । କୋଉ ଗୋଟାଏ ଚୋର କି ଚଣ୍ଡାଳ ମୋତେ କୁଆଡ଼େ ଉଭେଇ ନେଇଥିଲା । ଜଣେ ଦୟାଳୁ ମହାତ୍ମା ମୋତେ ପୁଣି ଠାବ କରି ଫେରାଇ ଆଣିଲେ ।''

ବ୍ରାହ୍ମଣୀ ଭାବିଲା, ଭୋକରେ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିବାରୁ ବ୍ରାହ୍ମଣ ଅସଂଲଗ୍ନ ପ୍ରଳାପ କରୁଛି କିଂବା କୌଣସି ଦୁଃସ୍ୱପ୍ନ ଦେଖି ପକାଇଛି । ସେ ପଖାଳ କଂସା ବାଢ଼ି ଦେଇ ପାଖରେ ବସି ପଙ୍ଖା କରୁ କରୁ କହିଲା, ''ଏଣିକି ଦୂରବାଟକୁ ଭିକ୍ଷା କରି ଯିବ ନାହିଁ । ମୁଣ୍ଡକୁ ପିତ୍ତ ଚଢ଼ିଗଲେ ଏପରି ଲୋକେ ବକନ୍ତି ।''

ଉପରୋକ୍ତ ଗପରୁ ଆମକୁ ଏଇ ଶିକ୍ଷା ମିଳେ ଯେ ଅନୁପଯୁକ୍ତ, ଅନଧିକାରୀ ସାଧକକୁ କୌଣସି ଉଚ୍ଚସ୍ତରର ଅଭିଜ୍ଞତା ଯଦି ଭଗବାନ୍ ଦିଅନ୍ତି ତେବେ ସେହି ଅଭିଜ୍ଞତାର ମୂଲ୍ୟ ବୁଝି ନପାରି ସେ ତାକୁ ଭୁଲ୍ ବୁଝେ ଓ ନିଜକୁ ହୃତ୍‌ସର୍ବସ୍ୱ ବୋଲି ମନେ କରେ । ଉଦାହରଣ ସ୍ୱରୂପ, କୌଣସି ଅପକ୍ୱଯୋଗୀଠାରୁ (ଯେ କି କାମନାବର୍ଜିତ ଅବସ୍ଥାର ମୂଲ୍ୟ ବୁଝି ନାହିଁ ଓ କାମ-କଳୁଷିତ ଚିତ୍ତର ଦୟନୀୟଦଶାକୁ ଘୃଣା କରି ଶିଖି ନାହିଁ) ହଠାତ୍ ଯଦି 'କାମନା' କାଢ଼ି ନିଆଯାଆନ୍ତା, ସେ ଏତଦ୍ୱାରା ନିଜକୁ ବିକଳାଙ୍ଗ ଅଥବା କୌଣସି ମାନସିକ ରୋଗୀ ବୋଲି ସନ୍ଦେହ କରି ବସନ୍ତା ଓ ଏହି ଅବସ୍ଥାକୁ ଅସ୍ୱାଭାବିକ୍ ବୋଲି ଭାବି ନାନା ଆଶଙ୍କାରେ ଆତଙ୍କିତ ହୁଅନ୍ତା ।

ଶ୍ରୀଅରବିନ୍ଦ ଥରେ କୌଣସି ବିଦେଶୀୟ ଦର୍ଶନାର୍ଥୀର ମନକୁ ନିଜର ପ୍ରଭାବ ବଳରେ (ଶକ୍ତି ପ୍ରେରଣ କରି) ଚିନ୍ତାଶୂନ୍ୟ କରି ଦେଲେ । ଏଥିରେ ସେ ଭକ୍ତଜଣକ ଘାବରାଇ ଗଲେ ଓ ଚିତ୍କାର କଲେ, ''ଏ କ'ଣ ? ମୁଁ ଯେ ବୋକା ହୋଇ ଯାଉଛି ।'' କହିବା ବାହୁଲ୍ୟ, ଭକ୍ତ ଜଣକ ଏହି ଶକ୍ତି ଗ୍ରହଣର ଯୋଗ୍ୟ ପାତ୍ର ନ ଥିଲେ, କାରଣ ସେ ଚିନ୍ତାବର୍ଜିତ ଅବସ୍ଥାର (ନିର୍ବାତ ଦୀପଶିଖା ପ୍ରାୟ ଆତ୍ୟନ୍ତିକ ନିରବତାର) ମୂଲ୍ୟ ବୁଝି ନଥିଲେ ବା ଏପରି ଏକ ଯୋଗିଜନବାଞ୍ଛିତ ଅବସ୍ଥା ଥାଇପାରେ ବୋଲି ଆଶା କରି ନଥିଲେ ।

ଆମକୁ ଯଦି ରାତିକ ଭିତରେ ଭଗବାନ୍ ଅତିମାନବ କରି ଦିଅନ୍ତେ, ତେବେ ଅସମ୍ଭବ ନୁହେଁ ଯେ ସେହି ଅବସ୍ଥାରେ ଆମେ ନିଜକୁ ଏକ ପଶୁ ବା ଅସୁର ବୋଲି ଭାବି ଭୟରେ ଜଡ଼ସଡ଼ ହୋଇଯା'ନ୍ତେ । ❑

ତୁମକୁ କେବଳ ଅଭୀପ୍ସା କରିବାକୁ ହେବ, ମା'ଙ୍କ ପ୍ରତି ନିଜକୁ ଖୋଲି ଧରିବାକୁ ହେବ, ତାଙ୍କ ଇଚ୍ଛାର ବିରୋଧ କରୁଥିବା ସବୁକିଛିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ – ଆଉ ମଧ୍ୟ ତୁମର ସମସ୍ତ କାର୍ଯ୍ୟ ତାଙ୍କରି ଉଦ୍ଦେଶ୍ୟରେହିଁ କରିବାକୁ ହେବ ଏହି ବିଶ୍ୱାସ ନେଇ ଯେ ତାଙ୍କରି ଶକ୍ତିର ମାଧ୍ୟମରେହିଁ ତୁମେ ସେଗୁଡ଼ିକ କରିପାରିବ । ଏହି ଭାବରେହିଁ ଯଦି ତୁମେ ନିଜକୁ ଖୋଲି ଧର, ତେବେ ସମୟକ୍ରମେ ତୁମର ଜ୍ଞାନ ଓ ଉପଲବ୍ଧି ଲାଭ ହେବା ସୁନିଶ୍ଚିତ ।

– ଶ୍ରୀଅରବିନ୍ଦ

ଆରବ୍ୟ ରଜନୀର ଅଜଣା କାହାଣୀ

# କେତେ ସୁନାରେ ସୁଖ ?

ବହୁ କାଳ ତଳର କଥା । ଜଣେ ବଣିକ ବିଦେଶରୁ ନିଜ ରାଜ୍ୟକୁ ଫେରୁଥା'ନ୍ତି । ବାଣିଜ୍ୟରେ ତାଙ୍କୁ ଖୁବ୍ ସଫଳତା ମିଳିଥାଏ । ସେ ଚାଳିଶ ଗୋଟି ଓଟ ଉପରେ ନାନାଦି ଦ୍ରବ୍ୟ ଲଦି ସେସବୁ ନିଜ ରାଜ୍ୟରେ ବିକ୍ରି କରିବାକୁ ନେଉଥା'ନ୍ତି । ରାସ୍ତା ଯାଇଥାଏ ଗୋଟିଏ ବଣ ଭିତର ଦେଇ ।

ହଠାତ୍ ସନ୍ଧ୍ୟାବେଳେ ଦଳେ ଡାକୁ ଆସି ତାଙ୍କର ସମସ୍ତ ସମ୍ପଦ ଲୁଟି ନେଲେ । ଯେଉଁ କେତେଜଣ ଲୋକଙ୍କୁ ବଣିକ ତାଙ୍କ ଓଟଙ୍କ ସହିତ ଚାଲିବା ନିମନ୍ତେ ବିଦେଶରୁ ଚୁକ୍ତି କରି ଆଣିଥିଲେ, ସେମାନେ ଦେଖିଲେ ବଣିକ ସେମାନଙ୍କୁ କିଛି ପଇସାପତ୍ର ଦେଇ ପାରିବେ ନାହିଁ । ସେମାନେ ତାଙ୍କୁ ସେମିତି ବଣ ଭିତରେ ଛାଡ଼ି ଦେଇ ନିଜ ରାଜ୍ୟକୁ ଫେରିଗଲେ ।

ବଣ ଭିତରେ ଅସହାୟ ବଣିକ ନିଜ କପାଳରେ କରାଘାତ କରି ଗୋଟାଏ ଗଛ ମୂଳରେ ବସିଥା'ନ୍ତି । ରାତି ପାହିଲା । ପାଖରେ ଗୋଟାଏ ପାହାଡ଼ । ତହିଁର ଏକ ଗୁମ୍ଫା ଭିତରୁ ବାହାରି ଆସିଲେ ଜଣେ ସାଧୁ ।

''କ'ଣ ହେଲା ବାପା ! ଏତେ ଦୁଃଖ କାହିଁକି ?'' ସେ ପଚାରିଲେ ।

''ସାଧୁବାବା ! ମୋର ସର୍ବନାଶ ହୋଇଗଲା । ଦୁଇବର୍ଷକାଳ ବିଦେଶରେ ବେପାର ବଣିଜ କରି ଯାହା ଆୟ କରିଥିଲି, ସେହି ଅର୍ଥରେ ଆମ ନିଜ ରାଜ୍ୟରେ ବିକ୍ରୟ କରିବା ନିମନ୍ତେ ନାନା ବସ୍ତୁ ସଂଗ୍ରହ କରି ଫେରୁଥିଲି । ଡାକୁମାନେ ସବୁ ନେଇଗଲେ । ମୁଁ ନିଃସ୍ୱ ।

''ଦେଖ ବାପା, ଯେଯାଏ ତୋ'ର ପ୍ରାଣ ଅଛି, ତୁ ନିଃସ୍ୱ ନୋହୁଁ । ଆଚ୍ଛା, ଯେତେ ଦ୍ରବ୍ୟ ତୁ ହରାଇଲୁ, ସୁନା ହିସାବରେ ତା'ର ମୂଲ୍ୟ କେତେ ହେବ ?'' ପଚାରିଲେ ସାଧୁ ।

''ସାଧୁବାବା ! ଅନ୍ତତଃ ଅଧ ଥଳିଏ ସୁନା ହେବ ।'' ଜଣାଇଲେ ବଣିକ ।

''ତୁ ଚିନ୍ତା କରନା । ମୁଁ ତୋର ଓଟମାନଙ୍କ ଉପରେ ଦୁଇ ଦୁଇ ଥଳି କରି ଅଶୀ ଥଳି ସୁନା ଲଦି ଦେବି । ତେବେ ତୁ ମୋତେ କୋଡ଼ିଏଟି ସୁନା ବୋଝେଇ ଓଟ ଦେଇ ବାକି କୋଡ଼ିଏଟି ନେଇଯିବୁ । ରାଜି ?'' – ପଚାରିଲେ ସାଧୁ ।

''ବାବା, କୋଡ଼ିଏଟି କାହିଁକି, ଆପଣ ଅଣଚାଳିଶଟି ସୁନା ବୋଝେଇ ଓଟ ରଖିନେଲେ ବି ମୋର ଆପତ୍ତି ନାହିଁ । ମାତ୍ର ଦୁଇ ଥଳି ସୁନା ପାଇଗଲେହିଁ ମୁଁ ଜଣେ ଜମିଦାର ବନିଯିବି ।'' ଆନନ୍ଦରେ କହିଲେ ବଣିକ ।

''ଅର୍ଥାତ୍ କୋଡ଼ିଏର ଦୁଇଗୁଣ ଚାଳିଶ ଥଳି ସୁନାରେ ତୁ ରାଜା ହୋଇପାରିବୁ ।'' ସାଧୁ ମନ୍ତବ୍ୟ ଦେଲେ ।

''ହଁ, ଆଜ୍ଞା, ହଁ । କିନ୍ତୁ ସାଧୁବାବା । ଆପଣ ମୋ ସାଙ୍ଗରେ ଥଟ୍ଟା କରୁଛନ୍ତି କି ?'' ଟିକିଏ ସନ୍ଦେହଭରା କଣ୍ଠରେ ପଚାରିଲେ ବଣିକ ।

ସାଧୁବାବା ହସିଲେ । ''ତୋ ସହ ଥଟ୍ଟା କରି ମୋର ଲାଭ କ'ଣ, ପୁଅ ? ମୁଁ ଜାଣେ ଏଇ ପାହାଡ଼ର ଗୋଟାଏ ବିଶାଳ ଗୁମ୍ଫା ଭିତରେ ବହୁ ସୁନା ଗଚ୍ଛିତ ହୋଇ ରହିଛି । ସେଥିରୁ ତୁ ବରଂ କିଛି ନେଇ ଯାଆ ।'' – ସାଧୁ କହିଲେ ।

ଏହାପରେ ସେ ନିଜ ଗୁମ୍ଫା ଭିତରୁ ଗୋଟିଏ ଛୋଟ ପାତ୍ର ବାହାର କରି ନେଇ ଆସିଲେ । ପାଖରେ ଥିବା ଆଉ ଗୋଟାଏ ଗୁମ୍ଫା ଦେଖାଇ ସେ ବଣିକଙ୍କୁ ତାଙ୍କ ଓଟମାନଙ୍କୁ ସେ ଗୁମ୍ଫା ସାମନାରେ ଠିଆ କରାଇବାକୁ କହିଲେ ।

ବଣିକ ଆନନ୍ଦ ତଥା କୌତୂହଳ ସହ ଦେଖୁଥା'ନ୍ତି; ସାଧୁ ସେ ଛୋଟ ପାତ୍ରରୁ କିଛି ମଲମ ବାହାର କରି ନିଜର ବେନି ଆଖିରେ ଲଗାଇଲେ ।

''ଏହା କ'ଣ ବାବା ?'' ବଣିକ ପଚାରନ୍ତେ ସାଧୁ କହିଲେ, ''ଏହା ଲଗାଇଲେ ଯାବତୀୟ ଗୁପ୍ତଧନ ଦେଖାଯିବ । ନହେଲେ ସେସବୁ ପାଇବା ଅସମ୍ଭବ ।''

ସାଧୁ ଗୁମ୍ଫା ଭିତରେ ପଶି ଦୁଇ ଦୁଇ ଥଳି ସୁନା ବାହାର କରି ଆଣୁଥା'ନ୍ତି । ବଣିକ ଗୋଟାଏ ପରେ ଗୋଟାଏ ଓଟ ଉପରେ ସେଗୁଡ଼ିକ ଯଥାଯଥ ଭାବରେ ରଖୁଥା'ନ୍ତି । ଚାଳିଶଟି ଯାକ ଓଟ ପିଠିରେ ସୁନା ଭାର ବୋଝେଇ ହୋଇଗଲା । ବଣିକ ପ୍ରତି ଥଳି ଖୋଲି ଦେଖି ନେଉଥା'ନ୍ତି । ବାସ୍ତବିକ ସେସବୁ ଖାଣ୍ଟି ସୁନା ।

ସବା ଆଗରେ ଥିବା ଗୋଟାଏ ଓଟ ଚାଲିଲେ ବାକିସବୁ ଓଟ ତାକୁ ଅନୁସରଣ କରିବା ନିମନ୍ତେ ତାଲିମ ପାଇଥା'ନ୍ତି ।

ବଣିକ କୋଡ଼ିଏଟି ଓଟ ସାଧୁଙ୍କ ପାଇଁ ଛାଡ଼ି ବାକି କୋଡ଼ିଏଟି ନେଇ ବିଦାୟ ସକାଶେ ପ୍ରସ୍ତୁତ ହେଲେ । ସାଧୁବାବା ତାଙ୍କୁ କହିଲେ, ''ତୁମେ ପାଖ ଗାଁକୁ ଯାଇ ମୋ କଥା କହିବ । ସଙ୍ଗେ ସଙ୍ଗେ ତୁମେ ଯେତେଜଣ ଲୋକ ଚାହଁ, ସେତେଜଣ ତୁମ ସହ ଯିବାକୁ ବାହାରି ପଡ଼ିବେ । ତୁମ ଘରେ ପହଞ୍ଚିବା ପରେ ସେମାନଙ୍କୁ ଯଥାର୍ଥ ପାରିଶ୍ରମିକ ଦେଇଦେବ ।''

''ଆଜ୍ଞା !'' କହିଲେ ବଣିକ । କିନ୍ତୁ ସେ ହାତଯୋଡ଼ି କରି ରହିଲେ ।

''ଆଉ କିଛି କହିବାର ଅଛି ?'' ପଚାରିଲେ ସାଧୁ ।

''ବାବା ! ଆପଣ ସୁନା ବୋଝେଇ କୋଡ଼ିଏଟି ଓଟ ନେଇ କରିବେ କ'ଣ ?'' ବଣିକ ପଚାରିଲେ ।

''ସେଥିରେ ତୁମର କ'ଣ ଅଛି ? ଅବ୍ୟାପାର କର ନାହିଁ । ଯାଅ ।'' ସାଧୁ ଗମ୍ଭୀର ଭାବରେ କହିଲେ ।

ବଣିକ କୋଡ଼ିଏଟି ଓଟ ଧରି ଅଳ୍ପ ବାଟ ଯାଇ ପୁଣି ଫେରି ଆସିଲେ ସାଧୁଙ୍କ ପାଖକୁ ଏବଂ କରଯୋଡ଼ କରି କହିଲେ, ''ବାବା ! ତୁମେ ଦଶଟି ଓଟ ରଖିଲେ ଚଳିବ ନାହିଁ ?''

''କାହିଁକି ନ ଚଳିବ ! ସବୁ ଚଳିବ ।'' ଏହା କହି ସାଧୁ ଅଧିକ ଦଶଟି ଓଟ ତାଙ୍କୁ ନେଇଯିବାକୁ ଇଙ୍ଗିତ ଦେଲେ । ବଣିକ ଖୁସି ହୋଇ ବର୍ତ୍ତମାନ ତିରିଶଟି ଓଟ ଧରି ଅଗ୍ରସର ହେଲେ । କିନ୍ତୁ ହଠାତ୍ ସେ ଫେରି ପଡ଼ି ଦୌଡ଼ି ଦୌଡ଼ି ଆସି ପହଞ୍ଚିଲେ ସାଧୁଙ୍କ ପାଖରେ ।

''ଆଜ୍ଞା, ଆପଣ ତ କହିଲେ ସବୁ ଚଳିବ । ତେବେ ବାକି ଦଶଟି ଓଟ ମୁଁ ନେଇଗଲେ ବି ଚଳିବ । ନୁହେଁ ?'' ସେ ହାତଯୋଡ଼ି କହିଲେ ।

''ନେଇଯାଅ !'' ସାଧୁ କହିଦେଲେ ।

ଆନନ୍ଦରେ ବର୍ତ୍ତମାନ ଚାଳିଶଟିଯାକ ଓଟ ଧରି ବଣିକ ଅଗ୍ରସର ହେଲେ । କିନ୍ତୁ ଅଧିକ ଦୂର ନୁହେଁ । ସେ ପୁଣି ଆସି ସାଧୁଙ୍କୁ କହିଲେ, ''ସାଧୁବାବା ! ଆପଣ ବୈରାଗୀ ମଣିଷ । ସେ ମଲମ ଆପଣଙ୍କର ବା କେଉଁ କାମରେ ଆସିବ ! ସେତକ ମୋତେ ଦେଇ ଦିଅନ୍ତୁ ।''

''ନା ବାବା, ତାହା ତୁମଠିଁ କାମ ଦେବ ନାହିଁ ।'' ସାଧୁ ଜଣାଇଲେ ।

''ଦେଇ ଦିଅନ୍ତୁ ଆଜ୍ଞା, ଦେଇ ଦିଅନ୍ତୁ ।'' ଏହା କହି ବଣିକ ସାଧୁଙ୍କ ହାତରୁ ସେ ଟିକି ପାତ୍ରଟି ଛଡ଼ାଇ ନେଲେ ।

''ସାବଧାନ ! ତୁମେ ତାକୁ ବ୍ୟବହାର କର ନାହିଁ । ପସ୍ତେଇବ ।'' ସାଧୁ ଚେତାବନୀ ଦେଲେ ।

କିନ୍ତୁ ବଣିକ ଶୁଣିଲେ ନାହିଁ । ସେ ଆଉ କେତେ ଗୁପ୍ତଧନ ସେ ପାହାଡ଼ ଗୁମ୍ଫାରେ ରହିଛି, ତାହା ଜାଣିବାକୁ ଅତିଶୟ ଉତ୍କଣ୍ଠାବୋଧ କରୁଥିଲେ । ଜାଣି, ପରେ ଆସି ସେସବୁ ବୋହି ନେଇଯାଇ ପାରିବେ ।

ସେ ଅଧୈର୍ଯ୍ୟ ହୋଇ ନିଜ ଆଖି ଦୁଇଟିରେ ମଲମ ଲଗାଇ ପକାଇଲେ । ବାସ୍ ! ସେ ହରାଇଲେ ଦୃଷ୍ଟି ଶକ୍ତି ।

''ସାଧୁ ବାବା ! ସାଧୁ ବାବା ! ଇଏ କ'ଣ ହେଲା ? ମୋତେ ମୋ ଦୃଷ୍ଟି ଶକ୍ତି ଫେରାଇ ଦିଅନ୍ତୁ !'' ସେ ପାଟି କରି କହିଲେ ।

କୌଣସି ଉତ୍ତର ଆସିଲା ନାହିଁ ।

''ସାଧୁବାବା ! ତୁମେ କୋଡ଼ିଏଟି ଓଟ ରଖ । ବିନା ଦୃଷ୍ଟି ଶକ୍ତିରେ ମୁଁ କରିବି କ'ଣ ?'' ସେ ପାଟି କଲେ ।

ଉତ୍ତର ଆସିଲା ନାହିଁ ।

''ସାଧୁବାବା ! ତୁମେ ସବୁ ଓଟ ରଖ !'' ସେ ପୁନର୍ବାର କହିଲେ ।

କିନ୍ତୁ ତାଙ୍କ କଣ୍ଠ ପାହାଡ଼ରେ ମୃଦୁ ପ୍ରତିଧ୍ୱନି ତୋଳିଲା ସିନା, ତାହାଠୁଁ ଭିନ୍ନ କୌଣସି ଆବାଜ ଆସିଲା ନାହିଁ ।

ବେଶ୍ କିଛି ଦିନ ପରେ ସେ ବଣିକଙ୍କୁ ତାଙ୍କ ରାଜ୍ୟର କେତେଜଣ ତୀର୍ଥଯାତ୍ରୀ ଦେଖିଲେ । ସେ ଭିଖମାଗି ଚଳୁଥିଲେ । ତୀର୍ଥଯାତ୍ରୀମାନେ ତାଙ୍କୁ ନେଇଯାଇ ତାଙ୍କ ଘରେ ଛାଡ଼ିଲେ । ❑

# ଦିଅ ଗୋ ତୁମେ ଉତ୍ତର

## ଦୀପକ ବସ୍ତି

ଚିଠି ମୁଁ ଲେଖୁଛି ତୁମରି ପାଖକୁ
ଜାଣେ ନାହିଁ ତୁମ ଠିକଣା
ପାଇବି ବୋଲି ଖୋଜି ଖୋଜି କେତେ
ହେଉଛି ମୁଁ ନିତି ବାଟବଣା ।

ପିଲାଟି ଦିନରୁ ତୁମକୁ ଖୋଜୁଛି
ପାଉ ନାହିଁ ତୁମ ଦେଖା
ସବୁଠାରେ ମୁହିଁ ଡାକୁଛି ତୁମକୁ
କରୁଛି ନିତି ଅପେକ୍ଷା ।

ଜନମେ ଜନମେ ଚାହିଁ ରହିଥିବି
ଲଭିବାକୁ ତୁମ ପରଶ
ଠିକଣା ତୁମର ପାଇଗଲେ ମୁହିଁ
ହୋଇଯିବ ମନ ହରଷ ।

ହେ ପରମ ଗୁରୁ, ହେ ମହାନ୍ ଯୋଗି
ପାଇବି କି ତବ ଦରଶନ
ଦେଖିବି ତୁମକୁ କରିଛି ଆଶା ତ
ହେଉଛି ମନ ମୋ ଉଚ୍ଛନ୍ନ ।

ଗୁହାରି ମୋହର କେବେ ଯେ ଶୁଣିବ
ଖୋଲିଯିବ ମୋର ହୃଦଦ୍ୱାର
ହେ ପରମ ପ୍ରଭୁ ଶ୍ରୀଅରବିନ୍ଦ
ଦିଅ ବାରେ ତୁମେ ଉତ୍ତର । ❑

# ନବ ଉନ୍ମାଦନା

## ରେଣୁ

ନୂଆ ନୂଆ ଲାଗେ ପ୍ରତିଟି ଉଷା
ନୂତନ ସୂରୁଯ ଦେଖି ।
ପ୍ରଗତିର ପ୍ରତିଶ୍ରୁତି ନେଇ ପ୍ରତିଟି କିରଣ
ବିଚ୍ଛୁରିତ ହୋଇଯାଏ ଧରଣୀ ବୁକୁରେ ।

ରୂପାନ୍ତର ହେବ ମନ, ପ୍ରାଣ ଆମ
ସକଳ କୋଷାଣୁ ଛୁଇଁ,
ଜାଗ୍ରତ୍ ହେବ ପ୍ରତିଟି ମୁହୂର୍ତ୍ତ
ନବ ସରଜନା ପାଇଁ ।

ସତ ରାଇଜଟା ପାଖେଇ ଆସୁଛି
ନବ ଉନ୍ମାଦନାରେ ମନଟି ନାଚୁଛି
ଧରଣୀ ବୁକୁରେ ମିଥ୍ୟାର ରାଜୁତି
ବିଦାୟ ନେବାକୁ ପୁଟୁଳି ବାନ୍ଧୁଛି ।

ଅପଶକ୍ତି ଯେତେ ଧସେଇ ପଶିଛି
ଚଲାବାଟେ କେତେ ବୁଲାଣି ପଡୁଛି,
ଜୀବନ ରଥ ମୋ ବାହି ନିଅ ମା'ଗୋ
ଆଲୋକିତ ପଥ ଦେଖାଇ ।

ନବ ରାଇଜକୁ ସ୍ୱାଗତ ମୋହର
ହୃଦୟ ସଂଶୟ, ଭୀତି ଦୂର କର ।
ଆସୁଥାଅ ନିତ୍ୟ ଶାଶ୍ୱତ ହୋଇ
ନବ ସର୍ଜନାର ଧ୍ୱଜା ଉଡ଼ାଇ । ❑

# ଉତ୍ସାହ ଆମର ପାଥେୟ

## ରାମନାରାୟଣ ପାତ୍ର

ସାଧାରଣ ବିଦ୍ୟାଳୟ ଓ ପୂର୍ଣ୍ଣାଙ୍ଗଶିକ୍ଷାକେନ୍ଦ୍ରର ଶିକ୍ଷାକୁ ଦେଖିଲେ ଅନେକ ପାର୍ଥକ୍ୟ ଦେଖିବାକୁ ପାଇବା, ସମ୍ଭବତଃ ଶିକ୍ଷାପଦ୍ଧତିର ବାହ୍ୟ ଢାଞ୍ଚାରୁ ଏହା ବେଶୀ ବାରି ହୋଇ ନ ପାରେ କିନ୍ତୁ ପିଲାମାନଙ୍କ ଗ୍ରହଣଶୀଳତା ଓ ବୁଦ୍ଧିର କ୍ଷେତ୍ରରେ, ପ୍ରଧାନତଃ ଅନ୍ତର ଜାଗୃତିର କ୍ଷେତ୍ରରେ ଅନେକ ପାର୍ଥକ୍ୟ ବାରିପାରିବା । ପୁସ୍ତକ ଓ ପାଠ୍ୟକ୍ରମର ସୀମାକୁ ଡେଇଁକରି ଅନେକ କଥା ଶିକ୍ଷାକେନ୍ଦ୍ରର ପରିସର ମଧ୍ୟରେ ଘଟେ ଯାହାକି ଏହି ପାର୍ଥକ୍ୟ ପାଇଁ ଦାୟୀ ହୋଇଥାଏ । ଏହାକୁ ମା' ଏକ ପଲ୍ଲବଗ୍ରାହୀ ଚେତନା (phenomenon of consciousness)ର ପ୍ରକ୍ରିୟା ବୋଲି କହି ପ୍ରାଞ୍ଜଳଭାବେ ବୁଝାଇ ଦେଇଛନ୍ତି ମାତୃରଚନାବଳୀର ପଞ୍ଚମ ଭାଗର ଶେଷ ଆଲୋଚନାରେ : ''ଠିକ୍ ଯେପରି ଜଣେ ଗୋଟିଏ ବିଶୁଦ୍ଧ ବାୟୁମଣ୍ଡଳ ଭିତରେ ରହିଛି, ପ୍ରତିଥର ନିଃଶ୍ୱାସ ନେବା ସମୟରେ ତା' ଫୁସ୍‌ଫୁସ୍ ବିଶୁଦ୍ଧ ବାୟୁରେ ପୂର୍ଣ୍ଣ ହୋଇଯାଉଛି; ଏବଂ ଆଉଜଣେ ଗୋଟିଏ ସଂକ୍ରମିତ ବାୟୁମଣ୍ଡଳରେ ବାସ କରୁଛି, ଏବଂ ପ୍ରତିଥର ନିଃଶ୍ୱାସ ଗ୍ରହଣ କରିବା ସାଙ୍ଗେ ସାଙ୍ଗେ କେତେକେତେ ବିଷ ଦ୍ୱାରା ସେ ଆପଣାକୁ ବିଷାକ୍ତ କରିଦେଉଛି । ଚେତନାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ ଆମେ ଠିକ୍ ସେହି ପ୍ରଭେଦଟି ଦେଖିବାକୁ ପାଇବା ଏବଂ ଏହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ଏବଂ ଏହି କଥାଟିହିଁ ଉପର ସ୍ତରର ପଲ୍ଲବଗ୍ରାହୀ ଚେତନାଟି ପାଖରେ ଆଦୌ ଧରା ଦେଇପାରେ ନାହିଁ ।'' (Matrurachanabali, Vol. 5, p. 628) ଏକଥା ଆମେ ଆହୁରି ଭଲଭାବେ ବୁଝିପାରିବା ଯଦି ଆଲୋଚନାଟିକୁ ପୂରା ଅଧ୍ୟୟନ କରିବା ।

ଶ୍ରୀଅରବିନ୍ଦ ଆଶ୍ରମ, ଅରୋଭିଲ୍, ପାଠଚକ୍ର, ସମାଧିମନ୍ଦିର, ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ନୂଆ ଚେତନା ପ୍ରତି ଉନ୍ମୁକ୍ତ ଓ ଗ୍ରହଣଶୀଳ ଥିବା ପୃଥିବୀର ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟଦେଇ ଏହି ଅଦ୍ଭୁତ ଚେତନା ଏଠାରେ କାର୍ଯ୍ୟରତ । ଏହି ନୂତନ ଚେତନା ପ୍ରତି ସଚେତ ଏବଂ ସମର୍ପିତ ପୃଥିବୀର ସମସ୍ତ କେନ୍ଦ୍ର ଗୋଟିଏ ଗୋଟିଏ ଗ୍ରହଣଶୀଳ ଆଧାର ହୋଇଥା'ନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଚେତନାର କ୍ରିୟା ପ୍ରକାଶିତ ତଥା ବିକିରିତ ହୋଇଥାଏ । ମା'ଙ୍କ ଭାଷାରେ : ''ତୁମେମାନେ ଏଠାରେ ଏକ ଚେତନାର ସମୁଦ୍ର ଭିତରେ ପ୍ରବିଷ୍ଟ ହୋଇ ରହିଛ; ସେହି ସମୁଦ୍ରଟି ଆଲୋକ ଦ୍ୱାରା ପୂର୍ଣ୍ଣ ହୋଇରହିଛି, ଅଭୀପ୍ସା ଦ୍ୱାରା ପୂର୍ଣ୍ଣ ହୋଇରହିଛି, ଯଥାର୍ଥ ବୋଧ ଏବଂ ଅସଲ ଶୁଦ୍ଧତାଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି । ଏବଂ, ତୁମେ ଚାହଁ ବା ନଚାହଁ ତାହା ତୁମ ଭିତରେ ପ୍ରବେଶ କରିବାରେ ଲାଗିଛି । ଏପରିକି, ଯେଉଁମାନେ ସେମାନଙ୍କର ବାହ୍ୟ ଚେତନାର କ୍ଷେତ୍ରରେ ରୁଦ୍ଧ ହୋଇ ରହିଛନ୍ତି, ସେମାନେ ମଧ୍ୟ କେବଳ ବୃଥା କଦାପି ଶୋଇ ରହିପାରିବେ ନାହିଁ । ନିଦ୍ରା ସମୟରେ ମଧ୍ୟ ଏଠାରେ ଏକ କ୍ରିୟା ଚାଲିଛି, ଏକ ଅତ୍ୟନ୍ତ ପ୍ରଭୂତ କ୍ରିୟା ଚାଲିଛି । ତେଣୁ ତାହାର ଏକ ପରିଣାମ ମଧ୍ୟ ଘଟୁଛି, ଦୃଶ୍ୟମାନ ଭାବରେ ଘଟୁଛି ।'' (ତତ୍ରୈବ)

ଅଚଞ୍ଚଳ ଦୈହିକ ଚେତନା, ସଂଗତିପୂର୍ଣ୍ଣ ଆବେଗ ଓ ଶାନ୍ତ ମନରେ ଆମେ ଏହି ସୂକ୍ଷ୍ମ ଉପସ୍ଥିତି ତଥା ଆବେଗକୁ ଯୋଗକେନ୍ଦ୍ର ତଥା ଶିକ୍ଷାକେନ୍ଦ୍ରର ଅନେକ ଦୂରରୁ ମଧ୍ୟ ଅନୁଭବ କରିପାରୁ । ଏକ ବୃହତ୍ ଜଳାଶୟରେ ତରଙ୍ଗର ପ୍ରସରଣ ଭଳି ଏକ ଉପସ୍ଥିତି ଓ ପ୍ରଶାନ୍ତି ଶିକ୍ଷାକେନ୍ଦ୍ର ବା ସମାଧିପୀଠର ଚତୁଷ୍ପାର୍ଶ୍ୱରେ କିଛି ଦୂରଯାଏ ଅନୁଭୂତ ହୋଇଥାଏ । ଏହି ସ୍ୱତନ୍ତ୍ର ସ୍ପନ୍ଦନ ଓ ବାତାବରଣ କେବଳ ଏହି ଅନୁଷ୍ଠାନରେ ବାସକରି କାର୍ଯ୍ୟରତ ଥିବା ଶିଶୁ, ଶିକ୍ଷକ ବା କର୍ମକର୍ତ୍ତାଙ୍କ ଭିତରେ ଯେ କାର୍ଯ୍ୟକରେ ତା' ନୁହେଁ, ଏହାର ଚାରିପାଖରେ ରହିଥିବା ଜନବସତି ମଧ୍ୟରେ ମଧ୍ୟ ତାହା କାର୍ଯ୍ୟ କରିଥାଏ । ବର୍ତ୍ତମାନର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଆମେ ଯେଉଁସବୁ ପଦ୍ଧତି ଅବଲମ୍ବନ କରୁଛୁ ତାହା ପୁରୁଣାର ପୁନରାବୃତ୍ତି ଭଳି ପ୍ରତୀୟମାନ ହୋଇପାରେ କିନ୍ତୁ ଏହା ଯେଉଁ ବାତାବରଣ ମଧ୍ୟରେ ଅଭ୍ୟାସ କରାଯାଉଛି ତା' ଭିତରେ ଯେଉଁ ଚେତନାର କ୍ରିୟାଚାଲିଛି, ଆମ ଜାଣତ ବା ଅଜାଣତରେ ତାହା ଆମର ସମସ୍ତ ସତ୍ତାକୁ ଭେଦିଯାଉଛି ଏବଂ ଆମେ ଏକ ବିରାଟ ଉପସ୍ଥିତି ଭିତରେ ବାସ କରୁଛୁ – ଏହି ଚେତନା ପ୍ରକାଶିତ ହେବାରେ ଆମେ ଓ ଆମ ପରିବେଶ ମାଧ୍ୟମ ହୋଇରହିଛି ।

ଆସ୍ତର ପଚେଲେ ବାଲ୍ୟକାଳରୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ

ଶିକ୍ଷାକେନ୍ଦ୍ରରେ ପଢ଼ିଥିଲେ । ପ୍ରଥମେ ଯେଉଁ କେତେଜଣଙ୍କୁ ନେଇ ମା' ଏହି ଶିକ୍ଷାକେନ୍ଦ୍ର ଆରମ୍ଭ କରିଥିଲେ ସେମାନଙ୍କ ଭିତରୁ ସେ ଜଣେ । ସେଠାରେ ସେ ବହୁବର୍ଷ ଧରି ଶିକ୍ଷକତା କରିଆସୁଛନ୍ତି । ତାଙ୍କରି କହିବା ଅନୁସାରେ – ''Integral Education is nothing if it is not based on the atmosphere – it is from this that the process comes forth.''

ଶ୍ରୀଅରବିନ୍ଦଙ୍କ ନାମରେ ଗଢ଼ିଉଠୁଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ପାଠଚକ୍ରମାନଙ୍କରେ ବର୍ତ୍ତମାନ ତାଙ୍କରି ଉପସ୍ଥିତି ସକ୍ରିୟଭାବେ ରହିଛି । ଏ କେବଳ ତାଙ୍କରି କରୁଣା – ତାଙ୍କରି ଉପସ୍ଥିତି ଓ ଚେତନାକୁ ଆମେ ପ୍ରତିଶ୍ୱାସରେ ଗ୍ରହଣ କରୁଛୁ । ବିଭିନ୍ନ ପ୍ରକାର ପ୍ରତୀୟମାନ ବାହ୍ୟ ଉଦ୍ଦେଶ୍ୟ ନେଇ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯୋଗ ଦେଇଥିବାର ଜଣାପଡୁଥିଲେ ମଧ୍ୟ ଆମେ ଏକ ଗଭୀରତର ଆକର୍ଷଣ ଦ୍ୱାରା ଆକର୍ଷିତ ହୋଇ ଏହି କାର୍ଯ୍ୟରେ ନିଜକୁ ସଂଲଗ୍ନ କରିଛୁ । ପାଠପଢ଼ା ପରେ ଘରେ କିଛି କାମ ନାହିଁ ବୋଲି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରିବାକୁ ଆମେ ଆସିଥାଇପାରୁ । ନିଜ ସନ୍ତାନସନ୍ତତି ବଡ଼ ହୋଇଯିବା ପରେ ଆଉକିଛି କାମ ନାହିଁ ବୋଲି ହୁଏତ ଏଠାକୁ ଆସିଥାଇପାରୁ ବା ସରକାରୀ ଚାକିରିରୁ ଅବସର ନେବା ପରେ ନିଜକୁ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ଆସିଥାଇପାରୁ, ନିଜର ଭରଣପୋଷଣ ପାଇଁ ଆର୍ଥିକ ସହଯୋଗର କାମନା କରି ହୁଏତ ଏଠାକୁ ଆସିଥାଇ ପାରୁ, କୌଣସି ପ୍ରଭାବଶାଳୀ ବ୍ୟକ୍ତିତ୍ୱର ସୁପରାମର୍ଶରେ ଏଠାକୁ ଆସିଥାଇପାରୁ, ପିଲାମାନଙ୍କୁ ଶ୍ରଦ୍ଧା କରି ବା ଶିକ୍ଷା-କାର୍ଯ୍ୟକ୍ରମକୁ ଆଦର କରି ଅଧିକ ଶିଖିବାର ଅନୁରକ୍ତି ରଖି ଏଠାକୁ ଆସିଥାଇପାରୁ, ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶେଷତ୍ୱକୁ ଅନୁଭବ କରି ସେଇଥିପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେବାକୁ ବି ଏଠାକୁ ଆସିଥାଇପାରୁ – ଏସବୁ ଯେତେ ଯାହା କାରଣ ଆମ ପାଇଁ ଯଥାର୍ଥ ଅନୁଭବ ହୋଇଥାଇପାରେ, କିନ୍ତୁ ଅସଲ କାରଣ ହେଉଛି ଆମ ଭିତରର କୌଣସି ଏକ ଅଂଶ ଏଇ ପ୍ରକ୍ରିୟାରେ ଭାଗନେବା ପାଇଁ ସମ୍ମତ ହୋଇଥିବାରୁ ଆମେ ଏହି କାର୍ଯ୍ୟରେ ଲାଗିଛୁ । ଆମ ଭିତରର ସେଇ ଅଂଶଟି ହେଉଛି ଆମର ଆତ୍ମା ବା ଚୈତ୍ୟସତ୍ତା ଯିଏ ଏହି ବିଶ୍ୱବ୍ୟାପୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସମ୍ମତି ଦେଇଛି; ଆମର ବାହ୍ୟ ପ୍ରକୃତି ଅର୍ଥାତ୍ ଆମର ଚିନ୍ତା, ଶ୍ରଦ୍ଧା ଓ କାର୍ଯ୍ୟ ଏହି ପ୍ରକ୍ରିୟାରେ ସହଯୋଗ କରୁଛନ୍ତି । ଏହି ଏକ ଅସଲ କାରଣରୁ ଆମେ ସମବେତ ହୋଇଛୁ । ଏଣୁ ଆମେ ପରସ୍ପରକୁ ଏକ ଏକ ଆତ୍ମା ରୂପେ ସମ୍ବୋଧନ କରିବା, ଏପରି ଏକ ସୁନ୍ଦର ପଥର ପଥିକ ହିସାବରେ ପରସ୍ପରକୁ ଅଭିନନ୍ଦନ ଜଣାଇବା । ଆମେ ଏହି ଜାଗାରୁ ଯାହାସବୁ ପାଇଥାଉ, ଏଠା ଛାଡ଼ି ଯେତେ ଦୂରଦୂରାନ୍ତରକୁ ଯାଉଥିଲେ ମଧ୍ୟ ତାହା ଆମ ସାଙ୍ଗରେ ଥାଏ ଓ ଅନୁସ୍ୟୂତ ହେଉଥାଏ । ଏହି ଅନୁଷ୍ଠାନରୁ ବାହାରୁଥିବା ପିଲାମାନେ ମଧ୍ୟ ଏହି ବାତାବରଣ ବହନ କରି ଚାଲୁଥା'ନ୍ତି । ପାଠ ପଢ଼େଇବା ନାଁରେ ଆମେ ପିଲାମାନଙ୍କୁ ଯାହା ଦେଇଥାଉ ବା ଯାହା ଦେଇପାରି ନ ଥାଉ, କିନ୍ତୁ ଏହି ପ୍ରକ୍ରିୟାରେ ସଚେତନ ରୂପେ ଭାଗନେବା ନିଶ୍ଚିତରୂପେ ଏକ ଅଲଗା କଥା । ଆମ ଦୀର୍ଘ ଅନୁଭୂତିରୁ ଆମେ କହିପାରିବା ଯେ ଏହି ଅନୁଷ୍ଠାନ ମଧ୍ୟଦେଇ ଯେଉଁମାନେ ଯାଇଛନ୍ତି ସେମାନେ ପ୍ରତ୍ୟେକେ କୌଣସି ନା କୌଣସି କ୍ଷେତ୍ରରେ ଉନ୍ନତି କରିଛନ୍ତି, ଅଗ୍ରଗତି କରିଛନ୍ତି ଓ ସମୃଦ୍ଧ ହୋଇଛନ୍ତି ତଥା ସୁରକ୍ଷିତ ରହିଛନ୍ତି ।

କିଛି ସାମାନ୍ୟ ଭୌତିକ ଉତ୍ସକୁ ଆଧାର କରି ଆମ ଶିକ୍ଷାକେନ୍ଦ୍ରଗୁଡ଼ିକ ଆରମ୍ଭ ହୋଇଥାଏ । କିଛି ବର୍ଷ ପଛକୁ ଦେଖିଲେ, ଆଜିକାଲି ଭଳି ସେତେବେଳେ କୋଠାବାଡ଼ି ନଥାଏ, ଛାତ୍ରଛାତ୍ରୀ ସଂଖ୍ୟା ବି ଏତେ ନଥାଏ, ଏତେ ଗାଡ଼ିଘୋଡ଼ା ବା ଏତେସବୁ ଆସବାବପତ୍ର ବି ନଥାଏ, ସର୍ବୋପରି ଏତେସବୁ ଟଙ୍କା ପଇସା ଆୟବ୍ୟୟର ସୁଯୋଗ ନଥାଏ, କିନ୍ତୁ କେବଳ ଗୋଟିଏ ଜିନିଷ ଯାହା ଆରମ୍ଭରେ ଥିଲା ଓ ଏପର୍ଯ୍ୟନ୍ତ ରହିଛି ତାହା ହେଉଛି ଆମର ଉତ୍ସାହ । ଆମର ଅଭାବ ଅସୁବିଧା, ସୁଖଦୁଃଖ, କଳିତକରାଳ, ବୁଝାମଣା, ଅବୁଝାମଣା, ସଂଘର୍ଷ ଏସବୁ ଆମର ଅତୀତ । ଆରମ୍ଭରୁ କାମ କରି ଆସୁଥିବା ଅପାଭାଇ ଓ କର୍ମକର୍ତ୍ତା ଯେତେ ଅଭାବ ଅନଟନ ମଧ୍ୟଦେଇ ଯାଇଛନ୍ତି ଓ ସେସବୁକୁ ଯେ ସେମାନେ ଖାତିର କରି ନାହାନ୍ତି ସେଥିପାଇଁ ସେମାନଙ୍କ ଭିତରେ ଥିବା ବିଶ୍ୱାସ, ଶ୍ରଦ୍ଧା ଓ ଉତ୍ସାହ ହେଉଛି କାରଣ । ଆମ ଉତ୍ସାହ ନୂତନ ଚେତନା ଲାଗି ଆମକୁ ଗ୍ରହଣଶୀଳ କରାଇଥାଏ ।

'ଯୋଗସମନ୍ୱୟ' ପୁସ୍ତକର 'ସାଧନ ଚତୁଷ୍ଟୟ' ଅଧ୍ୟାୟରେ ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯୋଗର ଚାରିଟି ସାଧନ ରହିଛି : ଶାସ୍ତ୍ର, ଗୁରୁ, ଉତ୍ସାହ ଓ କାଳ । ଆମର ଏହି ଶିକ୍ଷା-ପ୍ରକ୍ରିୟାରେ ଉତ୍ସାହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି । ବାହାରର ପ୍ରତିକୂଳ ଅବସ୍ଥାକୁ ଖାତିର ନକରି

ଆମେମାନେ ଶିକ୍ଷକ ଅପାଭାଇ ହେଉ ବା ପରିଚାଳକ ହେଉ, ସମସ୍ତେ ଦଶନ୍ଧି ଦଶନ୍ଧି ଧରି ଉତ୍ସାହର ସହ ଏ କାମରେ ଲାଗିରହିଛୁ । ଆମ ପ୍ରକୃତିରେ ଯେତେ ଅଭାବ ବା ଦୁର୍ବଳତା ଥାଉ ପଛେ ଉତ୍ସାହରୂପକ ଏଇ ଚୈତ୍ୟଗୁଣ ପ୍ରକୃତିର ସବୁକିଛିକୁ ନେଇ ଊର୍ଦ୍ଧ୍ୱକୁ ଉଠିଚାଲିଛି ସତେ ଯେମିତି ଆମ ଚୈତ୍ୟ ଆମ ପ୍ରକୃତିକୁ ବଶୀଭୂତ କରି ଆଲୋକୋନ୍ମୁଖ ହୋଇ ଆମକୁ ଆଗେଇ ନେଉଛି । ଏତିକିବେଳେ ଆମେ ଆମ ମଣିଷ ପ୍ରକୃତିକୁ ବୁଝିବାକୁ ଚେଷ୍ଟା କରିଥାଉ ଓ ତାହା ମଧ୍ୟ ସ୍ପଷ୍ଟ ଦିଶେ ।

ମଣିଷର ପ୍ରକୃତି ଗଠିତ ହୋଇଥାଏ ତା'ର ବ୍ୟବହାର, ତା'ର ପରିବେଶ, ତା'ର ସଂସ୍କୃତି ଦ୍ୱାରା । ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ : "The basis of a man's nature is almost always, in addition to his soul's past, his country, the soil from which he draws sustenance, the air which he breaths, the lights, sounds, habits to which he is accustomed. They mould him not the less pwerfully because insensibly, and from that then we must begin."

ଅର୍ଥାତ୍, ''ପ୍ରାୟ ସଦାସର୍ବଦା, ମାନବ ପ୍ରକୃତିର ମୂଳଭିତ୍ତି ହେଲା ତା'ର ଅନ୍ତରାତ୍ମାର ଅତୀତ ଅବସ୍ଥା ଏବଂ ତା'ର ବଂଶପରମ୍ପରା, ପରିବେଶ, ଜାତୀୟତା, ଦେଶ, ଯେଉଁ ମୃତ୍ତିକାରୁ ସେ ଖାଦ୍ୟ ଗ୍ରହଣ କରେ, ଯେଉଁ ବାୟୁ ସେ ନିଃଶ୍ୱାସରେ ସେବନ କରେ, ଯେଉଁ ଦୃଶ୍ୟ, ଶବ୍ଦ ଓ ଅଭ୍ୟାସରାଜି ସହ ସେ ଅଭ୍ୟସ୍ତ । ଯେହେତୁ ସେସବୁ ତାକୁ ତାହାର ଅଜ୍ଞାତସାରରେ ପ୍ରଭାବିତ କରନ୍ତି, ତଥାପି ଏହା ନୁହେଁ ଯେ ସେସବୁ କମ୍ ପ୍ରଭାବଶାଳୀ ଭାବେ ତାହାକୁ ଗଢ଼ିତୋଳନ୍ତି । ତେଣୁ ସେସବୁକୁ ନେଇହିଁ ଆମମାନଙ୍କୁ ଶିକ୍ଷା ଆରମ୍ଭ କରିବାକୁ ହେବ ।''

ଏସବୁ ଆମେ ଆମ ପରିବାର, ପରିବେଶ, ସଂସ୍କୃତି ତଥା ଦେଶରୁ ଉପାର୍ଜନ କରିଥାଉ – ଜାଣତରେ ହେଉ ବା ଅଜାଣତରେ । ଏହି ପରିପ୍ରେକ୍ଷୀରେ ମୋର ଦୁଇଟି ବ୍ୟକ୍ତିଗତ ଉଦାହରଣ ଦର୍ଶାଇବାକୁ ପ୍ରୟାସ କରିବି । ପ୍ରଥମଟି ମୋର ପିଲାବେଳର କଥା – ମୁଁ ସେତେବେଳକୁ ଦିଗପହଣ୍ଡି ସ୍ଥିତ ଉଚ୍ଚ ବିଦ୍ୟାଳୟରେ ପଢୁଥିଲି । ତାହା ମୋ ଗାଁ ଚୁଡ଼ଙ୍ଗପୁରରୁ ଚାରି କିଲୋମିଟର ଦୂର । ମୋ ସାଙ୍ଗର ବାପା ପାଟପୁର ବ୍ଲକ ଅଫିସରେ କାମ କରୁଥିଲେ । ସେ ପ୍ରତିଦିନ ସକାଳେ ମୌଳାଭଞ୍ଜାରୁ ବାହାରି ସାଇକେଲରେ ଦିଗପହଣ୍ଡି ଓ ପରେ ଆମ ଗାଁ ଦେଇ ପାଟପୁର ଯାଉଥିଲେ । ମୁଁ ପ୍ରତିଦିନ ସକାଳୁ ଆମ ଗାଁରୁ ବାହାରି ଦିଗପହଣ୍ଡି ଯାଉଥିଲି । ପ୍ରାୟ ପ୍ରତିଦିନ ରାସ୍ତାରେ ପରସ୍ପରର ଭେଟ ହେଉଥାଏ । କଥାବାର୍ତ୍ତା ହୁଏନି, କିନ୍ତୁ ତାଙ୍କୁ ଦେଖି ପଚାଶ ମିଟର ଦୂରରୁ ମୁଁ ସାଇକେଲରୁ ଓହ୍ଲାଇଯାଏ । ଚାଲୁ ଚାଲୁ ନମସ୍କାର କରେ । ତାଙ୍କୁ ଅତିକ୍ରମ କରିସାରିଲେ ପୁଣି ସାଇକେଲରେ ଚଢ଼ି ଆଗକୁ ଯାଏ । ଏକଥା ମୋତେ ମୋ ମାଆବାପା ବ୍ୟକ୍ତିଗତ ଭାବେ ଶିଖାଇ ନାହାନ୍ତି । ''ବୟସ୍କମାନଙ୍କୁ ମର୍ଯ୍ୟାଦା ଦେବା'' ମୁଁ ତତ୍‌କାଳୀନ ପରିବେଶରୁ, ସାମାଜିକ ଚଳଣିରୁ ଦେଖି ଶିଖିଥିଲି । ମୋ ପୁଅ 'ଓମ୍'କୁ ବା ଅରୋଭିଲ୍‌ର ଯେକୌଣସି ପିଲାକୁ ଆଜି ଏକଥା କହିଲେ ସେମାନେ ହସିବେ । ବୟସ୍କମାନଙ୍କୁ ବି ସେମାନଙ୍କ ନାମଧରି ଡାକିବା, ସେମାନଙ୍କ ସହ ସମାସ୍କନ୍ଦ ଭାବେ ବ୍ୟବହାର କରିବା ପ୍ରଭୃତି ହେଉଛି ଅରୋଭିଲ୍‌ର ସ୍ୱାଭାବିକ ଜୀବନଧାରାର ଅଂଶ । ଏଠାରେ ଏକ ବିଶ୍ୱସଂସ୍କୃତିର ସମାବେଶ ଘଟିଥିବାରୁ ଗୋଟିଏ ଦେଶର ଚଳଣିକୁ ବାଧ୍ୟତାମୂଳକ କରାଯାଇପାରେ ନାହିଁ । ଅର୍ଥାତ୍, ଏହା ଆପେକ୍ଷିକ; ସ୍ଥାନ-କାଳ-ପାତ୍ର ଅନୁସାରେ ଆମ ପ୍ରକୃତି ଓ ବ୍ୟବହାର ରୂପ ନେଇଥାଏ । ଆମର ପରିବେଶ, ଆମେ ନିଃଶ୍ୱାସରେ ସେବନ କରୁଥିବା ବାୟୁ, ଦୃଶ୍ୟ, ଶବ୍ଦ ଓ ଅଭ୍ୟାସରାଜି ଆମ ପ୍ରକୃତିକୁ କିପରି ଗଢ଼ିଥା'ନ୍ତି ତାହାର ଏହା ଏକ ଦୃଷ୍ଟାନ୍ତମାତ୍ର ।

ଏହା ତ ଗଲା ଅଜାଣତରେ କିପରି ବାହ୍ୟ ପ୍ରଭାବ ଦ୍ୱାରା ଆମ ପ୍ରକୃତି ଗଠନ ହୋଇଥାଏ । ଦ୍ୱିତୀୟଟି ହେଉଛି ପ୍ରକୃତିଗଠନର ଅନ୍ତଃପ୍ରଭାବ । ଆମ ଘରେ କୌଣସି ଏକ ସମସ୍ୟାର ସମାଧାନ ଲାଗି ପାରିବାରିକ ବୈଠକରେ ପ୍ରଥମ ଦିନ କିଛି ଦୂର ଆଗେଇଥିଲୁ । ଦ୍ୱିତୀୟ ଦିନ ସକାଳୁ ମୁଁ ପ୍ରସ୍ତାବ ଦେଇ କହିଲି, ''ଏପରି କଲେ କିପରି ହୁଅନ୍ତା !'' ଓମ୍ ସଙ୍ଗେ ସଙ୍ଗେ କହିଉଠିଲା, ''ମୁଁ ବି ତାହା ଭାବିଥିଲି ଏବଂ କହିଥା'ନ୍ତି'' । ତା'ପରେ ମୁଁ କହିଲି, ''ତୋ'ର ଚତୁରତା ପାଇଁ ଧନ୍ୟବାଦ ।'' ସେ କହିଲା, ''I am being made like that.'' କୌଣସି ସମାଧାନ କିପରି ଅଣାଯିବ ତାହା ଯେପରି ବ୍ୟକ୍ତିର ଅନ୍ତର୍ଗତ ହୋଇଯାଇଛି । ଉଣେଇଶ ବର୍ଷର ଜଣେ ବ୍ୟକ୍ତି ଅନୁଭବ କରୁଛି, ତା'ଭିତରେ କେଉଁ ଏକ ଜାଗାରେ କିଛି ଜ୍ଞାନ ବା ସୂଚନା ପ୍ରତିଷ୍ଠିତ ହୋଇରହିଛି, ତାହା ତା'ର ଅଜାଣତରେ ଗଢ଼ିଉଠିଛି ଏବଂ ତା'ର ପ୍ରକୃତିଗତ ହୋଇରହିଛି ।

ଅଧିକ ସୁଖ, ଅଧିକ ଆନନ୍ଦ, ଅଧିକ ଆଲୋକ, ଅଧିକ

ଶ୍ରଦ୍ଧା, ଅଧିକ ଜ୍ଞାନ ପାଇଁ ଇଚ୍ଛା କରୁଥିବା ଆମ ଭିତରର କୌଣସି ଏକ ବସ୍ତୁ ତା'ର ଏହି ଗଠିତ ପ୍ରକୃତି ଭିତରେ ଆବଦ୍ଧ ବା ସନ୍ତୁଷ୍ଟ ହୋଇ ରହିବାକୁ ଚାହେଁନି । ତେଣୁ ଆମ ଉପାର୍ଜିତ ପ୍ରକୃତିକୁ ଅତିକ୍ରମ କରିବାକୁ ଆମେ ମନ ବଳାଇଥାଉ । ଅବଶ୍ୟ, ସମାଜରେ ଅନେକେ ଅଛନ୍ତି ଯେଉଁମାନେ ସେହି ଜାଗାରେ ସନ୍ତୁଷ୍ଟ ହୋଇ ରହିବାକୁ ଚାହାନ୍ତି । ଆମର ଏହି କାର୍ଯ୍ୟଧାରାଟି ଅସନ୍ତୁଷ୍ଟ ବ୍ୟକ୍ତିମାନଙ୍କର – ନୁହେଁ କି ? ଏହା ଶୁଣିବାକୁ ମଧୁର ଲାଗିଲେ ବି ଏହି ବାଟରେ ଚାଲିବା କଷ୍ଟକର । ନୂଆର ଆଭାସ ପାଉଥିବାବେଳେ ପୁରୁଣାର ନିମ୍ନ ଆକର୍ଷଣକୁ କାଟି ଆଗକୁ ଯିବା, ବେଳେ ବେଳେ ଭାରି ପୀଡ଼ାଦାୟକ ହୋଇଥାଏ । ଲମ୍ଫଟିଏ ସମ୍ପନ୍ନ କରିବାରେ ଅନେକ ଆନନ୍ଦ ଲାଭ ହୁଏ ସତ, ଏଥିପାଇଁ ପ୍ରୟୋଜନୀୟ ସାହସ, ସହନଶୀଳତା, ଅଧ୍ୟବସାୟ, ବ୍ୟାକୁଳତା ଅନିବାର୍ଯ୍ୟ । ବେଳେବେଳେ ଆମେ ଖସିପଡ଼ୁ । ଏହା ଆମର Default setting । ସାଧାରଣତଃ ଆମର Default setting ର ଆଧାର ହେଉଛି ଆମର ଭୟ । କୌଣସି ପ୍ରକାର ଭୟ ଆସିଲେ ଆମେ ଘର ଭିତରକୁ ଚାଲିଯାଉ । ସେତେବେଳେ ଆମେ ପ୍ରଚଳିତ ସାମାଜିକ ତଥା ସାଂସ୍କୃତିକ ଭୂଇଁକୁ ଚାଲିଆସୁ ଏବଂ ସମସ୍ତ ପ୍ରକାର ନୈତିକତାକୁ ଆଶ୍ରୟ କରି ନୀତିନିୟମ ସବୁ କରିବସୁ । ଉପାର୍ଜିତ ପ୍ରକୃତିର ଆଶ୍ରୟ ନେଇଥାଉ । ପରସ୍ପର ପାଖରୁ ଆଶା ପ୍ରତ୍ୟାଶା କରୁ ତଥା ଦାବି କରିବସୁ । ଆମ Windows Operating System କୌଣସି ସଂକଟ ଅବସ୍ଥାରେ ଯେପରି କହେ : "Set to last configuration that worked well." ଠିକ୍ ସେହିପରି ଆମେ ଅତୀତକୁ ଚାଲିଯାଉ ।

ଏପରି ଏକ ସମୟ ହେଉଛି ପ୍ରକୃଷ୍ଟ ସମୟ ଯେତେବେଳେ ଆମେ ନୂତନ ବିକଳ୍ପମାନଙ୍କ ପ୍ରତି ଆମ ମନ ଖୋଲା ରଖି ଆମ ଅଞ୍ଚଳରେ, ଆମ ରାଜ୍ୟରେ, ଆମ ଦେଶରେ ବା ପୃଥିବୀର ଅନ୍ୟ କୋଣମାନଙ୍କରେ ହେଉଥିବା ପ୍ରୟୋଗଗୁଡ଼ିକର ରୂପ କିପରି, ତା'ର ଧାରା କିପରି, ସେସବୁକୁ ଅନୁଶୀଳନ ତଥା ଅନୁଧ୍ୟାନ କରିବାର ସୁଯୋଗ ନେବା । ଏତିକିବେଳେ ଆମ ପ୍ରୟୋଗରେ କିଛି ପରିବର୍ତ୍ତନ ଆଣିବା, ନୂତନ ଉପକରଣ ତଥା ବ୍ୟବସ୍ଥାମାନ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ – ଏକଥା ଆମକୁ ସ୍ୱୀକାର କରିବାକୁ ହେବ ।

ଆଜି ପାଶ୍ଚାତ୍ୟର ଅନେକ ଦେଶରେ Waldorf Education Systemକୁ ଏକ ଉଚ୍ଚକୋଟୀର ମୂଲ୍ୟବୋଧର ଶିକ୍ଷା ହିସାବରେ ଗଣାଯାଏ । ଏହା ଘରୋଇ ଶିକ୍ଷାବ୍ୟବସ୍ଥା ହୋଇଥିଲେ ସୁଦ୍ଧା ପ୍ରତ୍ୟେକ ଦେଶର ସରକାର ଏହାକୁ ସ୍ୱୀକୃତି, ପ୍ରୋତ୍ସାହନ ଓ ଅନୁଦାନ ପ୍ରଦାନ କରିଥା'ନ୍ତି । ଏହି ଶିକ୍ଷାର ପ୍ରଣୟିତା ହେଉଛନ୍ତି Rudolf Steiner, ଶ୍ରୀଅରବିନ୍ଦଙ୍କ ସମସାମୟିକ । Waldorf Education ର ସଂଗଠନ ଓ ଦୃଷ୍ଟିକୋଣକୁ ଦେଖିଲେ ଅଧିକାଂଶ କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଝଲକ ଦେଖିବାକୁ ମିଳେ । ବ୍ୟକ୍ତିସତ୍ତାର ରୂପାନ୍ତର ବିଭାବଟିକୁ ନ ଯୋଡ଼ିଲେ Waldorf Education କୁ Integral Education ସହ ସମାନ ବୋଲି କହିହେବ । ମୋର ମନେ ହେଉଛି ସତେ ଯେମିତି ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରବର୍ତ୍ତିତ ପୂର୍ଣ୍ଣାଙ୍ଗ ଯୋଗ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଲାଗି ଉଦ୍ଦିଷ୍ଟ ଚେତନାର ଅବତରଣ ବେଳକୁ ଉନ୍ମୁକ୍ତ ଥିବା କେତେକ ଗ୍ରହଣଶୀଳ ବ୍ୟକ୍ତିତ୍ୱ ଏହାର ସ୍ପର୍ଶ ପାଇଛନ୍ତି ଏବଂ ନିଜେ ପହଞ୍ଚି ପାରିଥିବା ପର୍ଯ୍ୟାୟ ଯାଏ ଶିକ୍ଷାଧାରାମାନ ପ୍ରଣୟନ କରିଛନ୍ତି । ମା' ଏହାର କାର୍ଯ୍ୟକାରିତା ପାଇଁ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଣୟନ କରି ଆମମାନଙ୍କ ପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି । ମା' ଶ୍ରୀଅରବିନ୍ଦ ଓ ତାଙ୍କ ଶିକ୍ଷାଧାରା ସହ ସମ୍ପର୍କିତ ହୋଇ ପାରିଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ ରହିବା ।

ଏପରି ଏକ ବିଶେଷ ମୁହୂର୍ତ୍ତରେ ଆମେ ପରସ୍ପରର ଭୁଲ୍‌କୁ ଦେଖିବା ବା ଅନ୍ୟମାନଙ୍କ ଭିତରେ ଥିବା ଅଭାବଗୁଡ଼ିକୁ ନଜର କରିବା ବଦଳରେ ଆମ ନିଜ ଭିତରେ ସେହି ପରମପ୍ରେମଙ୍କ ପ୍ରକାଶ ଲାଗି ବଞ୍ଚିବା ତଥା ଆମ ଅସଲ ଚେତନା, ସ୍ୱଭାବ, ସ୍ୱଧର୍ମ ଅନୁସାରେ ବଞ୍ଚିବା ପାଇଁ ଇଚ୍ଛା କରିବା । ପରମପ୍ରେମ ଆମ ଭିତରେ ଶ୍ରଦ୍ଧା ଓ ବିଶ୍ୱାସ ରୂପରେ ବି ପ୍ରକାଶିତ ହୁଅନ୍ତି । ଏସବୁ ଆମ ଚୈତ୍ୟସତ୍ତାର ବିଭାବ । ଆମେ ପ୍ରତ୍ୟେକେ ଏକ ଏକ ଚୈତ୍ୟସତ୍ତା ବା ଆତ୍ମା । ଏହାର ବିକାଶର ପରିପକ୍ୱତା ଉପରେ ନିର୍ଭର କରେ କିଏ କେତେ ସଚେତନ ହୋଇଥାଏ ବା ଯୁକ୍ତ ହୋଇ ରହିଥାଏ । ଏହି ଏକ ପରିଚୟ ନେଇ ଆମେ ଏଠାରେ (ଶିକ୍ଷାକେନ୍ଦ୍ରରେ) ଏକତ୍ର ହୋଇଛୁ ପରସ୍ପର ଅଗ୍ରଗତିରେ ଏକ ଏକ ଉପାଦାନ ହୋଇଉଠିବା ପାଇଁ ।

ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ କଥା ଏହି ସମୟରେ ମନେ ପଡ଼େ । ଆମ୍ଭମାନଙ୍କ ମଧ୍ୟରୁ ଅନେକେ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଥିଲେ । ସେ ଏକ ଅତୁଳନୀୟ ବ୍ୟକ୍ତିତ୍ୱ । ତାଙ୍କରି

ମାଧ୍ୟମରେ ଓଡ଼ିଶାରୁ ଓ ଓଡ଼ିଶା ବାହାରୁ ଅନେକେ ପୂର୍ଣ୍ଣଯୋଗ ସହ ଯୋଗସୂତ୍ର ସ୍ଥାପନା କରିଛନ୍ତି, ପ୍ରାର୍ଥନା କରିଛନ୍ତି, ନିଜ ଦୁଃଖକଷ୍ଟରୁ ମୁକ୍ତି ପାଇଛନ୍ତି, ପ୍ରାର୍ଥନାର ଉତ୍ତର ପାଇଛନ୍ତି, ଅନେକ ସମସ୍ୟାର ସମାଧାନ କରି ପାରିଛନ୍ତି । Thoughts and Aphorismsର ଟୀକା କରିବାବେଳେ ମା' ଯାହା କହନ୍ତି ସେକଥା ବାବାଜିଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ବୋଲି ମୋର ମନେହୁଏ : "...if the central Will is represented constantly and permanently in an individual being, this individual being can serve as an intermediary between this Will and all beings, and will for them. Everything this individual being perceives and offers in his consciousness to the supreme Will is answered as if it came from each individual being. And if for any reason the individual elements have a more or less conscious and voluntary relation with that representative being, their relation increases the efficacy, the effectiveness of the representative individual; and thus the supreme Action can act in Matter in a much more concrete and permanent manner..."

(CWM, vol. 10, p. 79)

ଅର୍ଥାତ୍, ''... ଯଦି ସେହି କେନ୍ଦ୍ରସ୍ଥ ପରମ ଇଚ୍ଛାର କୌଣସି ବ୍ୟକ୍ତିସତ୍ତା ମଧ୍ୟରେ ସତତ ଓ ସ୍ଥାୟୀ ଭାବରେ ପ୍ରତିରୂପାୟଣ ଘଟିପାରୁଛି ତେବେ ସେହି ବ୍ୟକ୍ତିସତ୍ତା ଏହି ପରମ ଇଚ୍ଛା ଏବଂ ସର୍ବଭୂତ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସଂଯୋଜକ ରୂପେ କାର୍ଯ୍ୟ କରିପାରିବ ଓ ସେମାନଙ୍କ ଲାଗି ଇଚ୍ଛା ମଧ୍ୟ କରିପାରିବ । ଏହି ବ୍ୟକ୍ତିସତ୍ତାଟି ଆପଣାର ଚେତନାରେ ଯାହା କିଛିର ବୋଧ ଲାଭ କରିଥାଏ ଓ ସେହି ସର୍ବୋଚ୍ଚ ପରମ ଇଚ୍ଛାଙ୍କ ନିକଟରେ ଯାହା କିଛି ଲାଗି ନିବେଦନ କରିଥାଏ, ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ତାହା ଉତ୍ସାରିତ ହୋଇ ଆସିଥିବା ପରି ତାହାର ପୂରଣ ମଧ୍ୟ ହୋଇ ଯାଉଥାଏ, ଏବଂ ଯଦି କୌଣସି କାରଣ ହେତୁ ଏହି ବ୍ୟକ୍ତି ଉପାଦାନମାନଙ୍କର ସେହି ପ୍ରତିନିଧି ସ୍ୱରୂପ ସତ୍ତାଟି ସହିତ ଅଳ୍ପ ବହୁତ ପରିମାଣରେ ଏକ ସଚେତନ ଏବଂ ସ୍ୱେଚ୍ଛାପ୍ରଣୋଦିତ ସମ୍ବନ୍ଧ ଅବସ୍ଥିତ ରହିଥାଏ ତେବେ ତଦ୍ୱାରା ସେହି ପ୍ରତିନିଧି ସ୍ୱରୂପ ବ୍ୟକ୍ତିର କର୍ମସମର୍ଥତା ଏବଂ ଫଳଦାୟକତାରେ ମଧ୍ୟ ବୃଦ୍ଧି ସାଧିତ ହୋଇଥାଏ; ଏବଂ, ଏହିପରି ଭାବରେ ସର୍ବୋଚ୍ଚ ପରମ କ୍ରିୟା ଜଡ଼ର ଭୂମି ଉପରେ ଅନେକ ଅଧିକ ମୂର୍ତ୍ତ ଏବଂ ଦୀର୍ଘସ୍ଥାୟୀ ଭାବରେ କାର୍ଯ୍ୟ କରିପାରନ୍ତି ।...''

ଆମେ ଜାଣୁ, ବାବାଜି ମହାରାଜ ଜଣେ ସିଦ୍ଧ ପୁରୁଷ ଥିଲେ, ଚୈତ୍ୟପୁରୁଷଙ୍କ ସହ ସେ ପ୍ରତିନିୟତ ଯୁକ୍ତ ଥିଲେ । ପୂର୍ଣ୍ଣାଙ୍ଗଶିକ୍ଷାର ଆଧାର ଏହି 'ଚୈତ୍ୟ' ଆମ ସମସ୍ତଙ୍କ କାମ୍ୟ । ଏ କାମରେ ପ୍ରତିନିୟତ ଆମେ ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ଓ ଆମ ଜୀବନରେ ପ୍ରୟୋଗ କରିବାରେ ଲାଗିଛୁ । ବାବାଜିଙ୍କ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କର ଅନୁକରଣୀୟ । ଏକଥା କ'ଣ ସତ ନୁହେଁ ଯେ ଆମେ ଯେଉଁମାନେ ପୂର୍ଣ୍ଣାଙ୍ଗଶିକ୍ଷା ଲାଗି ଅନ୍ତଃପ୍ରେରିତ ହୋଇ ନିଜକୁ ଉତ୍ସର୍ଗ ତଥା ନିୟୋଜିତ କରିଛୁ ଉପରିଲିଖିତ ମା'ଙ୍କ ବକ୍ତବ୍ୟକୁ ଆମେ ଅଙ୍ଗେ ନିଭାଉଛୁ ! କି ଚମତ୍କାର ଏ ରାସ୍ତା ସତରେ !!!

ପରମପ୍ରଭୁଙ୍କ କୃପାରୁ ଆମ ଚୈତ୍ୟସତ୍ତା ଦ୍ୱାରା ପ୍ରଣୋଦିତ ହୋଇ ନୂତନ ଚେତନାର କାର୍ଯ୍ୟସ୍ଥଳୀ ପୂର୍ଣ୍ଣାଙ୍ଗଶିକ୍ଷା କେନ୍ଦ୍ରମାନଙ୍କୁ ଆମେ ଆକର୍ଷିତ ହୋଇ ଆସୁଛୁ । ଏହା ଆମ ଅଜାଣତରେ ହେଉଥିଲେ ସୁଦ୍ଧା ଭାରି ଶକ୍ତିଶାଳୀ ଭାବେ ଘଟୁଛି । ଆମେ ପରସ୍ପରର ସମୃଦ୍ଧିରେ ଭାଗୀ ହୋଇ ରହୁଛୁ । ଯାହା ଆମ ଅଜାଣତରେ ଘଟୁଛି ତାକୁ ଆମେ ଜାଣତରେ ବଞ୍ଚିଲେ କିପରି ହୁଅନ୍ତା ! ବ୍ୟକ୍ତିଗତଭାବେ ଆମ ପ୍ରତ୍ୟେକଙ୍କୁ, ଆମ ଅନୁଷ୍ଠାନକୁ ଏବଂ ଆମ ପ୍ରୟୋଗକୁ ଏଯାଏ ଯିଏ ବାଟ କଢ଼ାଇ ଆଣିଛନ୍ତି ସେ ଅବଶ୍ୟ ଆଗକୁ ବାଟ କଢ଼ାଇ ନେଉଛନ୍ତି । ଆମ ସମର୍ପଣ, ଆନ୍ତରିକତା ହେଉଛି ଆମର ସାମର୍ଥ୍ୟ । ଆମ ଉତ୍ସାହ ହେଉଛି ଆମ ପାଥେୟ ।

(ସୌଜନ୍ୟ : ଦିବ୍ୟ ଉନ୍ମୀଳନ,
ଏପ୍ରିଲ ସଂଖ୍ୟା, ୨୦୧୫)

❑❑❑

# ଆମ ସ୍ୱାସ୍ଥ୍ୟ

## (୧୦)

## ଭୋଳେଶ୍ୱର ଭୂୟାଁ

''ଧ୍ୟାନ ମାଧ୍ୟମରେ ତୁମେ ଅଗ୍ରଗତି କରିପାରିବ କିନ୍ତୁ କର୍ମ ମାଧ୍ୟମରେ, ଯଦି ଏହାକୁ ଯଥାର୍ଥ ଚେତନାର ସହିତ କରାଯାଏ ତେବେ ତୁମେ ଦଶଗୁଣ ଅଧିକ ଅଗ୍ରଗତି କରିପାରିବ ।

''ମୋର ଆଶୀର୍ବାଦ ସହିତ ।''

(୬ ଏପ୍ରିଲ, ୧୯୫୪) — ଶ୍ରୀମା

ଏହି ବାଣୀ ଜଣେ ପୁରୁଣା ସାଧକଙ୍କୁ ମା' ଦେଇଥିଲେ । କିନ୍ତୁ ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ଆଶ୍ରମର ଭକ୍ତମାନଙ୍କୁ ଯେଉଁ କାମ ଦିଆଯାଇଥାଏ ତାହାହିଁ କେବଳ ଯେ କର୍ମ-ଯୋଗ — ଏକଥା ନୁହେଁ । ଏପରିକି ଖାଇବା, ପିଇବା, ଗାଧୋଇବା, ଲୁଗାପଟା ସଫା କରିବା, ନିଃଶ୍ୱାସ-ପ୍ରଶ୍ୱାସ ନେବା, ଶୋଇବା, ପଢ଼ିବା, ବ୍ୟାୟାମ କରିବା ଆଦି ସବୁକିଛି ମଧ୍ୟ କର୍ମଯୋଗ ହୋଇଥାଏ । ଏସମସ୍ତ କାମକୁ ଆମେ ଠିକ୍ ମନୋଭାବ ସହିତ ମା'ଙ୍କ ପାଇଁ କରିପାରିଲେ ତାହାହିଁ ଆମର କର୍ମଯୋଗ ହୋଇଥାଏ ଏବଂ ଆମକୁ ଆଧ୍ୟାତ୍ମିକ ପଥରେ ଅଗ୍ରଗତି କରିବାରେ ବିଶେଷ ସାହାଯ୍ୟ କରିଥାଏ ।

ବର୍ତ୍ତମାନ ସମୟରେ ସାରା ପୃଥିବୀର ପ୍ରଧାନ କର୍ମ କ'ଣ ? 'ଜଡ଼ର ରୂପାନ୍ତର' ହେଲା ଆମମାନଙ୍କର ପ୍ରଧାନ ଓ ମୁଖ୍ୟ କର୍ମ ଅର୍ଥାତ୍ ଶରୀର ରୂପାନ୍ତର । ଏପର୍ଯ୍ୟନ୍ତ ଶରୀର ରୂପାନ୍ତର ପୃଥିବୀରେ ସମ୍ପନ୍ନ ହୋଇପାରି ନାହିଁ । ମା'ଙ୍କ ଶରୀରରେ ଅତିମାନସ ଶକ୍ତି ଅବତରଣ କରି ମା'ଙ୍କ ଶରୀର-ରୂପାନ୍ତର କାମ ଆରମ୍ଭ ହୋଇଥିଲା । କିନ୍ତୁ ମା'ଙ୍କ ଶରୀର ପୂର୍ଣ୍ଣ ରୂପାନ୍ତର ହେବା ପୂର୍ବରୁ ଆମମାନଙ୍କୁ ପ୍ରସ୍ତୁତ କରିବା ପାଇଁ ତାଙ୍କ ଶରୀର ତ୍ୟାଗ କରି ସେ ଆମମାନଙ୍କ ଭିତରେ ଅଭିବ୍ୟକ୍ତ ହୋଇଗଲେ । ଏହି ଶରୀର ରୂପାନ୍ତର କାମ ଏବେ ଅବଶ୍ୟ ତ୍ୱରାନ୍ୱିତ ହେବ ।

କିନ୍ତୁ ମଣିଷର ବିକୃତି, ଅପାରଗତା ଓ ଅକ୍ଷମତା ହେତୁ ସେ ଅତିମାନସ ଶକ୍ତିକୁ ଧାରଣ କରିବା ପାଇଁ ଏବେ ବି ସକ୍ଷମ ହୋଇପାରି ନାହିଁ । ତେଣୁ ଏହି ଅଜଣା କାମକୁ ମା' ଆମମାନଙ୍କ ଭିତରେ ସମ୍ପନ୍ନ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି । ମା' ବିଭିନ୍ନ ବାଣୀ ମାଧ୍ୟମରେ ଏହି ଦିଗରେ ଆମକୁ ଉତ୍ସାହିତ କରିବା ପାଇଁ ସର୍ବଦା ଚେଷ୍ଟା କରିଯାଇଛନ୍ତି । ସେଥିମଧ୍ୟରୁ ଏକ ବାଣୀ ହେଲା : ''ତୁମର ଅତୀତ ଯାହା ବି ହୋଇଥାଉ ନା କାହିଁକି, ତୁମେ ଯାହାସବୁ ଭୁଲ୍-ଭ୍ରାନ୍ତି କରିଥାଅ ନା କାହିଁକି, ଯେତେ ବି ଅଜ୍ଞାନତା ମଧ୍ୟରେ ତୁମେ ବାସ କରିଥାଅ ନା କାହିଁକି, ତୁମ ଗଭୀର ଅନ୍ତରରେ ଯେଉଁ ପରମ ଶୁଦ୍ଧତା ବହନ କରିଛ ତାହା ନିଜକୁ ଏକ ଅତ୍ୟାଶ୍ଚର୍ଯ୍ୟ ଅନୁଭୂତିରେ ରୂପାୟିତ କରିବ ।''

(MCW - 3, p-215) — ଶ୍ରୀମା

ପୁଣି ମା' ଆମମାନଙ୍କୁ ବାଣୀ ଦେଇ ଉତ୍ସାହିତ କରୁଛନ୍ତି :

''ଆମମାନଙ୍କୁ ବୀର ଯୋଦ୍ଧା କରି ଗଢ଼ିତୋଳ ଯାହା ଆମେ ହେବାକୁ ଆସ୍ପୃହା କରୁ । ଯେଉଁ ଅତୀତ ତିଷ୍ଠି ରହିବାକୁ ଚାହେଁ, ତା' ବିରୋଧରେ ଆମେ ଯେପରି ଜନ୍ମଲାଭ କରିବାକୁ ଥିବା ଭବିଷ୍ୟତର ମହାଯୁଦ୍ଧରେ ସଫଳଭାବେ ଲଢ଼ିପାରିବୁ; ତା'ହେଲେ ନୂତନ ବସ୍ତୁଟି ଅଭିବ୍ୟକ୍ତ ହେବ ଏବଂ ଆମେ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହିପାରିବୁ ।''

(MCW - 15, pp -183 - 84)

ଆମ ଆଶ୍ରମରେ ପ୍ରତି ଏପ୍ରିଲ ପହିଲାରେ ପ୍ରଥମ ଆଥେଲେଟିକ୍ସ କମ୍ପିଟିସନ୍ ପ୍ରତିଯୋଗିତା ଆରମ୍ଭ ହୋଇଥାଏ । ଏଥିପାଇଁ ମା' ଏକ ବାଣୀ ଦେଇଥାଆନ୍ତି । ୧୯୭୦ ମସିହାରେ ମା' ଏହି ଉଦ୍ଦେଶ୍ୟରେ ଯେଉଁ ବାଣୀ ଦେଇଥିଲେ ତାହା ହେଲା :

''ଚାଲ ପୂର୍ଣ୍ଣତା ଦିଗରେ ଆମର ଚେଷ୍ଟାକୁ ଅର୍ପଣ କରିବା ଏବଂ ଶାରୀରିକ ଶିକ୍ଷା ଆମ ପାଇଁ ଏକ ନୂତନ ଅର୍ଥ ଓ ଏକ ମହତ୍ତର ମୂଲ୍ୟ ଗ୍ରହଣ କରିବ ।

''ପୃଥିବୀ ନିଜକୁ ଏକ ନୂତନ ସୃଷ୍ଟି ପାଇଁ ପ୍ରସ୍ତୁତ କରୁଛି, ଚାଲ ଶାରୀରିକ ଶିକ୍ଷା ମାଧ୍ୟମରେ ଆମେ ଆମ ଶରୀରକୁ ଶକ୍ତିଶାଳୀ, ଅଧିକ ଗ୍ରହଣଶୀଳ ଏବଂ ଅଧିକ ନମନୀୟ କରି ଜଡ଼ର ରୂପାନ୍ତର ଦିଗରେ ଆଗେଇ ନେଇଯିବା ।''

(MCW - 12, pp. - 278 - 79) — ଶ୍ରୀମା

ଆଜି ଆମେ ଆମ ସ୍ୱାସ୍ଥ୍ୟ ପାଇଁ ଯେଉଁ ଶାରୀରିକ

ଶିକ୍ଷା ଆରମ୍ଭ କରିଛୁ, ଚାଲ ତାକୁ ଆମେ ମା'ଙ୍କୁ ଅର୍ପଣ କରି ମା'ଙ୍କ ଯନ୍ତ୍ର ରୂପେ ଏ କାମ କରିଚାଲିବା ।

**ଶଲଭାସନ :** 'ଶଲଭ' ଅର୍ଥ ପତଙ୍ଗ । ଶଲଭାସନ କରିବା ସମୟରେ ଶରୀର ଏକ ପତଙ୍ଗ ଭଳି ଦେଖାଯାଏ । ସେଥିପାଇଁ ଏହାକୁ ଶଲଭାସନ କୁହାଯାଏ । ଏହି ଆସନ କରିବା ପାଇଁ ପ୍ରଥମେ ଶରୀରକୁ ସିଧାରଖି ପେଟ, ଛାତି ଓ ଚିବୁକକୁ ଭୂମିରେ ଲଗାଇ ଶୋଇଯାଅ । ହାତ ଦୁଇଟିକୁ ମୁଷ୍ଟିବଦ୍ଧ କରି ଜଙ୍ଘପାଖରେ ଭୂମିରେ ରଖ । ଏଥର ବାମ ଗୋଡ଼କୁ ସିଧା ରଖି ଯେତେ ପାର ଉପରକୁ ଉଠାଅ । ଆଣ୍ଠୁ ଯେପରି ଟିକିଏ ବି ବଙ୍କା ନହୁଏ । ଏହି ଅବସ୍ଥାରେ କିଛି ସେକେଣ୍ଡ ରହି ଗୋଡ଼କୁ ଧୀରେ ଧୀରେ ତଳକୁ ଆଣ । ଠିକ୍ ଏହିପରି ଡାହାଣ ପାଦଟିକୁ ଉପରକୁ ଉଠାଇ କିଛି ସେକେଣ୍ଡ ରହି ପୁଣି ପାଦକୁ ତଳକୁ ଆଣ । ଏହିପରି ଭାବରେ ଦୁଇପାଦକୁ ପର୍ଯ୍ୟାୟକ୍ରମେ ଚାରି ବା ପାଞ୍ଚଥର ଉପରକୁ ଉଠାଇ ତଳକୁ ଆଣ । ଏଥର ଛାତି, ପେଟ, ଚିବୁକ ଏବଂ ମୁଷ୍ଟିବଦ୍ଧ ହାତରେ ଭାରଦେଇ ଦୁଇ ପାଦକୁ ଉପରକୁ ଉଠାଅ । ପାଦ ଦୁଇଟି ଅତି କମରେ ୯ ଇଞ୍ଚରୁ ୧ ଫୁଟ ଉପରକୁ ଉଠିବା ଦରକାର । ଏହି ଅବସ୍ଥାରେ ଚାରି ବା ପାଞ୍ଚ ସେକେଣ୍ଡ ରହି ପୂର୍ବ ଅବସ୍ଥାକୁ ଫେରିଆସ । ଏହି ଆସନକୁ ପ୍ରଥମ ଅବସ୍ଥାରେ ତିନି ବା ଚାରିଥର କର । ଭଲଭାବେ ଅଭ୍ୟାସ ହୋଇଗଲେ ପାଞ୍ଚ ବା ଛଅ ଥର କରିପାର । ଯେଉଁମାନେ ଦୁଇ ପାଦ ଉଠାଇ ଏହି ଆସନ କରିପାରନ୍ତି ନାହିଁ, ସେମାନେ ଗୋଟିକ ପରେ ଗୋଟିଏ ପାଦ ଉଠାଇ ଏହି ଆସନ କରିବେ ।

**ଉପକାରିତା :** ଭୁଜଙ୍ଗାସନ ଦ୍ୱାରା ଶରୀରର ଉପର ଭାଗର ବ୍ୟାୟାମ ହୋଇଥାଏ । କିନ୍ତୁ ଶଲଭାସନ ଦ୍ୱାରା ଶରୀରର ନିମ୍ନଭାଗର ବ୍ୟାୟାମ ହୋଇଥାଏ । ଶଲଭାସନ ଦ୍ୱାରା ଅଣ୍ଟା ଦରଜ ବିଶେଷ ଭାବରେ ଆରୋଗ୍ୟ ହୋଇଥାଏ । ହାତର ବାତ, ପାଦର ବାତ ଓ ସାଇଟିକାର ଦରଜ ଏହି ଆସନରେ ଦୂର ହୋଇଥାଏ । କୋଷ୍ଠବଦ୍ଧତା ଦୂର କରିବାରେ ଏହି ଆସନ ବିଶେଷ ସାହାଯ୍ୟ କରିଥାଏ । ଏହି ଆସନ କରିବା ଦ୍ୱାରା ଦୀର୍ଘ ପଥ ପାଦରେ ଚାଲିବା କଷ୍ଟକର ହୁଏ ନାହିଁ । ଏହି ଆସନ କରିବା ଦ୍ୱାରା ଶରୀରର ଶକ୍ତି ବୃଦ୍ଧି ହୋଇଥାଏ । ଯେଉଁ ସ୍ନାୟୁ-ମଣ୍ଡଳ ହାତ ଓ ପାଦର ମାଂସପେଶୀକୁ ସଙ୍କୁଚିତ ଓ ପ୍ରସାରଣ କରେ ଏହି ଆସନ ଦ୍ୱାରା ସେହିସବୁ ସ୍ଥାନରେ ଅଧିକ ରକ୍ତ ସଞ୍ଚାଳନ ହୋଇଥାଏ । ତେଣୁ ଏହିସବୁ ସ୍ଥାନର ସ୍ନାୟୁଗୁଡ଼ିକ ଶକ୍ତିଶାଳୀ ହୁଅନ୍ତି । ଏହି ଆସନ କରିବା ଦ୍ୱାରା ପେଟ ଓ ନିତମ୍ବରେ ଜମିଥିବା ଚର୍ବି କମିବାକୁ ଆରମ୍ଭ କରେ ଓ ଶରୀର ସରଳ ଓ ସୁନ୍ଦର ହୁଏ । ଏହି ଆସନ ଦ୍ୱାରା ଫୁସ୍‌ଫୁସ୍‌ର ସ୍ନାୟୁଗୁଡ଼ିକ ମଧ୍ୟ ଶକ୍ତିଶାଳୀ ହୋଇଥାଏ ଏବଂ ଫୁସ୍‌ଫୁସ୍‌ରେ ଅଧିକ ବାୟୁ ଧାରଣ କରିବାର କ୍ଷମତା ହୁଏ ।

ଏହି ଆସନରେ ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ବିଶେଷ ଚାପ ପଡ଼ିଥାଏ । ତେଣୁ ଯେଉଁମାନଙ୍କର ହୃଦ୍‌ରୋଗ, ବା ଫୁସ୍‌ଫୁସ୍ ଖୁବ୍ ଦୁର୍ବଳ ସେମାନେ ଏହି ଆସନଟି କରିବା ଅନୁଚିତ ।

**ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ :** ଏହି ଆସନଟି ମହାଯୋଗୀ ମତ୍ସ୍ୟେନ୍ଦ୍ରନାଥ ଆବିଷ୍କାର କରିଥିଲେ, ତାଙ୍କ ନାମାନୁସାରେ ଏହି ଆସନର ନାମକରଣ କରାଯାଇଛି । ଏହି ଆସନ କରିବା ପାଇଁ ପ୍ରଥମେ ଗୋଡ଼ ଲମ୍ବାଇ ବସ । ବାମ ଗୋଡ଼କୁ ଆଣ୍ଠୁରୁ ମୋଡ଼ି ପାଦର ଗୋଇଠିକୁ ମଳଦ୍ୱାର ନିକଟରେ ରଖ । ବର୍ତ୍ତମାନ ଡାହାଣ ପାଦକୁ ବାମ ଗୋଡ଼ ଜଙ୍ଘର ଉପର ଦେଇ ଏହାକୁ ଅତିକ୍ରମ କରି ଭୂମିରେ ସ୍ଥାପନ କର । ଆଣ୍ଠୁ ଉପରକୁ ରହିବ । ବର୍ତ୍ତମାନ ବାମ ହାତ କାଖତଳେ ଆଣ୍ଠୁକୁ ଛାତିରେ ଚାପି ଧର ଏବଂ ବାମ ହାତ ପାପୁଲି ଦ୍ୱାରା ବାମ ଗୋଡ଼ର ଆଣ୍ଠୁକୁ ଧର । ଏହାପରେ ମେରୁଦଣ୍ଡକୁ ପଛପଟକୁ ତଥା ଡାହାଣକୁ ମୋଡ଼ି ମୁଣ୍ଡ ଘୂରାଇ ଯେତେ ପାର ଡାହାଣକୁ ଦେଖ ଏବଂ ଡାହାଣ ହାତର ଅଙ୍ଗୁଳିରେ ଡାହାଣ ପାଦର ଗୋଇଠିକୁ ଛୁଇଁବାକୁ ଚେଷ୍ଟା କର । ଗୋଇଠିକୁ ଛୁଇଁ ନ ପାରିଲେ ହାତକୁ ପିଠି ବାଟେ ଆଣି ପିଠିର ତଳ ଅଂଶରେ ସ୍ଥାପନ କର । ଏହି ଅବସ୍ଥାରେ ୫ ସେକେଣ୍ଡରୁ ୧୫ ସେକେଣ୍ଡ ରହିପାର । ପରେ ପାଦ ବଦଳାଇ ଏହାର ବିପରୀତ ଦିଗରେ ଆସନଟିକୁ କର । ଏଥର ମେରୁଦଣ୍ଡ ବାମକୁ ମୋଡ଼ିବ, ବାମ ଆଣ୍ଠୁ ଡାହାଣ ହାତର କାଖ ତଳେ ରହିବ ଏବଂ ଡାହାଣ ଗୋଇଠି ଗୁହ୍ୟ ଦ୍ୱାର ପାଖରେ ରହିବ ଏବଂ ଡାହାଣ ଆଣ୍ଠୁ ଭୂମି ସ୍ପର୍ଶ କରିବ । ଏହି ଆସନ ଅଳ୍ପ ବୟସ୍କ ବାଳକବାଳିକା ଓ ଯୁବକଯୁବତୀମାନେ ଠିକ୍‌ଭାବେ କରି ପାରିବେ । କାରଣ ଏହି ବୟସରେ ଏମାନଙ୍କ ଶରୀର ନମନୀୟ ଥାଏ । ଏ ଲେଖକ ମଧ୍ୟ ଏହି ଆସନକୁ ଠିକ୍ ଭାବରେ କରି ପାରୁଥିଲା । କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଶରୀରର ନମନୀୟତା ଧୀରେ ଧୀରେ କମିଯାଇ ଶରୀର କଠିନ ହୋଇଯାଏ । ଅତଏବ ବୟସ୍କ ତଥା ବୃଦ୍ଧମାନଙ୍କ ପାଇଁ ଏସବୁ ଆସନକୁ ପରିବର୍ତ୍ତନ କରି କରିବାକୁ ହୋଇଥାଏ । ଏ ଲେଖକ ୭୫ ବର୍ଷ ବୟସରେ ମଧ୍ୟ ଏହି ଆସନଟିକୁ ପରିବର୍ତ୍ତନ କରି ଅଭ୍ୟାସ କରୁଛି । କିନ୍ତୁ ଏହି ଆସନର ମୂଳ ମେରୁଦଣ୍ଡକୁ

*(ଅବଶିଷ୍ଟାଂଶ ପୃଷ୍ଠା ୪୪ରେ ଦେଖନ୍ତୁ)*

# ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ

## (୧)

ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଅଲ୍-ଫରବି

(AL-FARABI – 870-950 AD)

ଇସଲାମୀୟ ଦାର୍ଶନିକ ମହମ୍ମଦ ଇବନ୍ ତାରଖାନ୍ ଇବନ୍ ଉଜାଲାଘ୍, ଅଲ୍-ଫରବି (ଅବୁ ଅଲ୍-ନସ୍ର ଅଲ୍-ଫରବି) ନାମରେ ମଧ୍ୟ ପରିଚିତ ଥିଲେ । ତାଙ୍କର ମାତାପିତା ତୁର୍କିସ୍ତାନର ଏକ ଛୋଟ ଗ୍ରାମରେ ବାସ କରୁଥିଲେ ଯାହାର ନାମ ଥିଲା ଓସିଜ୍ । ତାହା ତୁର୍କିସ୍ତାନରେ ଅବସ୍ଥିତ ଏବଂ ବର୍ତ୍ତମାନ ଉଜ୍‌ବେକିସ୍ତାନର ଅନ୍ତର୍ଗତ । ଅଲ୍-ଫରବିଙ୍କର ମାତାପିତା ଥିଲେ ପାରସ୍ୟ ଦେଶର, କିନ୍ତୁ ସେମାନଙ୍କର ପୂର୍ବପୁରୁଷ ତୁର୍କିସ୍ତାନକୁ ଚାଲି ଆସିଥିଲେ । ଫରବିଙ୍କର ପିତା ଜଣେ ସେନାପତି ଥିଲେ ।

ଅଲ୍-ଫରବିଙ୍କର ପ୍ରାଥମିକ ଶିକ୍ଷା ଫରବ ଓ ଖୋରାସାନ୍‌ରେ ହୋଇଥିଲା ଯାହା ବର୍ତ୍ତମାନର ଇରାନ୍ ଦେଶରେ ଅବସ୍ଥିତ । ତାଙ୍କର ଉଚ୍ଚଶିକ୍ଷା ନିମିତ୍ତ ସେ ବାଗ୍‌ଦାଦ୍ ଯାଇଥିଲେ ଯେଉଁଠାରେ ସିରିଆର ଖ୍ରୀଷ୍ଟିଆନ ଶିକ୍ଷକ ତାଙ୍କୁ ଗ୍ରୀକ୍ ଦର୍ଶନର ଶିକ୍ଷା ଦେଇଥିଲେ । ୯୦୧ରୁ ୯୪୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଫରବି ବାଗ୍‌ଦାଦ୍‌ରେ ଶିକ୍ଷାଲାଭ କରି ସେଠାରେ ଚାକିରି କରିଥିଲେ । ସେହି ବର୍ଷଗୁଡ଼ିକରେ ସେ ବିଭିନ୍ନ ଭାଷାରେ ଦକ୍ଷତା ଲାଭ କରି ବିଭିନ୍ନ ଜ୍ଞାନର ଅଧିକାରୀ ହୋଇଥିଲେ ।

ଅଲ୍-ଫରବି ହେଉଛନ୍ତି ମୁସଲିମ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ ବ୍ୟକ୍ତି, ଯେ ସର୍ବପ୍ରଥମେ ପ୍ଲାଟୋ ଓ ଆରିଷ୍ଟୋଟ୍‌ଲଙ୍କ ଶିକ୍ଷାକୁ ମୁସଲିମମାନଙ୍କୁ ଜଣାଇଥିଲେ । ପରବର୍ତ୍ତୀ କାଳରେ ଏହା ମୁସଲିମ ଦାର୍ଶନିକମାନଙ୍କୁ – ଇବନ୍-ସିନା ଏବଂ ଇବନ୍ ରୁଷ୍‌ଦ୍‌ଙ୍କୁ – ବିଶେଷଭାବେ ପ୍ରଭାବିତ କରିଥିଲା । ଅଲ୍-ଫରବିଙ୍କର ବିଶ୍ୱାସ ଥିଲା ଯେ ପରମସତ୍ତା ତାଙ୍କର ଯୁକ୍ତିଯୁକ୍ତ ଜ୍ଞାନ ସହିତ ଏହି ବିଶ୍ୱକୁ ସୃଷ୍ଟି କରିଥିଲେ । ପୁନଶ୍ଚ ତାଙ୍କ ମନରେ ଏହି ବିଚାର ଜାତ ହୋଇଥିଲା ଯେ ମନୁଷ୍ୟ ମଧ୍ୟରେ ବି ଏହି ଯୁକ୍ତିବୁଦ୍ଧି ରହିଛି ଯାହା ବିଶ୍ୱସ୍ରଷ୍ଟାଙ୍କ ମଧ୍ୟରେ ଥିବା ଯୁକ୍ତିବୁଦ୍ଧି ସଦୃଶ ଚିରସ୍ଥାୟୀ । ତେଣୁ ସେ ମନେକଲେ ଯେ ମନୁଷ୍ୟ ଜୀବନର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱସ୍ରଷ୍ଟାଙ୍କ ମଧ୍ୟରେ ଥିବା ଯୁକ୍ତିବୁଦ୍ଧିଗତ ସାମର୍ଥ୍ୟର ବିକାଶ ସାଧନ କରିବା ।

ଶିକ୍ଷା ଓ ଜ୍ଞାନର ଅନୁଧାବନ କରି ସେ ଦୂରବର୍ତ୍ତୀ ଦେଶସବୁ ଭ୍ରମଣ କଲେ । ବାଗ୍‌ଦାଦ୍‌କୁ ଫେରି ଆସିବା ପୂର୍ବରୁ ସେ ମିଶର ଓ ଡାମାସ୍କସ୍‌ରେ କିଛି କାଳ ବାସ କରିଥିଲେ । ଶେଷରେ ଅଲ୍-ଫରବି ସିରିଆର ଶାସକ ସେଫ୍ ଅଲ୍-ଦୁଆଲାଙ୍କ (Saif al-Dualah)ଙ୍କ ରାଜ୍ୟରେ ଖ୍ରୀଷ୍ଟାବ୍ଦ ୯୧୬ରୁ ୯୬୭ ପର୍ଯ୍ୟନ୍ତ ବାସ କରିଥିଲେ । ସେ ଶୀଘ୍ର ରାଜାଙ୍କର ଘନିଷ୍ଠ ବନ୍ଧୁ ହୋଇଉଠିଲେ । ପ୍ରଥମ କେତେ ବର୍ଷ ସେ ରାଜାଙ୍କ ଦରବାରରେ ବିଚାରକ ଏବଂ ତତ୍ପରେ ଶିକ୍ଷକ ହୋଇଥିଲେ । ତତ୍ପରେ କଠିନ କଷ୍ଟ ସ୍ୱୀକାର ପୂର୍ବକ ଉଦ୍ୟାନରକ୍ଷକ ମଧ୍ୟ ହୋଇଥିଲେ ।

ସେ ଥିଲେ ପ୍ରଥମ ମୁସଲିମ ଦାର୍ଶନିକ ଯେ କହିଥିଲେ ଯେ ସମଗ୍ର ବିଶ୍ୱରେ ଏକହି ଦାର୍ଶନିକ ସତ୍ୟ ବିଦ୍ୟମାନ ଏବଂ ତାହା ସକଳ ଧର୍ମୀୟ ନୀତି ଦ୍ୱାରା ନିର୍ଦ୍ଧାରିତ ନିୟମର ଊର୍ଦ୍ଧ୍ୱରେ ଅବସ୍ଥିତ । ତାଙ୍କର ବିଶ୍ୱାସ ଥିଲା ଯେ ବିଶ୍ୱର ବିଭିନ୍ନ ଧର୍ମ ଏକହି ଆଦର୍ଶ ବିଶ୍ୱ ଧର୍ମର ଗୋଟିଏ ଗୋଟିଏ ପ୍ରତୀକାତ୍ମକ ପରିପ୍ରକାଶ ମାତ୍ର ।

## ସାହିତ୍ୟିକ ଅବଦାନ

ଅଲ୍-ଫରବି ଥିଲେ ଏକ ବହୁସୃଜନକ୍ଷମ ଲେଖକ । କିନ୍ତୁ ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରୁ କାଳର ପ୍ରଭାବରେ ଅନେକ ନଷ୍ଟ ହୋଇଯାଇଛି । ତେବେ ଜଣାଯାଏ ଯେ ସେ ୧୧୭ଟି ପୁସ୍ତକ ଲେଖିଥିଲେ । ସେ ନ୍ୟାୟଶାସ୍ତ୍ର ସମ୍ବନ୍ଧେ ୪୩ଟି ପୁସ୍ତକ, ଆଧ୍ୟାତ୍ମିକ ଶାସ୍ତ୍ର ସମ୍ବନ୍ଧେ ୧୧ଟି, ନୀତିଶାସ୍ତ୍ର ସମ୍ବନ୍ଧେ ୭ଟି, ରାଜନୀତି ବିଜ୍ଞାନ ସମ୍ବନ୍ଧେ ୭ଟି, ସଙ୍ଗୀତ ବିଦ୍ୟା, ଭେଷଜ ବିଜ୍ଞାନ ଓ ସମାଜ ବିଜ୍ଞାନ ସମ୍ବନ୍ଧେ ୧୭ଟି, ସମାଲୋଚନା ପୁସ୍ତକଭାବେ ୧୧ଟି ପୁସ୍ତକ ରଚନା କରିଥିଲେ । ଆରିଷ୍ଟୋଟ୍ଲ୍‌ଙ୍କ ସମ୍ବନ୍ଧେ ତାଙ୍କର ସମାଲୋଚନା ପୁସ୍ତକ ତାଙ୍କୁ ବିଶେଷ ଖ୍ୟାତି ଆଣି ଦେଇଥିଲା । ତେଣୁ ସେ ଦ୍ୱିତୀୟ ଆରିଷ୍ଟୋଟ୍ଲ ନାମରେ ପରିଚିତ ଥିଲେ ।

ଅଲ୍-ଫରବିଙ୍କ ବିଶେଷ ଖ୍ୟାତି ସମ୍ପନ୍ନ ପୁସ୍ତକ ମଧ୍ୟରୁ ଗୋଟିଏ ଥିଲା 'ଫୁସୁସ୍ ଅଲ୍-ହିକାମ୍' (Fusus al-Hikam) ଯାହା ବହୁ ଶତାବ୍ଦୀ ଧରି ବିଭିନ୍ନ ମୁସଲିମୀୟ ଅନୁଷ୍ଠାନରେ ଦର୍ଶନର ପାଠ୍ୟ ପୁସ୍ତକରୂପେ ବ୍ୟବହୃତ ହୋଇଥିଲା । ଏପରିକି ବର୍ତ୍ତମାନ ମଧ୍ୟ ମୁସଲିମୀୟ ଜଗତର କେତେକ ଅନୁଷ୍ଠାନରେ ଏହା ବ୍ୟବହୃତ ହେଉଛି । 'ଆଦର୍ଶ ସହର' Ara Ahl al-Madina al-Fadila (The Model City) ନାମକ ତାଙ୍କର ଏକ ପୁସ୍ତକ ସମାଜ-ବିଜ୍ଞାନ ଓ ରାଜନୀତି-ବିଜ୍ଞାନ ସକାଶେ ବିଶିଷ୍ଟ ଅବଦାନ ଥିଲା ।

ତାଙ୍କର ଅନ୍ୟ ଏକ ପୁସ୍ତକ 'ବିଭିନ୍ନ ବିଜ୍ଞାନର ତାଲିକା' (Catalogue of Sciences) ବିଜ୍ଞାନର ଶ୍ରେଣୀ ବିଭାଗ ଓ ମୌଳିକ ତତ୍ତ୍ୱ ଉପରେ ଏକ ଅତୁଳନୀୟ ଗ୍ରନ୍ଥ ଥିଲା । ତାଙ୍କର ପ୍ରଚେଷ୍ଟା ଥିଲା ଏହି ସଂକଳନ ଦ୍ୱାରା ମାନବ-ଜ୍ଞାନକୁ ଶୃଙ୍ଖଳାବଦ୍ଧ କରିବା । ଏହା ଥିଲା ଏକ ମୁସଲିମ ଚିନ୍ତାଶୀଳ ବ୍ୟକ୍ତିଙ୍କ ସକାଶେ ସର୍ବପ୍ରଥମ କାର୍ଯ୍ୟ । ଏହିସବୁ କାର୍ଯ୍ୟ ସହିତ ଅଲ୍-ଫରବିଙ୍କର ''ସଙ୍ଗୀତର ବିରାଟ ଗ୍ରନ୍ଥ'' (Great Book of Music) ନାମକ ଏକ ଗ୍ରନ୍ଥ ଥିଲା ସେହି ଯୁଗର ଏକ ମୁଖ୍ୟ ସାହିତ୍ୟିକ ଅବଦାନ । ତାଙ୍କର ଅଧିକାଂଶ ଗ୍ରନ୍ଥ ବର୍ତ୍ତମାନ କେବଳ ମଧ୍ୟ ଯୁଗୀୟ ଲାଟିନ୍ ଭାଷାର ଅନୁବାଦ ଗ୍ରନ୍ଥଗୁଡ଼ିକ ମଧ୍ୟରେ ସୁରକ୍ଷିତ ହୋଇ ରହିଛି ।

ତାଙ୍କର ଗ୍ରନ୍ଥଗୁଡ଼ିକ ମଧ୍ୟରେ ସେ ଦର୍ଶନ, ବିଜ୍ଞାନ, ନ୍ୟାୟଶାସ୍ତ୍ର, ସମାଜ-ବିଜ୍ଞାନ, ଭେଷଜବିଦ୍ୟା, ସଙ୍ଗୀତ ଓ ଗଣିତ-ଶାସ୍ତ୍ର ଉପରେ ବହୁତ ଅବଦାନ ଦେଇ ଯାଇଛନ୍ତି । ଅଲ୍-ଫରବି ନ୍ୟାୟଶାସ୍ତ୍ରକୁ ଦୁଇ ଭାଗରେ – ଧାରଣା ଓ ପ୍ରମାଣ – ବିଭକ୍ତ କରି ଏହାର ଅଧ୍ୟୟନକୁ ସହଜତର କରିଥିଲେ ।

ଅଲ୍-ଫରବି ଅବିବାହିତ ରହିଥିଲେ ଏବଂ ଡାମାସ୍କସ୍‌ଠାରେ ୯୫୦ ଖ୍ରୀଷ୍ଟାବ୍ଦରେ ଅଶୀ ବର୍ଷ ବୟସରେ ଶରୀର ତ୍ୟାଗ କରିଥିଲେ ।

❑❑❑

---

*(ପୃଷ୍ଠା ୪୨ର ଅବଶିଷ୍ଟାଂଶ)*

ମୋଡ଼ିବା କ୍ରିୟାକୁ ବଜାୟ ରଖିବାକୁ ହେବ । ବୟସ୍କ ପାଠକପାଠିକାବୃନ୍ଦ ହୁଏତ ଆଗ୍ରହୀ ହେଉଥିବେ ଏହି ଆସନକୁ ଏ ଲେଖକ କିପରି ପରିବର୍ତ୍ତନ କରିଛି । ବାମ ଗୋଡ଼କୁ ଲମ୍ବାଇ ବସ । ଡାହାଣ ଗୋଡ଼କୁ ଆଣ୍ଠୁରୁ ବଙ୍କାଇ ଡାହାଣ ପାଦକୁ ବାମ ଜାନୁର ବାମ ପାଖରେ ଭୂମିରେ ସ୍ଥାପନ କର । ଡାହାଣ ଆଣ୍ଠୁ ଉପରକୁ ରଖ । ବାମ ହାତରେ ଏହି ଆଣ୍ଠୁକୁ ଟାଣି ଧର । ଏଥର ମେରୁଦଣ୍ଡକୁ ଡାହାଣକୁ ମୋଡ଼ି, ମଥାକୁ ଡାହାଣକୁ ମୋଡ଼ି ଯେତେ ପାର ଡାହାଣ ଆଡ଼କୁ ପଛକୁ ଦେଖ । ଡାହାଣ ହାତର ପାପୁଲିକୁ ପଛରେ ଭୂମିରେ ସ୍ଥାପନ କର । ଗୋଡ଼ ବଦଳାଇ ବିପରୀତ ଦିଗରେ ଏହି ଆସନଟିକୁ କର । ଏପରି ପରିବର୍ତ୍ତନ ଦ୍ୱାରା ଏହି ଆସନଟି କରିବା କିଛି ବି କଠିନ ହୋଇ ନଥାଏ କିଂବା ଏହାର କ୍ରିୟାଶୀଳତା କମି ନଥାଏ ।

**ଉପକାରିତା :** ଏହି ଆସନ ଦ୍ୱାରା ଶରୀରର ଉଭୟ ପାଖର ମାଂସପେଶୀ, ସ୍ନାୟୁମଣ୍ଡଳୀ ଓ ମେରୁଦଣ୍ଡର ଉଭୟ ପାଖର ପେଶୀ ଏବଂ ସ୍ନାୟୁ କେନ୍ଦ୍ର ସମୂହର ଯଥାର୍ଥ ବ୍ୟାୟାମ ହୋଇଥାଏ ଏବଂ ମେରୁଦଣ୍ଡ ସୁସ୍ଥ ସବଳ ରହେ । ଏହି ଆସନ ଦ୍ୱାରା ମେରୁଦଣ୍ଡ ନମନୀୟ ରହେ । ଏହି ଆସନ ମେରୁଦଣ୍ଡକୁ ସୁସ୍ଥ, ସବଳ ଓ ବ୍ୟକ୍ତିକୁ ଯୌବନାବସ୍ଥାରେ ରଖିବା ପାଇଁ ଅପରିହାର୍ଯ୍ୟ । ଏହି ଆସନ ଦ୍ୱାରା ଅଣ୍ଟା ବ୍ୟଥା, ପିଠି ବ୍ୟଥା, କୋଷ୍ଠବଦ୍ଧତା ଓ ଅଜୀର୍ଣ୍ଣ ରୋଗ ଉପଶମ ହୁଏ । ଏହାଛଡ଼ା ଯକୃତ୍, ପ୍ଲୀହା, ମଧୁର କୋଷ ଆଦି ଯନ୍ତ୍ରଗୁଡ଼ିକର ବିକୃତି ଦୂର କରି ତାକୁ ସୁସ୍ଥ-ସବଳ ଓ ନୀରୋଗ ରଖେ ।

(କ୍ରମଶଃ)

❑❑❑

# ପୁଷ୍ପର ଇନ୍ଦ୍ରଜାଲ

## (୪)


## ସୂର୍ଯ୍ୟକାନ୍ତି ମହାନ୍ତି


ମନ ଶରୀରର ଶାସକ । ଶରୀରର ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ମନର ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି । ଯେତେବେଳ ପର୍ଯ୍ୟନ୍ତ ମନ ସୁସ୍ଥ ଥାଏ, ତାହା ଶରୀରର ଅଙ୍ଗମାନଙ୍କୁ ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଏ, ଫଳରେ ବ୍ୟକ୍ତି ସୁସ୍ଥ ଓ ସୁଖୀ ହୋଇଥାଏ । ମାତ୍ର ଯେତେବେଳେ ମନ ବିଶୃଙ୍ଖଳିତ ହୁଏ, ସେତେବେଳେ ଶରୀରର କାର୍ଯ୍ୟକାରିତା ଉପରେ ଏହା ନିୟନ୍ତ୍ରଣ ହରାଏ । ଉଦାହରଣ ସ୍ୱରୂପ : ମନରେ ଭୟ ସୃଷ୍ଟି ହେଲେ, ତାହା ଅସନ୍ତୁଳିତ ଅବସ୍ଥାରେ ରହେ । ତା'ର ପ୍ରଭାବ ଶରୀର ତଥା ଚତୁଃପାର୍ଶ୍ୱର ଘଟଣାବଳୀ ଉପରେ ପଡ଼େ । ଏଥି ନିମିତ୍ତ ଏପରି ଏକ ଉପଚାର ଦରକାର, ଯାହା ମନ ମଧ୍ୟରୁ ଭୟକୁ ନିଷ୍କାସିତ କରି ସାହସ ପ୍ରଦାନ କରିପାରିବ । ଅର୍ଥାତ୍, ଯେପରି ତରାଜୁର ଉଭୟ ପାର୍ଶ୍ୱରେ ସମାନ ଓଜନର ଜିନିଷ ରଖି ସମଭାର କରାଯାଏ, ସେହିପରି ମନ ରୂପକ ତରାଜୁର ଏକ ପାର୍ଶ୍ୱରେ ଅସଂହତି (ଏଠାରେ ଭୟ) ରହିଲେ, ଅପର ପାର୍ଶ୍ୱରେ ଠିକ୍ ସମପରିମାଣରେ ଏହାର ବିପରୀତ ଶକ୍ତି (ଏଠାରେ ସାହସ) ଭରିଲେ, ଭାରସାମ୍ୟ ରକ୍ଷାହୁଏ ।

ସେହିପରି ମନେ କରାଯାଉ, ଜଣକ ମନରେ ସର୍ବଦା ସନ୍ଦେହ ବା ଅନିଶ୍ଚୟତା ବା ଇତସ୍ତତଃ ଭାବ ରହୁଛି । ଅର୍ଥାତ୍, କୌଣସି କଥାରେ ନିଷ୍ପତ୍ତି ନେଇ ନପାରି ଦୋଳାୟମାନ ଅବସ୍ଥାରେ ରହୁଛି । ତା' ପାଇଁ ଏପରି କିଛି ପ୍ରତିବିଧାନ ଦରକାର, ଯାହା ତା' ମନ ସ୍ଥିର ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ।

ଅନ୍ୟ ଏକ ଉଦାହରଣ ନିଆଯାଉ : ଜଣେ ସର୍ବଦା ଅଧୈର୍ଯ୍ୟ ଅବସ୍ଥାରେ ରହୁଛି । ତା'ପାଇଁ ଏପରି କିଛି ପ୍ରତିକାର ଦରକାର, ସେ ଯେପରି ଶାନ୍ତ ଓ ଧୈର୍ଯ୍ୟଶୀଳ ହେବ । ତା'ହେଲେ, ଶରୀର ଓ ଚତୁଃପାର୍ଶ୍ୱର ଘଟଣାବଳୀ ମଧ୍ୟ ସନ୍ତୁଳିତ ହୋଇଯିବ । ବାସ୍ତବରେ, ମନର ଅଶାନ୍ତ ଅବସ୍ଥାକୁ ବିପରୀତ ଶକ୍ତିଦ୍ୱାରା ପ୍ରତି ସନ୍ତୁଳନ କରିବାର ସମସ୍ତ ସାମର୍ଥ୍ୟ ବହନ କରେ । ଛୋଟ କୋମଳ ଫୁଲଟିଏ ଅର୍ଥାତ୍, ଫୁଲରୁ ତିଆରି ଏମିତି ଏକ ଔଷଧ ନିର୍ଦ୍ଧାରଣ (Prescribe) କରାଯାଏ, ଯାହା ଶରୀରର ଯନ୍ତ୍ରଣା ନୁହେଁ, ବରଂ ମନର ମିଜାଜ ଉପରେ ପର୍ଯ୍ୟବସିତ ହୋଇଥାଏ । ଫୁଲର ଏହି ପ୍ରକାର କାର୍ଯ୍ୟକାରିତା ନିଶ୍ଚିତ ଭାବରେ ଅସାଧାରଣ ଓ ଅଦ୍ୱିତୀୟ ବୋଲି ମନେ ହୁଏ ।

ଫୁଲ ମନର କମ୍ପନକୁ ସକାରାତ୍ମକ ଭାବରେ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରେ ଏବଂ ମନ ମଧ୍ୟରେ ଥିବା ଗତିପଥ (channels)ଗୁଡ଼ିକୁ ଉନ୍ମୁକ୍ତ କରିଦିଏ । ଫଳରେ ଶରୀର ନିଜସ୍ୱ ରୋଗ ପ୍ରତିରୋଧକ ଶକ୍ତି (Immunity power) ପ୍ରୟୋଗ କରିପାରେ ।

ବିଭିନ୍ନ ଫୁଲରେ ଭିନ୍ନ ଭିନ୍ନ ପ୍ରକାରର ରୋଗ ନିବାରକ ଶକ୍ତି ନିହିତ । ଏହାର ଧର୍ମ ଓ ଗୁଣ ମଧ୍ୟ ଅଲଗା ଅଲଗା । ତେବେ ଇଂଲଣ୍ଡର ଜଣେ ଚିକିତ୍ସକ ଫୁଲର ଗୁଣକୁ ଆଧାର କରି ସରଳ ପ୍ରଣାଳୀରେ ଔଷଧ ତିଆରି କରି ରୋଗୀମାନଙ୍କ କ୍ଷେତ୍ରରେ ପ୍ରୟୋଗ କରିଥିଲେ । ଏହାର ଫଳାଫଳରେ ସେ ଚମତ୍କୃତ ହୋଇ ସମଗ୍ର ବିଶ୍ୱବାସୀଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ଚେଷ୍ଟା କରିଥିଲେ । ଏହି ଚିକିତ୍ସକଙ୍କ ନାମ ଡାକ୍ତର ଏଡ୍‌ୱାର୍ଡ଼୍ ବାକ୍ (Dr. Edward Bach) । ସେ ଇଂଲଣ୍ଡରେ ୧୮୮୬ ମସିହା ସେପ୍ଟେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ଏଲୋପାଥିରେ ଜଣେ ଚିକିତ୍ସକ, ବୀଜାଣୁ ବୈଜ୍ଞାନିକ (Bacteriologist) ଏବଂ ନିଦାନ ବିଶାରଦ (Pathologist) ଥିଲେ । ପରେ ହୋମିଓପାଥି (Homoeopathy)ରେ ବି ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ମାତ୍ର ଏହି ଦୁଇ ପାଥିରେ ସେ ସନ୍ତୁଷ୍ଟ ହୋଇପାରି ନଥିଲେ । ଭଗବାନଙ୍କ ସୃଷ୍ଟି ଏଇ ପ୍ରକୃତି ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ସେ ଜଣେ ସାଧୁପ୍ରକୃତିର ଓ ଅନ୍ତର୍ଦୃଷ୍ଟିସମ୍ପନ୍ନ ମଣିଷ ଥିଲେ । ସେ ଦୀର୍ଘ ଛଅ ବର୍ଷକାଳ (୧୯୩୦-୩୬) ପାହାଡ଼ ଓ ଜଙ୍ଗଲରେ ଘୂରି ଘୂରି ମନୁଷ୍ୟ ଉପରେ ବିଭିନ୍ନ ଉଦ୍ଭିଦ ଓ ପୁଷ୍ପର କି ପ୍ରକାର ପ୍ରଭାବ – ଏହା ଖୋଜି ବୁଲିଲେ । ଅସଂଖ୍ୟ ପ୍ରକାର ଫୁଲ ସଂଗ୍ରହ କରି ସେଥିରୁ ପ୍ରସ୍ତୁତ କଲେ ୩୮ଟି ପ୍ରକାର ଔଷଧ, ଯାହା ମନୁଷ୍ୟ ମନର ସମ୍ଭାବ୍ୟ ୩୮ ପ୍ରକାର ମିଜାଜର ପରିବର୍ତ୍ତନ କରିଥାଏ । ଏହି ପୁଷ୍ପ ଚିକିତ୍ସାକୁ 'ବାକ୍

ଫ୍ଲାୱାର ରେମେଡ଼ି' (Bach Flower Remedy) ବା ସଂକ୍ଷେପରେ 'BFR' କୁହାଯାଏ । ଏହା ହୋମିଓପାଥି ଔଷଧ ପରି, ଏଲୋପାଥିକ୍ ପରି ନୁହେଁ । ଏହା ମାତ୍ର ୭୦-୭୫ ବର୍ଷ ପୂର୍ବେ ଆବିଷ୍କୃତ ଏବଂ ଏହାର ଅଧିକ କାର୍ଯ୍ୟକାରିତା ଶକ୍ତି ନିମିତ୍ତ ଗବେଷଣା ଆବଶ୍ୟକ ।

ଏହି ଚିକିତ୍ସା ପଦ୍ଧତି ବା BFR ତୁଳନାତ୍ମକ ଭାବରେ ଏକ ନୂତନ ବିଜ୍ଞାନ । ଏହାର ଉପକାରିତା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଆବିଷ୍କାର କରାଯାଇପାରି ନାହିଁ । ଏହି ଚିକିତ୍ସାର ପ୍ରଭାବ ମଣିଷର ସମ୍ବେଦନଶୀଳତା ଉପରେ ନିର୍ଭର କରୁଥିବାରୁ ବିଭିନ୍ନ ଲୋକଙ୍କଠାରେ ଭିନ୍ନ ଭିନ୍ନ ଫଳାଫଳ ଦେଖାଯାଇଥାଏ ।

BFRର ୩୮ ପ୍ରକାର ଔଷଧ ମଧ୍ୟରୁ ପ୍ରକୃତରେ ୩୭ ପ୍ରକାର ଔଷଧ ଫୁଲରୁ ପ୍ରସ୍ତୁତ । ଅନ୍ୟଟି ହେଉଛି 'Rock Water' । ଏହା ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ ଥିବା ପ୍ରାକୃତିକ ପାହାଡ଼ିଆ ଝରଣାର ବିଶୁଦ୍ଧ ଜଳ । ଏହାର ଉତ୍ପତ୍ତି ଉଦ୍ଭିଦ ଜଗତରୁ ନ ହେଲେ ମଧ୍ୟ ଏହା ଶରୀରକୁ ସୁସ୍ଥ କରିବାର କ୍ଷମତା ବହନ କରେ । ପୁନଶ୍ଚ, ଏହି ୩୮ ପ୍ରକାର ଔଷଧ ବାଦ୍ ଅନ୍ୟ ଏକ ଔଷଧ ଅଛି, ଯାହାର ନାମ 'Rescue Remedy' । ଏହା ଆକସ୍ମିକ ବିପଦ ବା ଅତି କଠିନ ଅବସ୍ଥାରେ ପ୍ରାଥମିକ ଚିକିତ୍ସା (First Aid) ଭାବରେ ବ୍ୟବହାର କରାଯାଏ । ଅନ୍ୟ ଔଷଧ ପରି ଏହା ଗୋଟିଏ ପ୍ରକାର ଫୁଲରୁ ତିଆରି ନ ହୋଇ ପାଞ୍ଚ ପ୍ରକାର ବିଭିନ୍ନ ଔଷଧର ସମ୍ମିଶ୍ରଣରୁ ପ୍ରସ୍ତୁତ କରାଯାଇଥାଏ । ସେସବୁ ହେଲେ :

୧. 'STAR OF BETHLEHM'– ହଠାତ୍ କୌଣସି ଗୁରୁତର ବିପଦ ବା ଦୁର୍ଘଟଣାରୁ ବ୍ୟକ୍ତିର ମନ ଓ ଶରୀରରେ ପ୍ରବଳ ଆଘାତ ଲାଗିଲେ, ତା'ର ସ୍ନାୟୁସମୂହକୁ ଶାନ୍ତ କରିବା ପାଇଁ ଏହି ଔଷଧ ଆବଶ୍ୟକ ହୁଏ ।

୨. 'ROCK ROSE'– ବିପଦ୍‌ପୂର୍ଣ୍ଣ ଅବସ୍ଥାରେ ଅତିଶୟ ଭୟ ସୃଷ୍ଟି ହେଲେ ବ୍ୟକ୍ତି ସମ୍ପୂର୍ଣ୍ଣ ନିରାଶ ହୋଇଯାଏ । ଏ ପରିସ୍ଥିତିରେ ଏହି ଔଷଧ ମନରେ ଶକ୍ତି ପ୍ରଦାନ କରି ସେହି ନୈରାଶ୍ୟରୁ ମୁକ୍ତ ହେବା ନିମିତ୍ତ ସାହସ ପ୍ରଦାନ କରିଥାଏ ।

୩. 'CHERRY PLUM'– ଶରୀର ଓ ମନରେ ଅସହ୍ୟ ଯନ୍ତ୍ରଣା ବା ଗଭୀର ଦୁଃଖ ହେତୁ ଶରୀରର କାର୍ଯ୍ୟ ଉପରେ ମନ ନିୟନ୍ତ୍ରଣ ହରାଇଲେ ଏହି ଔଷଧ ମନକୁ ନିୟନ୍ତ୍ରିତ କରିବାରେ ପୂର୍ଣ୍ଣ ସହାୟତା କରେ ।

୪. 'CLEMATIS'– ବ୍ୟକ୍ତିର ଅଚେତନ ବା କୋମା କିଂବା ମୁଣ୍ଡ ବୁଲାଇବା ଅବସ୍ଥାରେ ଏହି ଔଷଧ ତା' ମନର ସମସ୍ତ ପ୍ରକାର ଅସୁବିଧା ପରିସ୍ଥିତିରୁ ମୁକ୍ତ ହେବାପାଇଁ ଯତ୍ନ ନେଇଥାଏ ।

୫. 'IMPATIENS'– ଅତ୍ୟଧିକ ମାନସିକ ଉଦ୍‌ବେଗ ବା କ୍ରୋଧ ସମୟରେ ବ୍ୟକ୍ତି ଅଧୈର୍ଯ୍ୟ ଅବସ୍ଥାରେ ରହେ । ଏ ପରିସ୍ଥିତିରେ ଏହି ଔଷଧ ଆବଶ୍ୟକୀୟ ଧୈର୍ଯ୍ୟ ପ୍ରଦାନ କରିଥାଏ ।

କୌଣସି ଭୟାବହ ଦୁର୍ଘଟଣା ସମୟରେ ଡାକ୍ତରଙ୍କ ପାଖକୁ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଏହା ଠିକ୍ ରଖିଥାଏ । ଏଥିରୁ ଏକ ଶିଶି (phial) ସର୍ବଦା ନିଜ ପାଖରେ ରଖିବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି । ଏପରିକି ରୋଗୀ ମୂର୍ଚ୍ଛା ହୋଇଗଲେ, ଏହାକୁ ଗିଲାସେ ପାଣିରେ ଅଳ୍ପ କେତେ ଟୋପା ମିଶାଇ ତା'ର ଓଠ, ଦାନ୍ତମାଡ଼ି, କାନର ପଛପଟ ବା ମଣିବନ୍ଧ (wrist)ରେ ଲଗାଯାଇପାରେ ।

ଏହି ଚିକିତ୍ସା ପଦ୍ଧତିରେ ଶାରୀରିକ ଲକ୍ଷଣକୁ ଆଦୌ ବିଚାରକୁ ନିଆଯାଏ ନାହିଁ, କେବଳ ମାନସିକ ଲକ୍ଷଣକୁ ବିବେଚନା କରାଯାଏ । ଏଣୁ BFRହିଁ ସରଳତମ ଏବଂ ସର୍ବାପେକ୍ଷା ନିରାପଦ ଚିକିତ୍ସା ପ୍ରଣାଳୀ । ନିଜସ୍ୱ ଚିକିତ୍ସା ପାଇଁ ଏହା ସର୍ବାପେକ୍ଷା ଉତ୍ତମ ଉପାୟ ।

ମାତ୍ର ଯେତେବେଳେ ଏହି ଉପଚାର କେବଳ ମାନସିକ ସ୍ଥିତି ବା ଲକ୍ଷଣକୁ ଆଧାର କରି ଚିକିତ୍ସା କରାଯାଉଛି, ଏହାର ଅର୍ଥ ନୁହେଁ ଯେ ଏହି ପଦ୍ଧତି କେବଳ ମାନସିକ ରୋଗୀ ମଧ୍ୟରେ ସୀମିତ କିଂବା ଏହା କେବଳ ପାଗଳମାନଙ୍କୁ ଚିକିତ୍ସା ଦିଏ । ବରଂ ଅନ୍ୟ ପକ୍ଷରେ ଏହା ମନର ମାନସିକ ସ୍ଥିତିକୁ ଆଧାର କରି ଏହାର ମିଜାଜକୁ ପରିବର୍ତ୍ତନ କରି ବା ମନର ଆବଶ୍ୟକୀୟ ସଂଶୋଧନ ମାଧ୍ୟମରେ ଶାରୀରିକ ଓ ମାନସିକ ଉନ୍ନତି ଆଣେ । ପୁଷ୍ପ ମନର ସ୍ୱାସ୍ଥ୍ୟକୁ ଠିକ୍ ରଖେ ବୋଲି ଏହାକୁ ସୁମନ କୁହାଯାଏ ।

ବାକ୍ ଫ୍ଲାୱାର୍ ରେମେଡ଼ିର ଅସାଧାରଣ କାର୍ଯ୍ୟକାରିତାଗୁଡ଼ିକ ହେଉଛି :

୧. ଏହି ପଦ୍ଧତିରେ ମାତ୍ର ୩୮ ପ୍ରକାର ଔଷଧ ବ୍ୟବହାର କରାଯାଉଥିବାରୁ ଔଷଧ ମନୋନୀତ କରିବା ପାଇଁ ସହଜ ହୋଇଥାଏ ।

୨. ଏଥିରେ ଔଷଧର ଅତ୍ୟଧିକ ମାତ୍ରା (overdosing)

କଥା ନାହିଁ, ପାର୍ଶ୍ୱ ପ୍ରତିକ୍ରିୟା ନାହିଁ କିଂବା ଶକ୍ତି ବା କ୍ଷମତା (potency) ନାହିଁ । ପୁନଶ୍ଚ ଯଦିବି ଭୁଲ୍ ଔଷଧ ଦିଆଯାଏ, ତଥାପି ବି କିଛି କ୍ଷତି ହୁଏ ନାହିଁ । ବରଂ ତଥାକଥିତ ଭୁଲ୍ ଔଷଧର ଯେଉଁ ଉପକାରିତା, ତାହା ରୋଗୀର କାମରେ ଲାଗେ । ଏଣୁ ଏହି ପଦ୍ଧତି ସମ୍ପୂର୍ଣ୍ଣ ଭାବରେ ନିରାପଦ ।

୩. ଏଲୋପ୍ୟାଥିକ୍, ହୋମିଓପ୍ୟାଥିକ୍ ଓ ଆୟୁର୍ବେଦିକ୍ ଔଷଧ ସହିତ ଏହା ସଂଯୋଜକ ଭାବରେ କାର୍ଯ୍ୟ କରେ । କାରଣ, ଏହା ଅନ୍ୟ ଔଷଧର କାର୍ଯ୍ୟକାରିତାରେ ହସ୍ତକ୍ଷେପ କରେ ନାହିଁ ।

୪. ଜଣେ ସାଧାରଣ ବୁଦ୍ଧିସମ୍ପନ୍ନ ଏବଂ ସାଧାରଣ ଶିକ୍ଷିତ ବ୍ୟକ୍ତି ନିଜେ ନିଜର ଚିକିତ୍ସକ ହୋଇପାରେ ଏବଂ ଅନ୍ୟକୁ ବି ସାହାଯ୍ୟ କରିପାରେ, କେବଳ ବହି ପଢ଼ି ।

୫. ଶରୀର-ଗଠନ ବିଜ୍ଞାନ (Anatomy) ଏବଂ ଏହାର ଜଟିଳ କାର୍ଯ୍ୟକାରିତା ବିଷୟରେ ଜ୍ଞାନର ଆବଶ୍ୟକତା ନାହିଁ ।

୬. ରୋଗୀର ଶାରୀରିକ ଲକ୍ଷଣର କୌଣସି ପ୍ରାସଙ୍ଗିକତା ନାହିଁ । କେବଳ ମାନସିକ ଲକ୍ଷଣକୁ ବିବେଚନା କରାଯାଏ ।

୭. ଏହାକୁ ବ୍ୟବହାର କରିବା ପାଇଁ ସ୍ୱଳ୍ପ ଖର୍ଚ୍ଚ ଦରକାର ।

୮. ଏହାକୁ ଯଦି ଥଣ୍ଡା ଓ ଶୁଷ୍କ ସ୍ଥାନରେ ଠିକ୍ ଭାବରେ ରଖାଯାଏ, ଏହାର ଶକ୍ତି ନିର୍ଦ୍ଦିଷ୍ଟ ସମୟରେ ଶେଷ (expiry) ହୁଏ ନାହିଁ ।

୯. ଏହି ଔଷଧକୁ ପଶୁ ଓ ଉଦ୍ଭିଦ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇଥାଏ ।

**ବ୍ୟବହାର କରିବା ପ୍ରଣାଳୀ :**

ଏହାକୁ ବ୍ୟବହାର କରିବାକୁ ହେଲେ ମୁଖ ଓ ଜିଭ ପରିଷ୍କାର ରଖାଯିବା ଦରକାର । ଏହା ଜିଭ ସଂସ୍ପର୍ଶରେ ଆସି, ତା'ପରେ ଗଳା ମଧ୍ୟ ଦେଇ ଭିତରକୁ ଯିବ । ଏହାକୁ ହଠାତ୍ ଢୋକି ଦିଆଯାଏ ନାହିଁ ।

**ସାବଧାନତା :** ଏହି ଔଷଧକୁ ସିଧା ସୂର୍ଯ୍ୟକିରଣରୁ ବା ଅତ୍ୟଧିକ ଉତ୍ତପ୍ତ ସ୍ଥାନରୁ ଦୂରେଇ ରଖିବା ଉଚିତ । ପୁନଶ୍ଚ ଏହାକୁ ଟି.ଭି., ରେଫ୍ରିଜେରେଟର୍, ବୈଦ୍ୟୁତିକ ସାମଗ୍ରୀ ବା ଶକ୍ତିଶାଳୀ ବିଦ୍ୟୁତ୍-ଚୁମ୍ବକୀୟ କ୍ଷେତ୍ରଠାରୁ ଦୂରରେ ରଖିବା ଆବଶ୍ୟକ । କାରଣ, ଏଗୁଡ଼ିକର ଶକ୍ତି ପୁଷ୍ପ ଔଷଧର ଗୁଣକୁ ନଷ୍ଟ କରିଦିଏ ।

ସୁସ୍ଥ ହେବା ପାଇଁ କେବଳ ଯେ ପୁଷ୍ପରୁ ନିର୍ମିତ ଔଷଧ ସେବନ ଆବଶ୍ୟକ, ତା' ନୁହେଁ । ଏହାର ଦର୍ଶନ, ଚିନ୍ତନ ଓ ସ୍ପର୍ଶରେ ବି ମନ ଓ ଶରୀର ଉଭୟ ସତେଜ ହୋଇଥା'ନ୍ତି । ଏହାର ସୁଗନ୍ଧ ଓ ସୌନ୍ଦର୍ଯ୍ୟ, ଶାନ୍ତି ପ୍ରଦାନ କରିଥାଏ ।

ଅତଏବ ନିଜ ପରିବେଶରେ ପୁଷ୍ପ ଉଦ୍ୟାନ କରି ଏହାର ଯତ୍ନ ନିଅନ୍ତୁ ଏବଂ ଶାନ୍ତି, ସଂହତି ଓ ସୁସ୍ଥତାର ଦୂତ ହୋଇ ମନୁଷ୍ୟ ଜୀବନରେ ଆନନ୍ଦର ରେଣୁ ବିଞ୍ଚି ଦିଅନ୍ତୁ ।

(ସମାପ୍ତ)

❑❑❑

ପୃଥିବୀ ଇତିହାସରେ ଏପରି ସନ୍ଧିକ୍ଷଣସବୁ ଆସେ ଯେତେବେଳେ ହଜାର ହଜାର ବର୍ଷ ଧରି ରହି ଆସିଥିବା ବସ୍ତୁସକଳକୁ ଅଭିବ୍ୟକ୍ତି ଲାଭ କରିବାକୁ ଯାଉଥିବା ବସ୍ତୁସକଳଙ୍କ ଲାଗି ବାଟ ଛାଡ଼ି ଦେବାକୁ ହୋଇଥାଏ ।... ଆମେ ପୃଥିବୀ ଇତିହାସର ଠିକ୍ ସେଇ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ଠିକ୍ ଯେପରି ବିଶ୍ୱ ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ଜୀବ, ମଣିଷ, ସୃଷ୍ଟି କରି ସାରିଛି, ସେହିପରି ମଧ୍ୟ ଏହି ମାନସିକତା ମଧ୍ୟରେ ଏକ ଅତିମାନସ ଚେତନା ଓ ବ୍ୟକ୍ତିତ୍ୱ ଜନ୍ମଦେବା ଲାଗି ଏକ କେନ୍ଦ୍ରୀଭୂତ କ୍ରିୟା ଚାଲିଛି ।

— ଶ୍ରୀମା

# ମାମାଲିକୁ ଧନ୍ୟବାଦ

## ହୃଷୀକେଶ ପଣ୍ଡା

ଏଥର ଫେବ୍ରୁଆରୀ ୨୯ ବିଶେଷ ଦର୍ଶନ ଦିବସ ଉପଲକ୍ଷେ ଆମେ କେତେଜଣ ମାତୃଭକ୍ତ ଆଶ୍ରମ ଯାଇଥିଲୁ । ଆମ ସହ କିଛି ନବାଗତ ମଧ୍ୟ ଥିଲେ, ଯେଉଁମାନେ ଆଶ୍ରମ ସମ୍ପର୍କରେ କିଛି ବି ଜାଣି ନଥିଲେ । ମାମାଲି ଥିଲା ସେମାନଙ୍କ ମଧ୍ୟରୁ ଜଣେ । ଭୁବନେଶ୍ୱରରେ ଏମ-ଟେକ୍ କରୁଥିବା ଜଣେ ଇଞ୍ଜିନିୟରିଂ ଛାତ୍ରୀ । ଓଡ଼ିଆ ନିଳୟମରେ ଆମମାନଙ୍କର ରହିବା ବ୍ୟବସ୍ଥା ହୋଇଥାଏ । ୨୯ ତାରିଖ ସୁବର୍ଣ୍ଣ ଦିବସ ଦିନ ମା'ଙ୍କ କକ୍ଷ ଦର୍ଶନ ସାରି ଫେରିବା ବେଳକୁ ଦିନ ପ୍ରାୟ ଗୋଟାଏ । ଭୋକବି ଲାଗିଲାଣି । ଭୋଜନାଳୟରେ ଦର୍ଶନାର୍ଥୀମାନଙ୍କର ଲମ୍ବା ଧାଡ଼ି ଦେଖି ଆମ ଭିତରୁ କେତେକେ କହିଲେ, ବହୁତ ଡେରି ହେବ । ଚାଲ ବାହାରେ କୌଣସି ହୋଟେଲରେ ଖାଇ ନେବା । ଏହି ସମୟରେ ଆଗ ଧାଡ଼ିରେ ଥିବା ଜଣେ ପରିଚିତ ବନ୍ଧୁ ଡାକି କହିଲେ, ଏଇଠି ଆମ ସହିତ ଚାଲି ଆସ । କିଛି ନ ବିଚାରି ଆମେ ଜଣକ ପରେ ଜଣେ ଧାଡ଼ି ଭିତରେ ପଶି ଗଲୁ । ଭୋଜନାଳୟର ଫାଟକ ଭିତରକୁ ପଶିବା ପରେ ମୁଁ ପଛକୁ ଚାହିଁ ଦେଖିଲି ମାମାଲି ଧାଡ଼ିରେ ନାହିଁ । ଚାରି ଆଡ଼କୁ ଚାହିଁ କୁଆଡ଼େ ନ ଦିଶିବାରୁ ବ୍ୟସ୍ତ ହୋଇ ପଡ଼ିଲି । ଧାଡ଼ି ଶେଷ ପର୍ଯ୍ୟନ୍ତ ଯାଇ ଦେଖିଲି ସେ ସବା ପଛରେ ଠିଆ ହୋଇଛି । ମୁଁ ଯାଇ ପଚାରିଲି, ସେଠୁ ପଳାଇ ଆସିଲୁ କାହିଁକି ? 'ବିବେକ ବାଧା ଦେଲା । ବଡ଼ ଅସ୍ୱସ୍ତି ଲାଗିଲା । ଆଶ୍ରମରେ ମୋ ଦ୍ୱାରା ଏପରି ବିଶୃଙ୍ଖଳ ଆଚରଣ ମୁଁ ସହ୍ୟ କରିପାରିଲି ନାହିଁ । ତେଣୁ ଚାଲି ଆସିଲି ।' ମାମାଲିର ଏପରି କଥା ଶୁଣି ମୁଁ ଚକିତ ହୋଇଗଲି । ଭାବିଲି, ଆରେ ସତେ ତ ! ଏଭଳି ବିବେକର ତାଡ଼ନା, ଅସ୍ୱସ୍ତିବୋଧ ଆମ ଭିତରେ ଆସିଲା ନାହିଁ କିପରି ? ନିଜକୁ ନିଜେ ଲଜ୍ଜିତ ହୋଇ ଶେଷରେ ମୁଁ ବି ମାମାଲି ପଛେ ପଛେ ଚାଲିବାକୁ ଲାଗିଲି । ମୋତେ ଖୋଜି ଖୋଜି ଆମ ଭିତରୁ ଆଉ ଜଣେ ଆସି ପୁଣି ଏଠି କାହିଁକି ଠିଆ ହେଲ ବୋଲି ପଚାରିବାରୁ ମୁଁ ମାମାଲି ଯାହା କହିଲା ତାଙ୍କୁ ଶୁଣାଇ ଦେଲି । ସେ ବନ୍ଧୁ ଜଣକ ବି କିଛି ଉତ୍ତର ଦେଇ ନପାରି ଆମ ପଛେ ପଛେ ଚାଲିବାକୁ ଲାଗିଲେ । ଆମ ଧାଡ଼ି ଭୋଜନାଳୟରେ ପହଞ୍ଚିଲା ବେଳକୁ ପଛକୁ ଚାହିଁ ଦେଖିଲି ଆମ ଦଳର ପ୍ରାୟ ସମସ୍ତେ ଆମ ପଛରେ ଧାଡ଼ିରେ ଆସୁଛନ୍ତି ତଳକୁ ମୁହଁ ପୋତି । ବୋଧହୁଏ ଜଣକ ପରେ ଜଣେ ମାମାଲିର କଥା ଶୁଣି ନିଜ ବିବେକ ପାଖରେ ହାର୍ ମାନିଛନ୍ତି ଏବଂ ମୋ'ପରି ସମସ୍ତେ ତା'ରି ପଦାଙ୍କ ଅନୁସରଣ କରିଛନ୍ତି । ସେ ଦିନର ଘଟଣା ହାସ୍ୟାସ୍ପଦ ମନେ ହେଉଥିଲେ ବି ସମସ୍ତଙ୍କ ପାଇଁ ବେଶ୍ ଶିକ୍ଷଣୀୟ ଥିଲା ।

ପରଦିନ ଆଶ୍ରମର ବିଭିନ୍ନ ବିଭାଗ ବୁଲି ଦେଖୁଥିବା ବେଳେ ଆମେ ପହଞ୍ଚିଥିଲୁ ଆଶ୍ରମ ପାର୍ଶ୍ୱରେ ଥିବା ଚମଡ଼ା ନିର୍ମିତ ହସ୍ତଶିଳ୍ପ ବିଭାଗରେ । ଅନେକ ସୁନ୍ଦର ଡିଜାଇନର ଜୋତା ଏବଂ ବ୍ୟାଗ ସଜା ହୋଇଥିଲା ସୋ-ରୁମ୍ ଭିତରେ । ମାମାଲି ତା' ମନଲାଖି ଗୋଟିଏ ବ୍ୟାଗ୍ ଦେଖି ମୂଲାଇଲା କିଣିବା ପାଇଁ । ବିକ୍ରି ଦାୟିତ୍ୱରେ ଥିବା ସାଧକ ଜଣକ ହିନ୍ଦୀରେ କହିଲେ, ଏଠାରେ କୌଣସି ଜିନିଷ ମୂଲଚାଲ କରି କିଣାଯାଏ ନାହିଁ । ସବୁ ଦାମ୍ ସ୍ଥିରୀକୃତ ଯାହା ପ୍ରତ୍ୟେକ ଜିନିଷ ଉପରେ ଷ୍ଟିକରରେ ଲେଖା ଯାଇଛି । ମାମାଲି କିଛି ସମୟ ବ୍ୟାଗଟିକୁ ଏପଟ ସେପଟ କରି ଦେଖିଲା ଏବଂ କହିଲା, 'ବାହାର ମାର୍କେଟ ଅପେକ୍ଷା ଦାମ୍ ଅତ୍ୟଧିକ ହୋଇଛି । ଆଶ୍ରମ ବ୍ୟବସାୟରେ ଏତେ ଲାଭ ରଖିବା ଉଚିତ ନୁହେଁ ।' ସାଧକ ଜଣକ ସାମାନ୍ୟ ହସି କହିଲେ, 'ବହୁତ ଧନ୍ୟବାଦ । ଆପଣ ଆସି ପାରନ୍ତି ।' ଆମେ ସେଠାରୁ ଅବିଳମ୍ବେ ପ୍ରସ୍ଥାନ କଲାପରେ ବାଟରେ ଆମକୁ ବୁଲି ଦେଖାଉଥିବା ଆଶ୍ରମର ଅନ୍ତେବାସୀ ଓଡ଼ିଆ ବନ୍ଧୁ ଜଣକ ମାମାଲିକୁ ପଚାରିଲେ, ତୁମେ ବୋଧହୁଏ ଆଶ୍ରମକୁ ପ୍ରଥମ କରି ବୁଲି ଆସିଛ । ଆଶ୍ରମ ସମ୍ପର୍କରେ ପୂର୍ବରୁ କିଛି ଧାରଣା ନଥିବାରୁ ତୁମ ମନରେ ଏମିତି କିଛି ଭ୍ରମ ଧାରଣା ସୃଷ୍ଟି ହୋଇଛି ।

ମାମାଲି ପଚାରିଲା, 'କେଉଁ ବିଷୟରେ ?'

ଏହି ଆଶ୍ରମର ବ୍ୟବସାୟ, ବିକ୍ରୟକେନ୍ଦ୍ର ଏବଂ ଲାଭକ୍ଷତି ବିଷୟରେ ତୁମେ ଯେଉଁ ମନ୍ତବ୍ୟ ଦେଲ, ସେହି ବିଷୟରେ କହୁଛି ।

'ତେବେ ପ୍ରକୃତ କଥାଟି କ'ଣ ଦୟାକରି ମୋତେ ବୁଝାଇ କହିବେ କି ?' ମାମାଲି ପଚାରିଲା ।

ବନ୍ଧୁ ଜଣକ ବୁଝାଇ ଦେଲେ, ଦେଖ ! ଏଇଟା ଏକ

ଆଶ୍ରମ, ସାଧନାର ଭୂମି । ଏଠି ସମସ୍ତେ କର୍ମ କରୁଛନ୍ତି ଭଗବାନଙ୍କ ଉଦ୍ଦେଶ୍ୟରେ, ଫଳର କୌଣସି ଆଶା ନରଖି । ଆମେ ଯେଉଁସବୁ କେନ୍ଦ୍ର ବୁଲି ଦେଖିଲେ, ସେଗୁଡ଼ିକ ଯଥାର୍ଥରେ ଆଶ୍ରମର ବିକ୍ରୟ କେନ୍ଦ୍ର ନୁହେଁ କିଂବା କେଉଁଠାରେ ହେଲେ ବିକ୍ରୟ କେନ୍ଦ୍ର ବୋଲି କୌଣସି ସୂଚନା ଫଳକ ବା ସାଇନ୍‌ବୋର୍ଡ୍ ମରାଯାଇ ନାହିଁ । ଏସବୁଗୁଡ଼ିକ ହେଉଛି ଆଶ୍ରମର ଗୋଟିଏ ଗୋଟିଏ ସାଧନାକେନ୍ଦ୍ର ବା କର୍ମଶାଳା, ଯେଉଁଠି ସାଧକ-ସାଧିକାମାନେ ପୂର୍ଣ୍ଣ ନିଷ୍ଠା ଓ ଆନ୍ତରିକତାର ସହ କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରିଥା'ନ୍ତି । ୧୯୨୬ ମସିହା ପରେ ପରେ ସ୍ୱୟଂ ଶ୍ରୀମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମବାସୀମାନଙ୍କୁ ଉପଯୁକ୍ତ କର୍ମକ୍ଷେତ୍ର ଯୋଗାଇ ଦେବା ପାଇଁ ଏହିଭଳି କିଛି ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପ ସାଧନକେନ୍ଦ୍ରର ପ୍ରତିଷ୍ଠା ହୋଇଥିଲା — ଯେଉଁଠି କର୍ମ ମାଧ୍ୟମରେ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁଯୋଗ ମିଳିବ । ମଣିଷ କିପରି ସବୁକର୍ମ ଭଗବାନଙ୍କ ସେବା ଭାବରେ କରିପାରେ ଏବଂ ଉପଯୁକ୍ତ ମନୋଭାବରେ କର୍ମ କଲେ ଫଳ କିପରି ନିଖୁଣ, ପରିପୂର୍ଣ୍ଣ ଏବଂ ସର୍ବାଙ୍ଗ ସୁନ୍ଦର ହୋଇପାରେ, ତାହା ଶିକ୍ଷା କରିବା ଥିଲା ଏହି କର୍ମକ୍ଷେତ୍ରଗୁଡ଼ିକର ମୂଳ ଉଦ୍ଦେଶ୍ୟ । ଏହାଛଡ଼ା ଭାରତର ଅନେକ ବ୍ୟବସାୟରେ ସାଧୁତା ଏବଂ ଗୁଣବତ୍ତାର ଆଦର ନଥିବା ବେଳେ ମା' ଆଶ୍ରମରେ ଏହିସବୁ ସାଧନା କେନ୍ଦ୍ର ଖୋଲି ଆମକୁ ତାହା ଶିକ୍ଷା ଦେବାକୁ ଚାହୁଁଥିଲେ । ଆମେ ବୁଲି ଦେଖିଥିବା ଷ୍ଟିଲ୍, କାଠ, ଚମଡ଼ା, ଲୁଗା, ଅତର, ଧୂପ ଆଦି ଉପକରଣର ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ପ୍ରସ୍ତୁତି ପ୍ରଣାଳୀ ଆଶ୍ରମବାସୀଙ୍କ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ହୋଇଥିବାରୁ ଆଗନ୍ତୁକ ଦର୍ଶନାର୍ଥୀମାନେ ଆଗ୍ରହ ସହକାରେ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଉଚିତ ମୂଲ୍ୟ ଦେଇ କିଣି ନେବାକୁ ପସନ୍ଦ କରିଥା'ନ୍ତି । ବିକ୍ରୟ ଦାୟିତ୍ୱରେ ଥିବା ସାଧକ-ସାଧିକାମାନେ କେବେ କୌଣସି ଯାତ୍ରୀଙ୍କୁ ନିଜ ଉତ୍ପାଦିତ ସାମଗ୍ରୀ କିଣିବା ପାଇଁ ବାଧ୍ୟ କରନ୍ତି ନାହିଁ କିଂବା ବିକ୍ରିଲବ୍ଧ ଅର୍ଥ ନିଜେ ରଖନ୍ତି ନାହିଁ । ଯେହେତୁ ସବୁକେନ୍ଦ୍ର ଆଶ୍ରମ ଦ୍ୱାରା ପରିଚାଳିତ, ତେଣୁ ସମସ୍ତ କେନ୍ଦ୍ରର ଆୟବ୍ୟୟ ହିସାବ ଆଶ୍ରମ ଟ୍ରଷ୍ଟହିଁ ବୁଝିଥାଏ । ତୁମେ ଯେମିତି ଭାବୁଛ, ଏଠାରେ ବିକ୍ରୟ କେନ୍ଦ୍ର ଖୋଲି ଆଶ୍ରମ କୌଣସି ଲାଭଜନକ ବ୍ୟବସାୟ କରୁଛି, ଏହା ତୁମର ଭୁଲ୍‌ଧାରଣା । ଦ୍ୱିତୀୟରେ, କରୁଣାମୟୀ ମା'ଙ୍କ ଆଶୀର୍ବାଦରୁ ଆଶ୍ରମ ପରିଚାଳନା ପାଇଁ ଅର୍ଥର କେବେ ଅଭାବ ହୋଇ ନାହିଁ । ଶ୍ରଦ୍ଧାଳୁ ଭକ୍ତମାନେ ଆଶ୍ରମକୁ ପ୍ରଣାମୀସ୍ୱରୂପ ଅନୁଦାନ ଆକାରରେ ଅର୍ଥ ପଠାଇ ଥାଆନ୍ତି । ଆଶ୍ରମ ଆତ୍ମନିର୍ଭରଶୀଳ ହେବା ପାଇଁ ନିଜର ଆହୁରି ଅନେକ ଉତ୍ପାଦନକ୍ଷମ କୃଷିଫାର୍ମ ଏବଂ ଶିଳ୍ପ ପ୍ରତିଷ୍ଠାନ ରହିଛି । ଯାହାର ଆୟରେ କେବଳ ଆଶ୍ରମବାସୀ ନୁହନ୍ତି, ସାଧାରଣ ଦର୍ଶନାର୍ଥୀମାନେ ମଧ୍ୟ ଉପକୃତ ହେଉଛନ୍ତି । ଉଦାହରଣସ୍ୱରୂପ, ଆଶ୍ରମ ଭୋଜନାଳୟରେ ତୁମକୁ ଦୈନିକ ତିନିବେଳା ଯେଉଁ ସାତ୍ତ୍ୱିକ ଖାଦ୍ୟ ମିଳୁଛି, ହିସାବ କଲେ ତୁମେ ତାହାର ମାତ୍ର ଏକ ଚତୁର୍ଥାଂଶ ଖର୍ଚ୍ଚରୁ କମ୍ ଅନୁଦାନ ଆକାରରେ ଦେଉଛ ଏବଂ ତୁମ ପାଇଁ ଅବଶିଷ୍ଟ ପ୍ରାୟ ତିନିଗୁଣ ଖର୍ଚ୍ଚ ଆଶ୍ରମ ବହନ କରୁଛି । ଆଶ୍ରମ ଅତିଥିଶାଳାମାନଙ୍କରେ ଦର୍ଶନାର୍ଥୀମାନଙ୍କର ରହିବା ପାଇଁ ଖୁବ୍ କମ୍ ଖର୍ଚ୍ଚରେ ଘର ଯୋଗାଇ ଦିଆଯାଉଛି । ଏହା ତୁମମାନଙ୍କ ପାଇଁ ଆଶ୍ରମର ଅବଦାନ ନୁହେଁ ତ ଆଉ କ'ଣ ?

ସବୁକଥା ଶୁଣିବା ପରେ ମାମାଲି କ'ଣ ବୁଝିଲା କେଜାଣି ହଠାତ୍ କାହାକୁ କିଛି ନକହି ଦୌଡ଼ିଲା ସେହି ଲେଦର ସୋ-ରୁମ୍‌ଟି ଆଡ଼କୁ ଏବଂ ପୂରା ଦାମ୍ ଦେଇ ନିଜ ପସନ୍ଦର ଭ୍ୟାନିଟି ବ୍ୟାଗ୍‌ଟି ଧରି ପହଞ୍ଚିଲା ଅଳ୍ପ ସମୟ ଭିତରେ । ମୁହଁଟି ଦିଶୁଥିଲା ହସ ହସ, ସତେଯେପରି ସେ ଅଜାଣତରେ କରିଥିବା ଏକ ଭୁଲ୍‌ର ପ୍ରାୟଶ୍ଚିତ୍ତ କରି ଆସିଛି ! ଆମେ ସମସ୍ତେ ମଧ୍ୟ ଖୁସି ହେଲୁ ତା'ର ଏହି ନିଷ୍ପତ୍ତିରେ ।

ରହଣିର ଶେଷଦିନ ସନ୍ଧ୍ୟାରେ ଆମେ ଘରକୁ ଫେରିବା କଥା । ସକାଳୁ ସକାଳୁ ଆଶ୍ରମରେ ଭୋଜନ କରିବା ପାଇଁ ଆମେ ଗଲୁ ବ୍ୟୁରୋ ସେଣ୍ଟ୍ରାଲ୍ (Bureau Central) କାଉଣ୍ଟରରୁ ଟୋକନ ଆଣିବା ନିମନ୍ତେ । ହେଲେ ଦାୟିତ୍ୱରେ ଥିବା ସାଧକ ଜଣକ ବଙ୍ଗଳାରେ କହିଲେ, ଗେଷ୍ଟ ହାଉସ୍ ପାସ୍‌ରେ ଗତକାଲି ପର୍ଯ୍ୟନ୍ତ ଆପଣମାନଙ୍କର ରହଣି ଥିଲା । ଆଜି ବୋଧହୁଏ ଫେରି ଯାଉଛନ୍ତି । ତେଣୁ ଆଶ୍ରମ ଭୋଜନାଳୟରେ ଆପଣଙ୍କର ଭୋଜନ ବ୍ୟବସ୍ଥା ହୋଇ ନାହିଁ । ଦୟାକରି ଆପଣ ବାହାରେ ଖାଇବା ବ୍ୟବସ୍ଥା କରି ନିଅନ୍ତୁ । ଆଶ୍ରମର ବିଧି ବ୍ୟବସ୍ଥାକୁ ସମ୍ମାନ ଜଣାଇ ଆମେ ଫେରି ଆସିଲୁ । କିନ୍ତୁ ମାମାଲି ସାମନା ଅଗଣାରେ ପଡ଼ିଥିବା ଖଣ୍ଡିଏ ପଥର ଉପରେ ବସିପଡ଼ି କହିଲା, 'ମୁଁ ବାହାରେ ଖାଇବି ନାହିଁ । ଆଶ୍ରମରେ ଯଦି ଖାଇବାକୁ ନମିଳେ ମୁଁ ଆଜି ଉପବାସ ରହିଯିବି ।' ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ ମାମାଲିର ଏପରି

ଜିଦ୍ ଦେଖି । ସମସ୍ତେ ତାକୁ ବୁଝାଇଲୁ । ହେଲେ ସେ ନଛୋଡ଼ବନ୍ଦା । ସିଧା ସିଧା କହିଲା, 'ମୁଁ ଆଶ୍ରମ ବୁଲି ଆସିଥିଲି, କିଛିଦିନ ଏଠାରେ ରହିଲି ଓ ଏକ ସାତ୍ତ୍ୱିକ ପରିବେଶରେ ଖାଇଲି । ବର୍ତ୍ତମାନ ବାହାରେ ଖାଇଲେ ମୋତେ ଭାରି ଅସ୍ୱସ୍ତି ବୋଧ ହେବ । ତା'ଛଡ଼ା ଦକ୍ଷିଣ ଭାରତର ଖଟା, ରାଗ ମିଶା ଖାଦ୍ୟ ମୋ ଦେହରେ ଯିବ ନାହିଁ । ତେଣୁ ଆପଣମାନେ ବାହାରେ ଖାଇ ଆସନ୍ତୁ, ମୁଁ ଏଇଠି ଅପେକ୍ଷା କରିଛି ।' ଟୋକନ ଦାୟିତ୍ୱରେ ଥିବା ସାଧକ ଜଣକ ମାମାଲିର ସବୁକଥା ଶୁଣୁଥିଲେ । ହଠାତ୍ କ'ଣ ଭାବିଲେ କେଜାଣି ତାକୁ ପାଖକୁ ଡାକି ତା'ର ପରିଚୟ ପଚାରି ବୁଝିଲେ ଏବଂ ଖୁସି ହୋଇ କହିଲେ, ଆଶ୍ରମ ପ୍ରତି ତୁମର ଏପରି ମନୋଭାବକୁ ଧନ୍ୟବାଦ ଦେବା କଥା । ଏଇ ଗୋଟିଏ ଟୋକନ ନିଅନ୍ତୁ ଏବଂ ଆଶ୍ରମ ଯାଇ ଭୋଜନ କରନ୍ତୁ । କିନ୍ତୁ ଅନ୍ୟମାନଙ୍କ ପାଇଁ କହିବେ ନାହିଁ, ମୁଁ ଦୁଃଖିତ । ମାମାଲି ପ୍ରଶ୍ନ କଲା, 'କାହିଁକି ? ଆଶ୍ରମରେ ଏମିତି କଟକଣା କାହିଁକି ହୋଇଛି ବୁଝିପାରୁ ନାହିଁ, ଦୟାକରି କହିବେ କି ?'

ସାଧକ ଜଣକ ଏକ ସଂକ୍ଷିପ୍ତ ସୂଚନା ଦେଇ କହିଲେ, ଆଶ୍ରମ ଭୋଜନାଳୟ ମୁଖ୍ୟତଃ ଆଶ୍ରମବାସୀଙ୍କୁ ଦୈନନ୍ଦିନ ଆହାର ଯୋଗାଇ ଥାଏ । ତା' ସହିତ ଯେଉଁ ଭଗବତ୍ ପିପାସୁ ଦର୍ଶନାର୍ଥୀମାନେ କେବଳ ଆଶ୍ରମ ଉଦ୍ଦେଶ୍ୟରେ ବୁଲିବାକୁ ଆସନ୍ତି, ଖୁବ୍ ଅଳ୍ପ ଖର୍ଚ୍ଚରେ ସେମାନଙ୍କ ଭୋଜନ ବ୍ୟବସ୍ଥା ମଧ୍ୟ ଏଠାରେ କରା ଯାଇଥାଏ । ଏବେ ଦର୍ଶନାର୍ଥୀମାନଙ୍କ ସଂଖ୍ୟା ବହୁ ଗୁଣରେ ବଢ଼ି ଯାଇଛି । ଅନେକ ଯାତ୍ରୀ ତୀର୍ଥଭ୍ରମଣରେ ଆସି ଆଶ୍ରମ ପରିଦର୍ଶନ କରୁଛନ୍ତି ଏବଂ ଆଶ୍ରମରେ ଭୋଜନ କରିବା ପାଇଁ ଏଠାରୁ ଟୋକନ ନେଉଛନ୍ତି । ସେମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲାବେଳେ କିଛି ଯାତ୍ରୀ ଏଠାରୁ ଟୋକନ ନେଇ ବାହାର ହୋଟେଲରେ ଖାଉଛନ୍ତି । ଫଳରେ ସେମାନଙ୍କ ପାଇଁ ରୋଷେଇ ହୋଇଥିବା ଖାଦ୍ୟ ବଳି ପଡ଼ୁଛି କିଂବା ନଷ୍ଟ ହେଉଛି । ସେହିପରି ଅନେକ ଦର୍ଶନାର୍ଥୀ ପୂର୍ବ ସୂଚନା ନଥାଇ ହଠାତ୍ ଆସି ଖାଲିଥିବା କୌଣସି ଆଶ୍ରମ ଅତିଥିଶାଳାରେ ରହୁଛନ୍ତି ଏବଂ ପାସ୍ ଦେଖାଇ ଟୋକନ ନେଉଛନ୍ତି ଆଶ୍ରମରେ ଭୋଜନ କରିବାକୁ । ଫଳରେ ରୋଷେଇ ହୋଇଥିବା ଖାଦ୍ୟର ଅଭାବ ପଡ଼ୁଛି । ଆଶ୍ରମର ଅନ୍ତେବାସୀମାନେ ଏହା ଦ୍ୱାରା ଖାଇବା ପାଇଁ ହଇରାଣ ହେଉଛନ୍ତି । କାରଣ ଆଶ୍ରମ ଭୋଜନାଳୟରେ ଦୁଇଥର ରୋଷେଇ କରିବା ସମ୍ଭବ ହୁଏ ନାହିଁ । ଏକ ନିର୍ଦ୍ଦିଷ୍ଟ କର୍ମ ଶୃଙ୍ଖଳା ଏବଂ ବ୍ୟବସ୍ଥିତ ଢଙ୍ଗରେ ସବୁକିଛି ପରିଚାଳିତ ହୁଏ । କେବଳ ଦର୍ଶନ ଦିନମାନଙ୍କରେ ବହୁ ଯାତ୍ରୀଙ୍କର ସମାଗମ ହେତୁ ଏହି ନିୟମ କିଛିଟା କୋହଳ କରାଯାଇଥାଏ, ତେଣୁ କେବଳ ଆଶ୍ରମ ଉଦ୍ଦେଶ୍ୟରେ ଆସୁଥିବା ନିୟମିତ ଦର୍ଶନାର୍ଥୀମାନେ କେବେ ଆସୁଛନ୍ତି ଓ ଅଳ୍ପ କେତେଦିନ ରହୁଛନ୍ତି, ସମ୍ପୃକ୍ତ ଅତିଥିଶାଳା ସହିତ ଯୋଗାଯୋଗ କରି ଆସିବା ପାଇଁ ଆମେ ସେମାନଙ୍କୁ ଅନୁରୋଧ କରିଥାଉ । ଯଦ୍ଦ୍ୱାରା ଖାଦ୍ୟ ପ୍ରସ୍ତୁତି- କରଣରେ ଉଭୟ ଆଶ୍ରମବାସୀ ଏବଂ ଦର୍ଶନାର୍ଥୀମାନଙ୍କର ଆଉ କୌଣସି ଅସୁବିଧା ହୁଅନ୍ତା ନାହିଁ । ଆପଣମାନେ ଏକଥା ହୃଦୟଙ୍ଗମ କରିବା ଉଚିତ ।

ମାମାଲି ସବୁକଥା ଶୁଣିବା ପରେ ହାତଯୋଡ଼ି କହିଲା, 'ଆପଣଙ୍କୁ ଅଶେଷ ଧନ୍ୟବାଦ; ମୋତେ ଏହି ସୂଚନା ଦେଇଥିବାରୁ । ଆଶ୍ରମର ଶୃଙ୍ଖଳା ଭଙ୍ଗ କରି ମୁଁ ଏକା ଭୋଜନ କରିବା ଉଚିତ ମନେ କରୁ ନାହିଁ । ପୁଣି କେବେ ଆଶ୍ରମ ଆସିଲେ ନିଶ୍ଚୟ ଜଣେ ଯଥାର୍ଥ ଦର୍ଶନାର୍ଥୀର ମନୋଭାବ ନେଇ ଆସିବି । ମୋର ସାଙ୍ଗମାନଙ୍କୁ ଏବଂ ଆମ ପାଠଚକ୍ରର ବନ୍ଧୁମାନଙ୍କୁ ଏକଥା ନିଶ୍ଚୟ ଜଣାଇବି । ଓଡ଼ିଶାରୁ ଏବେ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଆଶ୍ରମ ଆସୁଥିବାରୁ ସେମାନେ ଏ ବିଷୟରେ ନିଶ୍ଚୟ ସଚେତନ ହେବେ ।'

ଆମେମାନେ ମଧ୍ୟ ମାମାଲି କଥାରେ ସହମତ ହେଲୁ । ପ୍ରଥମ ଦିନ ଭୋଜନାଳୟରେ ଧାଡ଼ିର ଶୃଙ୍ଖଳା ଭାଙ୍ଗି ତା' ଭିତରେ ବିବେକର ଯେଉଁ ସୂତ୍ରପାତ ହୋଇଥିଲା ଓ ଆମମାନଙ୍କୁ ବାଟ କଢ଼ାଇ ଥିଲା, ମାତ୍ର ପାଞ୍ଚ ଦିନର ରହଣି ଭିତରେ ତା' ଅନ୍ତରରେ ଜଳି ଉଠିଥିବା ଆସ୍ପୃହାର ସେହି ବହ୍ନି ଘଟଣାକ୍ରମରେ ଆଶ୍ରମ ବିଷୟରେ ଅନେକ କଥା ଶିକ୍ଷା କରିବା ପାଇଁ ତାକୁ ସୁଯୋଗ ଦେଇଥିଲା ଏବଂ ତା' ମାଧ୍ୟମରେ ଅନ୍ୟମାନଙ୍କୁ ମଧ୍ୟ । ସେଥିପାଇଁ ଆମେ ମାମାଲିକୁ ଧନ୍ୟବାଦ ନଦେଇ ରହିପାରିଲୁ ନାହିଁ ।

❑❑❑

# ମୁଁ କହିପାରିବି ତୁମେ ଭାବିଥିବା ସଂଖ୍ୟା

## ଧର୍ମ କୁମାର ଶତପଥୀ

ମୁଁ ପ୍ରାଥମିକ ସ୍କୁଲରେ ପଢୁଥିବା ବେଳେ ଯିଏ ଆମ ଗଣିତ ଶିକ୍ଷକ ଥିଲେ ତାଙ୍କ ଭଲ ନାମ ଆମେ ଜାଣି ନାହୁଁ । ସେ ମୂଳତଃ ଥିଲେ ଚାଇଁବସା ଅଞ୍ଚଳର ଲୋକ, ତେଣୁ ଖଣ୍ଡି ଖଣ୍ଡି ଓଡ଼ିଆ ଉଚ୍ଚାରଣ କରନ୍ତି । ତାଙ୍କର ସେଇ ଶୈଳୀ ଆମକୁ ଆନନ୍ଦିତ କରେ । ସିଏ ଆମ ଅଞ୍ଚଳରେ 'ପାଣ୍ଡୁ ସାର୍' ନାମରେ ପରିଚିତ । ବାଙ୍ଗରା ମଣିଷ । ପରିଧାନରେ ଧୋତି ଓ ଫତେଇ । ଧୀର କଥାବାର୍ତ୍ତା । ଜ୍ଞାନର ଏକ ଗନ୍ତାଘର ସିଏ ।

ପାଣ୍ଡୁ ସାର୍ ଏବେ ଚାକିରିରୁ ଅବସର ନେଲେଣି । ସରଳ ତପସ୍ୱୀର ଜୀବନ ବିତାଉଛନ୍ତି । ଦୀର୍ଘ ଦିନର ବ୍ୟବଧାନ ପରେ ସେଦିନ ପାଣ୍ଡୁସାରଙ୍କୁ ଭେଟିଲି ବଜାର ଭିତରେ । ଆପାତତଃ ଏକ ନିରୋଳା ସ୍ଥାନକୁ ସିଏ ଆସି ମୋର ପିଠି ଥାପୁଡ଼ାଇଲେ ଓ କୁଶଳ ଜିଜ୍ଞାସା କଲେ । ମୁଁ ଚିରାଚରିତ ନମସ୍କାର ଜଣାଇ ସାରଙ୍କୁ ଅଭ୍ୟର୍ଥନା କଲି । ସାରଙ୍କର ଅମାୟିକ ବ୍ୟବହାର ସବୁଦିନେ ଖୁସି ଦିଏ ।

ସିଏ ମୋର ଛାତ୍ର ଜୀବନର ସ୍ମୃତି ଉଦ୍‌ଘାଟନ କରି କହିଲେ – ''ମୁଁ ସେଇ ଦିନଠାରୁ ଜାଣିଥିଲି ତୁମେ ଜଣେ ସଫଳ ମଣିଷ ହେବ ।'' ସେ ଆହୁରି କହିଲେ – ''ଛାତ୍ରମାନଙ୍କୁ ସେମାନଙ୍କର ସ୍ମୃତିଶକ୍ତି ଆଧାରରେ ଚାରିଭାଗରେ ବିଭକ୍ତ କରାଯାଏ ।''

ମୁଁ କହିଲି, ''ସେଗୁଡ଼ିକ କ'ଣ କ'ଣ ?'

ପାଣ୍ଡୁ ସାର କହିଲେ, ''ସେଗୁଡ଼ିକ ଚିର୍‌ବେଗା, ବେଗ୍‌ବେଗା, ଚିର୍‌ଚିରା ଓ ବେଗ୍‌ଚିରା ।''

ମୁଁ କିଛି ବୁଝିପାରିଲି ନାହିଁ । ତାଙ୍କ ଅମଳର କେଉଁ ପୁରୁଣା କାଳିଆ ଢଗ ଅଥବା ତାଙ୍କ ଅଞ୍ଚଳର କଥିତ କେଉଁ ଲୋକବାଣୀଟି ଆଣି ମୋ ଆଗରେ ରଖିଲେ ମୁଁ ବା କ'ଣ ବୁଝିବି ?

ମୁଁ ଅସହାୟ ଭାବରେ ପଚାରିଲି,''ଏହାର ମାନେ ?''

''ଯେଉଁ ଛାତ୍ରମାନେ ନୂଆ ନୂଆ ବିଷୟ ବସ୍ତୁକୁ ବୁଝିପାରି ଗ୍ରହଣ କରିବାକୁ ବିଳମ୍ବ ଲାଗେ ଓ ଖୁବ୍ ଶୀଘ୍ର ଭୁଲି ଯାଇପାରନ୍ତି ସେମାନେ ଚିରବେଗା । ଯେଉଁ ଛାତ୍ରମାନେ ବିଷୟବସ୍ତୁକୁ ଶୀଘ୍ର ଗ୍ରହଣ କରନ୍ତି ଓ ଖୁବ୍ ଶୀଘ୍ର ପୁଣି ଭୁଲିଯାଆନ୍ତି ସେମାନେ ବେଗ୍‌ବେଗା । ସେହିପରି ଯେଉଁ ଛାତ୍ରମାନେ ଶ୍ରେଣୀ ପାଠର ବିଷୟ ବସ୍ତୁକୁ ଡେରିରେ ମନରେ ଧରି ରଖନ୍ତି ଓ ଡେରିରେ ମନରୁ ଭୁଲିଥା'ନ୍ତି ସେମାନଙ୍କୁ ଚିର୍‌ଚିରା ଛାତ୍ର କୁହାଯାଏ । ଶେଷୋକ୍ତ ଛାତ୍ରମାନେ ଚଟାପଟ୍ ପାଠର ବିଷୟ ବସ୍ତୁ ବୁଝିପାରନ୍ତି ଓ ଅନ୍ୟପକ୍ଷରେ ତାହା ମନରୁ ହଟିବା ପାଇଁ ଅନେକ ସମୟ ଲାଗିଥାଏ – ସାର ବୁଝାଇ ଦେଲେ ।

ମୁଁ ଉତ୍‌ଫୁଲ୍ଲ ହେଲି । ଛାତ୍ରମାନଙ୍କର ବିଭାଗୀକରଣ ପ୍ରଣାଳୀର ଗୂଢ଼ ବିଷୟ ପାଣ୍ଡୁ ସାରଙ୍କ ବ୍ୟତୀତ ଅନ୍ୟ କାହାରିଠାରେ ଥିବ କି ନାହିଁ ସନ୍ଦେହ ।

ପାଣ୍ଡୁ ସାରଙ୍କୁ ସେଦିନ ସାଦର ନମସ୍କାର କରି ବିଦାୟ ନେଲି । ଏହାପରେ ମୁଁ ଅନ୍ତର୍ମୁଖୀ ହେଲି । ନିଜକୁ ପ୍ରଶ୍ନ କଲି : ''ପାଣ୍ଡୁ ସାରଙ୍କ ବିଭାଗୀକୃତ ଛାତ୍ରବର୍ଗ ମଧ୍ୟରୁ ମୁଁ କେଉଁ ବର୍ଗର ହେବି ? ଏମାନଙ୍କ ମଧ୍ୟରୁ ଉତ୍କୃଷ୍ଟ ମେଧାବୀ ବର୍ଗର ଛାତ୍ରଙ୍କୁ କ'ଣ କହିବା ?''

ଏମିତି କିଛିଦିନ ଘାଣ୍ଟି-ଚକଟି ହେଲି । ତା'ପରେ ଚିନ୍ତାଧାରାକୁ ହାଲୁକା କଲି ଯେ ମୁଁ ଆଉ ଛାତ୍ର ବୟସରେ ନାହିଁ । ସେ ବୟସରୁ ଉତ୍ତୀର୍ଣ୍ଣ ହୋଇ ମୁଁ କ୍ରମଶଃ ପାଣ୍ଡୁସାରଙ୍କ ବୟସ ଆଡ଼କୁ ଅଗ୍ରସର ହେଉଛି । ଏଣୁ ଅଯଥା ଘାଣ୍ଟି ହେବା ମୂଲ୍ୟହୀନ ।

କିନ୍ତୁ ପାଣ୍ଡୁସାରଙ୍କ ସେଇ ବଳିଷ୍ଠ, ସାରଗର୍ଭକ, ରୋଚକ କଥାଟିକୁ ଚେଷ୍ଟା କରି ସୁଦ୍ଧା ମନରୁ ହଟାଇ ପାରିଲି ନାହିଁ । ଏଥର ଚିନ୍ତା କଲି ମୋର ଦୁଇଝିଅ ଲିଲିମା ଓ ଅନିମା ଏଇମାନଙ୍କ ମଧ୍ୟରୁ କେଉଁ ବର୍ଗର ହୋଇପାରିବେ ?

ପାଣ୍ଡୁସାରଙ୍କ ତତ୍ତ୍ୱ ଅନୁସାରେ ବେଗ୍‌ବେଗା ଶ୍ରେଣୀର ଛାତ୍ର ସବୁଠାରୁ ନିକୃଷ୍ଟ ଧରଣର । ''ବେଗ୍‌ଚିରା'' ଧରଣର ଛାତ୍ରମାନେ ବୁଦ୍ଧିମାନ୍ ଓ ମେଧାବୀ ହୋଇଥା'ନ୍ତି । ଏଣୁ ଆମର ଲିଲିମା ଓ ଅନିମା ଉତ୍କୃଷ୍ଟ ଧରଣର ନହେଲେ ବି ନିକୃଷ୍ଟ ଧରଣର ନୁହନ୍ତି । ଉଭୟ 'ଚିର୍‌ଚିରା' ପର୍ଯ୍ୟାୟର ହେବେ । ବିଶେଷ କରି ଲିଲିମାର ଭୁଲିବା ଗୁଣଟି ବହୁତ ଡେରିରେ ହୋଇଥାଏ । ଥରେ ଯାହା ତା' ମୁଣ୍ଡରେ ପଶିଲା, ତାହା ଅନେକ ଦିନଯାଏ ସେଇଠି ବସାବାନ୍ଧି ରହିଥାଏ ।

*

ସେଦିନ ମୁଁ ଘରେ ପହଞ୍ଚୁ ପହଞ୍ଚୁ ହଠାତ୍ ଲିଲିମା ଆସି ମୋ ପାଖରେ ଆରମ୍ଭ କରିଦେଲା ତା'ର ବୟାନବାଜି, ''ବାପା, ବାପା । ସେଇ ଦଶହରା ଛୁଟି ବେଳକୁ ମୁଁ ତୁମକୁ ଯେଉଁ କଥା ଦେଇଥିଲି, ଆମ ଗଣିତ ସାର୍ ଖଟୁଆ ସାରଙ୍କଠାରୁ କିଛି କୌତୁକିଆ କଥା କହିବା ପାଇଁ, ମୁଁ ସଂଗ୍ରହ କରି ଆଣିଛି । କହିବି ?'' ମୁଁ କହିଲି – ''ଆରେ ଏତେ ପୁରୁଣା କଥା ତୁ ପୁଣି ମନେ ରଖିଛୁ ? ହଉ, କହିବୁ ଯଦି ମୁଁ ଲୁଗା ବଦଳାଇ ଆସୁଛି । ତୁ ଟିକେ ଥୟ ଧର ।''

ସେ କିନ୍ତୁ ସେପରି ଥୟ ଅବସ୍ଥାରେ ନଥିଲା । ଗୋଡ଼ ହାତ ଝାଡ଼ି ଝିଂଝାଡ଼ି ହୋଇ ମୋତେ ଆମ ବୈଠକଖାନାକୁ ଟାଣିଟାଣି ନେଲା ।

ମୁଁ ଅଗତ୍ୟା ତା' ସହ ବୈଠକଖାନାରେ ବସିଲି ।

ସିଏ ଆନନ୍ଦରେ କୁରୁଳି ଉଠି କହିଲା, ''ବାପା ମୁଁ ଆଜି ତୁମକୁ କେତୋଟି ପ୍ରଣାଳୀରେ ଅଙ୍କ ଭାବିବାକୁ କହିବି । ତୁମେ ମୋ କହିବା ଅନୁସାରେ ସେଇ ଅଙ୍କରେ ଯୋଗ, ବିଯୋଗ ଅଥବା ହରଣ ଗୁଣନ କରିବ । ଶେଷରେ ମୁଁ ତୁମେ ଭାବିଥିବା ସଂଖ୍ୟାର ଶେଷ ଫଳଟି କହିଦେଇ ପାରିବି । ମୋ ଉତ୍ତର ଭୁଲ୍ ହେବ ନାହିଁ । ଜାଣିଲ ?''

ଏଥର ମୁଁ ବି ଆଗ୍ରହୀ ହେଲି । ଝିଅ ମୋର ଏମିତି କି କୌଶଳ ଜାଣିଛି ଯେ, ମୁଁ ଭାବିବା ଅଙ୍କର ଶେଷ ଫଳଟି ସିଏ କହିବ ? ମୁଁ ସୁଧାର ହୋଇ ତାକୁ ସୁଯୋଗ ଦେଲି ।

ଝିଅ କହିଲା, ''ଇଏ ମୋର ପ୍ରଥମ କୌଶଳ : ''ବାପା ତୁମେ ଦଶରୁ କମ୍ ଏକ ସଂଖ୍ୟା ଚିନ୍ତା କର ।''

– ମୁଁ ଚିନ୍ତା କଲି ୬ ।

– ''ଏହାକୁ ଦୁଇ ଗୁଣ କର ।''

– ମୁଁ ଦୁଇଗୁଣ କଲି ୧୨ ।

ସେ କହିଲା, ''ଏଥିରେ ୬ ଯୋଗ କର ।''

ମୁଁ ମନେ ମନେ ଯୋଗ କଲି ୧୨ + ୬ = ୧୮

ସେ କହିଲା, ''ଏଇ ଯୋଗଫଳକୁ ୨ ଦ୍ୱାରା ଭାଗ କର ।''

ମୁଁ ୧୮ କୁ ୨ ଦ୍ୱାରା ଭାଗ କରି ଭାଗଫଳ ୯କୁ ମନେ ରଖିଲି ।

ସେ କହିଲା, ''ତୁମେ ଭାବିଥିବା ସଂଖ୍ୟାକୁ ଏଇ ଭାଗଫଳରୁ କାଢ଼ି ନିଅ ।''

ମୁଁ କାଢ଼ି ନେଲି ୯ – ୬ = ୩ ।

ଝିଅ କହିଲା, ''ଏଥର ତୁମ ପାଖରେ ୩ ରହିବ । ସତ କି ନୁହେଁ ?''

ମୁଁ କହିଲି, ''ହଁ ଯେ, ଏହା କ'ଣ ସବୁବେଳେ ସମ୍ଭବ ?''

ସେ କହିଲା, ''ହଁ, ଅନ୍ୟ ଯେଉଁ ସଂଖ୍ୟା ନେଇ ପରୀକ୍ଷା କଲେ ବି ବାପା, ଶେଷରେ ୩ହିଁ ରହିବ ।''

ମୁଁ ଆଉ ଏକ ସଂଖ୍ୟା ଚିନ୍ତା କରି ପରୀକ୍ଷା କଲି ଯେ, ସତକୁ ସତ ଝିଅର କଥାଟି ବିଲକୁଲ ଠିକ୍ ।

ଝିଅ ଏଥର ଉତ୍ସାହିତ ହୋଇ କହିଲା, ''ବାପା ! ଠିକ୍ ଏହିପରି ଆଉ ଏକ କୌଶଳ କଥା କହିବି ।''

ମୁଁ ବି ଝିଅର ଉତ୍ସାହରେ କମ୍ ଉତ୍ସାହିତ ନଥିଲି । ମୁଁ କହିଲି, ''କହ । ଭଲ ଲାଗୁଛି ।''

ଝିଅ କହିଲା, ''ଯେକୌଣସି ଏକ ଅଙ୍କ ବିଶିଷ୍ଟ ସଂଖ୍ୟାଟିଏ ଚିନ୍ତା କର ।''

ମୁଁ ଚିନ୍ତା କଲି, '୪'

ଝିଅ ଆଦେଶ ଦେଲା, ''ଏଥିରୁ ୧ ବିଯୋଗ କର ।''

ମୁଁ ବିଯୋଗ କଲି ୪ – ୧ = ୩ ।

ଝିଅ ପୁଣି ଆଦେଶ ଦେଲା, ''ଏହି ସଂଖ୍ୟାକୁ ୩ ଦ୍ୱାରା ଗୁଣନ କର ।''

ମୁଁ ସେଇଆ କଲି, ୩ x ୩= ୯ ।

ସେ କହିଲା, ''ଏଇ ଗୁଣ ଫଳରେ ୧୨ ଯୋଗ କର ।''

ମୁଁ ଯୋଗ କଲି, ୯ + ୧୨ = ୨୧ ।

ସେ କହିଲା, ''ଏଥର ଏଇ ଯୋଗଫଳକୁ ୩ରେ ଭାଗ କରିବ ।''

ମୁଁ ମନେ ମନେ ୨୧କୁ ୩ରେ ଭାଗ କଲି, ଉତ୍ତର ହେଲା ୭ ।

ସେ କହିଲା, ''ଏଥିରେ ୫ ଯୋଗ କର ।''

ମୁଁ ଯୋଗ କଲି : ୭ + ୫ = ୧୨

ସେ କହିଲା, ''ଯୋଗଫଳ ଯାହା ହେଲା ତହିଁରୁ ତୁମେ ଭାବିଥିବା ସଂଖ୍ୟାକୁ କାଟ ।'' ବର୍ତ୍ତମାନ ତୁମ ବିଯୋଗଫଳ ୮ହିଁ ରହିବ । ମୁଁ ଜାଣେ ।''

ମୁଁ ପରୀକ୍ଷା କଲି, ୧୨ – ୪ = ୮ । ଝିଅର କଥାଟି ଠିକ୍ । ମୁଁ ହଁ ଭରିଲି ।

ମୋ'ଠାରୁ 'ହଁ' ଉତ୍ତର ପାଇ ଝିଅ କହିଲା, ''ବାପା

ତୁମେ ଏଥର ମୋର ତୃତୀୟ କୌଶଳ କଥା ଶୁଣିବ ? ହଉ ଶୁଣ ।''

ଝିଅର ଆଗ୍ରହକୁ ଚାପି ଦେବାକୁ ଉଚିତ ମନେ କଲି ନାହିଁ । ବରଂ ତାକୁ ଆଗ୍ରହୀ ଓ ଉତ୍ସାହୀ କଲେ ସେ ଆହୁରି ଆହୁରି ଆଗକୁ ବଢ଼ି ପାରିବ । ଏଣୁ ତାକୁ ସୁଯୋଗ ଦେବାକୁ କୁଣ୍ଠାବୋଧ କଲି ନାହିଁ । କହିଲି, ''ଆରେ, ତୁ କେତେ ପ୍ରକାରର କୌଶଳ ଶିଖିଛୁ କିରେ । କ'ଣ କିଛି ଯାଦୁବିଦ୍ୟାରେ ଏତେକଥା ଏକା ଥରକେ ଶିଖି ଯାଇଛୁ ନା କ'ଣ ?''

ଝିଅ କହିଲା, ''ଯାଦୁବିଦ୍ୟା ନୁହେଁ ବାପା, ଏହା ହେଉଛି ଗଣିତ ବିଦ୍ୟା । ଏଇ ସଂଖ୍ୟାମାନେ ବରଂ ଯାଦୁ କଲା ଭଳି ଆମକୁ ଲାଗନ୍ତି, ମୁଁ କାହିଁକି ଯାଦୁ କରିବି ? ମୁଁ ଯେପରି କହୁଛି ତୁମେ ସେପରି କର ।''

ମୁଁ ନିରବ ରହିଲି ।

ଝିଅ ଆରମ୍ଭ କଲା, ''ଯେକୌଣସି ଏକ ଅଙ୍କ ବିଶିଷ୍ଟ ସଂଖ୍ୟାଟିଏ ଭାବ ।''

ମୁଁ ଭାବିଲି ୩ ।

''ସେଇ ସଂଖ୍ୟାକୁ ୩ ଦ୍ୱାରା ଗୁଣନ କର ।''

ମୁଁ ଗୁଣନ କଲି,୩ x ୩ = ୯ ।

''ଗୁଣ ଫଳରେ ୪୫ ଯୋଗ କର ।''

ମୁଁ ଯୋଗ କଲି ୪୫ + ୯ = ୫୪ ।

— ''ଏଇ ଯୋଗଫଳକୁ ଦୁଇଗୁଣ କରିବ ।''

ମୁଁ ୫୪କୁ ଦୁଇଗୁଣ କଲି ୧୦୮ ।

— ''ଯାହା ଫଳ ପାଇଲ ତାକୁ ୬ରେ ହରଣ କର ।''

ମୁଁ ୬ରେ ହରଣ କଲି । ହରଣ ଫଳ ହେଲା ୧୮ ।

— ''ତୁମେ ଭାବିଥିବା ସଂଖ୍ୟାକୁ ଏଇ ହରଣ ଫଳରୁ କାଟି ଦିଅ ।''

ମୁଁ ୧୮ରୁ ୩ କାଟିଲି । ଆଉ ଆଗକୁ ଲିଲିମା କ'ଣ କରିବାକୁ କହୁଛି ଅପେକ୍ଷା କଲି । ଝିଅ କିନ୍ତୁ ଆଉ କିଛି କରିବାକୁ ନକହି ସିଧା କହିଲା, ''ବାପା, ତୁମ ପାଖରେ ଏଥର ୧୫ହିଁ ରହିଥିବ ନିଶ୍ଚୟ । ନୁହେଁ ?''

ମୁଁ ତା' କଥାରେ ସମ୍ମତ ହେଲି ।

ଏଥର ଲିଲିମା କହିଲା, ''ବାପା, ଉପରର ତିନୋଟି କୌଶଳରେ ମୁଁ ତୁମକୁ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାଟିଏ ଚିନ୍ତା କରିବାକୁ କହିଛି ଓ ଶେଷରେ ସେଇ ସଂଖ୍ୟାର ଶେଷ ପରିଣାମ କେତେ ହେଲା ତାହାହିଁ କହିଛି । ଏବେ ମୁଁ ଯେଉଁ କୌଶଳଟି କହିବି ତାହା ଟିକେ ଅଲଗା ।''

''ଅଲଗା ମାନେ ?'' — ମୁଁ ପଚାରିଲି ।

ସେ କହିଲା, ''ଅଲଗା ମାନେ ଏଇଆ ଯେ, ତୁମେ ଯେଉଁ ଅଙ୍କଟି ଭାବିବ ମୁଁ ସେଇ ଅଙ୍କଟିକୁ କହି ଦେଇପାରିବି ।''

ମୁଁ ଆଶ୍ଚର୍ଯ୍ୟରେ ପୁଣି ପ୍ରଶ୍ନ କଲି, ''ସତରେ ?''

ସେ କହିଲା, ''ଦେଖ, ମୁଁ କହିପାରୁଛି କି ନାହିଁ ।''

''ଏଥର ତୁମେ ଦଶରୁ ଊଣା ଯେକୌଣସି ଏକ ଅଙ୍କ ଚିନ୍ତା କର ।''

— ମୁଁ ଚିନ୍ତା କଲି ୭ ।

— ''ଏଇ ସଂଖ୍ୟାରେ ୧୦ ଗୁଣନ କର ।''

ମୁଁ ଗୁଣନ କଲି ୭ x ୧୦ = ୭୦ ।

''ଏବେ ଏଇ ଗୁଣ ଫଳରେ ୧୫ ଯୋଗ କର ।''

ମୁଁ ଯୋଗ କଲି ୭୦ + ୧୫ = ୮୫ ।

''ଏଇ ଯୋଗଫଳକୁ ୫ ଦ୍ୱାରା ଭାଗ କରିବ । ଆଉ ହରଣଫଳ କେତେ ହେଲା ମୋତେ କହିବ ।''

ମୁଁ ୮୫କୁ ୫ରେ ହରଣ କଲି ଓ ହରଣ ଫଳ ୧୭ ବୋଲି କହିଲି ।

ମୋ ମୁହଁରୁ ଉତ୍ତର ସରିଛି କି ନାହିଁ, ୨ରୁ ୩ ସେକେଣ୍ଡ ମଧ୍ୟରେ ଲିଲିମା କହିଲା, ''ବାପା ତୁମେ ଭାବିଥିବା ସଂଖ୍ୟାଟି ହେଉଛି ୭ ।'' ଝିଅର ଏଇ ଦ୍ରୁତ ଓ ନିର୍ଭୁଲ ଉତ୍ତରରେ ମୁଁ ଆଶ୍ଚର୍ଯ୍ୟ ହେଲି, ଆନନ୍ଦ ବି ହେଲି ।

ମୁଁ ପଚାରିଲି, ''ଆରେ ଝିଅ, ତୁ ଏସବୁ କୌଶଳ କେମିତି ଜାଣିଲୁ ।''

ସେ କହିଲା, ''ବାପା, ଏଇସବୁ କୌଶଳର ସତ୍ୟତା ଦିଗକୁ ପ୍ରାଧାନ୍ୟ ଦେଇ ଧାରାଟିକୁ ମନେ ରଖିବା । ଆଉ ଏହା କେମିତି ହେଉଛି ସେକଥା ମୋତେ ମୋ ସାର୍ କହି ନାହାନ୍ତି କି କେହି ବି କାହାକୁ କହନ୍ତି ନାହିଁ ।''

ମୁଁ ଝିଅର ଉତ୍ତରର ବାସ୍ତବ ଦିଗଟି ଉପରେ ଚିନ୍ତା କଲି । ଝିଅ କିଛି ଭୁଲ୍ କହି ନାହିଁ ।

ଆଉ ଆଗକୁ ଆଲୋଚନା ଆମର ଆଗେଇଲା ନାହିଁ । ଝିଅ ବି ଆଉ କିଛି କହିଲା ନାହିଁ । ମୁଁ ବୈଠକଖାନାରୁ ବାହାରି ଆସି ଅନ୍ୟ କାମରେ ମନ ଦେଲି । ମନ ତଳେ କିନ୍ତୁ ବସା ବାନ୍ଧି ରହିଲା ପାଣ୍ଡୁସାରଙ୍କ ସେଇ ଚାରି ପ୍ରକାରର ଛାତ୍ରମାନଙ୍କ ବିଶେଷତ୍ୱ । ❑

ଚେତନାର ଦିଗ୍‌ବଳୟ :

# ସେକ୍‌ସପିଅର : ଅସାଧାରଣ ଅନ୍ତର୍ଦୃଷ୍ଟି

ଅଦ୍ୱିତୀୟ ନାଟ୍ୟକାର ତଥା କବି ଉଇଲିଅମ୍ ସେକ୍ସପିଅରଙ୍କର ଚତୁର୍ଥ ମୃତ୍ୟୁ ଶତବାର୍ଷିକୀ ଚଳିତ ବର୍ଷ ପାଳିତ ହେଉଛି । ତାଙ୍କ ଜନ୍ମ ଓ ମୃତ୍ୟୁର ବର୍ଷ ସମ୍ପର୍କରେ ସନ୍ଦେହର ଅବକାଶ ନାହିଁ; ତେବେ ଜନ୍ମ ଓ ମୃତ୍ୟୁର ତାରିଖ ଯଥାକ୍ରମେ ୧୫୬୪ ମସିହା ଏପ୍ରିଲ ୨୩ ତାରିଖ ଏବଂ ୧୬୧୬ ମସିହା ଏପ୍ରିଲ ୨୩ ତାରିଖ ବୋଲି ଧରି ନିଆଯାଇଛି ସତ, ତେବେ ସେଥିରେ ଅନିଶ୍ଚୟତା ରହିଛି ।

କୁହାଯାଏ, ଯଦି ଇଂରେଜଜାତି ପାଇଁ ଏମିତି ଏକ ପରିସ୍ଥିତି ସୃଷ୍ଟି ହୁଅନ୍ତା ଯେ ସେମାନେ ହୁଏତ ତାଙ୍କ ସାମ୍ରାଜ୍ୟ ରଖିବେ, ନତୁବା ସେକ୍ସପିଅରଙ୍କ ସାହିତ୍ୟକୁ ରଖିବେ – ଉଭୟ ଐଶ୍ୱର୍ଯ୍ୟ ରଖିପାରିବେ ନାହିଁ – ତେବେ ସେମାନେ ସେକ୍ସପିଅରଙ୍କ ସାହିତ୍ୟ ସପକ୍ଷରେହିଁ ମତ ଦିଅନ୍ତେ ! ଅବଶ୍ୟ ସେଭଳି ଅଦ୍ଭୁତ ପରିସ୍ଥିତି ଉପୁଜିବାର ସମ୍ଭାବନା ନଥିଲା; କିନ୍ତୁ ଉପରୋକ୍ତ ଧାରଣା ଏହାହିଁ ପ୍ରତିପାଦିତ କରେ ଯେ ଇଂରେଜ-ଜାତି ପାଇଁ ସେକ୍ସପିଅରଙ୍କଠୁଁ ମହତ୍ତର ଗୌରବ ଆଉ କିଛି ନାହିଁ ।

ଆଜି ଇଂରେଜ ସାମ୍ରାଜ୍ୟ ତା'ର ସତ୍ତା ହରାଇଛି; ସାମ୍ରାଜ୍ୟରୁ ଇଂରେଜଜାତି ପ୍ରାୟ ଦୁଇ ଶହ ବର୍ଷ ଧରି ଅକଳନ ଲାଭ ଉଠାଇଛନ୍ତି; ସାମ୍ରାଜ୍ୟର ସବୁଠାରୁ ମୂଲ୍ୟବାନ୍ ଅଂଶ ଭାରତବର୍ଷକୁ ଆକଣ୍ଠ ଶୋଷଣ କରିଛନ୍ତି । ଆଜି ସେସବୁ ଇତିହାସ । କିନ୍ତୁ ବଦଳରେ ସେମାନେ ଯେଉଁ ଗୋଟିଏ ଅମୂଲ୍ୟ ଅବଦାନ ରଖିଯାଇଛନ୍ତି, ତାହା ଇଂରାଜୀ ଭାଷା, ସାହିତ୍ୟ ଏବଂ ସେ ଭାଷା ଓ ସାହିତ୍ୟର ସର୍ବୋତ୍ତମ ପ୍ରତିନିଧି ସେକ୍ସପିଅର ।

ସାହିତ୍ୟ-ପ୍ରତିଭାର ଉତ୍କର୍ଷର ମାପକାଠିରେ ବିଚାର କରି ଶ୍ରୀଅରବିନ୍ଦ ସେକ୍ସପିଅରଙ୍କୁ ଦେଇଛନ୍ତି ଏହି ଅନବଦ୍ୟ ସମ୍ମାନ : ସେ ତାଙ୍କୁ ପୃଥିବୀର ତିନି ମହତ୍ତମ ମହାକାବ୍ୟର କବି ବାଲ୍ମୀକି, ବ୍ୟାସ ଏବଂ ହୋମରଙ୍କ ସହ ବନ୍ଧନୀଭୁକ୍ତ କରିଛନ୍ତି ।

ସେକ୍ସପିଅର ଏକ ବିସ୍ମୟକର ପ୍ରତିଭା । ଷ୍ଟ୍ରାଟ୍‌ଫୋର୍ଡ୍ – ଅନ୍-ଆଭୋନ୍ ନାମକ ସହର ଆଜି ସେକ୍ସପିଅରଙ୍କ ଜନ୍ମସ୍ଥାନ ଭାବରେ ବିଶ୍ୱବିଖ୍ୟାତ । ସେତେବେଳେ ତାହା ଥିଲା ଗ୍ରାମଟିଏ । ଦୁଇ, ତିନୋଟି ଧନିକ ବଂଶଙ୍କ ବସତି ହୋଇଥିବା ଦୃଷ୍ଟିରୁ ତାକୁ କିଞ୍ଚିତ୍ ସମୃଦ୍ଧ ଗ୍ରାମ ବୋଲି ବିଚାର କରାଯାଉଥିଲା । ଗ୍ରାମରେ ଥିଲା ଗୋଟିଏ ଗିର୍ଜା ଓ ଗୋଟିଏ ପ୍ରାଥମିକ ବିଦ୍ୟାଳୟ । ସେକ୍ସପିଅର ସେ ବିଦ୍ୟାଳୟରେ କିଛିଦିନ ଅଧ୍ୟୟନ କରିଥିଲେ – ଯାହା ଫଳରେ ଲେଖିପାରିବାଟା ତାଙ୍କ ଆୟତ୍ତକୁ ଆସିଯାଇଥିଲା । କୁହାଯାଏ, ଜଣେ ସ୍ଥାନୀୟ ଜମିଦାରଙ୍କ ଉଦ୍ୟାନରୁ ସେ ଓ ତାଙ୍କର କେତେଜଣ ମିତ୍ର ଛେଳିଟିଏ ଚୋରି କରିବା ଅଭିଯୋଗରେ ଗିରଫ ହେବାର ସମ୍ଭାବନା ଦେଖି ସେ ଲଣ୍ଡନ ପଳାୟନ କଲେ । ସେତେବେଳକୁ ତାଙ୍କୁ ୨୩ ବର୍ଷ ବୟସ । ସେଠାରେ ସେ କେମିତି ଗୋଟାଏ ନାଟ୍ୟଗୋଷ୍ଠୀ ସମ୍ପର୍କରେ ଆସିଲେ, ସେ ବିଷୟରେ ତଥ୍ୟ ଅଜ୍ଞାତ । ତେବେ ସେଠାରେ ଅଚିରେ ନାଟ୍ୟକାର ଭାବରେ ତାଙ୍କର ଅନନ୍ୟ ଶକ୍ତିର ବିକାଶ ଘଟି ଚାଲିଲା । ଏକମାତ୍ର ନିୟମିତ ପେସାଦାର ନାଟ୍ୟମଞ୍ଚ ଗ୍ଲୋବ୍ ଥିଏଟରର ସେ ଜଣେ ଅଂଶୀଦାର ନିର୍ଦ୍ଦେଶକ ବନିଗଲେ । ତାଙ୍କ ନାଟକସବୁର ବିଷୟବସ୍ତୁ ମୌଳିକ ନୁହେଁ; ସେସବୁ ଇତିହାସ ଏବଂ କିଂବଦନ୍ତିରୁ ଗୃହୀତ । କିନ୍ତୁ ଯେଉଁସବୁ ଚରିତ୍ରକୁ ସେ ଜୀବନ୍ୟାସ ଦେଲେ, ଭାଷାର ଅଭିବ୍ୟକ୍ତିଶୀଳତାକୁ ଯେଉଁ ପର୍ଯ୍ୟାୟକୁ ଉନ୍ନୀତ କଲେ, ସଂଳାପର ଛତ୍ରେ ଛତ୍ରେ ମନସ୍ତାତ୍ତ୍ୱିକ ଜ୍ଞାନର ଯେଉଁ ପରିଚୟ ରଖିଲେ, ଘଟଣା ବହୁଳତା ଭିତରେ ଜୀବନ ଦର୍ଶନର ଯେଉଁ ଅଭୂତପୂର୍ବ ଝଲକମାନ ଉପସ୍ଥାପନ କଲେ, ପୃଥିବୀର ନାଟ୍ୟ ସାହିତ୍ୟରେ ଅଦ୍ୟାବଧି ତା'ର ପଟାନ୍ତର ସମ୍ଭବ ହୋଇନାହିଁ । ଜୀବନର ଯାବତୀୟ ସମ୍ଭାବନା, ଚେତନ ଓ ଅବଚେତନର ଅମାପ ରହସ୍ୟର ଉଚ୍ଚାରଣୀ ମିଳେ ତାଙ୍କ ସାହିତ୍ୟରୁ ।

ନିଜ ଜୀବନର ଶେଷ କେତେବର୍ଷ ସେ ଜନ୍ମସ୍ଥାନ ଷ୍ଟ୍ରାଟ୍‌ଫୋର୍ଡ୍‌କୁ ଲେଉଟି ଆସିଥିଲେ । ଲଣ୍ଡନରେ ଅତିବାହିତ କୋଡ଼ିଏ ବା କିଞ୍ଚିତ୍ ଅଧିକ କାଳ ଭିତରେ ତାଙ୍କ ଭଳି ଜଣେ ଅଳ୍ପଶିକ୍ଷିତ ବ୍ୟକ୍ତି ଏଡ଼େ ଚମତ୍କାର ସାହିତ୍ୟ କେମିତି ସୃଷ୍ଟି କଲେ ? ତେଣୁ ଅନେକେ ମନେ କରନ୍ତି, ହୁଏତ ତାଙ୍କ ଆଢୁଆଳରେ ଥାଇ ସେସବୁ ଲେଖୁଥିଲେ ସାର୍ ଫ୍ରାନ୍‌ସିସ୍ ବେକନ କିଂବା ଅନ୍ୟ ଜଣେ ନାଟ୍ୟକାର କ୍ରିଷ୍ଟୋଫର୍ ମାର୍ଲୋ, କିଂବା ଆର୍ଲ ଅଫ୍ ଅକ୍ସଫୋର୍ଡ୍ । ଭିନ୍ନ ଭିନ୍ନ ଗବେଷକ ପ୍ରାୟ

ପଚାଶ ସରିକି ଏମିତି ''ଆଡୁଆଳ''ରେ ଥିବା ବ୍ୟକ୍ତିଙ୍କ ନାମ ଉପସ୍ଥାପନ କରିଛନ୍ତି । କିନ୍ତୁ ଷ୍ଟ୍ରାଟ୍‌ଫୋର୍ଡ଼ ଆଗତ ସେକ୍ସପିଅରଙ୍କ ସପକ୍ଷରେ ଯେତିକି ପ୍ରମାଣ ରହିଛି, ସେସବୁ ''ସେକ୍ସପିଅର ପଦପ୍ରାର୍ଥୀ''ଙ୍କ କ୍ଷେତ୍ରରେ ସେମିତି କିଛି ନାହିଁ । ସେଥିପାଇଁ ମଜାରେ କୁହାଯାଏ, ''ସେକ୍ସପିଅର ଏସବୁ ଲେଖି ନାହିଁ, ଆଉ ଜଣେ ସେକ୍ସପିଅର ଲେଖିଛି !''

ଚାରିଶହ ବର୍ଷ ଧରି ସେକ୍ସପିଅରଙ୍କ ସାହିତ୍ୟ ଏଡ଼େ ଜୀବନ୍ତ ଓ ଏଡ଼େ ସାଂପ୍ରତିକ ମନେ ହେବାର ଅନ୍ତର୍ନିହିତ କାରଣ କ'ଣ ? କାରଣ ହେଲା ମଣିଷ ଉପରେ ତାଙ୍କର ଆସ୍ଥା । ସେ ମଣିଷକୁ ଥଟ୍ଟା କରିଛନ୍ତି ବହୁ ସ୍ଥାନରେ – ଯେମିତି A Mid Summer Night's Dreamରେ ପାକ୍ (Puck) ନାମକ ଚରିତ୍ର କହୁଛି : ହେ ଭଗବାନ୍, ଏ ମଣିଷଗୁଡ଼ା କେଡ଼େ ବୁଦ୍ଧୁ ! (Lord, what fools these mortals be !) କିନ୍ତୁ ମଣିଷ ପ୍ରତି ତାଙ୍କର ପ୍ରକୃତ ଦୃଷ୍ଟିକୋଣ ତାଙ୍କର ଅନ୍ୟତମ ଶ୍ରେଷ୍ଠ ସୃଷ୍ଟି 'ହାମ୍‌ଲେଟ୍' ନାଟକରେ ମୁଖ୍ୟ ତଥା ମନସ୍ତତ୍ତ୍ୱ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହାମଲେଟଙ୍କ କଣ୍ଠରୁ ନିର୍ଗତ ହୋଇଛି :

''ମଣିଷଟିଏ କି ଅପୂର୍ବ କୃତି ! ନିଜ ବିଚାର ବୁଦ୍ଧିରେ କେଡ଼େ ମହତ୍ ! ଅନ୍ତର୍ନିହିତ ଶକ୍ତିରେ କେଡ଼େ ଅସୀମ ! ଆକାର ଓ ଆଚରଣରେ କେଡ଼େ ସାବଲୀଳ ଓ ପ୍ରଶଂସନୀୟ ! କର୍ମରେ ଦେବଦୂତ ଭଳି ! ବୋଧଶକ୍ତିରେ ଦେବତାଟିଏ ଭଳି ! ସେ ପୃଥିବୀର ସୁଷମା ! ପ୍ରାଣିଜଗତରେ ଚୂଡ଼ାନ୍ତ ପରାକାଷ୍ଠା !''

(What a piece of work is a man ! how noble in reason, how infinite in faculty ! in form and moving how express and admirable ! in action how like an angel ! in apprehension how like a god ! the beauty of the world ! the paragon of animals !)

ସତେ ଯେପରି ସେ ମଣିଷର ଆତ୍ମା ଉପରେ ଦୃଷ୍ଟି ନିବଦ୍ଧ କରି ମଣିଷକୁ ଏମିତି ଭାବରେ ଦେଖୁଥିଲେ !

ହୁଏତ ସେ ଦେଖୁଥିଲେ ଭବିଷ୍ୟତରେ ପ୍ରକଟିତ ହେବାକୁ ଥିବା ମଣିଷର ଅନ୍ତର୍ନିହିତ ପ୍ରତିଶ୍ରୁତି !

**– ମନୋଜ ଦାସ** ❑

## ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର : ଶ୍ରଦ୍ଧାଞ୍ଜଳି

ସଂପ୍ରତି (୧୯.୦୩.୨୦୧୬) ଇହଧାମରୁ ବିଦାୟ ନେଇଛନ୍ତି ବରିଷ୍ଠ ଶିକ୍ଷାବିଦ୍, ସୁଲେଖକ ଏବଂ ସର୍ବୋପରି ଶ୍ରୀଅରବିନ୍ଦଙ୍କ ଦିବ୍ୟଦର୍ଶନର ଜଣେ ଉତ୍ସର୍ଗୀକୃତ ଅନୁଗାମୀ ଓ ବ୍ୟାଖ୍ୟାକାର ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର । ୧୯୩୬ ମସିହା ଅଗଷ୍ଟ ୨ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାପାତ୍ର ତାଙ୍କ କର୍ମବହୁଳ ଜୀବନର ଶେଷ ପର୍ଯ୍ୟାୟରେ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ ଏବଂ ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ ହୋଇଥିଲେ । ଜଣେ ସୁବକ୍ତା ରୂପେ ସେ ଓଡ଼ିଶାର ବହୁ ପାଠଚକ୍ରର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଷ୍ଠାନସବୁକୁ ଉତ୍ସାହିତ କରୁଥିଲେ । ତାଙ୍କର ଅମାୟିକ ଆଚରଣ ଏବଂ ଉଦାର ପ୍ରକୃତି ଯୋଗୁଁ ସେ ଥିଲେ ସର୍ବଜନପ୍ରିୟ ।

ନବପ୍ରକାଶ ମାସିକ ପତ୍ରିକାର ସେ ଥିଲେ ଜଣେ ନିୟମିତ ଲେଖକ ।

ସେ ରଖିଯାଇଛନ୍ତି ଗଦ୍ୟ ଓ ପଦ୍ୟ ସମ୍ବଳିତ ବେଶ୍ କେତେ ଖଣ୍ଡ ସୁପାଠ୍ୟ ଗ୍ରନ୍ଥ ।

**– ନବଜ୍ୟୋତି କାର୍ଯ୍ୟାଳୟ**

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com